# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 161 | ଭାଗ ୩୩ | ସଂଖ୍ୟା ୧୬୧ | Monday 1 September 2025 | Page 8 Rs. 5.00 | ଭୁବନେଶ୍ୱର ସୋମବାର ୧ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





ମହୁଆଙ୍କ ବିରୋଧରେ ହେଲା ମାମଲା ପୃଷ୍ଠା ୫




## ଲାଉଡ ମାଉଥ ବନାମ ସାଇଲେଣ୍ଟ ପ୍ଲାନ
# ଗୋଟିଏ ମଞ୍ଚରେ ମୋଦି, ଜିନପିଙ୍ଗ, ପୁଟିନ

- ନୂଆ ବିଶ୍ୱ ବ୍ୟବସ୍ଥାର ସଙ୍କେତ ଦେଉଛନ୍ତି ତ୍ରିଶକ୍ତି
- ଡ୍ରାଗନ ଓ ହାତୀ ଏକାଠି ହେବାକୁ ଚୀନର ଆହ୍ୱାନ
- ନୂଆ ଅର୍ଥ ବ୍ୟବସ୍ଥା ନେଇ ବିଶ୍ୱସ୍ତରରେ ଆଲୋଚନା

ନୂଆଦିଲ୍ଲୀ,୩୧।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଛାଟ ବିଶ୍ୱ ବଜାରକୁ ଅସ୍ତବ୍ୟସ୍ତ କରିଛି । ଆମେରିକା ରାଷ୍ଟ୍ରପତିଙ୍କ ଏଭଳି ନିଷ୍ପତ୍ତି ପରେ ସହଯୋଗୀ ରାଷ୍ଟ୍ରମାନେ ହାତ ଛାଡ଼ିବା ଆରମ୍ଭ କରିଛନ୍ତି। ଏସବୁ ଭିତରେ ଚୀନର ତିଆନଜିଆନ ସହରରେ ଅନୁଷ୍ଠିତ ୨୫ତମ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ଏକାଠି ହୋଇଛନ୍ତି ବିଶ୍ୱର ଶୀର୍ଷ ନେତୃତ୍ୱ। ଆମେରିକାର ଦାଦାଗିରି ଭିତରେ ଗୋଟିଏ ମଞ୍ଚରେ ନଜର ଆସିଛନ୍ତି ଏସିଆ ମହାଦେଶର ତିନି ମହାଶକ୍ତି ରୁଷ, ଚୀନ ଏବଂ ପୃଷ୍ଠା-୬

## ଘୋଷଣା ହେଲା ୧୬ ନୂଆ ଏନ୍ଏସି, ୭ ମ୍ୟୁନିସିପାଲିଟି

### ପୌର ପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
# ଲୋକଙ୍କ ସମସ୍ୟା ପ୍ରତି ଦାୟିତ୍ୱବାନ ହୁଅ

- ୨୦୨୬ ଏପ୍ରିଲ୍ ସୁଦ୍ଧା ଖାଲଖମା ମୁକ୍ତ ହେବ ସବୁ ପୌରାଞ୍ଚଳ
- ଭୁବନେଶ୍ୱରର ୩୯୪ ଦୁର୍ବଳ ପରିବାରକୁ ଗୃହ ଆବଣ୍ଟିତ
- ସମସ୍ତ ପୌରାଞ୍ଚଳକୁ 'ସହଯୋଗ' କାର୍ଯ୍ୟକ୍ରମ ସଂପ୍ରସାରିତ
- 'ନ୍ୟାସ୍ନାଲ କମନ୍ ମୋବିଲିଟି କାର୍ଡ'ର ଶୁଭାରମ୍ଭ
- 'ଆମ ବସ୍' ବୁକିଂକରିବାକୁ ହ୍ୱାଟ୍ସ ଆପ୍ ଟିକେଟିଂ ସେବା ଆରମ୍ଭ
- ୪୩ ବହୁମୁଖୀ କେନ୍ଦ୍ର, ୬ ଗୋଶାଳାର ଭିତ୍ତିପ୍ରସ୍ତର ସ୍ଥାପିତ



ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ): ୨୦୨୬ ଏପ୍ରିଲ ସୁଦ୍ଧା ରାଜ୍ୟର ସମସ୍ତ ପୌରାଞ୍ଚଳକୁ ଗର୍ତ୍ତମୁକ୍ତ ଏବଂ ମୁକୁଳା ଡ୍ରେନ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଆଜି ସ୍ଥାନୀୟ ରେଲ୍ ଅଡିଟୋରିଅମରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ରେ ଆମେ ସମୃଦ୍ଧ ଓଡିଶା ଗଠନର ସ୍ୱପ୍ନ ଦେଖୁଛୁ। ରାଜ୍ୟର ସହରାଞ୍ଚଳ ଗୁଡିକ ହେଉଛି ବିକାଶର ପ୍ରତିଛବି। ତେଣୁ, ଯଦି ସହରାଞ୍ଚଳ ଗୁଡିକର ରାସ୍ତା, ଘାଟ ପରିଷ୍କାର ପରିଚ୍ଛନ୍ନ ନରୁହେ, ଗର୍ତ୍ତମୁକ୍ତ ନରହେ ତେବେ ଆମର ଲକ୍ଷ୍ୟ ଅପୂରଣୀୟ ରହିବ। ତେଣୁ, ଆସନ୍ତା ଏପ୍ରିଲ ମାସ ମଧ୍ୟରେ ରାଜ୍ୟର ସମସ୍ତ ପୌରାଞ୍ଚଳର ରାସ୍ତାଘାଟ ଗୁଡିକ ଯେପରି ଗର୍ତ୍ତମୁକ୍ତ ହେବ, ତାକୁ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଥିଲେ ଯେ, ଆସନ୍ତା ବର୍ଷ ଏପ୍ରିଲରେ ଯେଉଁ ଜନଶୁଣାଣି ହେବ ସେଥିରେ ଯେପରି ପୃଷ୍ଠା-୬

## କେନ୍ଦ୍ର ଗଠନ କଲା ଆନ୍ତମନ୍ତ୍ରିସ୍ତରୀୟ କମିଟି

- ବିପର୍ଯ୍ୟୟ ପ୍ରଭାବିତ ରାଜ୍ୟକୁ ଗସ୍ତ କରିବ କମିଟି
- ରିଲିଫ ଓ ଉଦ୍ଧାର କାର୍ଯ୍ୟରେ କରିବେ ସହଯୋଗ

ନୂଆଦିଲ୍ଲୀ,୩୧।୮: କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶରେ ଗୃହ ମନ୍ତ୍ରଣାଳୟ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ-କାଶ୍ମୀର ପାଇଁ ଆନ୍ତଃମନ୍ତ୍ରିସ୍ତରୀୟ କେନ୍ଦ୍ରୀୟ ଦଳ (ଆଇଏମସିଟି) ଗଠନ କରିଛି, ଯାହା ପ୍ରବଳ ବର୍ଷା, ବନ୍ୟା, ଆକସ୍ମିକ ବନ୍ୟା, ବାଦଲଫଟା ବର୍ଷା ଏବଂ ଭୂସ୍ଖଳନ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ କରିବ। ଏହି ଆଇଏମସିଟି ଘଟଣାସ୍ଥଳରେ ସ୍ଥିତି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ରିଲିଫ କାର୍ଯ୍ୟର ମୂଲ୍ୟାଙ୍କନ କରିବେ। ଚଳିତ ମୌସୁମୀ ଋତୁରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ଆକସ୍ମିକ ବନ୍ୟା, ବାଦଲଫଟା ବର୍ଷା ଏବଂ ଭୂସ୍ଖଳନ ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ ଏବଂ ଜାମ୍ମୁ-କାଶ୍ମୀରର ବନ୍ୟା ଓ ଭୂସ୍ଖଳନ ପ୍ରଭାବିତ ଜିଲ୍ଲାଗୁଡ଼ିକୁ ଏହି କେନ୍ଦ୍ରୀୟ ଦଳମାନେ ଆସନ୍ତା ସପ୍ତାହରେ ଗସ୍ତ କରିବେ। ଏକ ପୃଷ୍ଠା-୬

# ବିଧାନସଭାକୁ ସମୟ ଦେଉନାହାଁନ୍ତି ନବୀନ

- ବିରୋଧୀ ଦଳ ନେତା ଦାୟିତ୍ୱ ତୁଲାଇବାରେ ବିଫଳ
- ଗୃହରେ ଉପସ୍ଥାନ ହାର ୫୦ ପ୍ରତିଶତରୁ କମ୍
- ମହାରାଷ୍ଟ୍ର ଭଳି ବିଜେଡିରେ ବିଭାଜନ ପାଇଁ ଚାଲିଛି ଯୋଜନା



ଭୁବନେଶ୍ୱର, ୩୧।୮ (ସଂଚାର ବ୍ୟୁରୋ) : ଯେତେବେଳେ ନେତା ଦୌଡି ପାରେନି, ଦଳ ବା କେମିତି ଦୌଡିବ। ଏକଥା ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଯଦିଓ ନବୀନ ପଟ୍ଟନାୟକ ନିଜ ଘରେ ପ୍ରତିଦିନ ନେତାଙ୍କୁ ଭେଟୁଛନ୍ତି ଓ ଦଳର କାର୍ଯ୍ୟକ୍ରମ ନେଇ ଆଲୋଚନା କରୁଛନ୍ତି, ସେ କିନ୍ତୁ ବିଧାନସଭାର କାର୍ଯ୍ୟକ୍ରମରେ ନିୟମିତ ସମୟ ଦେଇପାରୁନାହାଁନ୍ତି। ମୁଖ୍ୟମନ୍ତ୍ରୀ ଥିବା ସମୟରେ ମଧ୍ୟ ସେ ଗୃହକୁ ଆବଶ୍ୟକ ସମୟ ଦେଉନଥିଲେ। ଅବଶ୍ୟ ସେତେବେଳେ ବିରୋଧୀ ଦଳ ଗୌଣ ହୋଇଥିବାରୁ ଚଳିଯାଉଥିଲା। ଏବେ କିନ୍ତୁ ବିଜେଡି ଏକ ଶକ୍ତିଶାଳୀ ବିରୋଧୀ ଦଳ। ତଥାପି ଦଳ ସେତିକି ଆଗ୍ରେସିଭ ହୋଇପାରୁନି। ଏମିତି ବି ବିଜେଡି ଏବେ ବିଭାଜନ ମୁହାଁ ହୋଇଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ଏକ ତଥ୍ୟ ଅନୁଯାୟୀ ନବୀନ ପଟ୍ଟନାୟକ ବିରୋଧି ଦଳ ନେତା ଭାବେ ବିଧାନସଭାରେ ଉପସ୍ଥାନ ହାର ହେଉଛି ୫୦ ପ୍ରତିଶତ। କିନ୍ତୁ ଖିବ କମ ସମୟ ପାଇଁ ଆସି ନବୀନ ପଳାଉଛନ୍ତି। ଯେଉଁଥିପାଇଁ କେବଳ ପ୍ରଶ୍ନକାଳର କିଛି ସମୟ ଏବଂ ବିଧାନସଭା ଆରମ୍ଭ ଓ ଶେଷ ଦିନ ଗୃହରେ କିଛି ସମୟ ପାଇଁ ବିବୃତି ଦେବାକୁ ରହୁଛନ୍ତି। ବାକି ସମୟ ସେ ଗୃହରେ ରହୁନାହାଁନ୍ତି।

ରାଜ୍ୟରେ ବିଜେପି ସରକାର ଆସିଲା ପରେ ଜୁଲାଇ ୨୦୨୪ରୁ ମେ ୨୦୨୫ ମଧ୍ୟରେ ତିନୋଟି ବିଧାନସଭା ଅଧିବେଶନ ବସିଛି । ପ୍ରଥମ ବୈଠକ ୨୮ ଦିନ ପାଇଁ ବସିଥିଲା। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ୨୪ ଦିନ ଉପସ୍ଥିତ ଥିଲା ବେଳେ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମାତ୍ର ଦିନଟିଏ ଉପସ୍ଥିତ ଥିଲେ । ସେହିପରି ଦ୍ୱିତୀୟ ଅଧିବେଶନ ୧୨ ଦିନ ପାଇଁ ବସିଥିଲା । ଏଥିରେ ମୁଖ୍ୟମନ୍ତ୍ରୀ ୯ ଦିନ ଉପସ୍ଥିତ ଥିଲାବେଳେ, ନବୀନ ପଟ୍ଟନାୟକ ୧୨ ଦିନ ଯାକ ଉପସ୍ଥିତ ଥିଲେ । ତୃତୀୟ ବିଧାନସଭା ବୈଠକ ୨୫ ଦିନ ଧରି ଚାଲିଥିଲା । ମୁଖ୍ୟମନ୍ତ୍ରୀ ପୃଷ୍ଠା-୬

### ତୁଟିଲା ମନ୍ତ୍ରୀମଣ୍ଡଳ ଓ ନିଗମ ଅଡୁଆ
## ମୌସୁମୀ ଅଧିବେଶନ ବେଳକୁ ନୂଆ ମନ୍ତ୍ରୀ!



ଭୁବନେଶ୍ୱର, ୩୧।୮ (ସଂଚାର ବ୍ୟୁରୋ) : ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ଓ ନିଗମ ନିଯୁକ୍ତିକୁ ନେଇ ଥିବା ଅଡୁଆ ତୁଟିଛି। ଖୁବଶୀଘ୍ର ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବା ସହ ନିଗମ ଓ ବୋର୍ଡରେ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ମିଳୁଥିବା ସୂଚନା ଅନୁଯାୟୀ ଆସନ୍ତା ବିଧାନସଭା ମୌସୁମୀ ଅଧିବେଶନ ପୂର୍ବରୁ ଏହି ପ୍ରକ୍ରିୟା ଶେଷ ହେବ।

ବିଜେପି ସରକାରର ବର୍ଷ ପୂର୍ତ୍ତି ପରଠାରୁ ରାଜ୍ୟରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ଚର୍ଚ୍ଚା ଲାଗି ରହିଥିଲା। ଏଥିସହିତ ନିଗମ ନିଯୁକ୍ତିକୁ ନେଇ ମଧ୍ୟ ଦଳ ମଧ୍ୟରେ ଘଣ୍ଟଚକଟା ଚାଲିଥିଲା। ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତିଙ୍କ ମଧ୍ୟରେ ଏକାଧିକ ଥର ବୈଠକ ଓ ଆଲୋଚନା ପରେ ଏହି ତାଲିକା ଚୁଡାନ୍ତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ସାଧାରଣ ନିର୍ବାଚନରେ ହାରିଥିବା ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ନିଗମରେ ଅଗ୍ରାଧିକାର ଦିଆଯାଉଛି। ରାଜ୍ୟରେ ବିଜେପି ସରକାର ଥିବାରୁ ଦଳରେ ବହୁ ନେତା ନିଗମ ଓ ବୋର୍ଡରେ ଥଇଥାନ ହେବାକୁ ଆଶା ରଖିଛନ୍ତି। କିନ୍ତୁ ସୀମିତ ସଂଖ୍ୟକ ନିଗମ ଓ ବୋର୍ଡରେ ସବୁ ଆଶାୟୀଙ୍କୁ ଥଇଥାନ କରିବା ସମ୍ଭବ ହେଉନି। ତେଣୁ ଯେଉଁମାନଙ୍କ ଆଶା ପୂରଣ ହୋଇପାରୁନି ସେମାନଙ୍କ ସହ ବ୍ୟକ୍ତିଗତ ଭାବେ ଦଳର ସଭାପତି ମନମୋହନ ସାମଲ କିମ୍ବା ମୁଖ୍ୟମନ୍ତ୍ରୀ କଥା ହେଉଛନ୍ତି। ଅନ୍ୟ ଦଳ ପରି ନିଗମ ନିଯୁକ୍ତିକୁ ନେଇ ଦଳରେ ବିବାଦ ସୃଷ୍ଟି ନକରିବାକୁ ଅପିଲ କରାଯାଇଛି।

ସେହିଭଳି ମନ୍ତ୍ରୀଙ୍କ ରିପୋର୍ଟ କାର୍ଡ ଆଧାରରେ ମୁଖ୍ୟମନ୍ତ୍ରୀ ଗୋଟିଏ ପରେ ଗୋଟିଏ ପ୍ରାୟ ସାତଟି ପୃଷ୍ଠା-୬

# ଅନମୋଲ ମାଇନ୍ସରେ ଇଡି ରେଡ୍
## ୮ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଜବତ




ଭୁବନେଶ୍ୱର,୩୧।୮ (ସଂଚାର ବ୍ୟୁରୋ) : ଶକ୍ତି ରଞ୍ଜନ ଦାଶଙ୍କ ଅନମୋଲ ମାଇନ୍ସରେ ଇଡି ରେଡ୍ । ଭୁବନେଶ୍ୱରରେ ଶିମ୍ଲା ଇଡି ପକ୍ଷରୁ ଶକ୍ତି ରଂଜନ ଦାଶ ଓ ତାଙ୍କ କମ୍ପାନୀ ଅନମୋଲ୍ ମାଇନ୍ସରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଛି । ଅନମୋଲ୍ ମାଇନ୍ସ ଓ ଅନମୋଲ୍ ରିସୋର୍ସେସ୍ କମ୍ପାନୀରେ ରେଡ୍ ହୋଇଛି । ବ୍ୟାଙ୍କ ଜାଲିଆତି ମାମଲାରେ ସର୍ଚ୍ଚ ଅପରେସନ କରାଯାଇଛି । ସର୍ଚ୍ଚ ସମୟରେ ଜବତ ହୋଇଛି ଅଚଳ ସମ୍ପତ୍ତି ସମ୍ପର୍କିତ ବିଭିନ୍ନ ଅପରାଧମୂଳକ ରେକର୍ଡ, ୧୦ଟି ବିଳାସପୂର୍ଣ୍ଣ ଗାଡ଼ି ଏବଂ ୩ଟି ସୁପର ବାଇକ୍ ଯାହାର ମୂଲ୍ୟ ୭ କୋଟି ଟଙ୍କାରୁ ଅଧିକ ହେବ ।

ନଗଦ ୧୩ ଲକ୍ଷ ଟଙ୍କା, ପ୍ରାୟ ୧.୧୨ କୋଟି ଟଙ୍କାର ଅଳଙ୍କାର ଜବତ କରାଯାଇଛି। ୨ଟି ଲକର ମଧ୍ୟ ଫ୍ରିଜ୍ କରାଯାଇଛି । ୮ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି । ଇଣ୍ଡିଆନ ଟେକ୍ନୋମାକ କମ୍ପାନୀ ଲିମିଟେଡ୍ ଟିସିଓଏଲ୍‌ର ୧,୩୯୬ କୋଟି ଟଙ୍କାର ବ୍ୟାଙ୍କ ଋଣ ଜାଲିଆତି ମାମଲା ସହ ଶକ୍ତିରଂଜନ ଦାଶଙ୍କ ସମ୍ପର୍କକୁ ନେଇ ଇଡି ରେଡ୍ ହୋଇଛି । ହିମାଚଳପ୍ରଦେଶ ପୋଲିସ ଆଇଟିସିଓଏଲ ଏବଂ ଏହାର ପ୍ରମୋଟରଙ୍କ ବିରୋଧରେ ଏଫ୍ଆଇଆର୍ ଦାଖଲ କରିଥିଲା। ଅଭିଯୋଗ ଥିଲା ପୃଷ୍ଠା-୬




### ଏୟାର ଇଣ୍ଡିଆ ବିମାନରେ ଯାନ୍ତ୍ରିକ ତ୍ରୁଟି
## ଦିଲ୍ଲୀରେ ଜରୁରୀ ଅବତରଣ

ଭୋପାଲ, ୩୧।୮: ଦିଲ୍ଲୀରୁ ଇନ୍ଦୋରକୁ ଯାଉଥିବା ଏୟାର୍ ଇଣ୍ଡିଆର ଏକ ବିମାନ ଟେକଅଫ୍ କରିଥିବା କିଛି ସମୟ ପରେ ଯାନ୍ତ୍ରିକ ତ୍ରୁଟି ପାଇଁ ସମସ୍ୟାର ସମ୍ମୁଖୀନ ହୋଇଛି । ଖବର ଅନୁଯାୟୀ, ବିମାନର ଡାହାଣ ଇଞ୍ଜିନରେ ନିଆଁ ଲାଗିଥିବା ଆଲର୍ଟ ମିଳିଥିଲା। ଏହି ସୂଚନା ସହିତ ସଂପୃକ୍ତ କାର୍ଯ୍ୟାଳୟକୁ ତୁରନ୍ତ ଅବଗତ କରାଯାଇଥିଲା, ଯାହାପରେ ପାଇଲଟ୍ ଡାହାଣ ଇଞ୍ଜିନ ବନ୍ଦ କରିଦେଲେ ଓ ଗୋଟିଏ ଇଞ୍ଜିନରେ ବିମାନକୁ ଦିଲ୍ଲୀ ବିମାନବନ୍ଦରରେ ଜରୁରୀକାଳୀନ ଲ୍ୟାଣ୍ଡିଂ କରାଯାଇଥିଲା । ରବିବାର ଏୟାର୍ ଇଣ୍ଡିଆର ଫ୍ଲାଇଟ୍ ଏଆଇ ୨୯୧୩ ଦିଲ୍ଲୀରୁ ଇନ୍ଦୋର ପୃଷ୍ଠା-୬

### କୁଜି ନେତାଙ୍କ ସାଂଘାତିକ ଚାଲ
# ନେତାଙ୍କ ନାଁରେ ସାଙ୍ଗଙ୍କ ମୋବାଇଲ ନମ୍ବର



### ଅଫିସରଙ୍କୁ ଚକମା ଦେଖାଇ ନେଉଛନ୍ତି ଠିକା କାମ

ଭୁବନେଶ୍ୱର,୩୧।୮ (ସଂଚାର ବ୍ୟୁରୋ) : ବିଜେପିର ଚର୍ଚ୍ଚିତ କୁଜି ନେତା ମୁକ୍ତିକାନ୍ତ ମହାପାତ୍ରଙ୍କ ଏକ ସାଂଘାତିକ ଚାଲ ଧରାପଡିଛି। ଅଫିସରଙ୍କୁ ଚକମା ଦେଖାଇବାକୁ ଭେଳିକି ଦେଖାଉଛନ୍ତି । ଖାତିର ବଢ଼ାଇବାକୁ ସାଙ୍ଗ କଲ କଲେ ଅଫିସରଙ୍କୁ ଦେଖାଉଛନ୍ତି ମନ୍ତ୍ରୀ କି ବିଧାୟକ । ଅଫିସର ବି କୁଜି ନେତାଙ୍କ ଭାଉ ଦେଖି ତାଜୁବ ।

ହେଲେ ଏ ଚାଲ ଆଉ କେତେଦିନ ବା କାମ କରିବ । ଜଣେ ଅଫିସରଙ୍କ ପାଖରେ ଧରାପଡିଗଲେ । କୁଜି ନେତା ଜଣଙ୍କ ଜଣେ ପ୍ରଭାବଶାଳୀ ମନ୍ତ୍ରୀଙ୍କ ନାଁ କହି ଅଫିସରଙ୍କୁ କାମ ମାଗୁଥିଲେ । ଏପରିକି ସେ ସମ୍ପୃକ୍ତ ଅଫିସରଙ୍କ ସହ କଥା ହେଲାବେଳେ ମନ୍ତ୍ରୀଙ୍କ କଲ ଆସିଲା ବୋଲି ଦେଖାଇ ଚୁପ ହେବାକୁ ଇଙ୍ଗିତ କଲେ। ଆରପଟେ ତାଙ୍କ ସାଙ୍ଗ ଥିଲେ। ହେଲେ ମୁକ୍ତିକାନ୍ତ ଏମିତି କଥା ହେଲେ ସତେ ଯେମିତି ମନ୍ତ୍ରୀ ତାଙ୍କ ଗିଲାସ ବନ୍ଧୁ । ଅଫିସର ବି ଏଭଳି କଥା ଶୁଣି କାଠ ହେଇଯାଇଥିଲେ । ଖାଲି ମନ୍ତ୍ରୀ କାହିଁକି ୧୦ ମିନିଟ ଭିତରେ ଆଉ ଦୁଇଜଣ ବିଧାୟକ ବି ଫୋନ କଲେ । ମନ୍ତ୍ରୀଙ୍କ ପରି ଏଦୁଇ ବିଧାୟକ ବି ଜାଲି ଥିଲେ । ଫୋନ କାଟିବା ମାତ୍ରେ ବଡ଼ କାମ ପାଇଁ ପ୍ରତିଶ୍ରୁତି ଦେଲେ ଅଫିସର ।

ହେଲେ ଏକଥା ବେଶିଦିନ ଲୁଚି ରହିଲାନି । ଦିନକ ପରେ ସମ୍ପୃକ୍ତ ମନ୍ତ୍ରୀଙ୍କ ଏକ ବୈଠକରେ ଅଫିସର ବି ଯୋଗଦେଇଥିଲେ । ମନ୍ତ୍ରୀଙ୍କ ଶୁଭ ଦୃଷ୍ଟି ପାଇଁ ଅଫିସର ଜଣକ ବୈଠକ ପରେ ଅତି ସନ୍ତର୍ପତାର ସହ କୁଜି ନେତାଙ୍କ କଥା କହିଲେ । ହେଲେ ଅଫିସର ଜଣକ ତାବଦା ହେଇଗଲେ ଯେତେବେଳେ ମନ୍ତ୍ରୀ ଓଲଟା ଗାଳି ଦେଇ କହିଲେ, "ଆପଣମାନେ ଏତେ ଚମଚାଗିରି କରନ୍ତୁନି । ମୁଁ କୋଉ ମୁକ୍ତିକାନ୍ତକୁ ଜାଣିନି"। ଏକଥା ଶୁଣି ଅଫିସରଙ୍କ ମୁଣ୍ଡ ଗୋଲ ହେଇଗଲା। ଭାଗ୍ୟକୁ ସେ କାମ ଦେବାର ଫାଇଲ ଦସ୍ତଖତ କରିନଥିଲେ। ଏକଥା ଅଫିସର ଜଣକ ନିଜ ସହକର୍ମୀ ଅନ୍ୟ ଅଫିସର ଓ ଉପରିସ୍ଥ ଅଧିକାରୀଙ୍କ ସହ ବି ଆଲୋଚନା କଲେ। ସମସ୍ତେ ତାଙ୍କ ଉପରେ ପୃଷ୍ଠା-୬



### କାନ ଡେରିଆ

ରାଜନୀତି ଏଠି ଭଲ ଲାଗୁନାହିଁ
ମା'ଟି ଗାଳି ଶୁଣୁଛି
ମା,ମାଟି ଆଉ ମମତାମୟୀଟା
ତୁଚ୍ଛାରେ ଗାଳି ଖାଉଛି
କାନକୁ ଭାରି ବାଧୁଛି...
ମା' ସମସ୍ତଙ୍କ ମା' ହୋଇଥାଏ
ଏଇୟା ବୁଝିବାର ଅଛି ।

■ ଦେବାଶିଷ

### ଶ୍ରୀମନ୍ଦିର ସୁରକ୍ଷା ଆଳ
# ପୁରୀ ଛାଡୁନାହାନ୍ତି ଦୁଇ ପୁଲିସ୍ ବାବୁ

- ସୁରକ୍ଷା କମ୍, ବେପାର ଚାଲିଛି ଅଧିକ
- ମନ୍ଦିର ପ୍ରଶାସନ ଓ ସରକାର ବଦନାମ

ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ) : ଶ୍ରୀଜଗନ୍ନାଥ ମନ୍ଦିରରେ ବାରମ୍ବାର ସୁରକ୍ଷା ତ୍ରୁଟି ପରିଲକ୍ଷିତ ହେଉଥିବା ବେଳେ ଏଠାରେ ଥିବା ଗାଦିମଡା ପୁଲିସ୍ ବାବୁଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବର୍ଷେ କି ଦୁଇବର୍ଷ ନୁହେଁ, ୧୫ବର୍ଷ ଧରି ଶ୍ରୀମନ୍ଦିର ସୁରକ୍ଷା ନାଁରେ ଏଠାରେ ଆସ୍ଥାନ ଜମାଇଥିବା ଦୁଇ ପୁଲିସ୍ ବାବୁ କାହା ଆର୍ଶୀବାଦରେ ଏଠାରେ ରହିଛନ୍ତି, ତାହାକୁ ନେଇ ଏବେ ଖୋଦ ପୁଲିସ୍ ମହଲରେ ଆଲୋଚନା।

ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି ଦୁଇ ସୁରକ୍ଷା ଅଧିକାରୀ କୌସିକ ନାୟକ ଓ ଘନଶ୍ୟାମ ହେମ୍ବ୍ରମ। ଏ ଦୁଇ ବାବୁ ୧୫ବର୍ଷ ହେଲା ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ। ନିଜର ଅଭିଜ୍ଞତା ଓ ପାରିବାପଣିଆକୁ ଉପରିସ୍ଥ ଅଧିକାରୀଙ୍କୁ ଦେଖାଇ ଏମାନେ ଏଠାରେ ଆସ୍ଥାନ ଜମାଇଥିବାବେଳେ ଶ୍ରୀମନ୍ଦିର ଭିତରକୁ କେତେବେଳେ ପେଜନଳା ନିକଟରେ ପାଚେରି ଡେଇଁ ଯୁବକ ପଶି ଯାଉଛନ୍ତି ତ ଆଉ କେତେବେଳେ ଭକ୍ତମାନେ ମନ୍ଦିର ଉପରକୁ ଚଢୁଛନ୍ତି। ଆଖିରେ କ୍ୟାମେରାଯୁକ୍ତ ଚଷମା ପିନ୍ଧି ମନ୍ଦିରକୁ ପଶୁଥିବା ଘଟଣା ନିଇତି ଘଟିବାରେ ଲାଗିଛି।



ହେଲେ ପୁରୀରେ ହେଉଥିବା ଆଲୋଚନା ଅନୁଯାୟୀ ଶ୍ରୀମନ୍ଦିରର ସୁରକ୍ଷା ସମ୍ଭାଳିଥିବା ଏହି ଦୁଇ ବାବୁ ବାସ୍ତବରେ ନିଜ କାମରେ ବ୍ୟସ୍ତ। ବଡ଼ବଡିଆ ବାବୁଙ୍କ ସମ୍ପର୍କୀୟ କିଭଳି ମନ୍ଦିର ଭିତରେ ସୁରୁଖୁରୁରେ ବୁଲିବେ, ସେଥିପ୍ରତି ଏମାନେ ଅଧିକ ଧ୍ୟାନ ଦେଉଛନ୍ତି। ଭିଭିଆଇପି କିମ୍ବା ଭିଆଇପି ମାନଙ୍କ ସମ୍ପର୍କୀୟ ଶ୍ରୀମନ୍ଦିର ବୁଲିବାକୁ ଆସୁଥିବାର ଖବର ପାଇଲେ ଏମାନେ ସକ୍ରିୟ ହେବା ସହିତ ସେହି କାମରେ ଲାଗିଥାନ୍ତି। ଫଳରେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ନିଜର ସିସିଆର ଠିକ୍ କରି ରଖିଛନ୍ତି। ଯେତେବେଳେ ଏମାନଙ୍କର ବଦଳି ନିର୍ଦ୍ଦେଶ ଆସିଥାଏ, ଏହି ସିସିଆରକୁ ଦେଖାଇ ତାହାକୁ ଟାଳି ଦେଇଥାନ୍ତି।

ଶ୍ରୀମନ୍ଦିରର ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୨୪ ମସିହା ଡିସେମ୍ବରରେ ମନ୍ଦିର ପାଇଁ ସ୍ୱତନ୍ତ୍ର ବାଟାଲିୟନ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ। ତଦନୁଯାୟୀ ନିର୍ଦ୍ଦେଶନାମା ବି ପ୍ରକାଶ ପାଇଥିଲା। ଅଗଷ୍ଟ ମାସରେ ଏଥିପାଇଁ ଗୋଟିଏ ୩୧ ଜଣିଆ ତାଲିକା ପ୍ରକାଶ ପାଇଛି। ଭିଡ ନିୟନ୍ତ୍ରଣରେ ଅଭିଜ୍ଞତା ଥିବା ପୁଲିସ୍ କର୍ମଚାରୀଙ୍କୁ କୋରାପୁଟ, ଭୁବନେଶ୍ୱର ଓ ଖୋରଧାରୁ ଆଣିବାପାଇଁ ଯୋଜନା ହୋଇଛି। ଏଭଳି ସ୍ଥିତିରେ ୧୫ବର୍ଷ ଧରି ଶ୍ରୀମନ୍ଦିର ସୁରକ୍ଷା ଆଳରେ ପୁରୀରେ ଡେରା ପକାଇଥିବା ଏହି ଦୁଇ ବାବୁଙ୍କର କି କାର୍ଯ୍ୟ ରହିଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏମାନଙ୍କ ସହିତ ଆଉ ଜଣେ ସ୍ୱାଇଁ ବାବୁ ମଧ୍ୟ ଡେପୁଟେସନରେ ଆସି ଶ୍ରୀମନ୍ଦିରରେ ଦୀର୍ଘଦିନ ହେଲା ଡେରା ପକାଇଛନ୍ତି।

ଚଳିତବର୍ଷ ରଥଯାତ୍ରା ସମୟରେ ଦଳାଚକଟାରେ ତିନିଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଏଥିପାଇଁ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ କମାଣ୍ଡାଣ୍ଟ ଓ ଆଉ ଦୁଇ ପୃଷ୍ଠା-୬

## ବାଣ କାରଖାନାରେ ବିସ୍ଫୋରଣ, ୪ ମୃତ



ଲକ୍ଷ୍ନୌ,୩୧।୮ : ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ଥିବା ଏକ ବାଣ ଫ୍ୟାକ୍ଟ୍ରିରେ ବଡ଼ ଧରଣର ବିସ୍ଫୋରଣ ଘଟିଛି। ବିସ୍ଫୋରଣରେ ପ୍ରାୟ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଏବେ ବି ଜାରି ରହିଛି। ଘଟଣାଟି ଗୁଡବା ଥାନା ଅନ୍ତର୍ଗତ ବେହଟା ଅଞ୍ଚଳରେ ଘଟିଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ୧ କିମି ଯାଏଁ ଶବ୍ଦ ଶୁଣାଯାଇଥିଲା। ଭୟଙ୍କର ଶବ୍ଦ ଶୁଣି ଆଖପାଖର ଲୋକମାନେ ଘରୁ ବାହାର ଚାଲି ଆସିଥିଲେ। ସ୍ଥାନୀୟ ଲୋକେ ବାଣ ଫ୍ୟାକ୍ଟ୍ରିରେ ଫଶିଥିବା ଶ୍ରମିକଙ୍କୁ ଉଦ୍ଧାର ପୃଷ୍ଠା-୬

## ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ବିପୁଳ ପରିମାଣର ମଦ ଓ ଗଞ୍ଜେଇ ଜବତ



**କେନ୍ଦ୍ରାପଡା, ୩୧।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ, ଆଳି, ରାଜକନିକା, ମହାକାଳପଡ଼ା ଓ କେନ୍ଦ୍ରାପଡ଼ା ଟାଉନଥାନା ଅଧିନିସ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବଡପାଳ ଗ୍ରାମର କମଳାକାନ୍ତ ସୁତାରଙ୍କ ଠାରୁ ୦.୮୫୦ କିଗ୍ରା ଗଞ୍ଜେଇ, ମହୁ ଗ୍ରାମରଶ୍ରୀଧର ବିଶ୍ୱାଳ ଙ୍କ ଠାରୁ ୪୦ ଲିଟର ବିଦେଶୀ ମଦ, ପଦନିପାଳ ଗ୍ରାମର ପ୍ରଭାକର ମଳିକଙ୍କ ଠାରୁ ୨୦.୮ ଲିଟର ବିଦେଶୀମଦ, ବରଡିଆ ଗ୍ରାମର ଦୀପକ ମଳିକଙ୍କ ଠାରୁ ୨୪ ଲିଟର ବିଦେଶୀ ମଦ, ଜୟନଗର ଗ୍ରାମର ନଳିନୀକାନ୍ତ ବିଶ୍ୱାଳଙ୍କ ଠାରୁ ୨୭ ଲିଟର ବିଦେଶୀ ମଦ, ବାଲିସାହି ଗ୍ରାମର ରତ୍ନାକର ସାହୁଙ୍କ ଠାରୁ ୮୫ ଲିଟର ବିଦେଶୀ ମଦ, ଚାଟରପାଟଣା ଗ୍ରାମର ରଘୁନାଥ ନାୟକଙ୍କ ଠାରୁ ୭୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି। ଏମାନଙ୍କ ପାଖରୁ ସମୁଦାୟ ୮୫୦ କିଗ୍ରା ଗଞ୍ଜେଇ, ୨୬୭ ଲିଟର ବିଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୭ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ଏବଂ ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ ଏବଂ ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ନରେଶ କୁମାର ପଣ୍ଡା, ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ବାଲି ସୈରାତ ନିଲାମଧାରୀଙ୍କ ସହ ପ୍ରଶାସନର ବୈଠକ



**କେନ୍ଦ୍ରାପଡା,୩୧।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଥିବା ବାଲି ସୈରାତ ଗୁଡିକର ନିଲାମ ନେଇଥିବା ବ୍ୟକ୍ତି ମାନଙ୍କ ସହ ଜିଲ୍ଲା ପ୍ରଶାସନ ର ଏକ ସମନ୍ୱୟ ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣା ଜେନା, ଉପ ଜିଲ୍ଲପାଳ ଅରୁଣ କୁମାର ନାୟକ, କନିଷ୍ଠ ଖଣି ଅଧିକାରୀ ଦିନେଶ ମହାପାତ୍ରଙ୍କ ସମେତ ସମସ୍ତ ତହସିଲଦାର, ସୁପରଭାଇଜର ମାନେ ଉପସ୍ଥିତ ରହି ଅଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାରେ ଥିବା ୨୯ଟି ବାଲି ସୈରାତ ମଧ୍ୟରୁ କେନ୍ଦ୍ରାପଡା, ମାର୍ଶାଘାଇ, ଗରଦପୁର, ଡେରାବିଶ ଓ ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳର ନିଲାମଧାରୀ ଓ ତାଙ୍କ ଆଇନ ସମ୍ମତ ଅଧିକୃତ ପ୍ରତିନିଧି ଆଲୋଚନା ର ଅଂଶ ଗ୍ରହଣ କରିଥିଲେ। ସରକାରଙ୍କ ନିୟମ ମୁତାବକ ନିଲାମଧାରୀ ମାନେ ନିୟମିତ ସମୟରେ ରାଜସ୍ୱ କିସ୍ତି ପୈଠ କରିବା ବ୍ୟବସ୍ଥା ଥିବାବେଳେ ଦୀର୍ଘଦିନ ହେଲା ନିଲାମଧାରୀ ମାନେ କିସ୍ତି ପୈଠ କରୁ ନଥିବାରୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ତାଗିଦା କରାଯାଇଛି। ଅପର ପକ୍ଷରେ ଏବେ ବର୍ଷା ଓ ବନ୍ୟା ଜଳ ବାଲି ସୈରାତ ଗୁଡିକୁ ବୁଡାଇ ଦେଇଥିବ ବେଳେ କେତେକ ବାଲି ସୈରାତ ରୁ ବାଲି ଉତୋଳନ କରାଯାଉ ନାହିଁ। ଅନ୍ୟ କେତେକ ସୈରାତ ରେ ବାଲି ମାଫିଆ ମାନେ ଜୋର ଜବରଦସ୍ତ ବାଲି ଉଠାଇ ଚୋରାରେ ବିକ୍ରି କରୁଥିବାରୁ ନିଲାମଧାରୀ କୌଣସି ଲାଭ ପାଇପାରୁ ନାହିଁ। ଫଳରେ କିସ୍ତି ପରିଶୋଧ କରିବା କଷ୍ଟ ହେଉଥିବା ନିଲାଧରୀ ମାନେ ପ୍ରକାଶ କରିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ବେଆଇନ ବାଲି ମାଫିଆଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି।

## ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତି ପ୍ରତିଯୋଗିତା



**ରାଜନଗର,୩୧।୮(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବାଘମାରୀ ସ୍ଥିତ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରଜ୍ଞାନ ମିଶନର ସନ୍ଥ ସ୍ୱାମୀ ଅନିର୍ବାଣୀନନ୍ଦ ଗିରି ଓ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବାଦଲ କୁମାର ପରିଡା ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି ପ୍ରତିଯୋଗିତାରେ ୧୧ ଟି ବିଦ୍ୟାଳୟ ଓ ଗୋଟିଏ ମହାବିଦ୍ୟାଳୟର ୩ ଟି ବର୍ଗରେ ୧୬୨ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ଲିଖିତ ଗୀତା ପ୍ରସାଦ ପୁସ୍ତକ ବିତରଣ କରଯାଇଥିଲା। ଏହି ପ୍ରତିଯୋଗିତାରେ କ ବର୍ଗରୁ ରାଜଦିପ ଦାସ, ସୋମନାଥ ପଣ୍ଡା, ଅଙ୍କିତା ଦାସ, ଖ ବର୍ଗରୁ ସୌମ୍ୟଦୀପ ପ୍ରମାଣିକ, ଅନୁରାଧା ମହତା, ବର୍ଷା ମାଇତି, ଭବାନୀ କୁଣ୍ଡ, ସଂଗୀତ ଦାସ, ରାଜନନ୍ଦିନୀ ମାଇତି, ଦେବଶ୍ରୀ ଦାସ, ପିଙ୍କି ମଣ୍ଡଳ, ଓମଶ୍ରୀ ଖାଣ୍ଡା ଓ ଗ ବର୍ଗ ରୁ ପ୍ରମିଳା ସାମଲ, ସୂର୍ଯ୍ୟ କାନ୍ତ ଗିରି, ସାବିତ୍ରୀ ପରିଡ଼ା, ରିନାରାଣୀ ଜେନା ପ୍ରମୁଖ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସତ୍ୟରଞ୍ଜନ ଦାସ, ମାନସ ରଞ୍ଜନ ଧଳ, ଲକ୍ଷ୍ମୀପ୍ରିୟା ବେହେରା, ଦୀପ୍ତି ସାମଲ, ସୌମେନ ସିଂ, ନାରାୟଣ ଚନ୍ଦ୍ର ଜେନା, ସତ୍ୟବ୍ରତ ପଣ୍ଡା, ବିଭୂତି ଭୂଷଣ ବେହେରା ଓ ପ୍ରଜ୍ଞାନା ମିଶନର ଅନୀଲ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବିଦ୍ୟାଳୟର ୨୧ ଜଣ ବିଚାରକ ଭାବେ ଅଂଶ ଗ୍ରହଣ କରିଥିଲେ। ପ୍ରଜ୍ଞାନା ମିଶନ ପକ୍ଷରୁ ରାଜ୍ୟସ୍ତରୀୟ ବିଜେତା ମାନଙ୍କୁ ଏକ ବର୍ଷ ପାଇଁ ବୃତ୍ତି ପ୍ରଦାନ କରାଯିବ। ଆଜିର ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ସ୍ୱାମୀ ଶ୍ରୀ ଗିରି ମାନପତ୍ର ପ୍ରଦାନ କରିଥିଲେ।

# ଚିତ୍ରୋତ୍ପଳା ନଦୀରେ ଖସୁଛି ପଥର ପ୍ୟାକିଂ

### ନିମ୍ନମାନର କାମ ନେଇ ହୋଇଥିଲା ଅଭିଯୋଗ



**ଗରଦପୁର, ୩୧।୮(ସଂଚାର ବ୍ୟୁରୋ):** ଜଳସମ୍ପଦ ବିଭାଗର ଚରମ ଅବହେଳା ଯୋଗୁଁ ଚିତ୍ରୋତ୍ପଳା ନଦୀର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ପଥର ପ୍ୟାକିଂ କାମ ଏବେ ଭୁଷୁଡିବା ଆରମ୍ଭ କଲାଣି। ପାଟକୁରା ବ୍ରିଜ ନିକଟସ୍ଥ ଏକ ପ୍ୟାକିଂ କାର୍ଯ୍ୟ ଭୁଷୁଡି ପଡ଼ିଛି। ନିର୍ମାଣର ୩ ମାସ ମଧ୍ୟରେ ଏହିଭଳି ଅବସ୍ଥା ଦେଖିବାକୁ ମିଳିଛି। ବିଭିନ୍ନ ଘାଟରେ ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ପଥର ପ୍ୟାକିଂ କାମ ଜଳସମ୍ପଦ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିଲା। କିନ୍ତୁ ଅତ୍ୟନ୍ତ ନିମ୍ନମାନର କାମ ଯୋଗୁଁ ଏହା ଏବେ ନଷ୍ଟ ହେଉଛି। କୋଟି କୋଟି ଟଙ୍କା ବ୍ୟୟରେ ତିଆରି ହୋଇଥିବା ପଥର ପ୍ୟାକିଂ ଏବେ ଭୁଶୁଡ଼ି ପଡୁଛି। ଫଳରେ ବନ୍ୟା ପ୍ରତିରୋଧକ ବନ୍ଧ ପ୍ରତି ବିପଦ ସୃଷ୍ଟି କରିଛି। ଏହି ନଦୀ ବନ୍ଧ ପ୍ରତି ବିପଦ ସୃଷ୍ଟି ହେଲେ ଗରଦପୁର ବ୍ଲକର ଅନେକ ପଞ୍ଚାୟତ ପ୍ରଭାବିତ ହେବ। ଏହାକୁ ସୁରକ୍ଷା ଦେବା ପାଇଁ ସ୍ପର ଓ ପଥର ପ୍ୟାକିଂ ପାଇଁ ଟଙ୍କା ଯୋଗାଇ ଦିଆଯାଇଥିଲା। ତେବେ ଅତି ନିମ୍ନମାନର କାମ ଯୋଗୁଁ ନିର୍ମାଣ ହୋଇଥିବା ସ୍ପର ଭୁଷୁଡି ପଡ଼ିଛି। ସ୍ପର୍ ଭୁଷୁଡିବା ପରେ ଏହାକୁ ଲୁଚାଇବା ପାଇଁ ବିଭାଗ ପ୍ରୟାସ ଆରମ୍ଭ କରିଛି। ଏହି କାର୍ଯ୍ୟରୁ ଯନ୍ତ୍ରୀ, ଠିକାଦାର କୋଟି କୋଟି ଟଙ୍କା ହଜମ କରିଥିବା ଅଭିଯୋଗ ହୋଇଛି।

ନିମ୍ନମାନର ପଥର ପ୍ୟାକିଂ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ। ହେଲେ ଠିକାଦାର ଆଉ ଯନ୍ତ୍ରୀ ଅଭିଯୋଗକୁ କର୍ଣ୍ଣପାତ ନକରି ନିମ୍ନମାନର କାମ କରିଥିଲେ ବୋଲି ଅଭିଯୋଗ ହୋଇଛି। ଗରଦପୁର ବ୍ଲକରେ ହୋଇଥିବା ଏହି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ନେଇ ଦାବି ହୋଇଛି ।

## ଛନ୍ଦା ଗ୍ରାମରେ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ



**ମହାକାଳପଡ଼ା, ୩୧।୮(ସଂଚାର ବ୍ୟୁରୋ):** ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଡ଼ରୋମିତ ପଞ୍ଚାୟତର ଛନ୍ଦା ଗ୍ରାମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୧୨୫ ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ଓ ଜନସାଧାରଣଙ୍କ ସହିତ ବିଧାୟକ ଡ଼ଃ ଦୁର୍ଗା ପ୍ରସନ ନାୟକ ଉପସ୍ଥିତ ରହି ମନ୍ କି ବାତ୍ ଶୁଣିଥିଲେ। ଏହି ଅବସରରେ ନାୟକ ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀର ମା ଓ ବରିଷ୍ଠ ନାଗରିକ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗଡ଼ରୋମିତ ଗ୍ରାମରେ ଏକ ଗ୍ରାମ୍ୟ ରାସ୍ତାର ଲୋକାର୍ପଣ କରିବା ସହିତ ୧୦ ଜଣ ହିତାଧିକାରୀ ମାନଙ୍କୁ ନୂତନ ଗୃହ ନିର୍ମାଣ କରିବାକୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ନାୟକ ମହାକାଳପଡା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି କରିବାକୁ ସବୁସମୟରେ ଉଦ୍ୟମ କରିଆସୁଛି ଏବଂ ଆଗକୁ ମଧ୍ୟ କରୁଥିବି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ସଂଯୋଜକ ସରୋଜ କାନ୍ତ ସାହୁ, ମଣ୍ଡଳ ସଭାପତି ପ୍ରଦୀପ ବେହେରା, ପ୍ରଶାନ୍ତ ସେଠୀ, କୁମର କାନ୍ତ ମହାନ୍ତି, ପ୍ରଶାନ୍ତ ନାୟକ, ଅଲେଖ ପ୍ରଧାନ, ଚାମେଲି ଓଝା ପ୍ରମୁଖ ମଞ୍ଚାସୀନ ଥିଲେ।

## ଜାତୀୟ କ୍ରୀଡା ଦିବସରେ ସାଇକେଲ ଶୋଭାଯାତ୍ରା



**କେନ୍ଦ୍ରାପଡ଼ା, ୩୧।୮(ସଂଚାର ବ୍ୟୁରୋ):** ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ତଥା ଜାତୀୟ କ୍ରୀଡା ଦିବସ ଅବସରରେ ରବିବାର ଜିଲ୍ଲା ପ୍ରଶାସନ(କ୍ରୀଡା ବିଭାଗ) ପକ୍ଷରୁ ସାଇକେଲ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୁଆ ବସଷ୍ଟାଣ୍ଡରୁ ଏହି ସାଇକେଲ ଶୋଭାଯାତ୍ରା ବାହାରି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସମାପ୍ତ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର. ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ସାଇକେଲ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ରବୀନ୍ଦ୍ର କୁମାର ମଲ୍ଲିକ, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ରାଲିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ୟୁଥ ଆଥଲେଟିକ ଏକାଡେମୀର କ୍ରୀଡ଼ାବିତଙ୍କ ସମେତ ପ୍ରାୟ ୨ ଶହ ଛାତ୍ରଛାତ୍ରୀ ସାମିଲ ଥିଲେ। ରାଲିରେ ନିଜେ ଜିଲ୍ଲାପାଳ ସାଇକେଲ ଚଳାଇ କଲେଜ ପର୍ଯ୍ୟନ୍ତ ଯାଇଥିଲେ। ଯାହାକି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲା। ସାଇକେଲ ଚଳାଇବା ଦ୍ୱାରା ନିଜ ଶରୀର ଫିଟ ରହିବା ସହିତ ମାନସିକ ସ୍ଥିତି ଭଲ ରହିଥାଏ। ସେଥିପାଇଁ ସମସ୍ତେ ସାଇକେଲ ଚଳାଇବା ଉଚିତ। ଏହା ଛଡା ସାଂସଦ ଖେଳ ମହୋତ୍ସବ ପାଇଁ ପଞ୍ଜିକରଣ ପ୍ରକ୍ରିୟା ଜାରି ରହିଥିବାରୁ, ସମସ୍ତେ ଏହି ମହୋତ୍ସବରେ ଅଧିକ ମାତ୍ରାରେ ସାମିଲ ହୋଇ ପଞ୍ଜିକରଣ କରିବାପାଇଁ ଜିଲ୍ଲାପାଳ ଶ୍ରୀ ଆୟାର ଅନୁରୋଧ କରିଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡା,୩୧।୮(ସଂଚାର ବ୍ୟୁରୋ):** ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦୨୫-୨୬ ମସିହା ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଆସନ୍ତା ସେପ୍ଟେମ୍ବର ମାସ ୧୬ ତାରିଖ ଠାରୁ ଅକ୍ଟୋବର ମାସ ୧୭ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲୁ ରହିବ। ଶିବିରରେ ଭିନ୍ନକ୍ଷମ ମାନଙ୍କୁ ନୂତନ ପ୍ରମାଣପତ୍ର, ପ୍ରଦାନ ଭିନ୍ନକ୍ଷମ ମାନଙ୍କର ଉପକରଣ ତଥା ଟ୍ରାଇ-ସାଇକେଲ, ହ୍ୱିଲ ଚେୟାର, ଆଶାବାଡି ପ୍ରଭୃତି ପ୍ରଦାନ କରିବାର ବ୍ୟବସ୍ଥା ରହିଛି।

## ସନ୍ଦିଗ୍ଧ ଯୁବକଙ୍କୁ କୋର୍ଟ ଚାଲାଣ

**ରାଜନଗର, ୩୧।୮(ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ଘାଟ ନିକଟରୁ ଶନିବାର ଦିନ ବନ୍ଧୁକ ସହ ଗିରଫ ହୋଇଥିବା ପଶ୍ଚିମବଙ୍ଗ ୨୪ ଫରଗଣା ଅଞ୍ଚଳର ସନ୍ଦିଗ୍ଧ ଯୁବକ ମୃତ୍ୟୁଞ୍ଜୟ ମଣ୍ଡଳକୁ ପୋଲିସ ଆଜି କୋର୍ଟ ଚାଲାଣ କରିଛି। ଏନେଇ ରାଜନଗର ଥାନାରେ ୨୯୨/୨୦୨୫ରେ କେଶ ହେବା ସହ ୨୯୩, ୩୫୧(୩), ୨୫, ୨୭ ରେ ମକଦ୍ଦମା ରୁଜୁ କରାଯାଇଛି ବୋଲି ପୋଲିସ ଠାରୁ ସୂଚନା ମିଳିଛି। ଗତକାଲି ଓ ଆଜି ୨ଦିନ ଧରି ପୋଲିସ ଗିରଫ ଯୁବକ କୁ ପଚରା ଉଚରା କରିବା ପରେ କୋର୍ଟ ଚାଲାଣ କରିଛି। ତେବେ ସନ୍ଦିଗ୍ଧ ଯୁବକ କେଉଁଠି ବନ୍ଧୁକ ଆଣିଲା। ସେ ସଂପର୍କରେ ପୋଲିସ କୌଣସି ତଥ୍ୟ ଜଣାଇ ନାହିଁ। ତେବେ ଯେଉଁ ଅଞ୍ଚଳରୁ ସେ ଯୁବକ ଆସିଛି ତାହା ସଂପୂର୍ଣ୍ଣ ମୁସୁଲିମ ଇଲାକା। ଏହି ଘଟଣା ସାଧାରଣରେ ନାନା ଆଶଙ୍କା ପ୍ରକାଶ ପାଉଛି।

## ବ୍ଲକ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ଆଳି,୩୧।୮(ସଂଚାର ବ୍ୟୁରୋ):** ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ବ୍ଲକ୍ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଆଳି ବ୍ଲକ ଚଣ୍ଡିଆଗଡ଼ି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚାରୋଟି ଗ୍ରୁପରେ ବ୍ଲକ୍ ର ୩୨ ଟି ବିଦ୍ୟାଳୟର ୧୭୦ ଜଣ ଛାତ୍ରଛାତ୍ରୀ ଭାଗନେଇ ଗୀତା ଆବୃତ୍ତି କରିଥିଲେ।ପ୍ରଥମେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆଳି ବ୍ଲକ୍ ସଂଯୋଜକ ରଞ୍ଜନ କୁମାର ବେହେରାଙ୍କ ସଂଯୋଜନାରେ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ପ୍ରଜ୍ଞାନ ମିଶନର ବାବାଜୀ ଗୁରୁନିଷ୍ଠାନନ୍ଦଜୀ ଓ ବ୍ରଜେଶାନନ୍ଦଜୀ ଏବଂ ନମୌଜା ସାରସ୍ୱତ ସଂଘର ଅଧ୍ୟକ୍ଷ ନୀଳାଦ୍ରି ଭୂଷଣ ମହାପାତ୍ର ଯୋଗଦେଇ।

ଅନ୍ୟତମ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ସଂଯୋଜକ ଅଭିମନ୍ୟୁ ପଡିହାରୀ ଓ ପଟ୍ଟାମୁଣ୍ଡାଇ ବ୍ଲକ୍ ସଂଯୋଜକ ପାବନୀ କୁମାର ରାଉତ, ପ୍ରଧାନ ଶିକ୍ଷକ ଶୁଭ୍ରକାନ୍ତ ମିଶ୍ର ଯୋଗଦେଇ ଗୀତାର ଅତ୍ୟବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଆରମ୍ଭରେ ରଞ୍ଜନ ବେହେରା, ବାବୁଲାଲ ଦାଶ, ମହେଶ୍ୱର ଦାସ, ଅଭୟ ସୂତାର ଓ ଗୁରୁକୃପା ଦେବ ସମ୍ପୂର୍ଣ୍ଣ ଗୀତା ପାରାୟଣ କରିଥିଲେ।ବିଚାରକ ଭାବରେ ମହେଶ୍ୱର ସାହୁ, ଗୋବିନ୍ଦ ନନ୍ଦ, ଗୌରହରି ସେଠୀ, ଶଶୀଭୂଷଣ ଦାଶ, ବାବୁଲାଲ ଦାଶ, ମହେଶ୍ୱର ଦାସ, ଶକୁନ୍ତଳା ମିଶ୍ର, ସୁନୀତି ଦାଶ, ଉପେନ୍ଦ୍ର ଦାଶ, ଶରତ ପାଣି, ନିରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଶେଷରେ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।ପରେ ସମୀର ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ



**କେନ୍ଦ୍ରାପଡ଼ା, ୩୧।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ପୌରପାଳିକା ଟାଉନ ହଲରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇଥିଲେ। ବିଧାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ରାଜ୍ୟର ସର୍ବପୁରାତନ ପୌର ପରିଷଦ କେନ୍ଦ୍ରାପଡ଼ାକୁ ଗୋଟିଏ ଆଦର୍ଶ ପୌରପାଳିକା ଭାବେ ଗଠନ କରିବାକୁ ହେଲେ ସମସ୍ତଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି କହିଛନ୍ତି। ପୌରପାଳିକା ଅଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ପୌରପାଳିକା ଉପାଧ୍ୟକ୍ଷା ଆକବରୀ ଖାତୁନ, ପୌରପାଳିକା ନିର୍ବାହୀ ଅଧିକାରୀ ଅଜିତ ପ୍ରସାଦ ନାରାୟଣ ଗିରିଙ୍କ ସମେତ ସମସ୍ତ କାଉନସିଲର ମାନେ ଉପସ୍ଥିତ ଥିଲେ। ସ୍ୱାୟ ଶାସନର ଜନକ ଲର୍ଡ଼ ରିପନଙ୍କ ଦୂରଦୃଷ୍ଟି ଏବଂ ତୃଣମୂଳ ସ୍ତରରେ କ୍ଷମତା ବିକେନ୍ଦ୍ରୀକରଣର ଆଧାର ହେଉଛି ସ୍ୱାୟ ଶାସନ ବ୍ୟବସ୍ଥା ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଶ୍ରୀବଳଦେବଜୀଉ ମନ୍ଦିର ଉନ୍ନତି, ଗୋପବନ୍ଧୁ ପାଠାଗାରା ପ୍ରତିଷ୍ଠା, ବିଜୁ ପାର୍କ ପରି ଉନ୍ନତିମୂଳକ କାର୍ଯ୍ୟପାଇଁ ବିଧାୟକ ପୌରାଧ୍ୟକ୍ଷା, ନିର୍ବାହୀ ଅଧିକାରୀ ଏବଂ କାଉନସିଲର ମାନଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଦାନ କରାଯାଇଥିବା ଆର୍ଥିକ ଅନୁଦାନକୁ ସୁବିନିଯୋଗ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଡ୍ରେନଜ ସମସ୍ୟାର ସମାଧାନ ଓ ପୌରପାଳିକା ଜନସାଧାରଣଙ୍କୁ ମୂଲ୍ୟବୋଧଭିକ ସେବା ପ୍ରଦାନ କରିବାକୁ ଜିଲ୍ଲା ପରିଷଦ ସଭାପତି ବକ୍ତବ୍ୟରେ କହିଥିଲେ। ପୌରନିର୍ବାହୀ ଅଧିକାରୀ ଶ୍ରୀ ଗିରି ବାର୍ଷିକ ବିବରଣୀ ପାଠକରି ପ୍ରକାଶ କରିଥିଲେ ଯେ ନୂତନ ପୌର କାର୍ଯ୍ୟାଳୟ ପାଇଁ ମଞ୍ଜୁର ହୋଇଥିବା ୭କୋଟି ୯୬ଲକ୍ଷ ଟଙ୍କାରେ ଖୁବ ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ଏହାବ୍ୟତିତ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୬୫ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ଗୋପବନ୍ଧୁ ପାଠାଗାରାର ଉପର ମହଲା ଉନ୍ନତି କରଣ କରାଯିବ, ଏକ କୋଟି ଟଙ୍କାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ଏକ କୋଟି ଟଙ୍କାରେ ଶ୍ମଶାନ ଗୁଡିକର ଉନ୍ନତି କରଣ, ୫୫ଲକ୍ଷ ଟଙ୍କାରେ ଗୋଶାଳା ନିର୍ମାଣ ପ୍ରଭୃତି କାର୍ଯ୍ୟ କରାଯିବାକୁ ନଗର ଉନ୍ନୟନ ବିଭାଗ ଅର୍ଥ ମଞ୍ଜୁର କରିଛନ୍ତି।

## ଶିଳ୍ପାଞ୍ଚଳର ସମୀକ୍ଷା, କଲେ ଜିଲାପାଳ ଓ ଉଚ୍ଚ ଅଧିକାରୀ



**ଡେରାବିଶ, ୩୧।୮(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଶିଳ୍ପାଞ୍ଚଳର ପୁନଃଉଦ୍ଧାର କାର୍ଯ୍ୟ ସରକାରୀ ସ୍ତରରେ ଆଉ ଦୁଇ ପାଦ ଆଗେଇଛି। ଶନିବାର କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଉଚ୍ଚ ପଦାଧିକାରୀମାନେ ବଳଭଦ୍ରପୁର ଶିଳ୍ପାଞ୍ଚଳ ପରିଦର୍ଶନ ସହିତ ବିକାଶକୁ ନେଇ ସମୀକ୍ଷା କରିଛନ୍ତି। ଏହି ଅବସରରେ ବିଜେପି ରାଜ୍ୟ ମୁଖପାତ୍ର ତେଜସ୍ୱର ପରିଡ଼ାଙ୍କ ନେତୃତ୍ୱରେ ସ୍ଥାନୀୟ ଶିଳ୍ପାଞ୍ଚଳର ଉଦ୍ୟୋଗୀ ଓ ବିଭିନ୍ନ ପଞ୍ଚାୟତର ନେତୃମଣ୍ଡଳୀ ଜାତୀୟ ରାଜପଥର ବଳଭଦ୍ରପୁର ଛକଠାରେ ଜିଲାପାଳଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ। ଶିଳ୍ପାଞ୍ଚଳ ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସହିତ ଶିଳ୍ପ ବିଭାଗ, ଇଡକୋ, ଏସ୍‌ଏସଏମଇ ରାଜ ତିଆଇସିଜିଏମ୍ ବିଦ୍ୟୁତ, ଜଳସେଚନ ଓ ପାନୀୟ ଜଳ ବିଭାଗର ନିର୍ବାହୀ ଯନ୍ତ୍ରୀ, ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଓ ବିଡ଼ିଓ ନମିତା ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ନେତୃମଣ୍ଡଳୀ ଶିଳ୍ପାଞ୍ଚଳରେ ଥିବା ପ୍ରାୟ ୧୦ ଗୋଟି କରତ ଶିଳ୍ପ ଦେଖିବା ସହିତ ଶିଳ୍ପାଞ୍ଚଳରେ କାମ କରୁଥିବା ଶ୍ରମିକ ଓ କର୍ମଚାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ଶିଳ୍ପାଞ୍ଚଳର ସମସ୍ତ ଉଦ୍ୟୋଗୀ ଓ ସ୍ଥାନୀୟ ଜନସାଧାରଣଙ୍କ ସମେତ ପଞ୍ଚାୟତ ନେତୃମଣ୍ଡଳୀଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଗତ ସପ୍ତାହରେ ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀ ପରିଡ଼ାଙ୍କ ନେତୃତ୍ୱରେ ଉଦ୍ୟୋଗୀମାନେ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଇଡକୋ ଅଧିକାରୀଙ୍କ ସମେତ ଭାରତ ସରକାରଙ୍କ ଏମ୍‌ଏସଏମଇ ନିର୍ଦ୍ଦେଶକଙ୍କୁ ଭେଟି ଆଲୋଚନା କରିଥିଲେ ଓ ଶନିବାର ଆଲୋଚନା ସମୟରେ ଇଦ୍ୟୋଗୀ ଓ ଜନସାଧାରଣଙ୍କ ତରଫରୁ ତେଜେଶ୍ୱର ପରିଡ଼ା ଇଡକୋ ଦ୍ୱାରା କଂକ୍ରିଟ ରାସ୍ତା ଓ ଡ୍ରେନ୍ ନିର୍ମାଣ, ନୂତନ ବୋରିଙ୍ଗ ସହ ପାନୀୟ ଜଳ ଯୋଗାଣ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଏହି ଠାରେ ବିଭିନ୍ନ ପ୍ରକାର ନୂତନ ଶିଳ୍ପ ପ୍ରତିଷ୍ଠା, ଶ୍ରମିକଙ୍କ ପାଇଁ ରହିବା ପାଇଁ ଘର ନିର୍ମାଣ, ସ୍ୱାସ୍ଥ୍ୟ ସେବା, ଏଟିଏମ୍, ଫାଣ୍ଡି ନିର୍ମାଣ ସମେତ ଏହି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଦାବି ଉପସ୍ଥାପନ କରିଥିଲେ।

## ଶିକ୍ଷାର ଗୁଣାତ୍ମକ ଦିଗରେ ପ୍ରବେଶ କରିବେ ଅବହେଳିତ ପରିବାରର ଶିଶୁ

**ମହାକାଳପଡ଼ା,୩୦।୮(ସଂଚାର ବ୍ୟୁରୋ):** ତଟବର୍ତ୍ତୀ ସଂସ୍କାରକେନ୍ଦ୍ର, ଲୁଣିମାଠିଆ, ରାମନଗରକୁ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡିଶା ତରଫରୁ ପରିଦର୍ଶନରେ ଆସିଥିଲେ ମାନନୀୟ ସଙ୍ଗଠନ ମନ୍ତ୍ରୀ ଶ୍ରୀମାନ ତାରକ ଦାସ ସରକାର, ସମ୍ପାଦକ ଡଃ.ସରୋଜ କୁମାର ହାତୀ, ତଟବର୍ତ୍ତୀ ସଂସ୍କାରକେନ୍ଦ୍ର ସଂଯୋଜକ ତଥା ଗଞ୍ଜାମ ବିଭାଗ ନିରୀକ୍ଷକ ଶ୍ରୀଯୁକ୍ତ ସରୋଜ କୁମାର ପଟ୍ଟନାୟକ ଓ କେନ୍ଦ୍ରାପଡା ବିଭାଗ ନିରୀକ୍ଷକ ଡଃ.ଲକ୍ଷ୍ମଣ କୁମାର ମହାନ୍ତି । ଶିକ୍ଷାର ଗୁଣାତ୍ମକ ଦିଗରେ ପ୍ରବେଶ ନିମନ୍ତେ ଆଜିର ଅବହେଳିତ ପରିବାରର ପୁଅ ଓ ଝିଅ ମାନେ ମୁଖ୍ୟସ୍ରୋତରେ ସାମିଲ ହେବାପାଇଁ ୩ବର୍ଷ ତଳୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାମନଗରଙ୍କ ଆନୁକୁଲ୍ୟରେ ଲୁଣି ମାଠିଆ ଠାରେ ତଟବର୍ତ୍ତୀ ସରସ୍ୱତୀ ସଂସ୍କାର କେନ୍ଦ୍ର ଖୋଲି ମାଗଣାରେ ଶିକ୍ଷାଦାନ ଦେଇ ଆସୁଛନ୍ତି । ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ବାସୁଦେବ ସାହୁ ଆଜିର ଉତ୍ସବ କୁ ପରିଚାଳନା କରିଥିଲେ । ଆଚାର୍ଯ୍ୟା ଶ୍ରୀମତୀ ପ୍ରମୋଦିନୀ ସ୍ୱାଇଁ ଶୈକ୍ଷିକ କାଳାଂଶ ରେ ସହଯୋଗ କରିଥିଲେ ।

### କ୍ୟାବିନରୁ ଉଦ୍ଧାର ହେଲା ଗଳିତ ମୃତଦେହ

# ନିଖୋଜ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ




**ପଟ୍ଟାମୁଣ୍ଡାଇ, ୩୧।୮(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଏଲ୍‌ଆଇସି ଅଫିସ ସମ୍ମୁଖ ମ୍ୟୁନିସିପାଲିଟି ଭେଣ୍ଡିଂଜୋନ ସାମ୍ନାର ୩୧ ନମ୍ବର କ୍ୟାବିନରୁ ଗଳିତ ମୃତଦେହ ଉଦ୍ଧାର କରିଛି ପଟ୍ଟାମୁଣ୍ଡାଇ ପୋଲିସ । କ୍ୟାବିନଟିକୁ ଭଡ଼ା ସୂତ୍ରରେ ସନ୍ତୋଷ ଓରଫ ବାଇଆ ଭଡା ସୂତ୍ରରେ ନେଇ ଚକୁଳି ପିଠା ବ୍ୟବସାୟ କରୁଥିଲା । ସେଠାରେ ସେ ଏକ ମହିଳାଙ୍କୁ ରଖି ବ୍ୟବସାୟ କରୁଥିଲେ । ଗତ କିଛି ଦିନ ହେବ ମହିଳା ନିଖୋଜ ଥିବା ନେଇ ପଟ୍ଟାମୁଣ୍ଡାଇ ଥାନାରେ ଗତ ୨୮ ତାରିଖରେ ଏତଲା ହୋଇଥିଲା। ବନ୍ଦ କୋଠରୀରୁ ଗନ୍ଧ ହେବା ଫଳରେ ପୋଲିସ ପହଞ୍ଚି ଗଳିତ ମୃତଦେହ ଉଦ୍ଧାର କରିଛି। ଗଳିତ ମୃତଦେହଟି ସଂପୃକ୍ତ ମହିଳାଙ୍କର ବୋଲି ଅନୁମାନ କରାଯାଉଛି। ସମ୍ପୃକ୍ତ ମହିଳା ଜଣଙ୍କ ଆଳି ବ୍ଲକ ନରେନ୍ଦ୍ରପୁର ଗ୍ରାମର ବନିତା ରାଉତ ବୋଲି ଜଣାପଡିଛି। ଘଟଣାସ୍ଥଳରେ ପୋଲିସ, ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ସମ୍ପର୍କୀୟ କହିବା ଅନୁଯାୟୀ ମୃତକ ମହିଳା ବନିତା ରାଉତ ତାଙ୍କର ଶାଶୁଘର ଆଳି ବ୍ଲକ ନରେନ୍ଦ୍ରପୁର ଅଞ୍ଚଳର ହୋଇଥିବା ବେଳେ ତାଙ୍କ ସ୍ୱାମୀ ବିଦେଶରେ ରହୁଥିଲେ ।

ମହିଳା ତାଙ୍କର ଏକ ୭ ବର୍ଷର ଶିଶୁପୁତ୍ର ସହ ସନ୍ତୋଷଙ୍କ ସହ ପଟ୍ଟାମୁଣ୍ଡାଇ ମାର୍କେଟରେ ଚକୁଳି ବ୍ୟବସାୟ କରିଆସୁଥିଲେ । ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ କ୍ୟାବିନର ସଟର୍ ଭାଙ୍ଗି ମୃତଦେହ ଉଦ୍ଧାର କରିବା ସହ ଆମ୍ବୁଲାନ୍ସ ଯୋଗେ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ

**ରାଜନଗର,୩୧।୮(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଅବସର ପ୍ରାପ୍ତ ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଜରୁରୀ ସାଙ୍ଗଠନିକ ବୈଠକ ରାଜନଗରସ୍ଥିତ ନିଗମାନନ୍ଦ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି କୃପାସିନ୍ଧୁ ସାମଲଙ୍କ ସଭାପତିତ୍ୱ ଓ ସମ୍ପାଦକ ବିଜୟ ଜୟ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଅବସର ପ୍ରାପ୍ତ ସରକାରୀ କର୍ମଚାରୀଙ୍କ ୯ ଗୋଟି ମୌଳିକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସତ୍ୟବାଦୀ ଜେନା, କ୍ଷୀରୋଦ କୁମାର ମଲ୍ଲିକ, ମହେଶ୍ୱର ରାଉତ, ଦାଶରଥି ଲେଙ୍କା, ରମେଶ ଚନ୍ଦ୍ର ସାହୁ, ସୁରେନ୍ଦ୍ର ନାଥ ପ୍ରଧାନ, ବିଜୟ ବେହେରା, ବଳରାମ ତ୍ରିପାଠୀ, ଜନକର ରାଉତ, ସମୀର କୁମାର ପରିଡ଼ା ପ୍ରମୁଖ ଅବସରପ୍ରାପ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ବନ୍ୟା ବିପନ୍ନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଔଷଧ ବଣ୍ଟନ



**ରାଜନଗର,୩୧।୮(ସଂଚାର ବ୍ୟୁରୋ):** ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବ୍ରାହ୍ମଣୀରେ ତୃତୀୟ ଥର ପାଇଁ ବନ୍ୟା ଆସିବାରୁ ରାଜନଗର ବ୍ଲକର ୪ ପଞ୍ଚାୟତ ର ହଜାର ହଜାର ଲୋକ ବିପନ୍ନ ହୋଇ ପଡ଼ିଛନ୍ତି। ବନ୍ୟା ବିପନ୍ନଙ୍କ ସ୍ୱାସ୍ଥ୍ୟ କୁ ଗୁରୁତ୍ୱ ଦେଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସେମାନଙ୍କୁ ଭେଟିବା ସହିତ ବୃଦ୍ଧ, ବୃଦ୍ଧା, ଗର୍ଭବତୀ ଓ ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଛନ୍ତି। ବନ୍ୟା ବିପନ୍ନଙ୍କ ପାଇଁ ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତରେ ହେଲଥ କ୍ୟାମ୍ପ ଖୋଲା ଯାଇଛି।ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡା ରଶ୍ମିରଞ୍ଜନ ମହାନ୍ତି, ଡା ମନୋରଞ୍ଜନ ନାଥ, ଡା ଆଦିତ୍ୟ କୁମାର ପ୍ରଧାନ, ଡା ଟି ଟି ମିଶ୍ର ଙ୍କ ସହିତ ମେଡ଼ିକାଲ ଟିମ ବନ୍ୟା ବିପନ୍ନ ଲୋକଙ୍କ ପାଖରେ ପହଁଚି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସାର ଯୋଗାଣ ତ୍ୱରାନ୍ୱିତ

- ନିୟମିତ ସ୍ଥିତିର ସମୀକ୍ଷା କରୁଛନ୍ତି ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ
- କଳାବଜାରୀ ଉପରେ ରୋକ ପାଇଁ ଏନଫୋର୍ସମେଣ୍ଟ ଟିମର ଚଢ଼ାଉ
- ୩୦ ଦୋକାନ ବିକ୍ରୟ ବନ୍ଦ, ୬୨ଟି ଡିଲର ଲାଇସେନ୍ସକୁ ବାତିଲ



ଭୁବନେଶ୍ୱର (ସଞ୍ଚାର ବ୍ୟୁରୋ) : ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟକୁ ସାର ଯୋଗାଣ ସ୍ଥିତି ତ୍ୱରାନ୍ୱିତ କରାଯାଇଛି । ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଅଛି । କିନ୍ତୁ ରାଜ୍ୟରେ ସାରର କୃତ୍ରିମ ଅଭାବ ଦର୍ଶାଇ ଚାଷୀଙ୍କୁ କୌଣସି ପ୍ରକାର ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରି ଭୟଭୀତ ନ କରିବାକୁ ବିଭାଗ ତରଫରୁ ଅନୁରୋଧ କରାଯାଇଛି ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ୨୦୨୫ ପାଇଁ ୫୮.୫୦ ଲକ୍ଷ ହେକ୍ଟର ଖରିଫ ଫସଲ ଯୋଜନା (ଧାନ-୩୪.୯୪ ଲକ୍ଷ ହେକ୍ଟର ଏବଂ ଅଣ-ଧାନ ଫସଲ- ୨୩.୫୬ ଲକ୍ଷ ହେକ୍ଟର) ରହିଛି। ତଦନୁସାରେ, ରାଜ୍ୟକୁ ଆବଣ୍ଟନ ପାଇଁ ୧୦ ଲକ୍ଷ ମେଟ୍ରିକ ଟନ୍ ସାର ଯୋଗାଣ ଯୋଜନା ପ୍ରସ୍ତୁତ କରାଯାଇ ଭାରତ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ଭାରତ ସରକାର ଖରିଫ ଋତୁ ପାଇଁ ମାସିକ ଫସଲ କଭରେଜ ଉପରେ ଆଧାର କରି ରାଜ୍ୟକୁ ବିଭିନ୍ନ ଗ୍ରେଡର ୯.୫୫ ଲକ୍ଷ ମେଟ୍ରିକ ଟନ୍ ସାର ଆବଣ୍ଟନ କରିଥିଲେ। ଖରିଫ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ରାଜ୍ୟ ପକ୍ଷରୁ ମାର୍କଫେଡ଼, ପାକ୍ସ, ଲ୍ୟାମ୍ପସ, ଖୁଚୁରା ଡିଲରମାନଙ୍କ ନିକଟରେ ବିଭିନ୍ନ ସାର ଉପଲବ୍ଧ କରାଇବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏପ୍ରିଲ ୧ ତାରିଖ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ୨.୯୪ ଲକ୍ଷ ମେଟ୍ରିକ୍ ଟନ୍ ସାର ମହଜୁଦ କରାଯାଇଥିଲା। ଯୋଜନା ଅନୁଯାୟୀ, ଅଗଷ୍ଟ ମାସ ଶେଷ ସୁଦ୍ଧା ଓଡ଼ିଶାକୁ ୮.୭୦ ଲକ୍ଷ ମେଟ୍ରିକ୍ ଟନ୍ ସାର ମିଳିବା ଉଚିତ। ଏଥିମଧ୍ୟରୁ ରାଜ୍ୟ ପୂର୍ବରୁ ୮.୧୦ ଲକ୍ଷ ମେଟ୍ରିକ୍ ଟନ୍ ସାର ପାଇସାରିଛି ଯାହା ଦ୍ୱାରା ମୋଟ ସାରର ଉପଲବ୍ଧତା ୧୧.୦୪ ଲକ୍ଷ ମେଟ୍ରିକ୍ ଟନ୍। ସେ ମଧ୍ୟରୁ ୮.୪୬ ଲକ୍ଷ ମେଟ୍ରିକ ଟନ୍ ବିଭିନ୍ନ ଗ୍ରେଡ୍ ସାର ଚାଷୀମାନଙ୍କୁ ବିକ୍ରୟ କରାଯାଇଛି ଏବଂ ଆଜି ସୁଦ୍ଧା ବିଭିନ୍ନ ଜିଲ୍ଲାରେ ୨.୫୬ ଲକ୍ଷ ମେଟ୍ରିକ ଟନ୍ ସାର ଉପଲବ୍ଧ ଅଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କେନ୍ଦ୍ର ସରକାର, ନିର୍ମାତା, ମାର୍କଫେଡ଼ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହିତ ସମନ୍ୱୟ ରଖି ଖରିଫ କାର୍ଯ୍ୟ ଉପରେ ଆଧାରିତ ପର୍ଯ୍ୟାପ୍ତ ପରିମାଣର ଯୋଗାଣ ପାଇଁ ଯୋଜନା ପୂର୍ବରୁ ପ୍ରସ୍ତୁତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସାର ଯୋଗାଣ ସ୍ଥିତିର ନିୟମିତ ସମୀକ୍ଷା କରୁଛନ୍ତି । ମାର୍କଫେଡ୍‌କୁ ପର୍ଯ୍ୟାପ୍ତ ପରିମାଣରେ ଯୋଗାଣ କରିବାକୁ ମଧ୍ୟ ସାର ନିର୍ମାତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଜିଲ୍ଲାରେ ୧୧୬୯୨ ମେଟ୍ରିକ ଟନ୍ ୟୁରିଆ ପହଞ୍ଚିବା ପାଇଁ ପରିବହନରେ ଅଛି। ଏହା ଆସନ୍ତା ଦୁଇଦିନ ମଧ୍ୟରେ ପାକ୍ସ ଏବଂ ଲ୍ୟାମ୍ପସରେ ପହଞ୍ଚିବ ।

# ୱାନ୍ ନେସନ୍ ୱାନ୍ କାର୍ଡ଼ ସ୍ରୋତରେ ଓଡ଼ିଶା

- କ୍ରୁଟ୍‌ର ବିଭିନ୍ନ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଜନ ପରିବହନ ସେବାରେ ଡିଜିଟାଲ୍ ପାସ୍
- ହ୍ୱାଟ୍ସଆପ୍ ଆଧାରରେ ସିଟ୍ ରିଜର୍ଭେସନ
- ଓଡ଼ିଶା ଯାତ୍ରୀ ଆପ୍ ମାଧ୍ୟମରେ ଆମ ବସ୍ ଟିକେଟ୍ ବିକଳ୍ପ
- ବସ୍‌ଷ୍ଟାଣ୍ଡ ଓ ଷ୍ଟେସନରେ ମିଳିବ ଏନ୍‌ସିଏମ୍‌ସି କାର୍ଡ଼




ଭୁବନେଶ୍ୱର: ୩୧।୮(ସଂଚାର ବ୍ୟୁରୋ): ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ସେବାର ଶୁଭାରମ୍ଭ କରିଛନ୍ତି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅନ୍ତର୍ଗତ କ୍ୟାପିଟାଲ ରିଜନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଆମ ବସ୍ ସେବାରେ ସାଧାରଣ ଯାତ୍ରୀଙ୍କ ପାଇଁ ବିଭିନ୍ନ ସୁବିଧାମୂଳକ ସେବା ଆରମ୍ଭ ହୋଇଛି। ଯାହାଦ୍ୱାରା ରାଜ୍ୟ ଜନ ପରିବହନରେ ସୁଗମ ଏବଂ ଏକ ସମ୍ମାନଜନକ ଯାତ୍ରାର ଲାଭ ଉଠାଇ ପାରିବେ ସମସ୍ତ ବର୍ଗର ଯାତ୍ରୀ।

ଏହି ଅବସରରେ ରାଜ୍ୟ ସରକାର 'ଜାତୀୟ ଏକକ ଗମନାଗମନ କାର୍ଡ଼'ର ଲୋକାର୍ପଣ କରିଛନ୍ତି। ସେଭଳି ଆମ ବସ୍ ପାଇଁ ହ୍ୱାଟ୍ସ ଆପ୍ ଆଧାରିତ ଟିକେଟ୍ ବୁକିଂ ଏବଂ ଡିଜିଟାଲ୍ ଟିକେଟ୍ କ୍ରେତାଙ୍କୁ ରିହାତି ପ୍ରଦାନ କରିଛନ୍ତି। ଏହି ସୁବିଧା ମାଧ୍ୟମରେ ମହିଳା ଯାତ୍ରୀମାନଙ୍କ ପାଇଁ ଡିଜିଟାଲ ଟିକେଟିଂରେ ୧୫ ପ୍ରତିଶତ ରିହାତି ଏବଂ ସାଧାରଣ ଯାତ୍ରୀମାନଙ୍କୁ ୧୦% ରିହାତି ମିଳିବ। ସେଭଳି ଡ଼ିଜିଟାଲ୍ ପାସ୍ ବ୍ୟବସ୍ଥା ଅନ୍ୟ ସହରକୁ ସମ୍ପ୍ରସାରଣ କରାଯାଇଛି। ଯାହାଦ୍ୱାରା ବ୍ରହ୍ମପୁର, ସମ୍ବଲପୁର ଏବଂ ରାଉରକେଲା ସହରର ଯାତ୍ରୀମାନେ ଏହି ସୁବିଧାର ଲାଭ ଉଠାଇପାରିବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜନସାଧାରଣଙ୍କ ଯାତାୟାତକୁ ସରଳ କରିବା ପାଇଁ ଆରମ୍ଭ ହୋଇଥିବା 'ୱାନ୍ ନେସନ୍ ୱାନ୍ କାର୍ଡ଼' ସ୍ରୋତରେ ଆଜି ଓଡ଼ିଶା ସାମିଲ୍ ହୋଇଛି। ଓଡ଼ିଶାରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏବଂ ଏୟାର୍‌ଟେଲ୍ ପେମେଣ୍ଟ ବ୍ୟାଙ୍କ୍‌ର ମିଳିତ ସହଯୋଗରେ ଏହା ସଫଳ ହୋଇଛି। ଏହି ଗୋଟିଏ କାର୍ଡ଼ ବ୍ୟବହାର କରି ଓଡ଼ିଶା ରାଜ୍ୟ ଏବଂ ଭାରତର ଅନ୍ୟାନ୍ୟ ବଡ଼ବଡ଼ ସହରରେ ମଧ୍ୟ ଯାତ୍ରୀମାନେ ସହଜରେ ଯାତ୍ରା କରିପାରିବେ। କାର୍ଡ଼ ମୂଲ୍ୟ- ୫୦ ଟଙ୍କା, ପରବର୍ତ୍ତୀ ସମୟରେ ଏହାର ରି ଇସ୍ୟୁଆନ୍ସ ମୂଲ୍ୟ- ୨୦୦ ଟଙ୍କା ରହିଥିବା ବେଳେ ଏହାର ବୈଧତା ୫ ବର୍ଷ ରହିଛି।

ଜନ ପରିବହନ ସେବାରେ ଡ଼ିଜିଟାଲୀକରଣକୁ ପ୍ରୋତ୍ସାହନ ଦେବାକୁ ଯାଇ କ୍ରୁଟ୍ ଏହାର ପାସ୍ ସିଷ୍ଟମ୍‌କୁ ପୁନର୍ଗଠନ କରିଛି। ଆମ ବସ୍ ମୋବାଇଲ୍ ଆପ୍ଲିକେସନ୍‌ରେ ଯେଉଁଭଳି ଭାବେ ଅନ୍‌ଲାଇନ୍ ପାସ୍ ବ୍ୟବହାର କରୁଥିଲେ ତାହା ପୂର୍ବଭଳି ଅକ୍ଷୁର୍ଣ୍ଣ ରହିବ। ଯେଉଁ ଯାତ୍ରୀମାନେ ମୋବାଇଲ୍ ବ୍ୟବହାର କରୁନାହାନ୍ତି କିମ୍ବା ଆଣ୍ଡ୍ରଏଡ୍ ମୋବାଇଲ୍ ନାହିଁ ସେମାନେ ଏହି କାର୍ଡ଼ରେ ପାସ୍ ବ୍ୟବହାର କରିପାରିବେ। ଏହି ପାସ୍ ଆମବସ୍ ଚଳାଚଳ କରୁଥିବା ସମସ୍ତ ସହରରେ ଉପଲବ୍ଧ ହେବ। ଯାହା ଯାତ୍ରାକୁ ଅଧିକ ସରଳ କରିବ।

ଆମ ବସ୍ ଟିକେଟ୍ ପାଇଁ ହ୍ୱାଟ୍ସଆପ୍ ଟିକେଟିଂ ସେବାର ଶୁଭାରମ୍ଭ ହୋଇଛି। ଅତି ସହଜରେ ଜଣେ ଯାତ୍ରୀ କୌଣସି ସମୟରେ ମଧ୍ୟ ଆମ ବସ୍ ଟିକେଟ୍ ବୁକ୍ କରିପାରିବେ। ହ୍ୱାଟ୍‌ସଆପ୍‌ରେ କ୍ୟାପିଟାଲ୍ ରିଜନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ ସର୍ଚ୍ଚ କରି କିମ୍ବା ୯୦୭୮୦୫୦୨୧୮ ନମ୍ବରରେ କୌଣସି ଏକ ମେସେଜ୍ ପଠାଇ ଅତି ସହଜରେ ଆମ ବସ୍ ଟିକେଟ୍ ବୁକ୍ କରିପାରିବେ।

ଏବେ ଓଡ଼ିଶା ଯାତ୍ରୀ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ମଧ୍ୟ ଆମ ବସ୍ ଟିକେଟ୍ ବୁକିଂ କରିହେବ। ଏହାଦ୍ୱାରା ଯାତ୍ରୀମାନଙ୍କ ପ୍ରତ୍ୟେକ ଯାତ୍ରାକୁ ଅଧିକ ସୁବିଧାଜନକ ଯାତ୍ରା ଅନୁଭୂତି ପ୍ରଦାନ କରିବ।

ସାଧାରଣତଃ ଭୁବନେଶ୍ୱର କ୍ରୁଟ୍ ମୁଖ୍ୟ କାର୍ଯ୍ୟାଳୟ (ପଟିଆ), ବିଏସ୍‌ଏବିଟି ଏବଂ ଓଡ଼ି ଟର୍ମିନାଲ୍ ମାଷ୍ଟରକ୍ୟାଣ୍ଟିନ୍, କଟକ ସିଏନ୍‌ବିଟି, ପୁରୀ ବସ୍ ଷ୍ଟାଣ୍ଡ, ରାଉରକେଲା ବସ୍‌ଷ୍ଟାଣ୍ଡ, ସମ୍ବଲପୁର ଅଇଁଠାପାଲି ବସ୍‌ଷ୍ଟାଣ୍ଡ, ବ୍ରହ୍ମପୁର ରେଳ ଷ୍ଟେସନ୍‌ରେ ଏନ୍‌ସିଏମ୍‌ସି କାର୍ଡ଼ କ୍ରୟ କରିପାରିବେ ଯାତ୍ରୀ। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପଗୁଡ଼ିକ ଆଧୁନିକ ସହରାଞ୍ଚଳ ଗତିଶୀଳତା ପ୍ରତି ପ୍ରତିବଦ୍ଧତା ଏବଂ ବିକଶିତ ଓଡ଼ିଶା, ବିକଶିତ ଭାରତ ଗଠନ ଦିଗରେ ଏକ ମୁଖ୍ୟ ପଦକ୍ଷେପ।

# ମଧୁମେହ ମୁକାବିଲା ପାଇଁ ସାମୂହିକ ସଚେତନତା ଜରୁରୀ




ଭୁବନେଶ୍ୱର, ୩୧।୮(ସଂଚାର ବ୍ୟୁରୋ): ସାମ୍ପ୍ରତିକ ସମୟରେ ମଧୁମେହ ରୋଗ ଏକ ଗମ୍ଭୀର ଜନସ୍ୱାସ୍ଥ୍ୟ ଆହ୍ୱାନ ଭାବେ ଉଭା ହୋଇଛି। ନୀରବ ଘାତକ ମଧୁମେହ ରୋଗର ମୁକାବିଲା ପାଇଁ ସାମୂହିକ ସଚେତନତା ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି । ରବିବାର ଏସସିବି ମେଡିକାଲ କଲେଜ, କଟକର ସେଣ୍ଟ୍ରାଲ ଅଡିଟୋରିୟମ ଠାରେ ରିସର୍ଚ୍ଚ ସୋସାଇଟି ଫର ଦି ଷ୍ଟଡି ଅଫ ଡାଇବେଟିସ ଇନ ଇଣ୍ଡିଆ , ଓଡ଼ିଶା ଚାପ୍ଟରର ୧୩ତମ ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ରାଜ୍ୟପାଳ ଉଦବୋଧନ ଦେଇ ସମାଜର ସମସ୍ତ ବର୍ଗର ଜନସାଧାରଣ ସୁସ୍ଥ ଜୀବନଶୈଳୀ ଆପଣେଇ ସ୍ୱାସ୍ଥ୍ୟ ସଚେତନାର ସଂସ୍କୃତି ସୃଷ୍ଟି ପାଇଁ ସାମୂହିକ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଛନ୍ତି। ଏହି ରୋଗର ଜଟିଳତା ହୃଦରୋଗ ଏବଂ ବୃକକ ବିଫଳତାରୁ ଆରମ୍ଭ କରି ଦୃଷ୍ଟିଶକ୍ତି ହ୍ରାସ ଏବଂ ନ୍ୟୁରୋପାଥି ଇତ୍ୟାଦି ସମସ୍ୟା ସୃଷ୍ଟିର କାରଣ ହୋଇଥାଏ ଏବଂ ଜରୁରୀ ଚିକିତ୍ସା ଆବଶ୍ୟକ ହୋଇଥାଏ ବୋଲି କହିଥିଲେ। ସମାରୋହରେ ଆପୋଲୋ ହସ୍ପିଟାଲ ହାଇଦ୍ରାବାଦର ବରିଷ୍ଠ ପରାମର୍ଶଦାତା ଡ଼ା ସିଏଚ ବସନ୍ତ କୁମାର, ଆରଏସଏସଡିଆଇ ଓଡ଼ିଶାର ପୃଷ୍ଠପୋଷକ ପ୍ରଫେସର ଡ଼ା ସିଦ୍ଧାର୍ଥ ଦାଶ, ଆରଏସଏସଡିଆଇ ଓଡ଼ିଶାର ଚେୟାରମ୍ୟାନ ଡ଼ା ରମେଶ କୁମାର ଗୋଏଙ୍କା ଏବଂ ସମ୍ପାଦକ ଡ଼ା ସୁରେଶ କୁମାର ବଂଶଲ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସାଂଗଠନିକ ଚେୟାରମ୍ୟାନ ପ୍ରଫେସର ଡ଼ା ଜୟନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ସାଂଗଠନିକ ସମ୍ପାଦକ ଡ଼ା ଦେବାର୍ଚ୍ଚନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜୀବନବ୍ୟାପୀ କୃତିତ୍ୱ ପାଇଁ ପ୍ରଫେସର ଡ଼ା ସିଦ୍ଧାର୍ଥ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସଲିମ ଖାନ୍‌ଙ୍କ ମାତୃ ବିୟୋଗରେ କେନ୍ଦ୍ରାପଡ଼ା ସାଂସଦଙ୍କ ଶୋକପ୍ରକାଶ



କେନ୍ଦ୍ରାପଡ଼ା,୨୮।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ପୌରାଞ୍ଚଳର ବିଜେପି ନେତା ସଲିମ ଖାନ୍‌ଙ୍କ ମାତୃ ବିୟୋଗ ଘଟିଥିବାରୁ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବାକୁ ହେଲିକପ୍ଟର ଯୋଗେ ଭୁବନେଶ୍ୱରରୁ ଫକିରାବାଦ ସ୍ଥିତ ସଲିମ ଖାନ୍‌ଙ୍କ ବାସଭବନକୁ ଆସିଥିଲେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା। ଶ୍ରୀ ପଣ୍ଡ ଶୋକସନ୍ତପ୍ତ ପରିବାର ସଦସ୍ୟମାନଙ୍କୁ ଭେଟି ଏହି ବିପଦ ସମୟରେ ସେମାନଙ୍କ ସାହାଯ୍ୟ ସହଯୋଗର ହାତ ବଢ଼ାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେ କହିଥିଲେ ସ୍ୱର୍ଗତା ସୁରମନ ବିବି ଜଣେ ସମାଜସେବୀ ଥିଲେ। ସେ ତାଙ୍କ ଜୀବନରେ ଅନେକ ସାମାଜିକ କାର୍ଯ୍ୟ କରିଥିବାରୁ ତାଙ୍କ ଅବଦାନ ସମଗ୍ର କେନ୍ଦ୍ରାପଡ଼ା ସହରରେ ବେଶ ଲୋକପ୍ରିୟ। ଏଭଳି ଜଣେ ମହିୟସୀ ମହିଳାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ ମର୍ମାହତ ବୋଲି ସାଂସଦ କହିଥିଲେ। ଏହି ଅବସରରେ ସାଂସଦ ଶ୍ରୀ ପଣ୍ଡାଙ୍କ ସହ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀଙ୍କ ସମେତ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ବାର୍ଡ ଫ୍ଲୁ ପାଇଁ ସୁରକ୍ଷା ବଳୟ ମଧ୍ୟରେ ନନ୍ଦନକାନନ

ଭୁବନେଶ୍ୱର,୩୧।୮ (ସଂଚାର ବ୍ୟୁରୋ) : ରାଜଧାନୀରେ ବ୍ୟାପୁଛି ବାର୍ଡ ଫ୍ଲୁ। ବାର୍ଡ ଫ୍ଲୁ ପାଇଁ ସୁରକ୍ଷା ବଳୟ ମଧ୍ୟରେ ନନ୍ଦନକାନନ ପ୍ରାଣୀଉଦ୍ୟାନ। ନନ୍ଦନକାନନ ପ୍ରାଣୀଉଦ୍ୟାନରେ ସତର୍କତା ମୂଳକ ପଦକ୍ଷେପ ନିଆଯାଇଛି। ନନ୍ଦନକାନନର ଉନ୍ନତି କାର୍ଯ୍ୟ ଚାଲୁ ରହିଥିବାରୁ ପୂର୍ବରୁ ହୋଇଥିବା ବାର୍ଡ ଫ୍ଲୁକୁ ଦୃଷ୍ଟିରେ ରଖି ପାଦଚଲା ବିହଙ୍ଗ ସାରଣୀକୁ ବହୁ ପୂର୍ବରୁ କର୍ତ୍ତୃପକ୍ଷ ବନ୍ଦ ରଖାଯାଇଛି। ଜନ୍ତୁ ରକ୍ଷକଙ୍କ ଠାରୁ ଆରମ୍ଭ କରି ଖାଦ୍ୟ ନେଇ ଆସୁଥିବା ଯାନ ଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ସାନିଟାଇଜ କରାଯାଉଛି । ଯାହାକୁ ନେଇ ବାର୍ଡ ଫ୍ଲୁ ପ୍ରତି କୌଣସି ଭୟଭୀତ ନ ହେବାକୁ ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗତକାଲି ବାର୍ଡ ଫ୍ଲୁ ପାଇଁ ରାଜଧାନୀ ଦିଲ୍ଲୀ ଚିଡ଼ିଆଖାନାକୁ ପର୍ଯ୍ୟଟକଙ୍କ ପାଇଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଚିଡ଼ିଆଖାନାରେ ଦୁଇଟି ସାରସ ପକ୍ଷୀଙ୍କ ମୃତ୍ୟୁ ପରେ ତାଙ୍କର ସାମ୍ପଲରୁ ଏଚ୍୫ଏନ୍୧ ଭାଇରସ୍ ଥିବା ଜଣା ପଡିଥିଲା । ଜନ୍ତୁ ରକ୍ଷକ ଓ ପର୍ଯ୍ୟଟକଙ୍କ ପାଇଁ ବିପଦକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଛି।

# ବନ୍ୟା ପରିସ୍ଥିତି ସାଙ୍ଘାତିକ: ଆଳି ଓ ରାଜକନିକା ଜଳବନ୍ଦୀ



କେନ୍ଦ୍ରାପଡ଼ା,୩୧।୮ (ସଂଚାର ବ୍ୟୁରୋ) : ଚାଷୀଙ୍କ ପାଇଁ ବଇରି ସାଜିଛି ବନ୍ୟା। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଓ ରାଜକନିକା ଅଞ୍ଚଳରେ ଥରକୁ ଥର ବନ୍ୟା ଆସି ଚାଷୀଙ୍କ ଅଣ୍ଟା ଭାଙ୍ଗି ସାରିଲାଣି। ଦୁଇ ଦୁଇ ଥର ବନ୍ୟା ପରେ କିଛି ଦିନ ହେବ ଲଗାଣ ବର୍ଷାରେ ଆଳି ବ୍ଲକରେ ତୃତୀୟ ଥର ବନ୍ୟା ଆସିଛି । ଫଳରେ ଧନଜୀବନ ଧରାଶାୟୀ ହୋଇ ପଡ଼ିଛି । ବନ୍ୟା ଯୋଗୁଁ ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇ ପଡ଼ିଥିବା ବେଳେ ପାଣି ଘେରରେ ବନ୍ଦୀ ହୋଇ ରହିଛନ୍ତି ୩ଟି ବ୍ଲକ ସମେତ ଗୋଟିଏ ମ୍ୟୁନିସିପାଲିଟିର ଲୋକ ।

ବନ୍ୟାରେ ବ୍ରାହ୍ମଣୀ, ଖରସ୍ରୋତା ଓ ଏହାର ଶାଖା ନଦୀ କାଣୀରେ ବନ୍ୟାଜଳ ଆସିବା ଫଳରେ ଆଳି ବ୍ଲକର ୧୭ଟି ପଞ୍ଚାୟତର ୭୫ ହଜାର ଲୋକେ ଜଳବନ୍ଦୀ ହୋଇଛନ୍ତି । ଏହାସହ ୧୦ ହଜାରରୁ ଅଧିକ ହେକ୍ଟର ଚାଷ ଜମି ବୁଡି ରହିଛି । ବିଶେଷ କରି ଜିଲ୍ଲାର ଧୋୟା ଅଞ୍ଚଳର ୧୦ ପଞ୍ଚାୟତର ଲୋକେ ଆଳି ବ୍ଲକକୁ ଆସିବା ପାଇଁ ମାନପୁର-ଗୋବିନ୍ଦପୁର ମୁଖ୍ୟରାସ୍ତା ବ୍ୟବହାର କରନ୍ତି । ହେଲେ ଏହି ରାସ୍ତା ଉପରେ ଏବେ ୬ ଫୁଟ ଉଚ୍ଚରେ ବନ୍ୟା ପାଣି ପ୍ରବାହିତ ହେଉଛି। ଅଞ୍ଚଳର ଲୋକମାନଙ୍କ ପାଇଁ ଡ଼ଙ୍ଗା ବର୍ତ୍ତମାନ ଯାତାୟତର ଏକମାତ୍ର ମାଧ୍ୟମ ପାଲଟିଛି । ବନ୍ୟା ଆସିବାରୁ ଆଜିକୁ ୪ ଦିନ ହେବ ଆଳି ଧୋୟା ଅଞ୍ଚଳର ଗୋବିନ୍ଦପୁର, ଜୁଆଣିଆ, ଏରଡ଼ଙ୍ଗ, ପାଳିମି, କେତୁଆପାଳ, ସଂସିଧା, ଡ଼ିମିରିପାଳ, ଦେସାହି, ଅର୍ଗଳ, ପେତପଡ଼ା ଆଦି ୧୦ ପଞ୍ଚାୟତ ସମେତ ପଦିନିପାଳ, କୋଲଢିଅ, ଏକମାଣିଆ, ନରେନ୍ଦ୍ରପୁର, ମାଣିକପାଟଣା, ବଡାମ୍ବିଳା, ନୂଆପଡ଼ା ପଞ୍ଚାୟତର ବହୁ ଗ୍ରାମ ପାଣି ଘେରରେ ରହିଛି । ଗୃହପାଳିତ ପଶୁ ଜଳବନ୍ଦୀରେ ଜୀବନ ବିତାଉଛନ୍ତି । ଆଳି ବ୍ଲକ ନୂଆପଡା ଗ୍ରାମପଞ୍ଚାୟତର ୧୪ନଂ ଓ ୧୫ନଂ ୱାର୍ଡର ୭୦ ଘରର ପାଖାପାଖି ୩ ଶହରୁ ଅଧିକ ଲୋକ ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ପରେ ଜଳବନ୍ଦୀ ଭାବେ ଜୀବନଯାପନ କରୁଛନ୍ତି । ଆଳି ବ୍ଲକର ପଦିନିପାଳ ପଞ୍ଚାୟତର ଦୁଇଟି ରାଜସ୍ୱ ଗ୍ରାମ ପଦିନିପାଳ ଓ ଦୈତାରୀପୁର ଗ୍ରାମର ୧୪ଟି ୱାର୍ଡରେ ୭ ଶହରୁ ଅଧିକ ପରିବାର ଜଳବନ୍ଦୀ ଜୀବନ ବିତାଉଛନ୍ତି । ସେହିପରି ଭୂଇଁପୁର ପଞ୍ଚାୟତର କଳମଡା ଶାସନ ଗ୍ରାମରେ ଗୋଟିଏ ୱାର୍ଡର ୨ ଶହରୁ ଉର୍ଦ୍ଧ୍ୱ ପରିବାରର ଆଜିକୁ ୩ ଦିନ ହେବ ଚତୁଃପାର୍ଶ୍ୱରୁ ଘେରି ରହିଛି ବନ୍ୟା । ଖରସ୍ରୋତା ଓ ଏହାର ଶାଖା ନଦୀ କାଣୀ ନଦୀରେ ବନ୍ୟା ଆସିବା ଯୋଗୁଁ ଗ୍ରାମକୁ ଏକ ମାତ୍ର ରାସ୍ତା ବନ୍ୟାଜଳରେ ବୁଡ଼ି ରହିଛି।

# ବଣାଇ ରେଞ୍ଜରେ ବାଘ ପାଦ ଚିହ୍ନ ଠାବ



ସୁନ୍ଦରଗଡ଼,୩୧।୮ (ସଂଚାର ବ୍ୟୁରୋ) : ବଣାଇରେ ବାଘ । ସୁନ୍ଦରଗଡ଼ ଜିଲ୍ଲା ବଣାଇ ରେଞ୍ଜରେ ବାଘ ପାଦ ଚିହ୍ନ ଠାବ। ବେଲଡ଼ିହି ଜଙ୍ଗଲରେ ଏକ ବାଘର ପାଦ ଚିହ୍ନ ପଡିଛି । ମହାବଳ ବାଘ କି କଲରାପତରିଆ ତାହା ଜଣାପଡିନାହିଁ । ବାଘର ପାଦ ଚିହ୍ନକୁ ଦେଖି ବନବିଭାଗକୁ ଖବର ଦେଇଥିଲେ ସ୍ଥାନୀୟ ଲୋକ । ଲୋକଙ୍କୁ ସତର୍କ କରିବା ସହ ପାଟ୍ରୋଲିଂକୁ କଡାକଡି କରିଛି ବନବିଭାଗ ।

# ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଅସୁସ୍ଥ



କଟକ, ୩୧।୮(ସଂଚାର ବ୍ୟୁରୋ): ଓଡ଼ିଆ ସଙ୍ଗୀତ ଜଗତର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଓ ସଂଗୀତକାର ଅଭିଜିତ ମଜୁମଦାର ଅସୁସ୍ଥ ହୋଇ କଟକର ସିଡିଏ ସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି। ଏହା ସଙ୍ଗୀତ ପ୍ରେମୀଙ୍କୁ ଚିନ୍ତିତ କରିଛି।ଅଭିଜିତ ମଜୁମଦାର, ଯିଏ ଓଲିଉଡ୍ ରେ 'ମେଲୋଡି କିଙ୍ଗ୍' ନାମରେ ପରିଚିତ, ସମ୍ବଲପୁରୀ ସଙ୍ଗୀତ ଜଗତରୁ ଆରମ୍ଭ କରି ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଥିଲେ। ସେ ୨୦୦୦ ମସିହାରେ ତାଙ୍କର ପ୍ରଥମ ଫିଲ୍ମ 'କାସିଆ କପିଳା'ରେ ସଙ୍ଗୀତ ନିର୍ଦ୍ଦେଶନା କରି ପ୍ରବେଶ କରିଥିଲେ। ତାଙ୍କ ପ୍ରସିଦ୍ଧ ଫିଲ୍ମମାନଙ୍କ ମଧ୍ୟରେ 'ତୋ ବିନା ଭଲ ଲାଗେନା' (୨୦୦୮), 'ତୁ ଥାଆ ମୁଁ ଯାଉଛି ରୁଷି' (୨୦୧୦), 'ମ୍ୟାଟ୍ରିକ୍ ଫେଲ୍' (୨୦୧୨), 'ଲଭ୍ ହେଲା ଏମିତି ରେ' (୨୦୧୩), 'ପୁଣି ଦେଖା ହେବ ଆର ଜନ୍ମରେ' (୨୦୧୪), 'ଲଭ୍ ଷ୍ଟେସନ୍' (୨୦୧୬), 'ସିଷ୍ଟର ଶ୍ରୀଦେବୀ' (୨୦୧୭) ଏବଂ 'ସୁନା ପିଲା ଟିକେ ସ୍କୁ ଢିଲା' (୨୦୧୭) ଆଦି ରହିଛି।

# ଜଙ୍ଗଲରୁ ମିଳିଲା ଅର୍ଦ୍ଧଦଗ୍ଧ ଗଳିତ ମୃତଦେହ

ସୁନ୍ଦରଗଡ , ୩୧।୮(ସଂଚାର ବ୍ୟୁରୋ): ଜଙ୍ଗଲରେ ଅର୍ଦ୍ଧଦଗ୍ଧ ଗଳିତ ମୃତଦେହ। ସୁନ୍ଦରଗଡ କୋଇଡା ଥାନା କାଶୀରା ଗାଁ ନିକଟସ୍ଥ ବ୍ରାହ୍ମଣୀପାଟ ମେଢ ଜଙ୍ଗଲରେ ପଡିଛି ମୃତଦେହ । ମୃତଦେହ ନିକଟରେ ପଡିଛି ଡିଜେଲ ଡବା, ଦିଆସିଲ ଓ ଚପଲ। ତେବେ ତାଙ୍କୁ ହତ୍ୟା କରାଯାଇଛି କାରଣ ଅସ୍ପଷ୍ଟ ରହିଛି । ଜଙ୍ଗଲରୁ ଦୁର୍ଗନ୍ଧ ଆସୁଥିବାରୁ ଗାଁ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରୁଛନ୍ତି । ତେବେ ମୃତଦେହ ଜଳିଯାଇଥିବାରୁ ଚିହ୍ନଟ କରାଯାଇପାରିନି । ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ହେରୋଇନ୍ ଜବତ, ଜଣେ ଗିରଫ



କଟକ ,୩୧।୮ (ସଂଚାର ବ୍ୟୁରୋ) : ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ହେରୋଇନ୍ ଜବତ୍। କଟକ ମାଲଗୋଦାମ ଥାନା ଅନ୍ତର୍ଗତ କଲେଜ୍ ଛକ ରୋଡ ବମ୍ବେ ହୋଟେଲ ନିକଟରୁ ଜବତ୍ କରିଛି ଜିଲ୍ଲା ଅବକାରୀ ସ୍କ୍ୱାଡ୍। ଜବତ୍ ହେରୋଇନ୍ ହେଉଛି ୪୩ ଗ୍ରାମ । ଏହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଜଣାଯାଇଛି। ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୋଲିସ । ଏକ ବାଇକ୍ ମଧ୍ୟ ଜବତ୍ ହୋଇଛି । ଗିରଫ ଅଭିଯୁକ୍ତ ହେଉଛି ଯୋବ୍ରା ଟିଣପିଟା ସାହିର ଶେଖ୍ କଲିମ୍ । ଆଜି ସକାଳ ସମୟରେ ରେଡ କରିଥିଲା ଅବକାରୀ ବିଭାଗ । ଏହି ବେପାର କେମିତି ଚାଲିଛି ଓ ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ସେ ନେଇ ତଦନ୍ତ କରୁଛି ପୋଲିସ ।

# ରେଳ ଲାଇନରେ ୟୁଟ୍ୟୁବରଙ୍କ ମୃତଦେହ

ଭୁବନେଶ୍ୱର,୩୧।୮ (ସଂଚାର ବ୍ୟୁରୋ) : ରେଳ ଲାଇନରେ ୟୁଟ୍ୟୁବରଙ୍କ ମୃତଦେହ । ଭୁବନେଶ୍ୱର ପଳାସପଲ୍ଲୀ ନିକଟ ରେଳ ଲାଇନରେ ଯୁବକଙ୍କ ମୃତଦେହ ପଡିଛି । ବ୍ରିଜ୍ ଉପରେ ରହିଛି ଗାଡି । ହତ୍ୟା ନା ଜୀବନ ହାରିଛନ୍ତି ତାହା ଜଣାପଡିନାହିଁ । ବାଇକରେ ଷ୍ଟଣ୍ଟ କରି ଲୋକଙ୍କ ମନୋରଞ୍ଜନ କରୁଥିଲେ ସନ୍ଦୀପ। ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଛି ଭୁବନେଶ୍ୱର ଜିଆରପି । ସନ୍ଦୀପଙ୍କ ମୃତ୍ୟୁ କିପରି ହୋଇଛି ତାହା ଜଣାପଡ଼ି ନ ଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ତାଙ୍କ ମୋବାଇଲ ଫୋନର ଶେଷ କଲ୍‌କୁ ନେଇ ପୋଲିସ ଖୋଳତାଡ଼ କରୁଥିବା ସୂଚନା ମିଳିଛି । ସନ୍ଦୀପଙ୍କ ମୃତ୍ୟୁ ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

## ସର୍ବଭାରତୀୟ ସ୍ତରରେ ଡିଜିଲକର ଏବଂ ଇ-ଡିଷ୍ଟ୍ରିକ୍ଟ ପ୍ଲାଟଫର୍ମ

# ସାମିଲ ହେଲା ୨ ହଜାର ଇ-ସରକାରୀ ସେବା




- ୨୫୪ ସେବା ପ୍ରଦାନ କରି ମହାରାଷ୍ଟ୍ର ସର୍ବାଗ୍ରେ
- ଓଡ଼ିଶାରେ ଉପଲବ୍ଧ ହେଉଛି ୩୭ଟି ଇ-ସେବା

ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ): ଡିଜିଲକର ଏବଂ ଇ-ଡିଷ୍ଟ୍ରିକ୍ଟ ପ୍ଲାଟଫର୍ମରେ ଇ-ଗଭର୍ଣ୍ଣାନ୍ସ ସେବାର ଏକୀକରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଅଧୀନ ଜାତୀୟ ଇ-ଗଭର୍ଣ୍ଣାନ୍ସ ଡିଭିଜନ ସର୍ବଭାରତୀୟ ସ୍ତରରେ ପ୍ରାୟ ୨ ହଜାରଟି ଇ-ସରକାରୀ ସେବାକୁ ଏହି ଦୁଇଟି ପ୍ଲାଟଫର୍ମରେ ସାମିଲ କରିଛି। ଏହା ଡିଜିଟାଲ ଇଣ୍ଡିଆ ପାଇଁ ଏକ ବଡ଼ ସଫଳତା। ଏହି ସଫଳତା ସହିତ, ସମସ୍ତ ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ନାଗରିକମାନେ ଏବେ ଯେକୌଣସି ସ୍ଥାନରୁ, ଯେକୌଣସି ସମୟରେ ପ୍ରାୟ ୨ହଜାର ଡିଜିଟାଲ୍ ସେବା ସୁଗମ ଭାବରେ ପାଇପାରିବେ।

ସମନ୍ୱିତ ସେବାଗୁଡ଼ିକ ନାଗରିକଙ୍କ ଆବଶ୍ୟକତାର ଏକ ବିସ୍ତୃତ ପରିସରକୁ ସାମିଲ କରିଥାଏ। ଏଥିରେ ବିଭିନ୍ନ ପ୍ରମାଣପତ୍ର, କଲ୍ୟାଣକାରୀ ଯୋଜନା, ବିଦ୍ୟୁତ ଓ ପାଣି ବିଲ୍ ଭଳି ବିଭିନ୍ନ ଉପଯୋଗୀତା ଦେୟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ଅନ୍ତର୍ଭୁକ୍ତ, ଯାହା ଦ୍ୱାରା ସେବା ବିତରଣରେ ସୁବିଧା, ଦକ୍ଷତା ଏବଂ ସ୍ୱଚ୍ଛତା ସୁନିଶ୍ଚିତ ହୁଏ। ଏହା ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ଲକ୍ଷ୍ୟକୁ ସାକାର କରିବା, କାଗଜବିହୀନ ଏବଂ ମୋବାଇଲ୍ ଆଧାରିତ ପ୍ରଶାସନକୁ ପ୍ରୋତ୍ସାହିତ କରିବା ଏବଂ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟରେ ସିଧାସଳଖ ଯୋଗଦାନ ଦେବାରେ ଏକ ପ୍ରମୁଖ ଉପଲବ୍ଧି।

ଡିଜିଲକର ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିର ଏକ ଦୃଢ଼ ସ୍ତମ୍ଭ ଭାବରେ ଉଭା ହୋଇଛି ଯାହା ଆନ୍ତଃକାର୍ଯ୍ୟକ୍ଷମତା, ତଥ୍ୟ ସୁରକ୍ଷା ଏବଂ ବହୁ-ଭାଗୀ ସମନ୍ୱୟର ଆହ୍ୱାନଗୁଡ଼ିକୁ ସଫଳତାର ସହିତ ମୁକାବିଲା କରିଛି। ଏହାର ଅଭିନବ ଏବଂ ସ୍ଥିର ଢାଞ୍ଚା ସହଜ ଉପଲବ୍ଧତା, ଅନ୍ତର୍ଭୁକ୍ତିକରଣ ଏବଂ ନିର୍ଭରଯୋଗ୍ୟତାକୁ ସୁଲଭ କରିଛି । ଏହା ମଧ୍ୟ ବିଶ୍ୱସ୍ତ ଡିଜିଟାଲ ସେବା ପ୍ରଦାନ କରି ସାରା ଦେଶରେ ନାଗରିକମାନଙ୍କୁ ସଶକ୍ତ କରିଛି। ଉପରୋକ୍ତ ଦୁଇଟି ପ୍ଲାଟଫର୍ମରେ ମହାରାଷ୍ଟ୍ରର ନାଗରିକମାନେ ବର୍ତ୍ତମାନ ସର୍ବାଧିକ ୨୫୪ ସେବାର ସୁବିଧା ପାଇଛନ୍ତି । ଏହା ପରେ ଦିଲ୍ଲୀ ୧୨୩, କର୍ଣ୍ଣାଟକ ୧୧୩, ଆସାମ ୧୦୨ ଏବଂ ଉତ୍ତର ପ୍ରଦେଶ ୮୬ ସେବାକୁ ଏହି ଇ-ପ୍ଲାଟଫର୍ମରେ ସାମିଲ କରିଛନ୍ତି । ଏହା ବ୍ୟତୀତ, କେରଳ ଏବଂ ଜମ୍ମୁ ଏବଂ କାଶ୍ମୀରରେ ୭୭ଟି ଲେଖାଏଁ ସେବା ପ୍ରଦାନ କରାଯାଉଛି । ଆନ୍ଧ୍ର ପ୍ରଦେଶ ୭୬ ଏବଂ ଗୁଜରାଟ ୬୪ ସେବା ପ୍ରଦାନ କରୁଛି। ସେହିପରି, ତାମିଲନାଡୁ ଏବଂ ଗୋଆ ୬୩ ଲେଖାଏଁ ସେବା ପ୍ରଦାନ କରୁଥିବା ବେଳେ ହରିୟାଣା ୬୦ ଏବଂ ହିମାଚଳ ପ୍ରଦେଶ ୫୮ ସେବା ପ୍ରଦାନ କରୁଛି । ସେହିପରି ଓଡ଼ିଶାରେ ୩୭ଟି ଇ-ସରକାରୀ ସେବା ଉପଲବ୍ଧ ହେଉଛି । ମୋଟ, ସମଗ୍ର ଦେଶରେ ନାଗରିକମାନଙ୍କ ପାଇଁ ବର୍ତ୍ତମାନ ୧,୯୩୮ରୁ ଅଧିକ ସେବା ଉପଲବ୍ଧ।

ଏହି ସଫଳତାକୁ ଆଧାର କରି ଜାତୀୟ ଇ-ଗଭର୍ଣ୍ଣାନ୍ସ ଡିଭିଜନ ଏକ ଏଆଇ-ଚାଳିତ ପଦ୍ଧତି ମାଧ୍ୟମରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରି ଇ-ସରକାରୀ ସେବାର ପୋର୍ଟଫୋଲିଓକୁ ଆହୁରି ବିସ୍ତାର କରିବାକୁ ଯୋଜନା କରୁଛି। ରାଜ୍ୟ ସ୍ତରରେ ସଚେତନତାକୁ ସୁଦୃଢ଼ କରିବା ପାଇଁ ଢାଞ୍ଚାଗତ ତାଲିମ କାର୍ଯ୍ୟକ୍ରମ ଏବଂ କର୍ମଶାଳା ଆୟୋଜନ କରାଯିବ।ନିରନ୍ତର ନବସୃଜନ, ଅଧିକ ଅନ୍ତର୍ଭୁକ୍ତିକରଣ ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ସେବା ଯୋଗାଣକୁ ଆହୁରି ଉନ୍ନତ କରିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି । ଡିଜିଟାଲ୍ ରୂପେସମର୍ଥ ଏବଂ ସମାବେଶୀ ଭାରତ ଗଠନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ସହିତ ଏହି ମାଇଲଖୁଣ୍ଟ ନାଗରିକମାନଙ୍କୁ ସଶକ୍ତ କରିବା ଏବଂ ଶାସନକୁ ପରିବର୍ତ୍ତନ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। ସୂଚନାଯୋଗ୍ୟ ଜାତୀୟ ଇ-ଗଭର୍ଣ୍ଣାନ୍ସ ଡିଭିଜନଇ-ଗଭର୍ଣ୍ଣାନ୍ସ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକ୍ରମ ପରିଚାଳନା ଏବଂ କାର୍ଯ୍ୟାନ୍ୱୟନରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।

# ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଅଡିଓ ଏବଂ କ୍ରୋମା ରେକର୍ଡିଂ ଷ୍ଟୁଡିଓର ଉଦଘାଟିତ



ଭୁବନେଶ୍ୱର,୩୧।୮ (ସଂଚାର ବ୍ୟୁରୋ) : ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରବିବାର ଦିନ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଏକ ଅତ୍ୟାଧୁନିକ ଅଡିଓ ଏବଂ କ୍ରୋମା ରେକର୍ଡିଂ ଷ୍ଟୁଡିଓର ଉଦଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଥିଲେ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନୂତନ ଭାବରେ ପ୍ରତିଷ୍ଠିତ ଅଡିଓ ଏବଂ କ୍ରୋମା ରେକର୍ଡିଂ ଷ୍ଟୁଡିଓ ସଙ୍ଗୀତ, ନୃତ୍ୟ ଏବଂ ନାଟ୍ୟ କ୍ଷେତ୍ରରେ ଓଡ଼ିଶାର ସମୃଦ୍ଧ ପରମ୍ପରାର ପ୍ରଚାର ପାଇଁ ଉତ୍ସର୍ଗୀକୃତ । ଏହି ଆଧୁନିକ ସୁବିଧା ଆମର କଳାକାରମାନଙ୍କୁ ବହୁତ ଲାଭ ଦେବ ଏବଂ ଓଡ଼ିଶାର ଗୌରବମୟ ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କରିବାରେ ଯୋଗଦାନ କରାଇବ। ସଂସ୍କୃତି ବିଭାଗ ଖୁବ୍ ଶୀଘ୍ର ଏହାର ବ୍ୟବହାର ପାଇଁ ଏକ ମାନକ କାର୍ଯ୍ୟ ପ୍ରଣାଳୀ (ଏସ୍‌ଓପି) ପ୍ରକାଶ କରିବ, ଯାହା ସରକାରୀ କାର୍ଯ୍ୟକ୍ରମ ଏବଂ ଘରୋଇ ପ୍ରତିଷ୍ଠାନ ଉଭୟଙ୍କୁ ଏହା ପାଇବାକୁ ସକ୍ଷମ କରିବ। ଏହି ଅବସରରେ, ସୂରଜ କ୍ରୋମା ଷ୍ଟୁଡିଓରେ ଏକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନର ରେକର୍ଡିଂ ମଧ୍ୟ ଦେଖିଥିଲେ। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ଜେନା, ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ସୁଜାତା ମହାପାତ୍ର, ଇଲିଆନା ସିତାରିଷ୍ଟି, ଅଭିନେତା ଅଶ୍ରୁମୋଚନ ମହାନ୍ତି ପ୍ରମୁଖ କଳାକାର ଉପସ୍ଥିତ ଥିଲେ।

# ଆମେରିକା ବିରୋଧରେ ତିନି ମହାଶକ୍ତି

ବିଶ୍ୱ ରାଜନୀତିରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଘଟୁଛି। ତିନୋଟି ମହାଶକ୍ତି-ଭାରତ, ଚୀନ ଏବଂ ରୁଷିଆ-ଆମେରିକାର ଏକଚ୍ଛତ୍ରବାଦୀ ନୀତି ବିରୋଧରେ ମିଳିତ ହୋଇ ଏକ ନୂତନ ବିଶ୍ୱ ବ୍ୟବସ୍ଥା ଗଢ଼ିବାକୁ ଚେଷ୍ଟା କରୁଛନ୍ତି। ଏହି ମିଳନ କେବଳ ରାଜନୈତିକ ନୁହେଁ, ବରଂ ଅର୍ଥନୈତିକ, ସାମରିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଏକ ମଜବୁତ ସହଯୋଗର ଆଧାର ସ୍ଥାପନ କରୁଛି। ଏହାର ମୂଳ କାରଣ କ'ଣ ଏବଂ ଏହାର ପରିଣାମ କ'ଣ ହେବ, ତାହା ଆଲୋଚନା କରିବା ଜରୁରୀ।



ପ୍ରଥମେ ଆସନ୍ତୁ ଏହି ମିଳନର ପୃଷ୍ଠଭୂମିକୁ। ଆମେରିକାର ନେତୃତ୍ୱରେ ପଶ୍ଚିମୀ ଦେଶମାନେ ଦୀର୍ଘ ଦିନ ଧରି ବିଶ୍ୱର ଅର୍ଥନୀତି ଏବଂ ରାଜନୀତିକୁ ନିୟନ୍ତ୍ରଣ କରିଆସୁଛନ୍ତି। ଡଲାରର ପ୍ରାଧାନ୍ୟ, ନାଟୋର ସାମରିକ ଶକ୍ତି ଏବଂ ପଶ୍ଚିମୀ ମୂଲ୍ୟବୋଧର ପ୍ରସାର ଏହି ଏକଚ୍ଛତ୍ରବାଦର ପ୍ରମୁଖ ଅସ୍ତ୍ର। କିନ୍ତୁ ଏହାର ବିରୋଧରେ ଉଠିଛି ଏକ ନୂତନ ଧାରା। ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଦୀର୍ଘ ଦିନ ଧରି ଆମେରିକାର ହସ୍ତକ୍ଷେପବାଦୀ ନୀତିର ବିରୋଧ କରୁଛନ୍ତି। ଚୀନର ରାଷ୍ଟ୍ରପତି ଶି ଜିନପିଙ୍ଗ୍ ମଧ ବେଲ୍ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ମାଧମରେ ଏକ ବିକଳ୍ପ ଅର୍ଥନୈତିକ ବ୍ୟବସ୍ଥା ଗଢ଼ିବାକୁ ଚେଷ୍ଟା କରୁଛନ୍ତି। ଏହି ଦୁଇ ଦେଶର ସହଯୋଗ ଏବେ ଭାରତର ସମର୍ଥନ ପାଇବା ଦ୍ୱାରା ଆହୁରି ମଜବୁତ ହୋଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଏକ ବହୁଧ୍ରୁବୀୟ ବିଶ୍ୱର ପ୍ରଚାର କରୁଛି, ଯେଉଁଠାରେ କୌଣସି ଏକ ଦେଶର ଏକଚ୍ଛତ୍ର ନିୟନ୍ତ୍ରଣ ନଥିବ।

ଏହି ତିନି ଦେଶର ମିଳନର ମୂଳ କାରଣ ହେଉଛି ସାଧାରଣ ଚ୍ୟାଲେଞ୍ଜ। ଆମେରିକାର ସଂକେତବାଦୀ ନୀତି ରୁଷିଆର ସୀମାରେ ନାଟୋର ବିସ୍ତାର, ଚୀନର ଦକ୍ଷିଣ ଚୀନ ସାଗରରେ ହସ୍ତକ୍ଷେପ ଏବଂ ଭାରତର ସୀମାରେ ପାକିସ୍ତାନକୁ ସମର୍ଥନ ଦେବା ଦ୍ୱାରା ଏହି ଦେଶମାନଙ୍କୁ ଏକତ୍ରିତ କରିଛି। ବ୍ରିକ୍ସ ସମ୍ମିଳନୀରେ ଏହି ତିନି ଦେଶର ନେତାମାନେ ମିଳିତ ବିକଳ୍ପ ଅର୍ଥନୈତିକ ବ୍ୟବସ୍ଥା ଗଢ଼ିବାକୁ ଆଲୋଚନା କରିଛନ୍ତି। ଡଲାରର ବିକଳ୍ପ ଭାବରେ ରୁବଲ୍, ରେନମିନବି ଏବଂ ରୁପିଆର ବ୍ୟବହାର ବଢ଼ାଇବାକୁ ଯୋଜନା ହୋଇଛି। ଏହା ଦ୍ୱାରା ଆମେରିକାର ଅର୍ଥନୈତିକ ପ୍ରାଧାନ୍ୟ ହ୍ରାସ ପାଇବ।

ସାମରିକ କ୍ଷେତ୍ରରେ ଏହି ମିଳନ ଆହୁରି ଗୁରୁତ୍ୱପୂର୍ଣ୍ଣ। ରୁଷିଆର ସାମରିକ ପ୍ରଯୁକ୍ତି, ଚୀନର ଉତ୍ପାଦନ ଶକ୍ତି ଏବଂ ଭାରତର ମାନବ ସମ୍ବଳ ମିଳିତ ହୋଇ ଏକ ନୂତନ ସାମରିକ ମିଳନ ଗଠନ କରିପାରିବ। ଶାଙ୍ଘାଇ କୋଅପରେସନ୍ ଅର୍ଗାନାଇଜେସନ୍ (ଏସ୍‌ସିଓ) ଏହି ଦିଗରେ ଏକ ପ୍ରମୁଖ ପ୍ଲାଟଫର୍ମ। ଭାରତ ଏବେ ଏସ୍‌ସିଓର ସକ୍ରିୟ ସଦସ୍ୟ ହୋଇଛି ଏବଂ ଏହାର ମାଧମରେ ସାମରିକ ଅଭ୍ୟାସ ଏବଂ ଗୁପ୍ତଚର ବିନିମୟ ବଢ଼ୁଛି। ଏହା ଆମେରିକାର ଇଣ୍ଡୋ-ପାସିଫିକ୍ ରଣନୀତିର ବିରୋଧରେ ଏକ ମଜବୁତ ପ୍ରତିରୋଧ ସୃଷ୍ଟି କରିବ।

କିନ୍ତୁ ଏହି ମିଳନର ଚ୍ୟାଲେଞ୍ଜ ମଧ ଅଛି। ଭାରତ ଏବଂ ଚୀନ ମଧରେ ସୀମା ବିବାଦ ଏବଂ ରୁଷିଆର ଆକ୍ରମଣକାରୀ ନୀତି ଏହି ସହଯୋଗକୁ ଦୁର୍ବଳ କରିପାରେ। ତଥାପି, ଆମେରିକାର ସମାନ ବିରୋଧରେ ଏହି ଦେଶମାନେ ଏକତ୍ରିତ ହେବା ଏକ ଐତିହାସିକ ଘଟଣା। ଏହା ବିକାଶଶୀଳ ଦେଶମାନଙ୍କୁ ଏକ ନୂତନ ଆଶା ଦେବ ଏବଂ ବିଶ୍ୱକୁ ଏକ ବହୁଧ୍ରୁବୀୟ ଦିଗରେ ନେବ।

ଏହି ପରିବର୍ତ୍ତନ ଭାରତ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଭାରତ ଏବେ ଏକ ମହାଶକ୍ତି ଭାବରେ ଉଭା ହେବାକୁ ଚାହୁଁଛି ଏବଂ ଏହି ମିଳନ ତାକୁ ସେହି ସୁଯୋଗ ଦେବ। କିନ୍ତୁ ଏହାର ସହ ଆସିବ ଦାୟିତ୍ୱ। ଭାରତକୁ ନିଜର ସ୍ୱାର୍ଥ ରକ୍ଷା କରିବାକୁ ହେବ ଏବଂ ଏକ ସନ୍ତୁଳିତ ନୀତି ଅନୁସରଣ କରିବାକୁ ହେବ। ଏହି ନୂତନ ବିଶ୍ୱ ବ୍ୟବସ୍ଥାରେ ଶାନ୍ତି ଏବଂ ସହଯୋଗର ଆଧାର ସ୍ଥାପନ ହେବା ଆବଶ୍ୟକ। ସାରାଂଶରେ, ଭାରତ, ଚୀନ ଏବଂ ରୁଷିଆର ମିଳନ ଆମେରିକାର ଏକଚ୍ଛତ୍ରବାଦର ଅନ୍ତର ଘଣ୍ଟା ବାଜାଉଛି। ଏହା ଏକ ନୂତନ ଯୁଗର ଆରମ୍ଭ ହୋଇପାରେ, ଯେଉଁଠାରେ ବିଶ୍ୱ ଅଧିକ ସମାନ ଏବଂ ବହୁଧ୍ରୁବୀୟ ହେବ। କିନ୍ତୁ ଏହାର ସଫଳତା ନିର୍ଭର କରିବ ଏହି ଦେଶମାନଙ୍କର ପରସ୍ପର ବିଶ୍ୱାସ ଏବଂ ସହଯୋଗ ଉପରେ।

# ଉଚ୍ଚାଭିଳାଷ ଜୀବନ ଓ ସ୍ୱପ୍ନ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ସ୍ୱପ୍ନ ଆମେ ଦେଖୁ। ସ୍ୱପ୍ନ ଦେଖିବା ଆମ ଅଧିକାର। ଯଦିଓ ତାହା ସତ ହୋଇପାରେ ଅବା ନ ହୋଇପାରେ। ତେବେ ପ୍ରଚୁର ସ୍ୱପ୍ନ, ବଡ଼ ବଡ଼ ସ୍ୱପ୍ନ ଦେଖିବା ପାଇଁ ଆମକୁ ଉତ୍ସାହିତ କରି ଆସିଛନ୍ତି ମୋଟିଭେସନାଲ ସ୍ପିକର, ମହାମନିଷୀ, ଦାର୍ଶନିକମାନେ। ତେବେ ସେମାନେ ଏ ବାବଦରେ ମଧ ସତର୍କ, ସଚେତନ କରାଇ ଦେବାକୁ ଭୁଲି ନାହାନ୍ତି ଯେ, କେବଳ ସ୍ୱପ୍ନ ଦେଖିଲେ ହେବନାହିଁ। ତକୁ ସାକାର କରିବାକୁ ହେଲେ କଠିନ ପରିଶ୍ରମ, କଠୋର ଅଧବସାୟ, ସାଧନା ଦରକାର। ପୁଣି ସାଧନାରେ, ପ୍ରୟାସରେ ଆନ୍ତରିକତା, ନିଷ୍ଠା ମଧ ଆବଶ୍ୟକ। ବ୍ୟକ୍ତି ବିଶେଷରେ ସ୍ୱପ୍ନ ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ସେହିସବୁ ସ୍ୱପ୍ନ ପଛରେ ଅନେକେ ଦଉଡୁଥାଆନ୍ତି ପାଗଳ ପରି। କେତେକ କେବଳ ଖିଆଲି ହୋଇ ଖାଲି ସ୍ୱପ୍ନ ଦେଖନ୍ତି, ତାହାକୁ ପୁରା କରିବା ପାଇଁ କୌଣସି ଆନ୍ତରିକତା ସେମାନଙ୍କର ନଥାଏ। ଆଉ କେତେକ ତ ଦିବା ସ୍ୱପ୍ନରେ ବୁରା। ସ୍ୱପ୍ନର ମାଦକତା କିନ୍ତୁ ସମସ୍ତଙ୍କୁ ସବୁକାଳେ ଘାରି ଆସିଛି, ଚୋରି କରିନେଇଛି ରାତିର ନିଦ।

ସ୍ୱପ୍ନ ଖୋଲା ଆଖିର ଅଞ୍ଜନ ମୁଦା ଆଖିର ବି। ଖୋଲା ଆଖିରେ ଆମେ ଦେଖୁ ଆଗକୁ ବଢ଼ିବାର ବିକଶିତ ହେବାର ସ୍ୱପ୍ନ, ପ୍ରତିଷ୍ଠା ପ୍ରତିପତ୍ତିର ସ୍ୱପ୍ନ। ଆଖି ବୁଜିଥିବାବେଳେ ଗଭୀର ନିଦ୍ରାର ଆଶ୍ଳେଷ ଭିତରେ ବି ଆମେ ଦେଖୁ ଭଳିକି ଭଳି ସ୍ୱପ୍ନ। ସ୍ୱପ୍ନ ଆମକୁ କେବେ ଦିଏ ଆକାଶୀ ଉଡାଣର ଚଞ୍ଚଳତା ତ କେବେ ଆମକୁ କଚାଡ଼ି ଦିଏ ମାଟିରେ। ସ୍ୱପ୍ନରେ ଆମେ ଦେଖୁ ହଠାତ ଆମ ଚାରିପାଖରେ ଧନଧାନ୍ୟର ପ୍ରାଚୁର୍ଯ୍ୟ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ବିଳାସପୂର୍ଣ୍ଣ ଯାନ, ଘରେ ଚାକର ଚାକରାଣୀ, ନିଜେ ଆମେ ସାହେବ, ସାହେବାଣୀ ସ୍ୱପ୍ନରେ ବି ଆମେ ଦେଖୁ ଆମର ପିଲାମାନେ ଭଲ ଚାକିରି ପାଇଛନ୍ତି ସମାଜରେ ପାଞ୍ଚ ଜଣକ ମଧ ଜଣେ ଭାବରେ ଗଣା ହେଉଛନ୍ତି। ପୁଣି କେବେ କେମିତି ଆମେ ସ୍ୱପ୍ନରେ ଦେଖୁ ପ୍ରିୟ ଜନଙ୍କର ମୃତ୍ୟୁ, ଦୁର୍ଘଟଣା, ସେମାନଙ୍କର ଯନ୍ତ୍ରଣାକାତର ଚାହାଣୀ। ହେଲେ ନିଦ ଭାଙ୍ଗିଗଲାବେଳକୁ ଆମେ ନିଜକୁ ଠାବ କରୁ ଯେଉଁଠିକୁ ସେଇଠି। ସୁଖି ସ୍ୱପ୍ନ ହୋଇଥିଲେ ଆମେ ଆଧାରୁ ଭାଙ୍ଗି ପଡ଼ିଥିବା ସ୍ୱପ୍ନକୁ ଆଉ ଥରେ ଦେଖିବାକୁ ଚାହୁଁ ଆଶା କରୁ ଆହାଃ ଏମିତି ଅଧା ପୁଲକିତ, ଅଧା ରୋମାଞ୍ଚିତ ଆଉ ଅଧା ଶିହରିତ କରି ସ୍ୱପ୍ନଟି ଏମିତି ଅଧା ବାଟରୁ ବାଟ ଭାଙ୍ଗି ଚାଲିଗଲା। ଆଉ ଟିକେ ଆଗକୁ ବଢ଼ିପାରିଥାନ୍ତି କି ଆଉ ଟିକେ ଲମ୍ବା ହୋଇଥାନ୍ତାକି ନିଦ। ହେଉ ପଛେ ସ୍ୱପ୍ନରେ, ନିଜର ଶ୍ରୀ, ସମୃଦ୍ଧି ଦେଖିବାକୁ ଆମେ ଆତୁର। ଆଉ ସ୍ୱପ୍ନ ଭିତରେ ଆମେ ଯଦି ଦେଖୁ ଦୁଃଖ, ଯନ୍ତ୍ରଣା ତା ହେଲେ ବିଚଳିତ ହୋଇଯାଉ। ମୋଟାମୋଟି ସ୍ୱପ୍ନ ଆମ ଆଖିରେ ବୋଳିଦିଏ କୁହୁକ ଅଞ୍ଜନ। ସ୍ୱପ୍ନ ଆମକୁ କେଉଁଠି ନାହିଁ କେଉଁଠି ନେଇ ପହଞ୍ଚାଇ ଦିଏ ଦୂର ଦିଗବଳୟରୁ ଘନଜଙ୍ଗଲ ଚନ୍ଦ୍ରରୁ ମଙ୍ଗଳ।

ସ୍ୱପ୍ନ ଦେଖିବାକୁ କିଏ ଅବା ଭଲ ନପାଏ। କିଏ ଅବା ସୁଖ ମଣେ ସୁନେଲି ସ୍ୱପ୍ନରେ ଆବିଷ୍ଟ ହେବା ପାଇଁ। ଅନେକ ପ୍ରେରଣାଦାୟୀ ବକ୍ତା, ମହାପୁରୁଷ କହିଯାଇଛନ୍ତି ଜୀବନରେ ବଡ଼ ବଡ଼ ସ୍ୱପ୍ନ ଦେଖ। ସ୍ୱପ୍ନହୀନ ଜୀବନ, ନାଉରି ନଥିବା ନାଆ ସଦୃଶ। ତେଣୁ ଜୀବନରେ ପ୍ରଚୁର ସ୍ୱପ୍ନ ଦେଖ। ତାହାକୁ ସାକାର କରିବାକୁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କର। ନିଷ୍ଠା, ଆନ୍ତରିକତା ଆଉ କଠୋର ଅଧବସାୟ ଥିଲେ ସ୍ୱପ୍ନ ଦିନେ ନିଶ୍ଚିତ ଭାବେ ସାକାର ହେବ। ଏତେ ସପନକୁ ରାତି କାହିଁ ବୋଲି ଯାହା କୁହାଯାଏ, ଯଦି ସେହି ଅନୁସାରେ ବି ଆମେ ସ୍ୱପ୍ନକୁ ତଉଲିବା ତାହେଲେ ଅଧା ସ୍ୱପ୍ନ ସତ ହୋଇପାରେ ବାକି ଅଧକ ସ୍ୱପ୍ନରେ ହିଁ ହୁଏତ ରହିଯାଇପାରେ। ତେବେ ଏଥିରେ କାତର ହେବ ଉଚିତ ନୁହେଁ। ଗୁଡ଼ାଏ ସ୍ୱପ୍ନ ଦେଖିଥିବାରୁ ଅଧା ହୁଏତ ବାସ୍ତବ ରୂପ ନେଲା, ବାକି ଅଧିକ ସମାଧି ନେଇଗଲା ସେଇ ସ୍ୱପ୍ନ ଭିତରେ। କିନ୍ତୁ ଆମେ ଯଦି ଆଦୌ ସ୍ୱପ୍ନ ଦେଖିବା ନାହିଁ, ଆମ ଜୀବନର ନିର୍ଦ୍ଦିଷ୍ଟ ମନେହେବ ଅସାର ଓ ଅଳୀକ।

ସ୍ୱପ୍ନ ବ୍ୟାପ୍ତି, ତାର ରୂପରେଖ ଭିନ୍ନ ଭିନ୍ନ ହୋଇପାରେ ବ୍ୟକ୍ତିବିଶେଷରେ। ଆର୍ଥିକ ଅସ୍ୱଚ୍ଛଳତା ଭୋଗୁଥିବା ଗରିବ ଲୋକଟିଏର ସ୍ୱପ୍ନ ଭଲରେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବା, ମୁଣ୍ଡ ଗୁଞ୍ଜିବା ପାଇଁ ଚାରିହାତ ଛାତ। ହଁ, ବେଳ ଅବେଳକୁ କିଛି ଟଙ୍କା ପଇସା ହାତରେ। ନିମ୍ନ ମଧବିତ୍ତ ଓ ମଧବିତ୍ତ ପରିବାରର ମୁରବୀଟିଏ ପାଇଁ ସ୍ୱପ୍ନ ଭିନ୍ନ କିଛି ମାଏନା ରଖେ। ଏଇ ଯେମିତି ପିଲାଏ ଭଲ ପାଠ ପଢ଼ନ୍ତୁ, ଭଲ ଚାକିରି ଚାକିରି କରି ସମାଜରେ ମର୍ଯ୍ୟାଦାବନ୍ତ ହୁଅନ୍ତୁ। ସହରରେ ନିଜର ବୋଲି ଦୃଶ୍ୟମାନ ଘରଟିଏ ହେଉ, ଆୟ ଅଳଙ୍କାର ବଢ଼ୁ। ଘର ଆଗରେ ଥୁଆ ହେଉ ଚକ ଚକ ଚାରିକିଆ। ସୁବିଧା ଅସୁବିଧାକୁ ଚଳେଇ ନେବା ପାଇଁ ବ୍ୟାଙ୍କ ବାଲାନ୍ସ ତ ନିହାତି ଲୋଡ଼ା। କୁହାଯାଏ ମଧବିତ୍ତ ଭାରତୀୟମାନେ ସବୁଠୁ ଅଧିକ ସ୍ୱପ୍ନ ଦେଖନ୍ତି। ସ୍ୱପ୍ନରେ ବୁଡ଼ି ରହିବାକୁ ଭଲ ପାଆନ୍ତି। ସ୍ୱପ୍ନ ପୂରଣ ହେବା ସହଜ ନୁହେଁ ଜାଣିବା ସତ୍ତ୍ୱେ ସ୍ୱପ୍ନ ବିଳାସୀ ହେବାକୁ ଭଲ ପାଆନ୍ତି। ସଫଳତାର ଗୋଟିଏ ଗୋଟିଏ ପାହାଚ ଚଢ଼ିବା ପାଇଁ ପ୍ରଥମେ ସ୍ୱପ୍ନ ଦେଖନ୍ତି, ପରେ ପ୍ରୟାସ କରନ୍ତି। କାରଣ ସ୍ୱପ୍ନ ଦେଖିଲେ ତ କାହା କିପରି ପୂର୍ଣ୍ଣାଙ୍ଗ ରୂପ ନେବ ସେଥିପାଇଁ ଚେଷ୍ଟା କରାଯିବ। ସ୍ୱପ୍ନର ଆକର, ପ୍ରକାର, ବ୍ୟାପ୍ତି, ସ୍ଥିତି, ରୂପରେଖ ଭଳିକି ଭଳି -ବ୍ୟକ୍ତି ବିଶେଷରେ। ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ, ଯିଏ ଯାହା ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଧାଇଁଛି ଅଣନିଶ୍ୱାସୀ ହୋଇ। ସବୁ ସ୍ୱପ୍ନ ଯେ ସତ ହୁଏ ବା ସୁଖଦ ନିଦ୍ରା ସମୟରେ ମଣିଷ ଯେଉଁ ସୁନେଲି ସ୍ୱପ୍ନ ଦେଖିଥାଏ ଆଖି ଖୋଲିଲେ ମାତ୍ରେ ତାହା ନଥାଏ। କିନ୍ତୁ ଲୋକେ ଧନୀ ହେବାର ନିଜକୁ ପ୍ରତିଷ୍ଠିତ କରିବାର, ଅନ୍ୟ ମାନଙ୍କ ଠାରୁ ଭଲରେ ରହିବାର, ମନଲାଖି ଜୀବନସାଥୀ ପାଇବାର, ମନପସନ୍ଦର ନୀଡ଼ଟିଏ ଗଢ଼ିବାର, ସନ୍ତାନମାନେ ଆକାଶ ଛୁଇଁବାର ସ୍ୱପ୍ନ ଦେଖି ଚାଲନ୍ତି। ଦାର୍ଶନିକମାନେ ସ୍ୱପ୍ନକୁ ନେଇ ଭିନ୍ନ ଭିନ୍ନ ବିଶ୍ଳେଷଣ କରିଆସିଛନ୍ତନ୍ତି। ମନସ୍ତାତ୍ତ୍ୱିକମାନେ ବି ସୁଖଦ ସ୍ୱପ୍ନ ଓ ଦୁଃସ୍ୱପ୍ନ ମଧରେ ବିଭେଦର ପ୍ରାଚୀର ତିଆରି କରିଛନ୍ତି। କିନ୍ତୁ ଗୋଟିଏ କଥାରେ କହିଲେ ସ୍ୱପ୍ନର ସୀମାରେଖା ଅସୀମ, ପରିବ୍ୟାପ୍ତ ଏହାର ରୂପରେଖା।

ସାଧାରଣତଃ ଆମେ ସ୍ୱପ୍ନ ଦେଖୁ ରାତିରେ, ସୁକୋମଳ, ସୁଗଭୀର, ସୁନିଦ୍ରାର ସୁଷୁପ୍ତିରେ ଆଦୌ ଆଖିକୁ ଆବୋରିବସେ ସ୍ୱପ୍ନ। କୁହାଯାଏ ଯେଉଁ କଥା, ବ୍ୟଥା ସମ୍ପର୍କ, ସମ୍ବନ୍ଧ, ଚାହାଣୀ, ଚଳଣି ବିଷୟରେ ଆମେ ବେଶି ଭାବିଥାଉ ଯାହାକୁ ନେଇ ବ୍ୟସ୍ତ ବିବ୍ରତ ବିଚଳିତ ହେଉ, ଯେଉଁ ଭାବନା ଆମକୁ ବାରମ୍ବାର ଆନ୍ଦୋଳିତ କରେ, ମନକୁ ଚଳଚଞ୍ଚଳ କରେ ଆମେ ଉଦବିଗ୍ନ ହେଉ, ଯେଉଁ କାମରେ ଅକୃତକାର୍ଯ୍ୟ ହେଉ ସେ ସବୁ ଆମ ମନ ଭିତରେ ବସା ବାନ୍ଧି ରହିଥାଏ। ଯେତେବେଳେ ସାରା ଦିନର ପରିଶ୍ରମ ପରେ ଆମେ ଶଯ୍ୟାରେ ନିଜ ଅବସନ୍ନ ଶରୀରକୁ ଲୋଟାଇ ଦେଉ ଆମକୁ ନିଦ ତ ଘାରେ, ସ୍ୱପ୍ନ ମଧ ତା ଭିତରେ ଉଙ୍କି ମାରେ। ସ୍ୱପ୍ନର ଫଳାଫଳ ଆମ ଜୀବନରେ କେବେ ପ୍ରତିଫଳିତ ହୁଏ ତ ଆଉ କେବେ ଆମେ ପାସୋରିଯାଉ। ସ୍ୱପ୍ନ ସମ୍ପର୍କରେ ମନୋଚିକିତ୍ସକ, ମନସ୍ତାତ୍ତ୍ୱବିତ, ସ୍ୱପ୍ନଶାସ୍ତ୍ରୀ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି। ସ୍ୱପ୍ନର ପରିଭାଷା କାହା ପାଇଁ କଣ ହୋଇପାରେ। ତେବେ ମହାନ ବୈଜ୍ଞାନିକ ମିଜାଇଲ ମ୍ୟାନ ତଥା ଲୋକଙ୍କ ରାଷ୍ଟ୍ରପତି ଭାବେ ସୁବିଦିତ ଡକ୍ଟର ଏପିଜେ ଅବଦୁଲ କଲାମ କିନ୍ତୁ ସ୍ୱପ୍ନ ସମ୍ବନ୍ଧରେ ଏକ ଖୁବ ସୁନ୍ଦର ଆପ୍ତବାକ୍ୟ କହିଯାଇଛନ୍ତି, ଯାହା ବେଶ ପ୍ରେରଣାଦାୟକ। ଡକ୍ଟର କଲାମଙ୍କ ମତରେ ସ୍ୱପ୍ନ ତାହା ନୁହେଁ, ଯାହା ଆମେ ବନ୍ଦ ଆଖିରେ ବା ଶୋଇଥିବାବେଳେ ଦେଖୁ। ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏନାହିଁ। ଆମ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ ବାବଦରେ ଯିଏ ଆମକୁ ବାରମ୍ବାର ଚେତେଇ ଦେଉଥାଏ। ଜୀବନରେ ଉଚ୍ଚାଭିଳାଷ ପୋଷଣ କରିବା ତାହାକୁ ସାକାର କରିବା ପାଇଁ ନିଷ୍ଠାପର ଭାବେ ଉଦ୍ୟମ କରିବା ପାଇଁ ଡ.କଲାମ ପ୍ରେରିତ କରିଛନ୍ତି ଏହି ମହତବାଣୀ ମାଧମରେ।


**ପ୍ରତିରତ୍ତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**


# ସ୍ୱାୟତ୍ତ ଶାସନ ଦିବସର ଅନୁଚିନ୍ତା



**ଦଶରଥ ହେମ୍ବ୍ରମ୍**



ଭାରତକୁ ଏକ ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ର କୁହାଯାଏ। ଗଣ ଅର୍ଥ ଜନ ଏବଂ ତନ୍ତ୍ର ଅର୍ଥ ଶାସନ, ଅତଏବ ଗଣତନ୍ତ୍ର ହେଉଛି ଲୋକ ମାନଙ୍କଦ୍ୱାରା, ଲୋକମାନଙ୍କ ପାଇଁ ଓ ଲୋକମାନଙ୍କର, ତେଣୁ ଏହାକୁ ଭିତ୍ତିକରି କେନ୍ଦ୍ର ତଥା ରାଜ୍ୟ ସରକାର ପ୍ରତିଷ୍ଠିତ। ଦେଶ ତଥା ରାଜ୍ୟର ଥିବା ଆଞ୍ଚଳିକ ଉନ୍ନୟନ ଏବଂ ଜନସାଧାରଣଙ୍କ ସୁବିଧା ନିମନ୍ତେ କେନ୍ଦ୍ର କିମ୍ବା ରାଜ୍ୟସରକାରଙ୍କ ଉପଯୁକ୍ତ ଦୃଷ୍ଟି ଦେବା ସର୍ବଦା ସମ୍ଭବ ହୋଇ ନଥାଏ, ତେଣୁ ସ୍ଥାନୀୟ ଲୋକଶାସନରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ବିଭିନ୍ନ ଗ୍ରାମାଞ୍ଚଳ ହେଉ କିମ୍ବା ସହରାଞ୍ଚଳରେ ସ୍ୱାୟତ୍ତ ଶାସନ ସଂସ୍ଥାର ବ୍ୟବସ୍ଥା ରହିଛି। ଏହାରି ମାଧମରେ ଗ୍ରାମାଞ୍ଚଳ କିମ୍ବା ସହରାଞ୍ଚଳରେ ଜନସାଧାରଣଙ୍କ ସାମୂହିକ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରାଯାଇ ତାହା କାର୍ଯ୍ୟକାରୀ କରାଯାଇଥାଏ। ଏହି ସ୍ୱାୟତ୍ତ ଶାସନ ସଂସ୍ଥାର ସ୍ମାରକୀ ସ୍ୱରୂପ ପ୍ରତିବର୍ଷ ଅଗଷ୍ଟ ୩୧ ତାରିଖକୁ ସ୍ୱାୟତ୍ତ ଶାସନ ଦିବସ ରୂପେ ପାଳନ କରାଯାଉଛି। ସେହିପରି ଭାରତର ଗ୍ରାମାଞ୍ଚଳରେ ସ୍ୱାୟତ୍ତ ଶାସନ ସହ ପଞ୍ଚାୟତ ଏବଂ ଗ୍ରାମସଭା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ୨୪ ତାରିଖରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଏ। ଭାରତର ପଞ୍ଚାୟତିରାଜ ବ୍ୟବସ୍ଥାକୁ ତିନୋଟିସ୍ତରରେ ବିଭକ୍ତ କରାଯାଇଛି ଯେଉଁଥିରେ ଗ୍ରାମସ୍ତରରେ ଗ୍ରାମ ପଞ୍ଚାୟତ, ମଧବର୍ତ୍ତୀ ସ୍ତରରେ ବ୍ଲକ ପଞ୍ଚାୟତ, ଜିଲାସ୍ତରରେ ଜିଲା ପଞ୍ଚାୟତ ଥିବାବେଳେ ସହରାଞ୍ଚଳରେ ଏନଏସି, ମ୍ୟୁନିସିପାଲିଟି ଏବଂ ମହାନଗର ନିଗମ ବ୍ୟବସ୍ଥା ରହିଛି, ଏହାଦ୍ୱାରା ଶାସନ ବ୍ୟବସ୍ଥା ତୃଣମୂଳସ୍ତରରେ ପହଞ୍ଚି ପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଆମେ ସମସ୍ତେ ଜାଣିଛୁ, ବଳୱନ୍ତ ରାୟ ମେହେଟ୍ଟାଙ୍କୁ ପଞ୍ଚାୟତିରାଜ ବ୍ୟବସ୍ଥାର ଜନକ କୁହାଯାଉଥିବା ବେଳେ ସ୍ୱାୟତ୍ତ ଶାସନ ସଂସ୍ଥାର ଜନକ ଲର୍ଡ଼ ରିପନଙ୍କୁ କୁହାଯାଏ। ଜନତାଙ୍କ ହିତ ଦୃଷ୍ଟିରୁ ପ୍ରତିବର୍ଷ ଏପ୍ରିଲ ମାସ ୨୪ ତାରିଖରେ ପଞ୍ଚାୟତ ଦିବସ ପାଳନ ହେଉଥିବା ବେଳେ ଅଗଷ୍ଟ ୩୧ ତାରିଖ ଦିନ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଏ। ଏହିଦିନ ଦେଶର ପଞ୍ଚାୟତଗୁଡ଼ିକର ବିଭିନ୍ନ ପ୍ରତିନିଧିମାନେ ଆୟୋଜିତ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରି ଏନେଇ ସଚେତନତା ସୃଷ୍ଟିର ଉଦ୍ୟମ କରିଥାନ୍ତି। ସେହିପରି ସ୍ୱାୟତ୍ତ ଶାସନ ଦିବସରେ ମଧ ସହରାଞ୍ଚଳରେ ପ୍ରସ୍ତୁତ ହୋଇଥିବା ବିଭିନ୍ନ ଯୋଜନା ନେଇ ଜନସଚେତନା ସୃଷ୍ଟି କରାଯାଇଥାଏ।

ଲର୍ଡ଼ ରିପନ ହେଉଛନ୍ତି ଭାରତର ସ୍ୱାୟତ୍ତ ଶାସନ ସଂସ୍ଥାର ଜନ୍ମଦାତା। କିନ୍ତୁ ୧୮୦୬ରେ ସାର ଜୋସୀୟ ଚାଇଲର୍ଡ଼ ମାଦ୍ରାଜରେ ପ୍ରଥମେ ପୌରନିଗମ ସୃଷ୍ଟି କରିଥିଲେ। ଏହି ନିଗମ ସର୍ବପ୍ରଥମେ ଲୋକଙ୍କ ଉପରେ ଟିକସ ବସାଇ ନିର୍ଦ୍ଧାରିତ କର ଆଦାୟ କରିଥିଲା। ସେହି କରଦ୍ୱାରା ରାଜସ୍ୱ ବିନିମୟରେ ଲୋକମାନଙ୍କ ସୁବିଧା ପାଇଁ ଥାନା, ଜେଲ, ଟାଉନହଲ, ବିଦ୍ୟାଳୟ ନିର୍ମାଣ, ରାସ୍ତାଘାଟ ମରାମତି, ବିଦ୍ୟୁତ ଯୋଗାଣ, ରାସ୍ତାକଡ଼ରେ ବୃକ୍ଷରୋପଣ ଭଳି ଜନସେବାମୂଳକ କାର୍ଯ୍ୟକ୍ରମ କରାଗଲା। ଏହାପୂର୍ବରୁ ରାଜା ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଶାସନ କାଳରେ ରାଜ୍ୟକୁ କେତେଗୋଟି ପରଗଣା ଓ ପ୍ରଗନାକୁ ମଧ କେତୋଟି ୱାର୍ଡ଼ରେ ବିଭକ୍ତ କରାଯାଇ ଆଧୁନିକ ମ୍ୟୁନିସିପାଲିଟି ଢାଞ୍ଚାରେ ଶାସନ କାର୍ଯ୍ୟ ମଧ ପରିଚାଳିତ ହେଉଥିଲା। କିନ୍ତୁ ସ୍ୱାଧୀନ ଭାରତରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ସହରାଞ୍ଚଳରେ ସ୍ୱାୟତ୍ତ ଶାସନ ଏବଂ ଗ୍ରାମାଞ୍ଚଳରେ ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଭାରତର ନୂତନ ସମ୍ବିଧାନ ପ୍ରଣୟ ପରେ ୧୯୫୦ ମସିହା ଅକ୍ଟୋବର ମାସରେ ଓଡ଼ିଶା ପାଇଁ ମ୍ୟୁନିସିପାଲଟି ଆଇନ ପ୍ରଣୟନ ହେଲା, ଯାହାକି ଅଦ୍ୟାବଧି ଚାଲି ଆସୁଛି। ଓଡ଼ିଶା ମ୍ୟୁନିସିପାଲିଟି ଧାରା ୭୪ ଅନୁଯାୟୀ ପ୍ରତ୍ୟେକ ମ୍ୟୁନିସିପାଲିଟ ବା ଅଧିସୂଚିତ ଅଞ୍ଚଳରେ ସରକାରୀ ନିର୍ବାହୀ ଅଧିକାରୀ ଅବସ୍ଥାପିତ ହୋଇ କାର୍ଯ୍ୟ ତୁଲାଇବାର ବ୍ୟବସ୍ଥା ଅଛି। ଏହି ପରିଷଦର ସଭ୍ୟବୃନ୍ଦ ସ୍ଥାନୀୟ ଜନତାଙ୍କ ଭୋଟରଦ୍ୱାରା ନିର୍ବାଚିତ ହୋଇ କାର୍ଯ୍ୟ ତଦାରଖ କରିବେ ଏବଂ ଭୋଟରଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କର ମୁଖ୍ୟଙ୍କୁ ଚେୟାରମ୍ୟାନ କୁହାଗଲା, ଯିଏକି ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ବଛାଗଲା। ଏହି ସଂସ୍ଥା ମାଧମରେ ସ୍ଥାନୀୟ ଅଧିବାସୀଙ୍କର ଉନ୍ନତିର ଯୋଜନାସବୁ ପ୍ରସ୍ତୁତ କରାଯାଇ ସାଧାରଣ ଜନତାଙ୍କ କଲ୍ୟାଣ ସାଧିତ ହୋଇଥାଏ। ଏହି ସ୍ୱାୟତ୍ତ ଶାସନ ସଂସ୍ଥାର ପୂର୍ତ୍ତି ଉପଲକ୍ଷେ ପ୍ରତିବର୍ଷ ସ୍ୱାୟତ୍ତ ଶାସନ ଦିବସ ଦେଶବ୍ୟାପୀ ପାଳନ କରାଯାଏ। ଏହା ଏକ ସଂକଳ୍ପ ଦିବସ ରୂପେ ଅଭିହିତ ହୋଇଥାଏ। ଏହିଦିନରେ ସମାଜରେ ଜନଜାଗରଣ ସୃଷ୍ଟି କରିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ସାଧାରଣ ଜନତାଙ୍କ ହିତ ଦୃଷ୍ଟେ ତାହାକୁ କାର୍ଯ୍ୟକାରୀ କରାଯାଇଥାଏ।

ପୌରସଂସ୍ଥାର ଦୁଇ-ତୃତୀୟାଂଶରୁ କମ ସଂଖ୍ୟକ ସଦସ୍ୟ ନିଶ୍ଚୟ ଅଣଶାସନିକ ହେବେ, ଯାହା ଲର୍ଡ଼ ରିପନଙ୍କ ତଥ୍ୟରେ ଦର୍ଶାଯାଇଛି। ନିର୍ବାଚନ ମାଧମ ଗ୍ରହଣ କରିବା ପାଇଁ ସରକାରୀ କର୍ମଚାରୀ ଯଥାସାଧ ଏହାର ସଫଳତା ନିମିତ୍ତ କାର୍ଯ୍ୟ କରିବେ ଏବଂ ଯଥାଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ। ସରକାରୀ ନିୟନ୍ତ୍ରଣ ଦୁଇପ୍ରକାରର କାର୍ଯ୍ୟକାରୀ ହେବ। ସଭାପତି ଅଣଶାସନିକ ହେବେ, ଏତଦ୍ୱାରା ଅନ୍ୟାନ୍ୟ କର୍ମକର୍ତ୍ତାଗଣ ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ ପ୍ରତି ସଚେତନ ଓ କର୍ତ୍ତବ୍ୟନିଷ୍ଠ ହେବେ। ତେଣୁ ପରିଷଦ ଜନଜାଗରଣ ଓ ରାଜନୈତିକ ଶିକ୍ଷାର ଶିକ୍ଷାକେନ୍ଦ୍ର ହୋଇପାରିବ। ପୌରସଂସ୍ଥାର କର୍ମଚାରୀ ହିସାବରେ ଡାକ୍ତର, ଇଞ୍ଜିନିୟରମାନେ ପୌର ଜନସାଧାରଣଙ୍କର ପ୍ରୟୋଜନୀୟ ସେବା, ସଦୁପଯୋଗ ନିମିତ୍ତ ସାହାଯ୍ୟ କରିବେ। ଜିଲ୍ଲାସ୍ତରୀୟ ବାହ୍ୟ କର୍ମଚାରୀଙ୍କ ଠାରେ ନ୍ୟସ୍ତଥିବା ଦାୟିତ୍ୱ ସେମାନେ ସୁଚାରରୂପେ ତୁଲାଇବେ।

୧୮୮୨ରେ ଲର୍ଡ଼ ରିପନ୍‌ଙ୍କ ସରକାର ଯେଉଁ ପ୍ରସ୍ତାବ ଘୋଷଣା କଲେ ତାହା ଏକ ପ୍ରାରମ୍ଭିକ ରୂପରେଖ ଥିଲା। ଯଥା, ପ୍ରଶାସନିକ ଆୟତନ, ସ୍ୱାୟତ୍ତ ଶାସନସଂସ୍ଥାର ସମ୍ବିଧାନ, ସେମାନଙ୍କର କାର୍ଯ୍ୟାବଳୀ, ଅର୍ଥ ଏବଂ କ୍ଷମତାକୁ ନେଇ ଗଠିତ ଥିଲା। କିନ୍ତୁ ପରବର୍ତ୍ତୀ ସମୟର ଯେଉଁ ପ୍ରସ୍ତାବନା ଅନୁମୋଦନ କଲା ତାହା ଲର୍ଡ଼ ରିପନ୍‌ଙ୍କର ପ୍ରସ୍ତାବର ପୁନରାବୃତ୍ତି, ଅର୍ଥାତ ପରେ କୌଣସି ନୂତନତା ପ୍ରକାଶ ପାଇ ନଥିଲା। କେବଳ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା। ତେଣୁ ଲର୍ଡ଼ ରିପନ୍‌ଙ୍କର ଘୋଷଣା ଆଧୁନିକ ଭାରତରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ନିମିତ୍ତ ଏକ ଆବେଦନ ବୋଲି ଉଲ୍ଲେଖ କରାଗଲା। ତାଙ୍କର ଉଦ୍ଦେଶ୍ୟ ଥିଲା, ସମତା ରକ୍ଷା, ଗୋଟିଏ ସଭ୍ୟ ଶାସନ ପ୍ରକ୍ରିୟାରେ ଜନସାଧାରଣଙ୍କର ସହାନୁଭୂତି, ସହଯୋଗ ଏବଂ ସର୍ବଶେଷରେ ଲୌକିକ ଓ ରାଜନୈତିକ ଶିକ୍ଷାର ଉନ୍ନତି କରିବା ହେଉଛି ସ୍ୱାୟତ୍ତ ଶାସନ ସଂସ୍ଥାର ଭୂମିକା। ଏହାଦ୍ୱାରା ସହରର ଶିକ୍ଷା, ରାସ୍ତାଘାଟ, ଜନସ୍ୱାସ୍ଥ୍ୟ, ପୋଲିସ, ଡାକ୍ତରଖାନା, ଗମନାଗମନର ସୁବିଧା, ଆଲୋକ ପ୍ରଦାନ ଇତ୍ୟାଦି ଜନସାଧାରଣଙ୍କ ଉନ୍ନତି ପାଇଁ ଏହିସବୁ ଯୋଜନା ହାତକୁ ନେଇ କାର୍ଯ୍ୟ କଲା।

ସ୍ୱାଧୀନତା ପ୍ରାପ୍ତି ଏବଂ ଗଣତାନ୍ତ୍ରିକ ସମ୍ବିଧାନ ପ୍ରତିଷ୍ଠା ପରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ଲୌକିକ ନିର୍ବାଚନ ଓ ସରକାର ପ୍ରତିଷ୍ଠା ନିମିତ୍ତ ଭରତୀୟ ନେତୃବୃନ୍ଦ ଚିନ୍ତାକଲେ। ନୂତନ ସମ୍ବିଧାନର ବ୍ୟବସ୍ଥାନୁଯାୟୀ ସ୍ୱାୟତ୍ତ ଶାସନ ରାଜ୍ୟ ସରକାରଙ୍କର ଅନ୍ତର୍ଭୁକ୍ତ ହେଲା। ବାସ୍ତବତଃ ସ୍ୱାୟତ୍ତ ଶାସନ ସଂସ୍ଥାମାନ ଗଣତାନ୍ତ୍ରିକ କାର୍ଯ୍ୟକଳାପର ପ୍ରଶିକ୍ଷଣ କେନ୍ଦ୍ର କେବଳ ନୁହେଁ, ବରଂ ପଞ୍ଚବାର୍ଷିକ ଯୋଜନାରେ ଦାୟିତ୍ୱ ବହନ କରିବା ନିମିତ୍ତ ଏକ ବିଭାଗସଦୃଶ। ସମୟାନୁଯାୟୀ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ଉନ୍ନତି, ବିକାଶ ଏବଂ ପୁନର୍ଗଠନ ନିମିତ୍ତ ବିଭିନ୍ନ ଆୟୋଗ ଓ ସମିତି ଗଠନ କରାଯାଇଥିଲା। ଏଥିରୁ ଜାଣିହୁଏ ଯେ, ସ୍ୱରାଜ ବା ସ୍ୱାୟତ୍ତ-ଶାସନର ଅର୍ଥ ହେଉଛି ପ୍ରଭୁତ୍ୱର ବିକେନ୍ଦ୍ରୀକାରଣ। ନିର୍ଦ୍ଦିଷ୍ଟ ଆଞ୍ଚଳିକ ଭୂଖଣ୍ଡରେ ସୀମିତ କ୍ଷେତ୍ରାଧିକାରରେ ଏହା କାର୍ଯ୍ୟ କରେ। ଏହାର ସାମ୍ବିଧାନିକ ସ୍ଥିତି, କ୍ଷେତ୍ରାଧିକାର ଅଧିନସ୍ଥ ଅଞ୍ଚଳରୁ ଧାର୍ଯ୍ୟ ବିତ୍ତ ବୃଦ୍ଧି, ଏହାର କ୍ଷମତା, ସ୍ଥାନୀୟ ଜନସାଧାରଣଙ୍କର ପ୍ରଶାସନିକ କାର୍ଯ୍ୟରେ ଓ ନିଷ୍ପତ୍ତିକରଣରେ ଅଂଶଗ୍ରହଣ ଏବଂ ସ୍ୱତନ୍ତ୍ରଭାବେ ପ୍ରବର୍ତ୍ତିତ ସ୍ୱାଧୀନତା ବାସ୍ତବ କ୍ଷେତ୍ରରେ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ କାର୍ଯ୍ୟକାରୀ ହେବା ବିଧେୟ। ଏହା ସ୍ଥାନୀୟ ଶାସନର ଏକ ଅଂଶ ଯାହା ଦ୍ୱାରା ପ୍ରଶାସନିକ ଦକ୍ଷତାର ସ୍ଥାନୀୟକରଣ କରି ସ୍ଥାନୀୟ ଅଧିବାସୀମାନଙ୍କର ଆକାଂକ୍ଷା ପୂର୍ଣ୍ଣ କରାଯାଇଥାଏ, ଯାହା ଅର୍ଥନୈତିକ ଉନ୍ନତି ଏବଂ ବୈଷୟିକ ଅଭିବୃଦ୍ଧି ଘଟାଇବା ସଙ୍ଗେ ସଙ୍ଗେ ସାମାଜିକ ପରିବର୍ତ୍ତନ ଓ ଆଧୁନିକୀକରଣରେ ସାହାଯ୍ୟ କରେ।


**ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋବାଇଲ୍: ୯୩୩୭୪୦୪୨୫୪**


# ସାର ଉପରୁ ନିୟନ୍ତ୍ରଣ ପ୍ରତ୍ୟାହାର ହେଉ

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**



କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଦକ୍ଷିଣ-ପଶ୍ଚିମ ମୌସୁମୀ ଭାରତୀୟ କୃଷି ଓ କୃଷକଙ୍କ ପାଇଁ ବରଦାନ ପାଲଟିଛି। ଉତମ ମୌସୁମୀ ବର୍ଷା ପାଇଁ ଭଲ ଖରିଫ ଶସ୍ୟ ଅମଳ ପାଇଁ ଚାଷୀ ଆଶାବାଦୀ ରହିଛି। ବିଶେଷ କରି ଆବଶ୍ୟକ ବର୍ଷା ପାଇଁ ଚଳିତ ଖରିଫ ଋତୁରେ ଧାନ ଓ ମକା ଅମଳ ଅଧିକ ହେବା ସମ୍ଭାବନା ରହିଛି। ମାତ୍ର ଚାଷ ପାଇଁ ଆବଶ୍ୟକ ସାର'ର ଅଭାବ ଯୋଗୁଁ ଚାଷୀ ହତୋତ୍ସାହିତ ହୋଇ ପଡ଼ିଥିବା ଲକ୍ଷ୍ୟ କରାଯାଏ। ଓଡ଼ିଶା ସମେତ ସାରା ଦେଶରେ ଏବେ ସାର'ର ଘୋର ଅଭାବ ଦେଖାଦେଇଛି। ଅନ୍ୟପକ୍ଷରେ କଳାବଜାରରେ ଚଢ଼ାଦରରେ ବିକ୍ରୀ ହେଉଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଏହା ସତ୍ତ୍ୱେ ସାର ଦୋକାନଗୁଡିକ ନିକଟରେ ଲୋକଙ୍କର ଲମ୍ବା ଧାଡି ଲାଗି ଦେଖିବାକୁ ମିଳିଛି। ଏପରି ଭିଡ ଲାଗି ରହିଛି ଆଇନ-ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଲାଗି ପୋଲିସ ମୁତୟନ ହେଉଛି। କେବଳ ଏତକି ନୁହେଁ, ଚାଷୀ ଉତେଜନା ବୃଦ୍ଧି ପାଇବା ସହ ସାର ଦୋକାନ, ପ୍ରଶାସନିକ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଧାରଣା, ବିକ୍ଷୋଭ ଲାଗି ରହିଥିବାବେଳେ ରାସ୍ତାରୋକ କରି ଚାଷୀ ନିଜର ଅସନ୍ତୋଷ, ପ୍ରତିବାଦ ଜଣାଉଥିବା ଏବେ ନିୟମିତ ଘଟଣାରେ ପରିଣତ ହୋଇଛି। କହିବା ବାହୁଲ୍ୟ ଯେ, ଶସ୍ୟ ଗଛ ବଢ଼ିବା ଓ ଅଧିକ ଅମଳ ପାଇଁ ଯଥେଷ୍ଟ ପରିମାଣର ଜଳ ଓ ସାର ଆବଶ୍ୟକ। କିନ୍ତୁ ସାର'ର ଘୋର ଅଭାବ ଏବେ ଅଧିକ ଅମଳ ଆଶାକୁ କ୍ଷୀଣ କରି ଦେଇଛି ବୋଲି କୁହାଯାଇପାରେ। ତେବେ ସାର'ର ଅଭାବ ଆମ ଦେଶରେ ନୂଆ ନୁହେଁ। ଗତ କିଛି ବର୍ଷ ଧରି ଦେଶରେ ସାର'ର ଅଭାବ ଲାଗି ରହିଛି। ଚଳିତ ବର୍ଷ ଗତ ପହିଲା ସୁଦ୍ଧା ଦେଶରେ ଯେତିକି ସାର ମହଜୁଦ ଥିଲା, ତାହା ଗତ ବର୍ଷ ତୁଳନାରେ ୫୭ପ୍ରତିଶତ କମ୍ ବୋଲି ସରକାରୀ ତଥ୍ୟ କହେ। ଗତ କିଛି ବର୍ଷ ଧରି ଦେଶରେ ଡିଏପି ସାରର ଅଭାବ ଲାଗି ରହିଥିବା ବେଳେ ଚଳିତ ୟୁରିଆ ସମେତ ଅନ୍ୟ କେତେକ ସାର'ର ଉତ୍କଟ ଅଭାବ ପରିଲକ୍ଷିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଏସୀଆ ମହାଦେଶରେ ଚୀନ ସର୍ବାଧିକ ୟୁରିଆ ଉତ୍ପାଦନକାରୀ ରାଷ୍ଟ୍ର ହୋଇଥିବାବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ସାର ଅଭାବ ପୂରଣ ପାଇଁ ଚୀନ ଉପରେ ଭାରତ ନିର୍ଭର କରିଥାଏ। ଗତ ୨୦୨୩-



୨୪ ବର୍ଷରେ ଭାରତ ୮୦.୧ ଲକ୍ଷ ଟନ ୟୁରିଆ ଏବଂ ୫୭ଲକ୍ଷ ଟନ ଡିଏପି ସାର ଆମଦାନୀ କରିଥିଲା। ତେବେ ୨୦୨୪-୨୫ରେ ଚୀନ ଆବଶ୍ୟକୀୟ ସାର ରପ୍ତାନୀ କମାଇ ଦେଇଥିବା କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଚଳିତ ବର୍ଷ ଧାନ ଚାଷ ୯.୮ ପ୍ରତିଶତ ଏବଂ ମକାଚାଷ ୧୧.୮ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ବିଦେଶରୁ ସାର ଆମଦାନୀ ହ୍ରାସ ଉତ୍କଟ ଅଭାବର କାରଣ ହୋଇଥିବା ଜଣାଯାଏ। ଉଭୟ ଧାନ ଓ ମକା ଅନ୍ୟ ଶସ୍ୟ ତଥା ଡାଲିଜାତୀୟ ଶସ୍ୟ, ସୋୟାବନକ ତୁଳନା ଅଧିକ ପରିମାଣର ୟୁରିଆ ଆବଶ୍ୟକ କରିଥାଏ। କିନ୍ତୁ ଆନ୍ତର୍ଜାତିକ ବଜାରରେ ୟୁରିଆର ଅଭାବ ସାଙ୍ଗକୁ ୟୁକ୍ରେନ-ଋଷ, ଇସ୍ରାଏଲ-ହମାସ ଯୁଦ୍ଧ ଏବଂ ବାଣିଜ୍ୟ ଲଢେଇ ଯୋଗୁଁ ରପ୍ତାନୀ ବାଧାପ୍ରାପ୍ତ ହୋଇଥିବାବେଳେ ଚୀନର ୟୁରିଆ ଯୋଗାଣ କମାଇ ଦେବା ଯୋଗୁଁ ଦେଶରେ ୟୁରିଆର ଉତ୍କଟ ଅଭାବ ହୋଇଛି ଆହୁରି ମଧ ପ୍ରାକୃତିକ ଗ୍ୟାସର ମୂଲ୍ୟ ବୃଦ୍ଧି ଯୋଗୁଁ ୟୁରିଆ ଉତ୍ପାଦନ ଖର୍ଚ୍ଚ ବଢ଼ିଛି। ଏହା ନିସନ୍ଦେହ ଯେ, ଦେଶରେ ୟୁରିଆ ଅଭାବ ପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ। ଅନ୍ୟ ଦେଶରୁ ସରକାର ୟୁରିଆ ଆମଦାନୀ କରି ମହଜୁଦ ରଖିଥିଲେ। ଏପରି ଅବସ୍ଥା କେବେହେଲେ ଦେଖାଦେଇନଥାନ୍ତା। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାର ସାର ଉପରେ ସବ୍‌ସିଡି ଦେଉଥିବାବେଳେ ଏହା ନିଜ ନିୟନ୍ତ୍ରଣରେ ରଖିଛନ୍ତି। ୟୁରିଆ କ୍ୱିଂଟାଲ ପିଛା ୨୬୬.୫୦ ଟଙ୍କା ଏବଂ ଡିଏପି କ୍ୱିଂଟାଲ ପିଛା ୧୩୫୦ ଟଙ୍କା ସରକାର ଧାର୍ଯ୍ୟ କରିଛନ୍ତି। ଗତ ୨୦୧୨ରୁ ଏହି ଦର ଅପରିବର୍ତ୍ତିତ ରହିଛି। ସରକାର ରିଟେଲର ମାନଙ୍କୁ ଆବଶ୍ୟକୀୟ ପରିମାଣର ସାର ଯୋଗାଇପାରୁନଥିବାରୁ କଳାବଜାରରେ ଚଢ଼ା ଦରରେ ବିକ୍ରୀ ହେବା ସ୍ୱାଭାବିକ। ଅତୀତରେ ସରକାର ୟୁରିଆ ସାର ଉପରୁ ୪୦ପ୍ରତିଶତ ସବ୍‌ସିଡି ପ୍ରତ୍ୟାହାର କରିଥିଲେ। ଏବେ ୟୁରିଆ ଶିଳ୍ପ ଓ ୟୁରିଆ ଆମଦାନୀ ଉପରୁ ସରକାର ନିୟନ୍ତ୍ରଣ ପ୍ରତ୍ୟାହାର କରିବାର ଉପଯୁକ୍ତ ସମୟ ଉପନୀତ ହୋଇଛି। ଯାହାଦ୍ୱାରା କମ୍ପାନୀଗୁଡିକ ମୁକ୍ତ ଭାବେ ବିଦେଶରୁ ଆମଦାନୀ କରିବା ସହ କଳାବଜାର ଏବଂ ୧ଚଢ଼ାଦର ରୋକାଯାଇପାରିବ।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ଟ୍ରମ୍ପଙ୍କ ଭାରତ ଗସ୍ତ ବାତିଲ

**ୱାଶିଂଟନ,୩୧।୮:** ଟାରିଫ ନୀତି ଯୋଗୁ ଭାରତ ଓ ଆମେରିକା ସମ୍ପର୍କ ଧୀରେଧୀରେ ବିଗିଡ଼ିବାରେ ଲାଗିଛି। ଭାରତ ଉପରେ ଆମେରିକା ଟାରିଫ ପରେ ଟାରିଫ ଲଗାଉଥିବା ବେଳେ ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ ପଦକ୍ଷେପ ନେଇଛନ୍ତି। ଟାରିଫ ନୀତି ଯୋଗୁ ସୃଷ୍ଟି ହୋଇଥିବା ତିକ୍ତତା କାରଣରୁ ଟ୍ରମ୍ପ ନିଜର ଭାରତ ଗସ୍ତକୁ ବାତିଲ କରି ଦେଇଛନ୍ତି। ଚଳିତ ବର୍ଷ କ୍ୱାଡ ଦେଶଙ୍କ ବୈଠକ ଭାରତରେ ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେବାକୁ ଟ୍ରମ୍ପ ଭାରତ ଗସ୍ତରେ ଆସିବେ ବୋଲି କୁହାଯାଉଥିଲା। କିନ୍ତୁ ଟ୍ରମ୍ପଙ୍କ ଭାରତ ଗସ୍ତର କୌଣସି ଯୋଜନା ନଥିବା ଏବେ ନ୍ୟୁୟର୍କ ଟାଇମ୍ସରେ ଖବର ପ୍ରକାଶ ପାଇଛି।

ରିପୋର୍ଟରେ କୁହାଯାଇଛି ଯେ, ଟ୍ରମ୍ପ ଭାରତ ଗସ୍ତରେ ଆସିବେ ବୋଲି ପ୍ରଧାନମନ୍ତ୍ରୀ ମୋଦିଙ୍କୁ କହିଥିଲେ। ହେଲେ ଏବେ ସେ ତାଙ୍କ ଗସ୍ତ ଯୋଜନା ମଧ୍ୟରେ ଭାରତକୁ ରଖି ନାହାନ୍ତି। ଭାରତ ଗସ୍ତ ଯୋଜନାରୁ ସେ ଓହରି ଯାଇଛନ୍ତି। ନ୍ୟୁୟର୍କ ଟାଇମ୍ସ ବିଶେଷ ସୂତ୍ରରୁ ଏପରି ଖବର ପ୍ରକାଶ କରିଥିଲେ ହେଁ ଭାରତ କିମ୍ବା ଆମେରିକା ସରକାର ପକ୍ଷରୁ ଏ ସମ୍ପର୍କରେ କୌଣସି ବିଧିବଦ୍ଧ ସୂଚନା ଦିଆଯାଇନାହିଁ।

ଚଳିତ ବର୍ଷ ଶେଷ ଭାଗରେ ଭାରତ କ୍ୱାଡ ଦେଶମାନଙ୍କ ସମ୍ମିଳନୀ ଆୟୋଜନ କରିବ। ସେହିପରି ଟ୍ରମ୍ପ ରାଷ୍ଟ୍ରପତି ଭାବେ ଶପଥ ନେବାର ଦ୍ୱିତୀୟ ଦିନ ତାଙ୍କ ପ୍ରଶାସନ ପକ୍ଷରୁ କ୍ୱାଡ ଦେଶର ବୈଦେଶିକ ମନ୍ତ୍ରୀମାନଙ୍କୁ ନେଇ ବୈଠକ କରାଯାଇଥିଲା। ଏଥିରେ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଯୋଗ ଦେଇଥିଲେ। ହେଲେ ଏବେ ଭାରତ ଆୟୋଜନ କରୁଥିବା କ୍ୱାଡ ଦେଶର ସମ୍ମିଳନୀରେ ଯୋଗଦେବାକୁ ଟ୍ରମ୍ପ ନୂଆଦିଲ୍ଲୀ ଆସିବେ ନାହିଁ ବୋଲି ଜଣାପଡ଼ିଛି।

# ହିମାଚଳରେ ପ୍ରକୃତିର ତାଣ୍ଡବ ଜାରି, ୩୨୦ ମୃତ

## ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ୮୩୯ ଟି ରାସ୍ତା ବନ୍ଦ

**ସିମଳା,୩୧।୮:** ହିମାଚଳରେ ନଦୀଗୁଡ଼ିକ ଭୟଙ୍କର ରୂପ ଧାରଣ କରିଛନ୍ତି। ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ରାଜ୍ୟର ପରିସ୍ଥିତି ଖରାପ ହେବାରେ ଲାଗିଛି। ପ୍ରବଳ ବର୍ଷା ପ୍ରବାହରେ ହିମାଚଳ ପ୍ରଦେଶରେ ରାସ୍ତାଘାଟ ଖରାପ ଭାବରେ ପ୍ରଭାବିତ ହୋଇଛି। ଏନେଇ ଦିନକୁ ଦିନ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି।

ହିମାଚଳ ପ୍ରଦେଶ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ରାଜ୍ୟ ଜରୁରୀକାଳୀନ ଅପରେସନ୍ ସେଣ୍ଟର ଅନୁସାରେ ଜୁନ୍ ୨୦ ତାରିଖରେ ମୌସୁମୀ ଆରମ୍ଭ ହେବା ପରଠାରୁ ମୋଟ ମୃତ୍ୟୁ ସଂଖ୍ୟା ୩୨୦ରେ ପହଞ୍ଚିଛି। ୧୬୬ ଜଣଙ୍କ ମୃତ୍ୟୁ ଭୂସ୍ଖଳନ, ବନ୍ୟା ଏବଂ ବଜ୍ରପାତ ଯୋଗୁଁ ହୋଇଥିଲା, ଯେତେବେଳେ ସଡ଼କ ଦୁର୍ଘଟଣାରେ ୧୫୪ ଜଣଙ୍କ ମୃତ୍ୟୁ ଘଟିଥିଲା।

୩୦ ଅଗଷ୍ଟ ୨୦୨୫ ସନ୍ଧ୍ୟା ୬ଟା ସୁଦ୍ଧା ୮୩୯ଟି ରାସ୍ତା, ୭୨୮ଟି ବିଦ୍ୟୁତ ବଣ୍ଟନ ଟ୍ରାନ୍ସଫର୍ମର ଏବଂ ୪୫୬ଟି ଜଳ ଯୋଗାଣ ଯୋଜନା ଅଚଳ ଥିଲା। ଚମ୍ବା, ମାଣ୍ଡି ଏବଂ କୁଲୁ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି, ଯଥାକ୍ରମେ ୨୮୬, ୧୯୭ ଏବଂ ୧୭୫ ରାସ୍ତା ଅବରୋଧ ହୋଇଛି। ଏନ୍‌ଏଚ୍-୩, ଏନ୍‌ଏଚ୍-୫ ଏବଂ ଏନ୍‌ଏଚ୍-୩୦୫ ହେଉଛି ଜାତୀୟ ରାଜପଥ ଯାହା ବନ୍ଦ ଅଛି।

ସବୁଠାରୁ ଅଧିକ ପ୍ରଭାବିତ ଜିଲ୍ଲା ହେଉଛି ଚମ୍ବା, ଯେଉଁଥିରେ ୯୩ଟି ଯୋଜନା ବାଧାପ୍ରାପ୍ତ ହୋଇଛି ଏବଂ ମଣ୍ଡିରେ ୫୬ଟି ।

ସିମଳା ଏବଂ ସିରମୌର ଜିଲ୍ଲା ମଧ୍ୟ ଯଥାକ୍ରମେ ୫୨ ଏବଂ ୩୮ଟି ଯୋଜନା ବାଧାପ୍ରାପ୍ତ ହୋଇଛି। ରିପୋର୍ଟରେ କୁହାଯାଇଛି ଯେ, ପୁନରୁଦ୍ଧାର ପ୍ରୟାସ ଚାଲିଛି କିନ୍ତୁ ପ୍ରବଳ ବର୍ଷା ଯୋଗୁଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି।



### ଟ୍ରମ୍ପ ଫେଲ ମାରିବା ପରେ ମୋଦିଙ୍କ ସହଯୋଗ ଲୋଡ଼ିଲେ ଜେଲେନସ୍କି

# ରୁଷ ସହ ଯୁଦ୍ଧବିରତି ପାଇଁ କଲେ ଅନୁରୋଧ



**ନୂଆଦିଲ୍ଲୀ,୩୧।୮:** ଚୀନର ଏସ୍‌ସିଓ ସମ୍ମିଳନୀ ପୂର୍ବରୁ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ଫୋନରେ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହା ପୂର୍ବରୁ ପୁଟିନଙ୍କ ଭାରତ ଗସ୍ତ ଘୋଷଣା ମଧ୍ୟ ହୋଇ ସାରିଛି। ଏହାରି ମଧ୍ୟରେ ଜେଲେନସ୍କି ମୋଦିଙ୍କ ସହ ଆଲୋଚନା କରିଛନ୍ତି। ଯେଉଁ ଆଲୋଚନା ରୁଷ-ୟୁକ୍ରେନର ବିବାଦ ସମ୍ପର୍କରେ ରହିଥିଲା।

ସୂଚନାନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏସ୍‌ସିଓ ସମ୍ମିଳନୀରେ ସାକ୍ଷାତ କରିବାକୁ ଯାଉଛନ୍ତି। ପୁଟିନଙ୍କ ସାକ୍ଷାତ କରିବା ପୂର୍ବରୁ ଜେଲେନସ୍କି ମୋଦିଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଏହା ଛଡ଼ା ୟୁକ୍ରେନ୍ ସହିତ ଜଡିତ ଥିବା ସମସ୍ତ ଘଟଣା ସମ୍ପର୍କରେ ମୋଦିଙ୍କୁ ଜେଲେନସ୍କି ଅବଗତ କରାଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ଏହି ସମୟ ମଧ୍ୟରେ ରୁଷ-ୟୁକ୍ରେନ ଯୁଦ୍ଧ ସମାପ୍ତ କରିବାରେ ଏକ ବଡ଼ ପଦକ୍ଷେପ ନେଇପାରିବେ ବୋଲି ଜେଲେନସ୍କି ଆଶା କରୁଛନ୍ତି। କିନ୍ତୁ ଟ୍ରମ୍ପଙ୍କ ଅନେକ ଚେଷ୍ଟା ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ଫଳାଫଳ ମିଳିନାହିଁ।

ଏହା ବ୍ୟତୀତ ଟ୍ରମ୍ପ ପୁଟିନ ଏବଂ ଜେଲେନସ୍କିଙ୍କ ସହ ଅଲଗା ଅଲଗା କରି ସେମାନଙ୍କ ସହ ଆଲୋଚନା କରିଥିଲେ। ଯାହା ୮୦ ବର୍ଷ ମଧ୍ୟରେ କୌଣସି ରୁଷ ନେତାଙ୍କ ଆଲାସ୍କା ଗସ୍ତ ଥିଲା। ଏହି ସମୟ ମଧ୍ୟରେ ଯୁଦ୍ଧବିରତି ଉପରେ ଆଲୋଚନା ହୋଇଥିଲା। କିନ୍ତୁ କୌଣସି ଠୋସ୍ ଚୁକ୍ତି ହୋଇପାରିନଥିଲା।

## ଫିଲ୍ମ ନିର୍ଦ୍ଦେଶକ ପ୍ରେମ ସାଗରଙ୍କ ପରଲୋକ



**ନୂଆଦିଲ୍ଲୀ,୩୧।୮:** ଲୋକପ୍ରିୟ ଟେଲି ଧାରାବାହିକ 'ରାମାୟଣ' ପ୍ରସ୍ତୁତ କରିଥିବା ରାମାନନ୍ଦ ସାଗରଙ୍କ ପୁଅ ପ୍ରେମ ସାଗରଙ୍କ ପରଲୋକ ହୋଇଛି। ୮୧ ବର୍ଷ ବୟସରେ ତାଙ୍କର ନିଧନ ହୋଇଛି। ତେବେ ଗତ କିଛିଦିନ ହେଲା ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିଲା। ଆଉ ଆଜି ସକାଳ ୧୦ଟା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ନେଇ ସୂଚନା ମିଳିଛି।

ପ୍ରେମ ସାଗରଙ୍କ ଦେହାନ୍ତରେ ରାମାୟଣ ସିରିଏଲର ଲକ୍ଷ୍ମଣ ଚରିତ୍ରରେ ଅଭିନୟ କରିଥିବା ସୁନୀଲ ଲହରୀ ଦୁଃଖ ପ୍ରକାଶ କରିଛନ୍ତି। ସେ ପ୍ରେମ ସାଗରଙ୍କ ଫଟୋ ସେୟାର କରିବା ସହିତ ଏହାକୁ ଦୁଃଖଦ ବୋଲି କହିଛନ୍ତି। ସେ ଲେଖିଛନ୍ତି ଯେ, ରାମାନନ୍ଦ ସାଗରଙ୍କ ପୁଅ ପ୍ରେମ ସାଗରଙ୍କ ପରଲୋକ ଘଟିଛି। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ। ତାଙ୍କ ପରିବାର ଲୋକଙ୍କୁ ଏ ଦୁଃଖର ସମୟରେ ଶକ୍ତି ଦିଅନ୍ତୁ।

ଜାଣିରଖିବା ଉଚିତ ଯେ, ୧୯୬୮ ମସିହାରେ ଏଫଟିଆଇଆଇରୁ ପ୍ରେମ ସାଗର ଗ୍ରାଜୁଏଟ୍ ହୋଇଥିଲେ। ଏହାପରେ ସେ ଅଲିଫ୍ ଲୈଲା, ଚରସ ଏବଂ ଲଲକାର ଭଳି ଫିଲ୍ମ ତିଆରି କରିଥିଲେ। ଏହାପରେ ସେ ଅନେକ ଟିଭି ସୋ' ମଧ୍ୟ ପ୍ରସ୍ତୁତ କରିଥିଲେ। ଖାସ୍ କରି ୧୯୮୫ ମସିହାରେ ଆସିଥିବା ଲୋକପ୍ରିୟ ଟେଲି ଧାରାବାହିକ 'ବିକ୍ରମ ଔର ବେତାଳ' ତାଙ୍କର ହିଁ ସୃଷ୍ଟି। ଏହି ସୋ'ରେ ସେ ନିର୍ଦ୍ଦେଶନା ଦେବା ସହିତ ଏହାର ପ୍ରଯୋଜନା ମଧ୍ୟ କରିଥିଲେ।

# ବଢ଼ିଲା ମହୁଆଙ୍କ ଅଡୁଆ, ରୁଜୁ ହେଲା ମାମଲା



**ରାୟପୁର,୩୧।୮:** ପଶ୍ଚିମବଙ୍ଗର କ୍ଷମତାସୀନ ଟିଏମସି ସାଂସଦ ମହୁଆ ମୈତ୍ରାଙ୍କ ଅଡୁଆ ବଢ଼ିଛି। କେନ୍ଦ୍ରମନ୍ତ୍ରୀ ଅମିତ ଶାହଙ୍କ ସମ୍ପର୍କରେ ସେ ଦେଇଥିବା ବିବାଦୀୟ ବୟାନ ପାଇଁ ତାଙ୍କ ନାଁରେ ରୁଜୁ ହୋଇଛି ମାମଲା। ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ଛତିଶଗଡ଼ ପୁଲିସ୍ ବିଧିବଦ୍ଧ ଭାବେ ମହୁଆଙ୍କ ନାଁରେ ମାମଲା କରିଛି। ରାୟପୁରରେ ଥିବା ମାନା କ୍ୟାମ୍ପ ପୁଲିସ୍ ନିକଟରେ ସ୍ଥାନୀୟ ଅଞ୍ଚଳର ଗୋପାଳ ସାମାନ୍ତୋ ପ୍ରଥମେ ମହୁଆଙ୍କ ବିରୋଧରେ ଅଭିଯୋଗ କରିଥିଲେ। ମହୁଆ ଦେଇଥିବା ବୟାନ ଗଣତାନ୍ତ୍ରିକ ପ୍ରତିଷ୍ଠାନ ପ୍ରତି ଅପମାନ। ସେ ମୁଣ୍ଡ କାଟ ଭଳି ବୟାନ ଦେଇ ଘୃଣା ସୃଷ୍ଟି କରିଛନ୍ତି ଓ ଏହା ଜାତୀୟ ଏକତା ପ୍ରତି ବିପଦ ବୋଲି ନିଜ ଅଭିଯୋଗରେ କହିଥିଲେ। ଏଥିପାଇଁ ମାନା କ୍ୟାମ୍ପ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ମହୁଆ ବିବାଦୀୟ ବୟାନ ଦେଇଥିଲେ। ବେଆଇନ ବାଂଲାଦେଶୀଙ୍କ ଅନୁପ୍ରବେଶ ରୋକିବାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିଫଳ ହୋଇଥିବାରୁ ତାଙ୍କ ମୁଣ୍ଡ କଟାଯିବା ଦରକାର ବୋଲି ମହୁଆ କହିଥିଲେ। ନଦିଆରେ ଆୟୋଜନ କାର୍ଯ୍ୟକ୍ରମରେ ମହୁଆ କହିଥିଲେ ଯେ, ସୀମା ସୁରକ୍ଷା ଦାୟିତ୍ୱ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଓ ଅମିତ ଶାହ ଏହାକୁ ଅସ୍ୱୀକାର କରିପାରିବେ ନାହିଁ। ଅନୁପ୍ରବେଶ ପାଇଁ ଟିଏମସିକୁ ଦାୟୀ କରିବା ଭୁଲ ବୋଲି ମହୁଆ ମତ ରଖିଥିଲେ। ଏନେଇ ମହୁଆଙ୍କ ବିରୋଧରେ ଗୋପାଳ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ମୁଁ ହୃଦୟରୁ ଏପରି ଅଭିଯୋଗ କରିଛି। ମୁଁ ମହୁଆଙ୍କ ସଂପ୍ରଦାୟର ଲୋକ ଓ ସେ ଯେତେବେଳେ ଏପରି ଲଜ୍ଜାଜନକ ଭୁଲ କଥା ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସମ୍ପର୍କରେ କହୁଛନ୍ତି, ଏହା ପୂରା ସଂପ୍ରଦାୟ ପ୍ରତି ଅପମାନ। ତାଙ୍କୁ ଦଣ୍ଡ ଦିଆଯାଉ ଓ ତାଙ୍କ ସଦସ୍ୟତା ପଦ ରଦ୍ଦ କରାଯାଉ।" ଧାରା ୧୯୬ ଓ ୧୯୭ ଆଧାରରେ ଛତିଶଗଡ଼ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବିହାରରେ ଏକାକୀ ନିର୍ବାଚନ ଲଢିବ ବହୁଜନ ସମାଜବାଦୀ ପାର୍ଟି, ଘୋଷଣା କଲେ ମାୟାବତୀ



**ନୂଆଦିଲ୍ଲୀ,୩୧।୮:** ବିହାରରେ ଏକାକୀ ନିର୍ବାଚନ ଲଢ଼ିବେ ମାୟାବତୀ । ଏନେଇ ଘୋଷଣା କରିଛନ୍ତି ସେ। ମାୟାବତୀ ତାଙ୍କ ପୁତୁରା ଆକାଶ ଆନନ୍ଦଙ୍କୁ ବିହାର ନିର୍ବାଚନର ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ସୂଚନାଥାଉକି, କିଛି ଦିନ ପୂର୍ବରୁ ମାୟାବତୀ ଆକାଶ ଆନନ୍ଦଙ୍କୁ ବିଏସପିର ଜାତୀୟ ସଂଯୋଜକ କରିଥିଲେ, ଯାହା ପରେ ତାଙ୍କୁ ଏବେ ବିହାର ନିର୍ବାଚନର ଦାୟିତ୍ୱ ଦିଆଯାଇଛି। ଆକାଶ ଆନନ୍ଦଙ୍କ ସହିତ,କେନ୍ଦ୍ରୀୟ ସଂଯୋଜକ ତଥା ରାଜ୍ୟସଭା ସାଂସଦ ରାମଜୀ ଗୌତମ ଦଳ ଏବଂ ବିହାର ରାଜ୍ୟ ୟୁନିଟର ଦାୟିତ୍ୱ ସମ୍ଭାଳିବେ। ବସପା ସୁପ୍ରିମୋ ମାୟାବତୀ ଇନଷ୍ଟାଗ୍ରାମରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ, ବିହାର ବିଧାନସଭା ପାଇଁ "ବରିଷ୍ଠ ଅଧିକାରୀଙ୍କ ସହିତ ଗତ ଦୁଇ ଦିନର ବୈଠକରେ ଗଭୀର ଆଲୋଚନା ହୋଇଛି । ଏଥିରେ ବିଏସପି ପ୍ରାର୍ଥୀଙ୍କ ଚୟନ ସମେତ ଦଳର ପ୍ରତ୍ୟେକ ସ୍ତରରେ ପ୍ରସ୍ତୁତି ବିଷୟରେ ମଧ୍ୟ ସମୀକ୍ଷା କରାଯାଇଥିଲା। ଏହି ସମୟରେ, ନିଜସ୍ୱ ଶକ୍ତିରେ ନିର୍ବାଚନ ଲଢ଼ିବାର ନିଷ୍ପତ୍ତିକୁ ଦୃଷ୍ଟିରେ ରଖି, ଆଗାମୀ ଦିନରେ ଦଳର ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖା ମଧ୍ୟ ଚୂଡ଼ାନ୍ତ କରାଯାଇଥିଲା। ଆକାଶ ଆନନ୍ଦଙ୍କୁ ଦାୟିତ୍ୱ ଦିଆଗଲା

### ରାଜଧାନୀ ଦିଲ୍ଲୀରେ ଡବଲ ମର୍ଡର

# ସ୍ତ୍ରୀ ଓ ଶାଶୂର ଜୀବନ ନେଲା ଜ୍ୱାଇଁ

**ନୂଆଦିଲ୍ଲୀ,୩୧।୮:** ରାଗରେ ରକ୍ତ ସମ୍ପର୍କ ଭୁଲିଗଲା ଜ୍ୱାଇଁ। ପାରିବାରିକ କଳହ ପାଇଁ ପୁଣି ଛାରଖାର ହେଲା ଆଉ ଗୋଟିଏ ପରିବାର। ଯେଉଁ ହାତରେ ସ୍ତ୍ରୀ ମୁଣ୍ଡରେ ସିନ୍ଦୂର ପିନ୍ଧେଇଥିଲା ସେଇ ହାତରେ ସ୍ତ୍ରୀକୁ ଜୀବନରୁ ମାରିଦେଲା। କଇଁଚିରେ ଆକ୍ରମଣ କରି ସ୍ତ୍ରୀ ଓ ଶାଶୂକୁ ହତ୍ୟା କଲା ଜ୍ୱାଇଁ। ଏମିତି ଚାଞ୍ଚଲ୍ୟକର ଘଟଣା ଦେଖିବାକୁ ମିଳିଛି ରାଜଧାନୀ ଦିଲ୍ଲୀର ରୋହିଣୀ ସେକ୍ଟର ୧୭ରେ। ମୃତକଙ୍କ ମଧ୍ୟରେ ୨୭ ବର୍ଷୀୟା ପ୍ରିୟା ଏବଂ ତାଙ୍କ ୬୩ ବର୍ଷିୟା ମା' କୁସୁମ ସିହ୍ନା ଅଛନ୍ତି। ପ୍ରିୟାଙ୍କ ସ୍ୱାମୀ ଯୋଗେଶ ସେହଗଲ ଦୁଇ ଜଣଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ କରିଛନ୍ତି ପ୍ରିୟାଙ୍କ ଭାଇ। ସୂଚନା ଅନୁସାରେ ପ୍ରିୟାଙ୍କ ପୁଅର ଜନ୍ମଦିନ ଥିବାରୁ ଝିଅ ଘରକୁ ଯାଇଥିଲେ କୁସୁମ ସିହ୍ନା। ନାତିର ଜନ୍ମଦିନ ସରିବା ପରେ ଆଉ ଗୋଟିଏ ଦିନ ଝିଅ ଘରେ ରହିଥିଲେ କୁସୁମ। ତେବେ ପ୍ରିୟା ଓ ଯୋଗେଶଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। କୁସୁମ ଝିଅ- ଜ୍ୱାଇଁଙ୍କ ଝଗଡ଼ାର ସମାଧାନ ପାଇଁ ଝିଅ ଘରେ ଆଉ ଗୋଟିଏ ଦିନ ରହିଥିଲେ। ଶନିବାର ହୋଇଥିବା ଏହି ଘରୋଇ ବିବାଦରେ ଅଭିଯୁକ୍ତ ଯୋଗେଶ ନିଜ ସ୍ତ୍ରୀ ଓ ଶାଶୂକୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ତେବେ ଏଭଳି ନିର୍ମମ ହତ୍ୟାକାଣ୍ଡ କରି ଘଟଣାସ୍ଥଳରୁ ଫେରାର ମାରିଥିଲା ଯୋଗେଶ।



ସେପଟେ ସୂଚନା ପାଇବା ମାତ୍ରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ହେପାଜତକୁ ନେଇ ପୋଷ୍ଟମର୍ଟମ ପାଇଁ ପଠାଇଥିଲା। କ୍ରାଇମବ୍ରାଞ୍ଚ ଏବଂ ଫୋରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ସଂଗ୍ରହ କରିବା ସହ ପୋଲିସ ଅଭିଯୁକ୍ତକୁ ଖୋଜିବା ପାଇଁ ଦଳ ଗଠନ କରିଥିଲା। ତେବେ ପତ୍ନୀ ଏବଂ ଶାଶୂଙ୍କୁ ହତ୍ୟା କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଯୋଗେଶ ସେହଗଲକୁ ଠାବ କରି ଗିରଫ କରିଛି।

## ବାୟୁସେନାର ଉଦ୍ଧାର ଅଭିଯାନ, ଭଙ୍ଗା ବ୍ୟାରେଜରୁ ଉଦ୍ଧାର ହେଲେ ଏନ୍‌ଡିଆରଏଫ୍ ଯବାନ



**ମାଧୋପୁର,୩୧।୮:** ଭାରତୀୟ ବାୟୁସେନା (ଆଇଏଏଫ) ପୁଣି ଥରେ ନିଜ ଶକ୍ତି ଓ ସାମର୍ଥ୍ୟକୁ ପ୍ରମାଣିତ କରିଛି। ୩୦ ଅଗଷ୍ଟ ୨୦୨୫ରେ ପଞ୍ଜାବର ମାଧୋପୁର ନିକଟ ରାବି ନଦୀ ବ୍ୟାରେଜରେ ଫଶି ରହିଥିବା ଜାତୀୟ ବିପର୍ଯ୍ୟୟ ପ୍ରସମନ ବଳ (ଏନଡିଆରଏଫ) ଜବାନଙ୍କୁ ଆଇଏଏଫ ବିପଦଜନକ ପରିସ୍ଥିତିରେ ଉଦ୍ଧାର କରିଛି। ଜବାନଙ୍କୁ ଭାଙ୍ଗିଯାଇଥିବା ବ୍ୟାରେଜର ବିପଦଜନକ ସ୍ଥାନରୁ ଉଦ୍ଧାର ନିମନ୍ତେ ଏକ ଏମଆଇ-୧୭ ହେଲିକପ୍ଟରକୁ ଡେୟାରଡେଭିଲ ମିସନରେ ପଠାଯାଇଥିଲା। ବିପଦଜନକ ଢାଲୁ ଓ ଜଟିଳ ଭୂ-ଭାଗ ମଧ୍ୟରେ ଏହି ରେସ୍କ୍ୟୁ ଅପରେସନ ଭାରତର ସାମରିକ ଇତିହାସର ଏକ ଏପରି ପୃଷ୍ଠା ପାଲଟିଛି ଯାହାକୁ ବାରମ୍ବାର ସ୍ମରଣ କରାଯିବ। ଆପଣ କେବେ ଶୁଣିଛନ୍ତି କି ହେଲିକପ୍ଟର ଗୋଟିଏ ଚକରେ ଛିଡା ହେବା। ନୁହେଁ ନା ଏହି ରେସ୍କ୍ୟୁ ଅପରେସନରେ ହେଲିକପ୍ଟର ଗୋଟିଏ ଚକରେ ଛିଡା ହୋଇ ଜଣଜଣ କରି ଏନଡିଆରଏଫ ଜବାନଙ୍କୁ ଉଠାଇଥିଲା ଓ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚାଇ ଥିଲା।

### ଫେଲ କରିଦେବା ଧମକ ଦେଇ ୭ମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ

## ସ୍କୁଲ ପ୍ରିନ୍ସିପାଲଙ୍କୁ ବାନ୍ଧିଲା ପୁଲିସ

**ଆଲିଗଡ଼,୩୧।୮:** ଶିକ୍ଷା ଭଳି ପବିତ୍ର ଶବ୍ଦରେ କଳଙ୍କର ଦାଗ ଲଗାଇଛନ୍ତି ଜଣେ ପ୍ରିନ୍ସିପାଲ। ସେ ନିଜ ସ୍କୁଲର ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ କରିଛନ୍ତି। ଏଥିସହ ତାଙ୍କୁ ବାହା ହେବାକୁ ପ୍ରସ୍ତାବ ବି ଦେଇଛନ୍ତି। ଏହା ସାମ୍ନାକୁ ଆସିବା ପରେ ଆଲିଗଡ଼ରେ ଥିବା ଗୋଟିଏ ସରକାରୀ ସ୍କୁଲର ପ୍ରିନ୍ସିପାଲଙ୍କୁ ପୁଲିସ୍ ଗିରଫ କରିଛି। ସେହିପରି ତାଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ନିଲମ୍ବନ ମଧ୍ୟ କରାଯାଇଛି।

ଅତ୍ରୌଲି ଡିଏସ୍‌ପି ରାଜୀବ ଦ୍ୱିବେଦୀ କହିଛନ୍ତି, "ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି। ସେହିପରି ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ଏବେ ଘଟଣାର ଅଧିକ ତଦନ୍ତ କରାଯାଉଛି ଓ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।"

ପୁଲିସ୍‌ର କହିବା କଥା ଯେ, ୫୦ ବର୍ଷୀୟ ପ୍ରିନ୍ସିପାଲ ଜଣଙ୍କ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ସହ ଅଶ୍ଳୀଳ ବ୍ୟବହାର କରୁଥିଲେ। ସେ ଏହାକୁ ବିରୋଧ କରିବାରୁ ତାଙ୍କୁ ପରୀକ୍ଷାରେ ଫେଲ କରି ଦେବାର ଧମକ ଦେଉଥିଲେ। ବେଶ କିଛି ସମୟ ଧରି ଏପରି ଚାଲିଥିଲା। ଶେଷରେ ନିର୍ଯାତନା ସହି ନ ପାରି ଛାତ୍ରୀ ଜଣକ ଏନେଇ ତାଙ୍କ ମା'ଙ୍କୁ ଜଣାଇଥିଲେ। ମା' ଓ ଝିଅ ପୁଲିସ୍‌ର ଦ୍ୱାରସ୍ଥ ହୋଇଥିଲେ।

ଝିଅ ଠାରୁ ସବୁ ଶୁଣିବା ପରେ ମା' ପ୍ରଥମେ ଶିକ୍ଷା ଅଧିକାରୀଙ୍କ ପାଖକୁ ଯାଇଥିଲେ। ଏହାପରେ ବ୍ଲକ ଶିକ୍ଷା ଅଧିକାରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ ତଦନ୍ତରୁ ପ୍ରିନ୍ସିପାଲଙ୍କ ବିରୋଧରେ ଆସିଥିବା ଅଭିଯୋଗରେ ସତ୍ୟତା ରହିଛି। ଏଥିପାଇଁ ତାଙ୍କୁ ନିଲମ୍ବନ କରାଯାଇଛି ବୋଲି ଶିକ୍ଷାଧିକାରୀ ଡ. ରାକେଶ ସିଂହ କହିଛନ୍ତି। ଏବେ ପ୍ରିନ୍ସିପାଲଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଚାଲିଛି।

# ଜଗଦୀପ ଧନଖଡ଼ଙ୍କୁ ମିଳିଲାନି ସରକାରୀ ଆବାସ

● ଏବେ ନିଜ ଘରକୁ ସିଫ୍ଟ ହେବେ ପୂର୍ବତନ ଉପରାଷ୍ଟ୍ରପତି



**ନୂଆଦିଲ୍ଲୀ, ୩୧।୮:** ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ପରେ ଜଗଦୀପ ଧନଖଡ଼ ଏବେ ଦିଲ୍ଲୀ ଛତରପୁର ଏନକ୍ଲେଭ ସ୍ଥିତ ନିଜ ଘରକୁ ସିଫ୍ଟ ହେବାକୁ ପ୍ରସ୍ତୁତ ହେଉଛନ୍ତି। ଏହାସହ ସେ ରାଜସ୍ଥାନ ବିଧାନସଭାକୁ ପୂର୍ବ ବିଧାୟକ ପେନସନ୍ ପାଇଁ ଆବେଦନ କରିଛନ୍ତି। ୭୪ ବର୍ଷିୟ ଧନଖଡ଼ ଜୁଲାଇ ୨୧ ତାରିଖରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ଏବେ ସେପ୍ଟେମ୍ବର ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି। ସେପଟେ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାର କିଛି ସମୟ ପରେ ତାଙ୍କୁ ସରକାରୀ ବାସଭବନ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ସାମ୍ବିଧାନିକ ନିୟମ ମୁତାବକ ପୂର୍ବ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଟାଇପ-୮ ବଙ୍ଗଳା ଆବଣ୍ଟିତ କରାଯାଏ। ଏହି ଆବଣ୍ଟନ ଆବାସ ଓ ସହରୀ କାର୍ଯ୍ୟ ମନ୍ତ୍ରଣାଳୟ କରିଥାଏ। ଏକ ଜାତୀୟ ଖବରକାଗଜ ମୁତାବକ ମନ୍ତ୍ରଣାଳୟ କିଛିଦିନ ତଳେ ଧନଖଡଙ୍କୁ ଭେଟିଥିଲା। ହେଲେ ତାଙ୍କୁ ମିଳିବାକୁ ଥିବା ସରକାରୀ ବାସଭବନକୁ ନେଇ କଥା ଆଗକୁ ବଢ଼ିପାରିନଥିଲା। ଏହି କାରଣରୁ ଧନଖଡ ଏବେ ନିଜ ଘରକୁ ଫେରିଯିବାକୁ ନିଷ୍ପତ୍ତି ନେଇଛନ୍ତି।

ସେପଟେ ଧନଖଡ ପୁଣିଥରେ ରାଜସ୍ଥାନ ବିଧାନସଭାକୁ ଆବେଦନ କରି ପୂର୍ବ ବିଧାୟକ ଭାବେ ପେନସନ୍ ଦାବି କରିଛନ୍ତି। ଧନଖଡ ୧୯୯୩ ରୁ ୧୯୯୮ ପର୍ଯ୍ୟନ୍ତ କଂଗ୍ରେସ ଟିକେଟକରୁ କିଶନଗଡ଼ ବିଧାନସଭାରୁ ନିର୍ବାଚିତ ହୋଇଥିଲେ। ମାତ୍ର ୨୦୧୯ ରେ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ନିଯୁକ୍ତ ହେବା ପରେ ତାଙ୍କ ବିଧାୟକ ପେନସନ୍ ବନ୍ଦ କରାଯାଇଥିଲା। ଏହି କ୍ରମରେ ସେ ୨୦୨୨ରେ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ରାଜସ୍ଥାନ ବିଧାନସଭା ପକ୍ଷରୁ ଧନଖଡଙ୍କ ଆବେଦନ ଉପରେ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଟେକଅପ ସମୟରେ ଏୟାର ଇଣ୍ଡିଆ ବିମାନରେ ଲାଗିଲା ନିଆଁ

**ନୂଆଦିଲ୍ଲୀ,୩୧।୮:** ଦିଲ୍ଲୀରୁ ଇନ୍ଦୋର ଯାଉଥିବା ଏୟାର ଇଣ୍ଡିଆର ବିମାନ ଏଆଇ ୨୯୧୩ ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ଦିଲ୍ଲୀ ଫେରିବାକୁ ପଡିଲା। ବିମାନର କକପିଟ କ୍ରୁଙ୍କୁ ଡାହାଣ ଇଞ୍ଜିନରେ ନିଆଁ ଲାଗିବାର ସଙ୍କେତ ମିଳିଥିଲା, ଯାହା ପରେ ମାନକ ପ୍ରକ୍ରିୟା ଅନୁଯାୟୀ ଇଞ୍ଜିନ ବନ୍ଦ କରି ବିମାନଟିକୁ ନିରାପଦରେ ଦିଲ୍ଲୀ ବିମାନବନ୍ଦରରେ ଅବତରଣ କରାଯାଇଥିଲା। ଏୟାର ଇଣ୍ଡିଆର ଜଣେ ମୁଖପାତ୍ର କହିଛନ୍ତି ଯେ ବିମାନକୁ ତଦନ୍ତ ପାଇଁ ଗ୍ରାଉଣ୍ଡ କରାଯାଇଛି। ଯାତ୍ରୀଙ୍କ ସୁବିଧା ପାଇଁ, ତୁରନ୍ତ ଏକ ବିକଳ୍ପ ବିମାନ ଉପଲବ୍ଧ କରାଯାଇଛି, ଯାହା ସେମାନଙ୍କୁ ଇନ୍ଦୋର ପଠାଇବ। ଆଲାର୍ମ ବାଜିବା ମାତ୍ରେ ଏବଂ କକପିଟରେ ନିଆଁ ଲାଗିବାର ସଙ୍କେତ ମିଳିବା ମାତ୍ରେ, ବିମାନରେ ବସିଥିବା ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଗଲା।

### ନ୍ୟୁୟର୍କ ଟାଇମ୍ସର ଚାଞ୍ଚଲ୍ୟକର ରିପୋର୍ଟ

# ନୋବେଲ ପାଇଁ ସମର୍ଥନ ନପାଇ ଶୁଳ୍କ ଲଦିଥିଲେ ଟ୍ରମ୍ପ୍

**ନୂଆଦିଲ୍ଲୀ,୩୧।୮:** ଭାରତ-ଆମେରିକା ସମ୍ପର୍କରେ ତିକ୍ତତାର ଗୋଟିଏ କାରଣ ହେଉଛି ଶୁଳ୍କ। ଅନ୍ୟ କାରଣ ହେଉଛି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ଆଣିବା ପାଇଁ ଟ୍ରମ୍ପ୍‌ଙ୍କ ବାରମ୍ବାର ଦାବି। ଜୁନ୍ ୧୭ ତାରିଖରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଏକ ଫୋନ୍ ବାର୍ତ୍ତାଳାପ ହୋଇଥିଲା। ତା'ପରେ ସ୍ଥିତି ଆହୁରି ଖରାପ ହୋଇଥିଲା।



ଆମେରିକୀୟ ଖବରକାଗଜ ନ୍ୟୁୟର୍କ ଟାଇମ୍ସ ଏକ ରିପୋର୍ଟରେ ଚାଞ୍ଚଲ୍ୟକର ଖୁଲାସା କରିଛି। ରିପୋର୍ଟ ଅନୁସାରେ ଜୁନ୍ ୧୭ ତାରିଖରେ ଟ୍ରମ୍ପ୍ ମୋଦୀଙ୍କ ସହ ଫୋନ୍ ମାଧ୍ୟମରେ କଥାବାର୍ତ୍ତାରେ ଭାରତ-ପାକିସ୍ତାନ ଯୁଦ୍ଧବିରତି ପ୍ରସଙ୍ଗ ପୁଣି ଥରେ ଉଠାଇଥିଲେ ଏବଂ କହିଥିଲେ ଯେ, ସାମରିକ ଉତ୍ତେଜନା ଶେଷ ହୋଇଥିବାରୁ ମୁଁ ଗର୍ବିତ। ଦୁଇ ନେତା ୩୫ ମିନିଟ୍ ଧରି ଫୋନ୍‌ରେ କଥା ହୋଇଥିଲେ। ଏହି କଥାବାର୍ତ୍ତାରେ ଟ୍ରମ୍ପ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କହିଥିଲେ ଯେ, ପାକିସ୍ତାନ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିବାକୁ ଯାଉଛି। ଟ୍ରମ୍ପ୍‌ଙ୍କ କହିବାର ଅର୍ଥ ଥିଲା ଯେ, ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଟ୍ରମ୍ପ୍‌ଙ୍କୁ ମନୋନୀତ କରିବା ଉଚିତ୍। ଏହାକୁ ନେଇ ମୋଦୀ ରାଗି ଯାଇଥିଲେ ଏବଂ ସ୍ପଷ୍ଟ ଭାବରେ କହିଥିଲେ ଯେ, ଭାରତ-ପାକିସ୍ତାନ ଯୁଦ୍ଧବିରତି ସହିତ ଟ୍ରମ୍ପ୍‌ଙ୍କର କୌଣସି ସମ୍ପର୍କ ନାହିଁ। ଏନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ନିଷ୍ପତ୍ତି ହୋଇଥିଲା।

ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ମନ୍ତବ୍ୟଗୁଡ଼ିକୁ ଡୋନାଲ୍ଡ ଟ୍ରମ୍ପ୍ ଅଣଦେଖା କରିଥିଲେ। କିନ୍ତୁ ଯୁଦ୍ଧବିରତିକୁ ନେଇ ମତଭେଦ ଦେଖାଦେବାରୁ ଏବଂ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୋବେଲ ପୁରସ୍କାର ବିଷୟରେ କଥା ହେବାକୁ ମନା କରିବାରୁ ଦୁଇ ନେତାଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଗଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଜୁନ୍ ମାସରେ ହୋଇଥିବା ଏହି ଫୋନ୍ କଲ୍ ପରେ, ଟ୍ରମ୍ପ୍ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ କହିଥିଲେ ଯେ, ଭାରତ କ୍ରମାଗତ ଭାବରେ ରୁଷିଆରୁ ତେଲ ଆମଦାନୀ କରୁଛି, ଯାହା ଯୋଗୁ ଅତିରିକ୍ତ ଶୁଳ୍କ ଲାଗୁ କରାଯାଉଛି। ଆମେରିକା ଦ୍ୱାରା ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲାଗୁ କରାଯାଉଛି।

ଏହା ଉଲ୍ଲେଖନୀୟ ଯେ, ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ତାଙ୍କ ମଧ୍ୟରେ ବହୁତ ଭଲ ସମ୍ପର୍କ ଥିଲା। ପ୍ରଧାନମନ୍ତ୍ରୀ ମୋଦୀ ଆମେରିକାରେ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଯେତେବେଳେ ୨୦୨୦ରେ ଟ୍ରମ୍ପ୍ ଭାରତ ଆସିଥିଲେ, ସେତେବେଳେ ଗୁଜରାଟରେ ନମସ୍ତେ ଟ୍ରମ୍ପ୍ ଆୟୋଜନ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଦ୍ୱିତୀୟ କାର୍ଯ୍ୟକାଳରେ ଦୁଇ ନେତାଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଯାଇଛି।

## କମନୱେଲଥ ଚାମ୍ପିଅନଶିପ୍ ୨୦୨୫ରେ ବିଜେତାଙ୍କୁ ଧର୍ମେନ୍ଦ୍ରଙ୍କ ଅଭିନନ୍ଦନ



ଭୁବନେଶ୍ୱର,୩୧।୮(ସଂଚାର ବ୍ୟୁରୋ): କମନୱେଲଥ ୱେଟଲିଫ୍ଟିଂ ଚାମ୍ପିଅନଶିପ୍ ୨୦୨୫ ରେ ଭାରତର ସମସ୍ତ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କମନୱେଲଥ ୱେଟଲିଫ୍ଟିଂ ଚାମ୍ପିଅନଶିପ୍ ୨୦୨୫ ରେ ଭାରତର ଅସାଧାରଣ ଉପଲବ୍ଧି। ମୋଟ୍ ୩୫ଟି ପଦକ, ଯେଉଁଥିରେ ୨୪ଟି ସ୍ୱର୍ଣ୍ଣ ପଦକ, ସହିତ ଭାରତ ସିଡବ୍ଲୁସି ୨୦୨୫ରେ ଶୀର୍ଷ ସ୍ଥାନ ଅଧିକାର କରିଛି । ଓଡ଼ିଶାର ଖେଳାଳିମାନେ, ବିଶେଷ କରି ଝିଅମାନେ, ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦ୍ୱାରା ଏହି ସଫଳତାକୁ ଆହୁରି ଗର୍ବିତ କରିଦେଇଛନ୍ତି । ଏହି ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପ୍ରତ୍ୟେକ ଭାରତବାସୀଙ୍କୁ ଗର୍ବିତ କରାଇଛି ।

ପ୍ରୀତିସ୍ମିତା ଭୋଇ, ମୀନା ସାନ୍ତା, ବିଦୁସ୍ମିତା ଭୋଇ ଓ ସ୍ନେହା ସୋରେନ୍ କେବଳ ଭାରତର ପଦକ ସଂଖ୍ୟାକୁ ବଢ଼ାଇନାହାନ୍ତି, ସେମାନେ ଏହା ମଧ୍ୟ ଦେଖାଇଦେଇଛନ୍ତି ଯେ କିପରି ଓଡ଼ିଶା ଏବେ ଭାରତର ବର୍ଦ୍ଧିତ ୱେଟଲିଫ୍ଟିଂ କେନ୍ଦ୍ର ଭାବେ ଉଭା ହେଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭାରତକୁ ଏକ ଖେଳ ରାଷ୍ଟ୍ର ରୂପେ ପରିଣତ କରିବା ପାଇଁ ଆରମ୍ଭ କରାଯାଇଥିବା ପ୍ରୟାସ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ଖେଳକୁ ଲୋକପ୍ରିୟ କରିବା ସହ ନୂଆ ପ୍ରତିଭା ଚିହ୍ନଟ କରି ପ୍ରଶିକ୍ଷଣ ଦେବା ଉଦ୍ୟମ ବର୍ତ୍ତମାନ ଫଳ ଦେଉଛି । ଏହି ସଫଳତା ଦେଶ ଉପରେ ଗୌରବ ଆଣିଛି ଓ ଏକ ଶ୍ରେଷ୍ଠ ଉଦାହରଣ ଦେଉଛି ଯେ କିପରି ଏକ ହୋଲିଷ୍ଟିକ୍ ଓ ସମସ୍ତଙ୍କ ସଂଲଗ୍ନ ପ୍ରୟାସ ଲୋକମାନଙ୍କ ଜୀବନ ବଦଳାଇପାରେ ଓ ପ୍ରତିଭାକୁ ପଦକରେ ପରିଣତ କରିପାରେ ବୋଲି ସେ କହିଛନ୍ତି।

# ଜାପାନକୁ ୩-୨ ଗୋଲରେ ହରାଇଲା ଭାରତୀୟ ଟିମ୍

ପାଟନା,୩୧।୮: ବିହାରର ରାଜଗିରରେ ଚାଲିଥିବା ଏସିଆ କପ ହକିରେ ଭାରତର ବିଜୟ ଅଭିଯାନ ଜାରି ରହିଛି। ଆଜି ଭାରତୀୟ ଟିମ ଅପେକ୍ଷାକୃତ ଦୁର୍ବଳ ଜାପାନ ବିରୋଧରେ ବେଶ ସଂଘର୍ଷମୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ଚାଇନା ଠାରୁ ୪-୩ରେ ଜିତିଥିବା ଭାରତ ଆଜି ଜାପାନକୁ ୩-୨ରେ ହରାଇ ଦେଇଛି। ଜାପାନ ମ୍ୟାଚ ହାରିଥିଲେ ହେଁ ଭାରତକୁ କଡ଼ା ଟକ୍କର ଦେଇଛି। ବିଶେଷ କରି ଶେଷ କ୍ୱାର୍ଟରରେ ଜାପାନର ଘନଘନ ଆକ୍ରମଣକୁ ଭାରତ ବେଶ କଷ୍ଟ କରି ଅଟକାଇବାକୁ ସକ୍ଷମ ହେବାରୁ ବିଜୟ ସ୍ୱାଦ ଚାଖିଛି।

ଆଜିର ମ୍ୟାଚ୍‌ରେ ଭାରତ ପାଇଁ ଅଧିନାୟକ ହରମନପ୍ରୀତ ସିଂହ ୨ଟି ଗୋଲ (୫ମ ଓ ୪୫ ମିନିଟ) ସ୍କୋର କରିଥିବା ବେଳେ ମନପ୍ରୀତ ସିଂହ ଗୋଟିଏ ଗୋଲ ଦେଇଛନ୍ତି। ଜାପାନ ପକ୍ଷରୁ ୨ଟି ଯାକ ଗୋଲ କୋସେଇ କାୱାବେଙ୍କ ଷ୍ଟିକରୁ ବାହାରିଛି। ଭାରତ ପାଇଁ ମନପ୍ରୀତ ଫିଲ୍ଡ ଗୋଲ କରିଥିବା ବେଳେ ହରମନପ୍ରୀତ ପେନାଲ୍ଟି କର୍ଣ୍ଣର ବଳରେ ୨ଟି ଯାକ ଗୋଲ ଦେଇଛନ୍ତି। ତେବେ ଜାପାନ ପାଇଁ କୋସେଇ ୨ଟି ଫିଲ୍ଡ ଗୋଲ ସ୍କୋର କରିଛନ୍ତି।

ଚାଇନା ଠାରୁ ଅଳ୍ପକେ ବିଜୟୀ ହୋଇଥିବା ଭାରତୀୟ ହକି ଟିମ ଆଜି ନୂଆ ଆଶା ଓ ବିଶ୍ୱାସର ସହ ପଡ଼ିଆକୁ ଓହ୍ଲାଇଥିଲା। ମ୍ୟାଚ୍‌ର ୪ର୍ଥ ମିନିଟରେ ମନପ୍ରୀତ ଚମତ୍କାର ଫିଲ୍ଡ ଗୋଲ କରି ଭାରତକୁ ୧-୦ରେ ଆଗୁଆ କରି ଦେଇଥିଲେ। ଏହାର ଗୋଟିଏ ମିନିଟ ପରେ ଭାରତକୁ କ୍ରମାଗତ ୩ଟି ପିସି ମିଳିଥିଲା। ଶେଷ ପ୍ରୟାସରେ ହରମନପ୍ରୀତ ଗୋଲ ସ୍କୋର କରି ଦଳକୁ ୨-୦ରେ ଆଗୁଆ କରି ଦେଇଥିଲେ। ଭାରତ ବେଶ ଆକ୍ରମଣାତ୍ମକ ହକି ଖେଳିଥିଲା। ୧୨ତମ ମିନିଟରେ ଜାପାନକୁ ଦୁଇଟି ପିସି ମିଳିଥିଲେ ହେଁ ଏହାକୁ ଦଳ ଗୋଲରେ ପରିଣତ କରିପାରି ନଥିଲା। ପ୍ରଥମ କ୍ୱାର୍ଟର ଭାରତ ୨-୦ରେ ଶେଷ କରିଥିଲା।




ଦ୍ୱିତୀୟ କ୍ୱାର୍ଟରରେ ମଧ ଭାରତର ଦବଦବା ଦେଖିବାକୁ ମିଳିଥିଲା। ଲାଗୁଥିଲା ଆଜି ଜାପାନ ବିରୋଧରେ ହରମନପ୍ରୀତ ସିଂହଙ୍କ ଦଳ ବଡ଼ ବିଜୟ ହାସଲ କରିବ। ହେଲେ ଜାପାନ ସବୁ କିଛି ବଦଳାଇ ଆକ୍ରମଣ କରି ଦେଇଥିଲା। ୨୩ତମ ମିନିଟରେ ଫାଉଲ ପାଇଁ ଅମିତ ରୋହିଦାସ ଗ୍ରୀନ କାର୍ଡ ପାଇଥିଲେ। ତାଙ୍କୁ ପଡ଼ିଆ ବାହାରକୁ ୨ ମିନିଟ ପାଇଁ ଯିବାକୁ ପଡ଼ିଥିଲା। ଏତିକି ବେଳେ ଜାପାନକୁ କ୍ରମାଗତ ୪ଟି ପିସି ମିଳିଥିଲା। ହେଲେ ଭାରତୀୟ ଗୋଲକିପର ଓ ଡିଫେଣ୍ଡର କମାଲ କରିଥିଲେ। ଜାପାନ କୌଣସି ଗୋଲ କରିପାରି ନଥିଲା। ହାଫ ଟାଇମ ସୁଦ୍ଧା ସ୍ଥିତି ଭାରତ ସପକ୍ଷରେ ୨-୦ରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ବେଶୀ ଡିଫେନସିଭ ହୋଇଯାଇଥିଲା। ଏହାର ଫାଇଦା ଉଠାଇଥିଲା ଜାପାନ। ରକ୍ଷଣ ବିଭାଗକୁ ଭେଦ କରି ଜାପାନ ଖେଳାଳି ଭାରତର ଡି' ଭିତରେ ପଶିଥିଲେ। ଏଥିସହ କୋସେଇ ବେଶ ଚମତ୍କାର ଢଙ୍ଗରେ ମ୍ୟାଚ୍‌ର ୩୮ତମ ମିନିଟରେ ଦଳ ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହି କ୍ୱାର୍ଟର ଶେଷ ମୁହୂର୍ତ୍ତରେ ଟ୍ୱିଷ୍ଟ ଆସିଥିଲା। ଭାରତକୁ ମିଳିଥିଲା ପିସି। ଏହାକୁ ହରମନପ୍ରୀତ ଗୋଲରେ ପରିଣତ କରି ଦେଇଥିଲେ। ବାସ୍ ସ୍ଥିତି ୩-୧ ହୋଇ ଯାଇଥିଲା। ଶେଷ ୧୫ ମିନିଟ ବା ଶେଷ କ୍ୱାର୍ଟରରେ ଭାରତ ଆଉ କିଛି ଗୋଲ କରିବ ବୋଲି ଆଶା କରାଯାଇଥିଲା। ଓଡ଼ିଶାର ଶିଳାନନ୍ଦ ଲାକ୍ରା ଘନଘନ ଆକ୍ରମଣ କରି ଜାପାନର ଡି' ଭିତରେ ମଧ ପଶୁଥିଲେ। ହେଲେ ଶେଷ ମୁହୂର୍ତ୍ତରେ ଭାରତୀୟ ଖେଳାଳିଙ୍କ ତ୍ରୁଟି ଯୋଗୁ ଗୋଲ ହୋଇପାରୁ ନଥିଲା। ମ୍ୟାଚ୍ ସରିବାକୁ ୨ ମିନିଟରୁ କମ ସମୟ ଥିବା ବେଳେ ଜାପାନ ଆକ୍ରମଣ କରିଥିଲା। ଏହାର ଫାଇଦା ମଧ ଦଳକୁ ମିଳିଥିଲା। ଭାରତର ରକ୍ଷଣ ଭାଗକୁ ଭେଦ କରି କୋସେଇ ଜାପାନ ପାଇଁ ଗୋଟିଏ ଗୋଲ ସ୍କୋର କରିଥିଲେ। ଶେଷ ମିନିଟରେ ମଧ ଜାପାନ ଘନଘନ ଆକ୍ରମଣ କରିଥିଲା। କିନ୍ତୁ ଭାରତ ଠିକଣା ସମୟରେ ଏହାକୁ ପ୍ରତିହତ କରି ମ୍ୟାଚ୍‌କୁ ୩-୨ରେ ଜିତି ନେଇଛି।

## ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଲା ବାଇକ୍, ୨ ଗୁରୁତର

କେନ୍ଦୁଝର,୩୧।୮(ସଂଚାର ବ୍ୟୁରୋ): ପାଟଣା ପିପିଳିଆ ରାସ୍ତା ଦହିବାହାଳି ଛକ ନିକଟରେ ଆଜି ଅପରାହ୍ଣରେ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଲା ବାଇକ୍ ଦୁଇ ଗୁରୁତର, ଗୁରୁତର ବ୍ୟକ୍ତି ମାନେ ହେଲେ ରେବଣାପଳାସ ପାଳ ଗ୍ରାମର ବିଶ୍ୱନାଥ ଚାତର(୨୭) ତୋରାଣି ପୋଖରୀ ଗ୍ରାମର ଖଗେଶ୍ୱର ମୁଣ୍ଡା(୨୨) ବୋଲି ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ରାସ୍ତା କଡ଼ରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଅଟୋ ଯୋଗେ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ। ସେଠାରେ ଦୁଇ ଜଣଙ୍କ ଅଧିକ ଗୁରୁତର ହେବାରୁ ଡାକ୍ତର ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

### ଏସିଆ କପ୍‌ର ମ୍ୟାଚ୍ ଟାଇମିଂରେ ପରିବର୍ତ୍ତନ

## ନିର୍ଦ୍ଧାରିତ ସମୟଠାରୁ ଅଧଘଣ୍ଟା ଆଗୁଆ ହେବ ମ୍ୟାଚ୍

ଆବୁଧାବି,୩୧।୮: ସେପ୍ଟେମ୍ବର ୯ରୁ ଆରମ୍ଭ ହେବାକୁ ଯାଉଛି ଏସିଆ କପ୍ ୨୦୨୫। ଆବୁଧାବିର ଶେଖ ଜାୟଦ ଷ୍ଟାଡିଅମ ଏବଂ ଦୁବାଇ ଇଣ୍ଟର ନ୍ୟାସନାଲ ଷ୍ଟାଡିଅମରେ ଖେଳାଯିବ ସମସ୍ତ ମ୍ୟାଚ। ତେବେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ୟୁଏଇ କ୍ରିକେଟ୍ ବୋର୍ଡ ଶନିବାର ମ୍ୟାଚ୍ ସମୟରେ କିଛିଟା ପରିବର୍ତ୍ତନ କରିଛି। ଏସିଆ କପ୍‌ର ୧୯ଟିରୁ ୧୮ଟି ମ୍ୟାଚ୍ ଆରମ୍ଭ ହେବାର ସମୟ ଅଧ ଘଣ୍ଟା ପଛକୁ କରି ଦିଆଯାଇଛି।

ସଂଶୋଧିତ ସମୟ ଅନୁସାରେ ଏବେ ମ୍ୟାଚ୍ ସ୍ଥାନୀୟ ସମୟ ସନ୍ଧ୍ୟା ୬ଟା ୩୦(ଭାରତୀୟ ସମୟ ରାତି ୮ଟା)ରେ ଆରମ୍ଭ ହେବ। ଏଥର ଟୁର୍ଣ୍ଣାମେଣ୍ଟ ଟି-୨୦ ଫର୍ମାଟରେ ଖେଳାଯିବ। ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ୟୁଏଇର ଦୁଇଟି ସହର ଦୁବାଇ ଓ ଆବୁଧାବିରେ ଖେଳାଯିବ।

ସେପ୍ଟେମ୍ବରରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ ସମୟରେ ଦିନର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିପାରେ ଏବଂ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ବି ଗରମ ଅନୁଭୂତ ହୋଇପାରେ। ଏମିତି ଭୀଷଣ ଗରମରୁ ବଞ୍ଚିବା ପାଇଁ କ୍ରିକେଟ୍ ବୋର୍ଡ ମ୍ୟାଚ୍ ସମୟ ଆଉ ଟିକେ ଘୁଞ୍ଚାଇବାକୁ ପ୍ରସାରଣକାରୀଙ୍କୁ ଅନୁରୋଧ କରିଥିଲା। ଏବେ ସମସ୍ତ ଦିବାରାତ୍ର ମ୍ୟାଚ୍ ଭାରତୀୟ ସମୟ ରାତି ୮ଟାରେ ଆରମ୍ଭ ହେବ। ୧୯ଟି ମ୍ୟାଚ୍‌ରୁ କେବଳ ଗୋଟିଏ ମ୍ୟାଚ୍‌ର ସମୟ ଅପରିବର୍ତ୍ତିତ ରହିଛି। ଏହି ମୁକାବିଲା ୟୁଏଇ ଓ ଓମାନ ମଧରେ ଖେଳାଯିବ। ସେପ୍ଟେମ୍ବର ୧୫ରେ ଆବୁଧାବିର ଜାୟଦ କ୍ରିକେଟ୍ ଷ୍ଟାଡିଅମରେ ଏହି ମ୍ୟାଚ୍ ସ୍ଥାନୀୟ ସମୟ ଅନୁସାରେ ୬ଟା ୩୦ରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ଆଫଗାନିସ୍ତାନ ଓ ହଂକଂ।

## ବାଇକ ଚୋରି ଅଭିଯୋଗରେ ୪ ଅଭିଯୁକ୍ତ ଗିରଫ

ପୁରୀ,୩୧।୮(ସଂଚାର ବ୍ୟୁରୋ): ପୁରୀଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାଇକ ଚୋରି ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ୪ଜଣଙ୍କୁ ଗିରଫ କରିବା ସହ ଦୁଇଟି ବାଇକ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ ଗତକାଲି କୁମ୍ଭାରପଡ଼ା ଥାନାରେ ସନାତନ ସାହୁ ଅଭିଯୋଗ କରିଥିଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ୟାମ୍ପସରୁ ତାଙ୍କ ମୋଟରସାଇକେଲ କିଏ ଚୋରି କରି ନେଇଯାଇଛି। ପୋଲିସ ଏ ସମ୍ପର୍କରେ ଥାନା କେସ ନମ୍ବର ୩୯୫/୨୫ରେ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲା। ପୋଲିସ ରେଡ ସମୟରେ ଦୁଇଟି ବାଇକ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲୋକଙ୍କ...

ରାସ୍ତାଘାଟ, ପଟ୍‌ହୋଲ୍‌ରେ ଭର୍ତ୍ତି ଥିବା ଅଭିଯୋଗ ନ ଆସେ। ୨୦୨୬ ଏପ୍ରିଲ ଶେଷ ସୁଦ୍ଧା ସମସ୍ତ ପୌରାଞ୍ଚଳ ନିଜେ ନିଜେ ସାର୍ଟିଫିକେଟ ଦେବେ ଯେ, ତାଙ୍କ ଅଞ୍ଚଳ ପଟ୍‌ହୋଲ୍ ମୁକ୍ତ ହୋଇସାରିଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶାସନ ବ୍ୟବସ୍ଥାକୁ ସମାଜର ଶେଷ ସ୍ତରକୁ ଆଣିବା ପାଇଁ, ଶେଷ ଧାଡିରେ ଥିବା ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା କ୍ଷେତ୍ରରେ ସ୍ୱାୟତ୍ତ ଶାସନ ଏକ ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା। ଲର୍ଡ ରିପନ୍ ୧୮୮୨ ରେ ଏହାକୁ ଆରମ୍ଭ କରିଥିଲେ ମଧ୍ୟ ୯୦ ଦଶକରେ ଏହା ସାମ୍ବିଧାନିକ ମାନ୍ୟତା ଲାଭକଲା। ମାହତ୍ମା ଗାନ୍ଧୀ ମଧ୍ୟ ଗ୍ରାମ୍ୟ ସ୍ୱରାଜ୍ୟ ଉପରେ ଗୁରୁତ୍ୱ ଦେଇ ଆସିଥିଲେ।

ତେବେ ଅନେକ ଛୋଟ ଛୋଟ ସମସ୍ୟା ପାଇଁ ଲୋକମାନେ ସ୍ଥାନୀୟ ପ୍ରତିନିଧିଙ୍କ ଉପରେ ନିର୍ଭର ନହୋଇ ବିଧାୟକ କିମ୍ବା ସାଂସଦଙ୍କୁ ଅନୁରୋଧ କରିଥାନ୍ତି। ଯଦି ସ୍ଥାନୀୟ ସଂସ୍ଥାର ଅଧିକାରୀ କିମ୍ବା ଜନପ୍ରତିନିଧି ସେମାନଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ପାଳନ କରିବେ, ତେବେ ମନ୍ତ୍ରୀ, ବିଧାୟକ, ସାଂସଦଙ୍କୁ ଏ ସବୁ ସମସ୍ୟାରେ ମୁଣ୍ଡ ପୁରେଇବାକୁ ଆବଶ୍ୟକ ହୁଅନ୍ତା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ସ୍ଥାନୀୟ ଜନପ୍ରତିନିଧିଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲୋକଙ୍କ ସମସ୍ୟା ସମାଧାନ ଦିଗରେ ସେମାନେ ଅଧିକ ସଚେତନ ଓ ଦାୟିତ୍ୱବାନ ହୁଅନ୍ତୁ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଏକ ସମୃଦ୍ଧ ଓଡିଶା ଗଠନର ଲକ୍ଷ୍ୟ ରଖି ସହରାଞ୍ଚଳର ଲୋକଙ୍କ ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଗୁଣାତ୍ମକ ମୌଳିକ ସେବା ଯୋଗାଇଦେବାକୁ ଅନେକ ସୁଦୂରପ୍ରସାରୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ୧୬ଟି ନୂତନ ଏନ୍.ଏ.ସି ଯଥା ବଲାଙ୍ଗୀର ଜିଲ୍ଲାର ଲୋଇସିଂଗା, ବରଗଡ ଜିଲ୍ଲାର ସୋହେଲା, କଟକ ଜିଲ୍ଲାର ବଡମ୍ବା, ନରସିଂହପୁର, ସାଲେପୁର, ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ, ଗଞ୍ଜାମ ଜିଲ୍ଲାର ପାତ୍ରପୁର ଓ ଜଗନ୍ନାଥ ପ୍ରସାଦ, ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, କଳାହାଣ୍ଡି ଜିଲ୍ଲାର ନର୍ଲା ଓ ଜୟପାଟଣା, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଏବଂ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଯଶୀପୁର ଓ ରାସଗୋବିନ୍ଦପୁର। ସେହିଭଳି ୭ଟି ନୂତନ ମୁନିସିପାଲିଟି ଯଥା- ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ, ବୌଦ୍ଧ ଜିଲ୍ଲାର ବୌଦ୍ଧ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ଆସ୍କା, ଛତ୍ରପୁର, କବିସୂର୍ଯ୍ୟନଗର ଏବଂ ପୋଲସରା ମୁନିସିପାଲିଟି ପ୍ରତିଷ୍ଠା କରାଯିବାର ଘୋଷଣା କରିଥିଲେ। ସୂଚନା ଯୋଗ୍ୟ ଯେ, ନିକଟରେ ମୁଖ୍ୟମନ୍ତ୍ରୀ ୨୧ଟି ଏନ୍‌ଏସି ସୃଷ୍ଟି ସମ୍ପର୍କରେ ଘୋଷଣା କରିଥିଲେ। ତନ୍ମଧ୍ୟରୁ ୧୨ଟି ଏନଏସି ଗଠିତ ହେବା ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଜି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଏହି ୧୨ଟି ନୂତନ ବିଜ୍ଞପିତ ଏନ୍‌ଏସି ସହିତ ଆଉ ୧୬ଟି ନୂଆ ଏନ୍‌ଏସି ସୃଷ୍ଟି ହେବ। ସମୁଦାୟ ୨୮ଟି ନୂଆ ଏନ୍‌ଏସି ଓ ୭ଟି ନୂଆ ମୁନିସିପାଲଟି ସୃଷ୍ଟି ହେବ।

ଏହାଦ୍ୱାରା ରାଜ୍ୟର ଅଧିକ ଲୋକଙ୍କୁ ସହରର ମୌଳିକ ସୁବିଧା ଉପଲବ୍ଧ ହୋଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଜି ଅନେକ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଆଜିଠାରୁ ସହରର ସମସ୍ତ ଲୋକଙ୍କ ପାଇଁ ସରକାରୀ ଯୋଜନା ଗୁଡିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ପୌରାଞ୍ଚଳକୁ 'ସହଯୋଗ' କାର୍ଯ୍ୟକ୍ରମ ସଂପ୍ରସାରିତ ହେଲା ବୋଲି ଘୋଷଣା କରିଥିଲେ । ସୂଚନାଯୋଗ୍ୟ ଯେ, ସହରର ଲୋକଙ୍କ ପାଇଁ ସରକାରୀ ଯୋଜନା ଗୁଡିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମେ ମାସରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୪୪ଟି ପୌରାଞ୍ଚଳରେ ସହଯୋଗ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏଥିରେ ଟାଟାଷ୍ଟିଲ ଫାଉଣ୍ଡେସନ ସହଯୋଗ ଯୋଗାଇ ଦେଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଟାଟାଷ୍ଟିଲକୁ ଧନ୍ୟବାଦ ଦେଇଥିଲେ।

ଏହାସହିତ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ, ପ୍ରଶ୍ନ କିମ୍ବା ପ୍ରସ୍ତାବ ପାଇଁ ମୁଖ୍ୟମନ୍ତ୍ରୀ ଏକ ଟୋଲ୍ ଫ୍ରି ନମ୍ବର- ୧୯୨୯ ର ଶୁଭାରମ୍ଭ କରିଥିଲେ। ଏହି ନମ୍ବରକୁ 'ସହର ସାଥି' ବୋଲି ନାମିତ କରାଯାଇଛି। ଏହାଦ୍ୱାରା ଲୋକମାନେ ଆଉ ପୌରପାଳିକା କାର୍ଯ୍ୟାଳୟକୁ ନ ଯାଇ, ଏହି ନମ୍ବରରେ ଫୋନ କଲେ, ସମସ୍ୟାର ସମାଧାନ କରାଯିବ। ଏହି ସେବା ୨୪ ଘଣ୍ଟା ଉପଲବ୍ଧ ହେବ। 'ସହର ସାଥି' କଲ୍ ସେଣ୍ଟର ର ଶୁଭାରମ୍ଭ କରି ପୌରସଂସ୍ଥା କର୍ମଚାରୀଙ୍କ ପାଇଁ ସାଧାରଣ ଉପଭୋକ୍ତା ଗୋଷ୍ଠୀ ନମ୍ବର ବଣ୍ଟନ ମଧ୍ୟ କରାଯାଇଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ନ୍ୟାସ୍‌ନାଲ କମନ୍ ମୋବିଲିଟି କାର୍ଡ'ର ମଧ୍ୟ ଶୁଭାରମ୍ଭ କରି କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଜନସାଧାରଣଙ୍କ ପାଇଁ ୱାନ ନେସନ ୱାନ କାର୍ଡ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାଦ୍ୱାରା ଦେଶର ଜନସାଧାରଣ ଯେକୌଣସି ସହରରେ ବିଭିନ୍ନ ଟ୍ରାନସ୍‌ପୋର୍ଟ ସେବା ସୁବିଧାରେ ପାଇପାରିବେ। ସେ କହିଥିଲେ ଯେ, ଆଜି ଓଡିଶା ମଧ୍ୟ ଏଥିରେ ସାମିଲ ହୋଇଛି ଏବଂ ନ୍ୟାସ୍‌ନାଲ କମନ୍ ମୋବିଲିଟି କାର୍ଡର ସୁବିଧା ଆଗାମୀ ଦିନରେ ଓଏସଆରଟିସି ବସ୍ ମାନଙ୍କରେ ମଧ୍ୟ ଲାଗୁ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହା ସହିତ 'ଆମ ବସ୍' ବୁକିଂ କରିବା ପାଇଁ ଏକ ହ୍ୱାଟ୍‌ସ ଆପ୍ ଟିକେଟିଂ ସେବା ମଧ୍ୟ ଆରମ୍ଭ କରିଥିଲେ। ଏହି ଡିଜିଟାଲ ଟିକେଟରେ ମହିଳାମାନଙ୍କ ପାଇଁ ୧୫ ପ୍ରତିଶତ ରିହାତି ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅନ୍ୟମାନଙ୍କ ପାଇଁ ୧୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥା ମହିଳାମାନଙ୍କ ପାଇଁ ସୁଗମ ଓ ସମ୍ମାନଜନକ ଯାତ୍ରା ଆଣି ପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

ଏହା ସହିତ ମୁଖ୍ୟମନ୍ତ୍ରୀ ପ୍ରାୟ ୧୦୯ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୪୩ଟି ବହୁମୁଖୀ ଭବନର ଲୋକାର୍ପଣ କରିବା ସହିତ ଭୁବନେଶ୍ୱର ମହାନଗର ନିଗମ ପାଇଁ ହ୍ୱାଟ୍‌ସ ଆପ୍ ବଟ୍ ସେବା ଆରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାର ଲୋଗୋ ଉନ୍ମୋଚିତ ହେବା ସହିତ ୧୨ କୋଟି ଟଙ୍କା ବିନିଯୋଗରେ ପଳାଶୁଣୀରେ ଏକ ସାମଗ୍ରୀ ପୁନରୁଦ୍ଧାର ସୁବିଧା ଏବଂ ପ୍ରାୟ ୬ କୋଟି ଟଙ୍କା ବିନିଯୋଗରେ ଗାଡକଣରେ ପ୍ଲାଜ୍‌ମା ପାଇରୋଲିସିସ୍ ୟୁନିଟ୍ ସୁବିଧାର ଶୁଭାରମ୍ଭ କରାଯାଇଥିଲା। ଏହା ସହିତ ମୁଖ୍ୟମନ୍ତ୍ରୀ ୩୦ କୋଟି ଟଙ୍କା ବିନିଯୋଗରେ ୬ଟି ଗୋଶାଳା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖିଥିଲେ। ଏହି ଚାରୋଟି କାର୍ଯ୍ୟକ୍ରମ ପାଇଁ ସମୁଦାୟ ୧୫୭ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେତେକ ହିତାଧିକାରୀଙ୍କୁ ସୁଲଭ ବାସଗୃହ, ପ୍ରଧାନମନ୍ତ୍ରୀ ଆବାସ ମଧ୍ୟ ବଣ୍ଟନ କରିଥିଲେ। ବିଏମସି ପକ୍ଷରୁ ୩୧୦ଟି ଏବଂ ବିଡିଏ ପକ୍ଷରୁ ୩୮ଟି ଘର ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ପ୍ରଦାନ କରାଯାଇଥିଲା। ଏହା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ ରେ ବିଭିନ୍ନ ବସ୍ତିର ୪୬ଟି ପରିବାରକୁ ମଧ୍ୟ ଗୃହ ଆବଣ୍ଟିତ କରାଯାଇଥିଲା। ସମୁଦାୟ ୩୯୪ଟି ଗୃହ ଆବଣ୍ଟିତ କରାଯାଇଛି। ସ୍ୱଚ୍ଛ ସର୍ବେକ୍ଷଣରେ ପୁରସ୍କୃତ ହୋଇଥିବା ପୌରାଞ୍ଚଳ ଭୁବନେଶ୍ୱର ମହାନଗର ନିଗମ, ଆସ୍କା ଓ ଚିକିଟି ପୌରାଞ୍ଚଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଲ କାମ କରୁଥିବା ଜଳସାଥୀ, ସ୍ୱଚ୍ଛ ସାଥୀ, ପରିମଳ କର୍ମୀ ଓ ଶ୍ରେଷ୍ଠ ପୌରସଂସ୍ଥାକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ସହରାଞ୍ଚଳରେ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଧାମନଗର, ରେମୁଣା, କୋରାପୁଟ ପୌରାଞ୍ଚଳକୁ ୩କୋଟି ଟଙ୍କା ଲେଖାଏଁ ଏବଂ ସ୍ୱଚ୍ଛ ସର୍ବେକ୍ଷଣରେ ଜାତୀୟସ୍ତରରେ ଉତ୍କର୍ଷ ହାସଲ କରିଥିବା ଆସ୍କା, ଚିକିଟି ଏବଂ ଭୁବନେଶ୍ୱର ମହାନଗର ନିଗମକୁ ୨କୋଟି ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଲେ ଯେ, ସମସ୍ତ ସ୍ଥାନୀୟ ଲୋକପ୍ରତିନିଧି ମାନେ ଯେପରି ସ୍ୱାୟତ୍ତ ଶାସନ ବ୍ୟବସ୍ଥା କିପରି ସଶକ୍ତ ହେବ, ସମସ୍ତ ନାଗରିକଙ୍କୁ ସୁବିଧାରେ ଗୁଣାତ୍ମକ ସେବା ମିଳିପାରିବ ଏବଂ ସହରାଞ୍ଚଳର ଭିତ୍ତିଭୂମି ଆଧୁନିକ ଆବଶ୍ୟକତାକୁ ନେଇ ଉନ୍ନତମାନର ହେବ ସେ ଦିଗରେ କାମ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ଲୋକମାନେ ଅଧିକ ସୁବିଧା ଓ ସୁଯୋଗର ଆକାଂକ୍ଷା ନେଇ ସହରକୁ ଆସୁଛନ୍ତି। ସହରର କଳେବର ବୃଦ୍ଧି ହେଉଛି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଅନେକ ନୂଆ ସହରାଞ୍ଚଳ ମଧ୍ୟ ଘୋଷଣା କରିଛନ୍ତି, ତେବେ ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇପାରିଲେ ଏହି ବ୍ୟବସ୍ଥା ସାର୍ଥକ ହେବ ବୋଲି ସେ କହିଥିଲେ।

### ଗୋଟିଏ ମଞ୍ଚରେ ...

ଭାରତ ସମେତ ଅନ୍ୟ ରାଷ୍ଟ୍ର। ବନ୍ଧୁ କହି ଟାରିଫ୍ ଲଗାଇବା ଭଳି ଟ୍ରମ୍ପଙ୍କ ଦୋମୁହାଁ ନୀତିକୁ ଭାରତ ଗମ୍ଭୀରତାର ସହ ଗ୍ରହଣ କରିଛି। ଭାରତ ସହ ସ୍ୱର ମିଶାଇ ସମର୍ଥନରେ ବାହାରିଛନ୍ତି ଚୀନ ଓ ରୁଷ ରାଷ୍ଟ୍ରମୁଖ୍ୟ। ଏସ୍‌ସିଓ ମଞ୍ଚରୁ ଏହି ୩ ରାଷ୍ଟ୍ର ଟାରିଫ ବିରୋଧରେ ବଡ ରଣନୀତି ପ୍ରସ୍ତୁତ କରିବାର ସମ୍ଭାବନା ରହିଛି ।

ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ପ୍ରାୟ ୧ ଘଣ୍ଟା ଧରି ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ବହୁ ପ୍ରସଙ୍ଗ ସ୍ଥାନ ପାଇଛି । ୨୮୦ କୋଟି ଲୋକଙ୍କ ପାଇଁ ଡ୍ରାଗନ୍ ଏବଂ ହାତୀ ଏକାଠି ହେବାକୁ ଜିନପିଙ୍ଗ୍ ଆହ୍ୱାନ ଦେଇଥିବା ବେଳେ ବିଶ୍ୱାସର ସହ ଆଗକୁ ବଢ଼ିବାକୁ ମୋଦୀ ଜଣାଇଛନ୍ତି ସହମତି।

ରୁଷ ରାଷ୍ଟ୍ରପତି ପୁଟିନ୍ ଡିସେମ୍ବରରେ ଭାରତ ଗସ୍ତ କରିବେ। ସେଥିପାଇଁ ଟ୍ରମ୍ପଙ୍କ ଗର୍ବ ଏବଂ ମୋଦିଙ୍କ ନୀରବ କୂଟନୀତିକୁ ନେଇ ଆମେରିକାର ଗଣମାଧ୍ୟମରେ ଆଲୋଚନା ଚାଲିଛି। ବର୍ତ୍ତମାନ ଆମେରିକୀୟ ବିଶେଷଜ୍ଞମାନେ ବିଶ୍ଳେଷଣ କରୁଛନ୍ତି ଯେ ଚୀନ୍ ଏବଂ ଭାରତ ମଧ୍ୟରେ ସମ୍ପର୍କ ପ୍ରତିକୂଳ ଥିଲା। ଏବେ କିନ୍ତୁ ଦୁଇ ରାଷ୍ଟ୍ର ଗୋଟିଏ ମଞ୍ଚରେ ଏକାଠି ହୋଇ ପରସ୍ପରକୁ ସହଯୋଗର ହାତ ବଡାଇଛନ୍ତି। ଯଦି ରୁଷ, ଚୀନ୍ ଏବଂ ଭାରତ ଏକାଠି ବ୍ୟବସାୟ କରିବେ, ତେବେ ଆମେରିକା କେଉଁଠାରୁ ସାମଗ୍ରୀ କିଣିବ ଏବଂ କେଉଁଠାରେ ତାର ଉତ୍ପାଦ ବିକ୍ରି କରିବ ସେନେଇ ବିଶେଷଜ୍ଞମାନେ ଚିନ୍ତାରେ। ଚୀନ୍ର ସରକାରୀ ଖବରକାଗଜ ଗ୍ଲୋବାଲ୍ ଟାଇମ୍ସ ଏହାର ସମ୍ପାଦକୀୟରେ ଲେଖିଛନ୍ତି ଯେ ମୋଦିଙ୍କ ଚୀନ୍ ଗସ୍ତ ଦର୍ଶାଉଛି ଯେ ଭାରତ ଏବଂ ଚୀନ୍ ମଧ୍ୟରେ ସମ୍ପର୍କରେ ଉନ୍ନତି ହୋଇଛି। ଉଭୟ ଦେଶ ଆଲୋଚନା ମାଧ୍ୟମରେ ସୀମାରେ ଉତ୍ତେଜନା ହ୍ରାସ କରିବାରେ ସଫଳ ହୋଇଛନ୍ତି ଏବଂ ଏବେ ବାଣିଜ୍ୟ ବୃଦ୍ଧି ଉପରେ ଧ୍ୟାନ ଦେଉଛନ୍ତି। ଏହା କୌଣସି ଗୁପ୍ତ କଥା ନୁହେଁ ଯେ ବ୍ୟବସାୟ ଜଗତରେ ଟ୍ରମ୍ପଙ୍କ ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଚୀନ। ଚୀନର ଆମେରିକା ସହିତ ୬୫୦ ବିଲିୟନ ଡଲାରରୁ ଅଧିକ ସାମଗ୍ରୀ ଏବଂ ସେବା ବାଣିଜ୍ୟ ଅଛି। ଟ୍ରମ୍ପ ଚାହିଁଲେ ମଧ୍ୟେ ଚୀନ ଉପରେ ଶୁଳ୍କ ଲାଗୁ କରିପାରିଲେ ନାହିଁ। ଅନ୍ୟପକ୍ଷରେ, ରୁଷ ମଧ୍ୟ ଆମେରିକାର ଏକ ପୁରୁଣା ପ୍ରତିଦ୍ୱନ୍ଦ୍ୱୀ। ସମସ୍ତ ପ୍ରୟାସ ସତ୍ତ୍ୱେ, ଟ୍ରମ୍ପ ପୁଟିନଙ୍କୁ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ରାଜି କରିପାରିଲେ ନାହିଁ। ପୁଟିନ ନିଜ ଇଚ୍ଛାର ମାଲିକ, ସେ ଚାପରେ ଆସୁନାହାଁନ୍ତି।

ସେପଟେ ଭାରତ ଏବଂ ଆମେରିକାର ଏକ ପୁରୁଣା ବନ୍ଧୁତା ଅଛି। କିଛି ମାସ ପୂର୍ବରୁ ଟ୍ରମ୍ପ ଏବଂ ମୋଦିଙ୍କ ସମ୍ପର୍କ ବହୁତ ଭଲ ଥିଲା। ଟ୍ରମ୍ପ ତାଙ୍କ ବନ୍ଧୁକୁ ପ୍ରତିଦ୍ୱନ୍ଦ୍ୱୀରେ ପରିଣତ କରିଥିଲେ ଏବଂ ଭଲ ସମ୍ପର୍କ ନଷ୍ଟ କରିବାକୁ କୌଣସି ସୁଯୋଗ ଛାଡ଼ିନଥିଲେ। ଆଉ ଏହା ହିଁ ଏବେ ତିନି ଦେଶକୁ ଆମେରିକା ବିପକ୍ଷରେ ଛିଡା କରିଛି। ଚୀନ ଭାରତ ସହିତ ଆମେରିକାର ଭାଙ୍ଗିଯାଉଥିବା ସମ୍ପର୍କ ଉପରେ ନଜର ରଖିଥିଲା। ଆଉ ଠିକ୍ ମୌକା ଦେଖି ଭାରତ ଆଡକୁ ହାତ ବଢ଼ାଇଥିଲା। ଆଉ ମୋଦି ବି ତାଙ୍କ ହାତ ଧରିଥିଲେ। ଆଉ ପୁଟିନ ଏଥିରେ ସକାରାତ୍ମକ ଭୂମିକା ଗ୍ରହଣ କରିଥିଲେ। ପୁଟିନ ଭୁଲି ନଥିଲେ ଯେ ମୋଦି ରୁଷକୁ ତା'ର ଖରାପ ସମୟରେ ସମର୍ଥନ କରିଥିଲେ। ଆମେରିକାର ଚାପ ସତ୍ତ୍ୱେ, ଭାରତ ରୁଷଠାରୁ ଅଶୋଧିତ ତେଲ କିଣିଥିଲା। ଏବେ ଯଦି ଟ୍ରମ୍ପଙ୍କ ଅସୁବିଧା ଯୋଗୁଁ ଏହି ତିନୋଟି ଦେଶ ଏକାଠି ହେଉଛନ୍ତି, ତେବେ ଏଥିପାଇଁ ଟ୍ରମ୍ପ ସମ୍ପୂର୍ଣ୍ଣ ଦାୟୀ। କାରଣ ଏହା ଟ୍ରମ୍ପଙ୍କ ଲାଉଡ୍ ମାଉଥ୍ ଏବଂ ମୋଦିଙ୍କ ସାଇଲେଣ୍ଟ ପ୍ଲାନ ମଧ୍ୟରେ ଏକ ପ୍ରତିଯୋଗିତା। ଯେଉଁଥିରେ ଏବେ ଭାରତ ସଙ୍କଟରେ ଥାଇ ବି ଏକ ବଡ଼ ସୁଯୋଗ ପାଇଛି। ଆଉ ପ୍ରଧାନମନ୍ତ୍ରୀ ମୋଦି ଏହି କାର୍ଯ୍ୟରେ ବେଶ୍ ମାହିର। ଯଦି ଏସସିଓ ସମ୍ମିଳନୀରେ ଏକ ନୂତନ ବିଶ୍ୱ ବ୍ୟବସ୍ଥା ଗଠନ ହୁଏ, ତେବେ ଏହା ଆମେରିକା ପାଇଁ ବାସ୍ତବରେ କଷ୍ଟକର ହେବ।

### ମୌସୁମୀ...

ବିଭାଗର ସମୀକ୍ଷା କରିସାରିଲେଣି। ତେଣୁ ମନ୍ତ୍ରୀମାନଙ୍କ କାର୍ଯ୍ୟ ଦକ୍ଷତା, ନିଷ୍ପତ୍ତି ନେବାର କ୍ଷମତା, ବିଭାଗକୁ ଆଗକୁ ବଢାଇବାକୁ ମାର୍ଗଦର୍ଶନ ଏବଂ ସର୍ବୋପରି ଦଳ ଓ ନେତୃତ୍ୱ ପ୍ରତି ଆନୁଗତ୍ୟକୁ ଆଧାର କରି ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ କରିବେ ମୁଖ୍ୟମନ୍ତ୍ରୀ। ମନ୍ତ୍ରୀମଣ୍ଡଳରେ କାହାକୁ ସାମିଲ କରାଯିବ କାହାକୁ ବାଦ ଦିଆଯିବ, ତାହା ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାଧିନ ବ୍ୟାପାର। କିନ୍ତୁ ପ୍ରଥମ ଥର ପାଇଁ ରାଜ୍ୟରେ ବିଜେପି ଏକାକି ସରକାର ଗଠନ କରିଥିବାରୁ ନୂଆ ଓ ଅନୁଭୂତି ସମ୍ପନ୍ନ ବିଧାୟକଙ୍କ ମଧ୍ୟରେ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବାକୁ ଆଶା ରହିବା ସ୍ୱାଭାବିକ। କିନ୍ତୁ ମିଳୁଥିବା ସୂଚନା ଅନୁଯାୟୀ ଏଥର ମୁଖ୍ୟମନ୍ତ୍ରୀ ଆଉ ଜିଲ୍ଲା ଆଧାରରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ କରିବେ ନାହିଁ। ଲୋକସଭା କ୍ଷେତ୍ର ଅନୁଯାୟୀ ନିର୍ବାଚିତ ବିଧାୟକଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ କରାଯିବ। ଏଥିସହିତ ଦକ୍ଷତା ଆଧାରରେ ମଧ୍ୟ ବିଭାଗ ବଣ୍ଟନ କରାଯିବ। ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ୫ରୁ ଅଧିକ ବିଭାଗ ଦାୟିତ୍ୱରେ ଥିବାରୁ ସେ ଅତ୍ୟଧିକ ଚାପଗ୍ରସ୍ତ ହେଉଛନ୍ତି। ତେଣୁ ସେ ମଧ୍ୟ ନିଜ ହାତରୁ କିଛି ବିଭାଗ କାଢି ଅନ୍ୟକୁ ଦାୟିତ୍ୱ ଦେବାକୁ ଚିନ୍ତା କରୁଥିବା ଜଣାପଡିଛି।

### ବିଧାନସଭାକୁ...

୨୨ ଦିନ ଉପସ୍ଥିତ ଥିଲା ବେଳେ ବିରୋଧୀ ଦଳ ନେତା ୧୬ ଦିନ ଉପସ୍ଥିତ ଥିଲେ । ଅର୍ଥାତ ବିରୋଧୀ ଦଳ ନେତା ସମୁଦାୟ ୬୫ ଦିନରୁ ୨୯ ଦିନ ଉପସ୍ଥିତ ଅର୍ଥାତ ବିଧାନସଭାକୁ ୫୦ ଭାଗ ସମୟ ବି ଦେଇ ପାରୁନାହାନ୍ତି ବୋଲି ସୂଚନା ଅଧିକାର କର୍ମୀ ପ୍ରକାଶ ଦାସ ଏହି ତଥ୍ୟ ଦେଇଛନ୍ତି।

ଯିତିକି ବି ଦିନ ବିଧାନସଭାକୁ ଆସୁଛନ୍ତି, ସେତିକି ଦିନ ସମ୍ପୂର୍ଣ୍ଣ ସମୟ ମଧ୍ୟ ରହୁନାହାଁନ୍ତି। ଗୃହ ଆରମ୍ଭ ହେବାର କିଛି ସମୟ ମଧ୍ୟରେ ସେ ଗୃହ ଛାଡି ଚାଲିଯାଉଥିବା ଦେଖିବାକୁ ମିଳିଛି। ଯେଉଁଥିପାଇଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସମୟରେ ବିରୋଧୀ ଦଳ ନେତାଙ୍କ ଆସନ ଖାଲିପଡୁଛି। କାମ ଚଳାଉଛନ୍ତି ବିରୋଧି ଦଳ ଉପନେତା କିମ୍ବା ବିରୋଧୀ ଦଳ ମୁଖ୍ୟ ସଚେତକ। ବିରୋଧୀ ଦଳ ନେତା ଭାବେ ନା ସେ କୌଣସି ପ୍ରସଙ୍ଗ ଉଠାଉଛନ୍ତି ନା କୌଣସି ପ୍ରଶ୍ନ କରୁଛନ୍ତି।

ସେପଟେ ନବୀନଙ୍କ ଅକ୍ଷମତାର ସୁଯୋଗ ନେଇ କିଛି ଆତ୍ମଘୋଷିତ କାର୍ପେଟଦାର ଦଳର ସର୍ବେସର୍ବା ସାଜିଛନ୍ତି। ଯାହାକୁ ନେଇ ବିଜେଡିରେ ବିଦ୍ରୋହ ତୀବ୍ର ହେବାରେ ଲାଗିଛି। ମିଳୁଥିବା ସୂଚନା ଅନୁଯାୟୀ ଖୁବଶୀଘ୍ର ବିଜେଡି ବିଭାଜନ ଆଡକୁ ଯାଉଛି। ଦଳର କିଛି ବିଧାୟକ ପ୍ରଥମେ ଅଲଗା ହେବାକୁ ଆଲୋଚନା କରୁଛନ୍ତି। ଏପରିକି ସେମାନେ ବିଧାନସଭାରେ ନିଜ ପାଇଁ ଅଲଗା ଆସନ ଦାବି କରିବାକୁ ଯୋଜନା କରୁଛନ୍ତି।

### ନେତାଙ୍କ ...

ହସିଥିଲେ । ଏଥିରେ ସେ ବହୁତ ଅପମାନିତ ଅନୁଭବ କରିଥିଲେ । ମନ୍ତ୍ରୀଙ୍କ ନାଁ ନେଇ ଠକିବାକୁ ଚେଷ୍ଟା କରିଥିବା କୁଜି ନେତାଙ୍କ ବିରୋଧରେ ଏଫଆଇଆର ଦେବାକୁ ସମ୍ପୃକ୍ତ ଅଧିକାରୀ ଚିନ୍ତା କରୁଛନ୍ତି । ହେଲେ ପଲିଟିକାଲ ଲୋକ ହୋଇଥିବାରୁ ଭୟରେ ଚାପି ହୋଇ ରହିଛନ୍ତି । ଅପେକ୍ଷା କରିଛନ୍ତି ପୁଣି କେବେ ଡିପାର୍ଟମେଣ୍ଟକୁ ଆସିବେ । ଏବେ ଅଫିସ ଆସିଲେ ଉତ୍ତମ ମଧ୍ୟମ ଶୁଣାଇବେ ବୋଲି ମନସ୍ଥ କରିଛନ୍ତି।

### ଦିଲ୍ଲୀରେ...

ପାଇଁ ଉଡ଼ାଣ ଭରିଥିଲା । ବିମାନ ଟେକଅଫ୍ କରିଥିବା ପରେ ହିଁ ପାଇଲଟ୍‌କୁ ଫାୟର୍ ଇଣ୍ଡିକେସନ୍ ମିଳିଥିଲା । ଏହା ପରେ ପାଇଲଟ୍ ଆଲର୍ଟ ପଠାଇଥିଲେ ଓ ପୁନଃ ଲ୍ୟାଣ୍ଡିଂ ପାଇଁ ଅନୁମତି ଚାହିଁଥିଲେ । ତତ୍କାଳ ଅନୁମତି ମିଳିବା ପରେ ବିମାନକୁ ସୁରକ୍ଷିତ ଭାବରେ ଲ୍ୟାଣ୍ଡ କରାଯାଇଥିଲା । ଏହି ସମୟରେ ଗ୍ରାଉଣ୍ଡ ଷ୍ଟାଫ୍‌ମାନଙ୍କୁ ଆଲର୍ଟ ରଖାଯାଇଥିଲା ।

### ଅନମୋଲ...

ଆଇଟିସିଓଏଲର ନିର୍ଦ୍ଦେଶକ ଓ ଅଧିକାରୀମାନେ ଜାଲ ପ୍ରୋଜେକ୍ଟ ଜରିଆରେ ବ୍ୟାଙ୍କ ଋଣକୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ ।

୨୦୦୯ରୁ ୨୦୧୩ ମଧ୍ୟରେ ବ୍ୟାଙ୍କ ଅଫ ଇଣ୍ଡିଆ ଅଧୀନ ବ୍ୟାଙ୍କ କନସୋର୍ଟିୟମରୁ ଋଣ ନିଆଯାଇଥିଲା। କିନ୍ତୁ ବ୍ୟାଙ୍କ ଋଣକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଗଲା । ଏ ମାମଲାରେ ପୂର୍ବରୁ ଇଡିର ୩୧୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିଲା। ଜବତ ଟଙ୍କାରୁ ୨୮୯ କୋଟି ଟଙ୍କା ଏପ୍ରିଲ ୨୦୨୫ରେ ବ୍ୟାଙ୍କକୁ ଫେରସ୍ତ କରାଯାଇଥିଲା । ତଦନ୍ତରୁ ଜଣା ପଡିଲା ୫୯.୮୦ କୋଟି ଟଙ୍କା ଏମ୍/ସ ଅନ୍ମୋଲ ମାଇନ୍ସ ପ୍ରାଇଭେଟ ଲିମିଟେଡ୍ (ଏଏମ୍‌ପିଏଲ୍) କୁ ସ୍ଥାନାନ୍ତର କରାଯାଇଥିଲା । ଶକ୍ତିରଂଜନ ଆଇଟିସିଓଏଲର ପ୍ରମୋଟର ରାକେଶ କୁମାର ଶର୍ମାଙ୍କ ବ୍ୟାଙ୍କ ଋଣ ଅର୍ଥକୁ ଲଣ୍ଡରିଂ କରିବାରେ ସହାୟତା କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଇଡି ରେଡ୍ କରିଛି। ।

### ପୁରୀ...

ପୁଲିସ୍ ନିଲମ୍ବିତ ହେଲେ। କିନ୍ତୁ ୧୫ ବର୍ଷ ଧରି ପୁରୀରେ ସୁରକ୍ଷା ଅଭିଜ୍ଞତା ସାଉଁଟିଥିବା ଦୁଇ ଅଧିକାରୀ କିଭଳି ଖସିଗଲେ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏମାନଙ୍କୁ କେଉଁ ଆଳରେ ଓ କାହା ଆଶୀର୍ବାଦରେ ଶ୍ରୀମନ୍ଦିର ସୁରକ୍ଷା ନାଁରେ ପୁରୀରେ ରଖାଯାଇଛି, ତାହାକୁ ନେଇ କିଛି ପୁଲିସ୍ ବାବୁ ଆଲୋଚନା ଚଳାଇଥିବା ବେଳେ ଏମାନେ ସୁରକ୍ଷା କଥା ବୁଝିବା ବଦଳରେ ଯାତ୍ରୀ ବେପାର କରି ଭଲ ଦୁଇ ପଇସା ରୋଜଗାର କରୁଥିବାରୁ ପୁରୀ ଛାଡି ଯାଉନଥିବା ବି ଚର୍ଚ୍ଚା ହେଉଛି। ଶ୍ରୀମନ୍ଦିର ସୁରକ୍ଷାରେ ବାରମ୍ବାର ତ୍ରୁଟି ପରିଲକ୍ଷିତ ହେଉଥିବା ବେଳେ ସିଂହଦ୍ୱାର ଥାନା ଅଧିକାରୀଙ୍କ କାର୍ଯ୍ୟ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଏ ବାବୁ ମଧ୍ୟ ଦୀର୍ଘଦିନ ହେଲା ଏଠାରେ ଆସ୍ଥାନ ଜମାଇଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ଓ ଯାତ୍ରୀ ସୁରକ୍ଷା ବଦଳରେ ଭିଭିଆଇପି ଦର୍ଶନରେ ଅଧିକାଂଶ ସମୟ ଦେଉଥିବାରୁ ଶ୍ରୀମନ୍ଦିର ପ୍ରଶାସନ ସହିତ ପୁଲିସ୍ ପ୍ରଶାସନ ବି ବଦନାମ ହେବାରେ ଲାଗିଛି। ତେଣୁ ଶ୍ରୀମନ୍ଦିର ସୁରକ୍ଷା ନାଁରେ ପୁରୀରେ ବର୍ଷ ବର୍ଷ ଧରି ଡେରା ପକାଇଥିବା ପୁଲିସ୍ ବାବୁଙ୍କୁ ତୁରନ୍ତ ଏଠାରୁ ହଟାଇ ଦକ୍ଷ ଅଧିକାରୀଙ୍କୁ ଆଣିବା ପାଇଁ ସାଧାରଣରେ ମତପ୍ରକାଶ ପାଉଛି।

### ବାଣ...

କରିବାକୁ ଚେଷ୍ଟା ମଧ୍ୟ କରିଥିଲେ। ଅନ୍ୟପକ୍ଷେ ପୋଲିସ ଓ ଆମ୍ବୁଲାନ୍ସକୁ ମଧ୍ୟ ସୂଚନା ଦିଆଯାଇଥିଲା। ସୂଚନା ପାଇ ପୋଲିସ, ଆମ୍ବୁଲାନ୍ସ ଓ ଏସଡିଆରଏଫ୍ ଟିମ୍ ଘଟଣାସ୍ଥଳେ ପହଞ୍ଚିଥିଲେ।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବାଣ ଫ୍ୟାକ୍ଟ୍ରିରେ ଜୀବନ ହରାଇଥିବା ଶ୍ରମିକଙ୍କ ପ୍ରତି ଶୋକ ବ୍ୟକ୍ତ କରିଛନ୍ତି। ସେ ମୃତକଙ୍କ ଶୋକ ସନ୍ତପ୍ତ ପରିବାର ଲୋକଙ୍କ ପ୍ରତି ସମବେଦନା ବ୍ୟକ୍ତ କରିଛନ୍ତି। ଏହା ସହ ଅଧିକାରୀଙ୍କୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଦ୍ରୁତ ଗତିରେ କରିବାର ନିର୍ଦ୍ଦେଶ ଦେଇଛନ୍ତି। ଘଟଣାକୁ ନେଇ ଲକ୍ଷ୍ନୌ ଜିଲ୍ଲାପାଳ ବିଶାକ ଜୀ କହିଛନ୍ତି, ପୋଲିସ ଟିମ, ଜରୁରୀକାଳୀନ ଟିମ, ଏସଡିଆରଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ବିସ୍ଫୋରଣର କାରଣ ଖୋଜା ଚାଲିଛି। ପୋଲିସ ଏବଂ ଅଗ୍ନିଶମ ଟିମ୍ ଉଦ୍ଧାର କାର୍ଯ୍ୟରେ ଲାଗିଛି।

### କେନ୍ଦ୍ର ...

ଆଇଏମସିଟି ଏବଂ ଏକ ବହୁସ୍ତରୀୟ ଦଳ ହିମାଚଳ ପ୍ରଦେଶ ଗସ୍ତ କରିସାରିଛନ୍ତି। କେନ୍ଦ୍ରୀୟ ଦଳଗୁଡ଼ିକର ନେତୃତ୍ୱ ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସ୍ତରର ଜଣେ ବରିଷ୍ଠ ଅଧିକାରୀ ନେଉଛନ୍ତି ଏବଂ ଏଥିରେ ଅର୍ଥ, କୃଷି ଏବଂ କୃଷକ କଲ୍ୟାଣ, ଜଳ ଶକ୍ତି, ଶକ୍ତି, ସଡ଼କ ପରିବହନ ଏବଂ ରାଜପଥ, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ରହିବେ।

ଗୃହ ମନ୍ତ୍ରଣାଳୟ ଏହି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀଙ୍କ ସହ ଯୋଗାଯୋଗରେ ରହିଛି ଏବଂ ଆବଶ୍ୟକ ସଂଖ୍ୟକ ଏନଡିଆରଏଫ, ସେନା ଏବଂ ବାୟୁସେନା ହେଲିକପ୍ଟର ନିୟୋଜିତ କରି ସମସ୍ତ ଆବଶ୍ୟକୀୟ ଲଜିଷ୍ଟିକ୍ ସହାୟତା ପ୍ରଦାନ କରିଛି, ଯେଉଁମାନେ ସେମାନଙ୍କୁ ସନ୍ଧାନ ଏବଂ ଉଦ୍ଧାର ତଥା ଅତ୍ୟାବଶ୍ୟକ ସେବାଗୁଡିକର ପୁନରୁଦ୍ଧାରରେ ସାହାଯ୍ୟ କରୁଛନ୍ତି।

## ବିଜେପିରେ ସାମିଲ ହେଲେ ଏକାଧିକ ଯୁବକ



**ବ୍ରହ୍ମପୁର,୩୧।୮(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶରେ ପ୍ରେରିତ ହୋଇ ଗୋଷାଣୀନୂଆଗାଁ ମଣ୍ଡଳର ୩୦ରୁ ଅଧିକ ଯୁବକ ଆଜି ବିଜେପିରେ ସାମିଲ ହୋଇଛନ୍ତି। ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ଉପସ୍ଥିତିରେ ଗାନ୍ଧୀନଗର ସ୍ଥିତ ସାଂସଦ ଓ ବିଧାୟକଙ୍କ କାର୍ଯ୍ୟାଳୟ ଠାରେ ଯୁବକ ମାନେ ଦଳରେ ଯୋଗ ଦେଇଛନ୍ତି। ଦେଶ ପାଇଁ ପ୍ରତି କ୍ଷେତ୍ରରେ ସଶକ୍ତିକରଣ ହେବା ପାଇଁ ଆଗାମୀ ଦିନରେ ଦଳ ସହ ନିଷ୍ଠା ଓ ସମର୍ପଣ ସହିତ କାମ କରିବାକୁ ସାମିଲ ଯୁବକ ମାନେ ମତ ରଖିଛନ୍ତି। ଏହି ଅବସରରେ ଦଳକୁ ଶୃଙ୍ଖଳିତ ତଥା ମଜବୁତ କରିବାରେ ସକ୍ରିୟ ଭୂମିକା ନେବାକୁ ସାମିଲ ଯୁବକ ମାନଙ୍କୁ ପରାମର୍ଶ ଦେଇଥିଲେ ସ୍ଥାନୀୟ ବିଧାୟକ। ଏହି ମିଶ୍ରଣରେ ମଣ୍ଡଳ ସଭାପତି ବର୍ଷା ବିଦୁସ୍ମିତା, ମଣ୍ଡଳ ସଭାନେତ୍ରୀ ମନିତା ଦାଶ, ବିଧାୟକ ପ୍ରତିନିଧି ପ୍ରଦୀପ ନାୟକ, ରଞ୍ଜିତ ପଟ୍ଟନାୟକ, ଭିକି ଆଚାରୀ, ଶ୍ରୀକାନ୍ତ ସାହୁ, ସୁବ୍ରତ ପାଳ, ସଚିନ ପଣ୍ଡା, ଅନଙ୍ଗ ପଣ୍ଡା, ସୁରେଶ ତ୍ରିପାଠୀ, ଶିବ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

- ତାଲା ବନ୍ଦ ଘରୁ ଚୋରି ଘଟଣା

## ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମର ତନାଘନା ଆରମ୍ଭ

**ହିଞ୍ଜିଳିକାଟୁ,୩୧।୮ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ରାଜା ସାହି ନେଳିଆ ବନ୍ଧ ପାର୍ଶ୍ୱରୁ ଚୋରି ଘଟଣାରେ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମୂଳ ଚେର ଖୋଜୁଛି ପୋଲିସ।ଗତକାଲି ରାତିରେ ଅଭିଯୋଗକାରୀ ଆତ୍ମାପ୍ରକାଶଙ୍କୁ ହିଞ୍ଜିଳି ଥାନାକୁ ଡାକି କିଛି ଚୋରି ସାମଗ୍ରୀ ପୋଲିସ ଫେରାଇ ଦେଇଛି ; କିନ୍ତୁ ଆଉ କିଛି ଚୋରି କଂସା ବାସନ ମିଳିପାରିନାହିଁ।ରବିବାର ସକାଳେ ହିଞ୍ଜିଳି ପୋଲିସ ସହାୟତାରେ ଆଜି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲେ।ଚୋରି ଘଟଣାରେ ପୋଲିସ ତଦନ୍ତରେ ବାଧା ଉପୁଜିବା ନେଇ ସୂଚନା ଦେଉ ନ ଥିବା ବେଳେ ଆଉ ଦୁଇ ସମ୍ପୃକ୍ତି ଥିବା ପୋଲିସ ନିଶ୍ଚିତ ହୋଇଛି।ଖୁବ ଶୀଘ୍ର ସେମାନଙ୍କୁ ବି ଗିରଫ କରାଯିବ ବୋଲି ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

## ମାଛଧରା ବନ୍ଦର ମଧ୍ୟରେ ଅଘଟଣ, ବୁଡୁ ବୁଡୁ ବଞ୍ଚିଗଲା ବୋଟ!



**ପାରାଦୀପ,୩୧।୮ (ସଂଚାର ବ୍ୟୁରୋ):** ପାରାଦୀପ ନେହେରୁବଙ୍ଗଳା ମାଛଧରା ବନ୍ଦର ମଧ୍ୟରେ ଆଜି ଏକ ବଡ ଧରଣର ଅଘଟଣ ଘଟିଯାଇଛି। ଅଳ୍ପକେ ବର୍ତ୍ତୀ ଯାଇଛନ୍ତି ୫ ମତ୍ସ୍ୟଜୀବି। ସୂଚନା ମୁତାବକ ଦୂର ସମୁଦ୍ର ମଧ୍ୟରୁ ମାଛ ଧରି ଅଭିରାମ ନାମକ ଏକ ଟ୍ରଲର ଜେଟୀ ମଧ୍ୟକୁ ପ୍ରବେଶ କରୁଥିବା ସମୟରେ ଚାରି ନମ୍ବର ଜେଟୀ ନିକଟରେ ପିଟିହୋଇ ଟ୍ରଲରଟି କଣା ହୋଇ ଯାଇଥିଲା। ଏଥିରେ ପାଣି ପଶିଯିବାରୁ ଟ୍ରଲରଟି ବୁଡ଼ିବାକୁ ବସିଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବି ଓ କୁଜଙ୍ଗ ଅଗ୍ନିସମ ବାହିନୀ ଟ୍ରଲରକୁ ଉଦ୍ଧାର କରିଥିଲେ। ଏଥିରେ ଥିବା ସମସ୍ତ ପାଞ୍ଚଜଣ ମତ୍ସ୍ୟଜୀବି ସୁରକ୍ଷିତ ଭାବେ ଉଦ୍ଧାର ପାଇ ଯାଇଥିବା ଜଣାପଡ଼ିଛି।

## ଗୋପାଳପୁର ଏନଏସି ସ୍ୱାୟତ୍ତ ଶାସନ ଦିବସରେ ସଫେଇ କର୍ମଚାରୀଙ୍କୁ ଅଣଦେଖା ଅଭିଯୋଗ

**ବ୍ରହ୍ମପୁର,୩୧।୮(ସଂଚାର ବ୍ୟୁରୋ):** ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ସମାରୋହ ପାଳନ ଅବସରରେ ପରିମଳ କାର୍ଯ୍ୟରେ ପ୍ରମୁଖ ଭୂମିକା ନେଉଥିବା ସଫେଇ କର୍ମଚାରୀଙ୍କୁ ଅଣଦେଖା କରାଯାଇଥିବାର ଅଭିଯୋଗ ଆସିଛି। ଏପରିକି କାର୍ଯ୍ୟକ୍ରମରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ହୋଇଥିଲେ ମଧ୍ୟ ସଫେଇ କର୍ମଚାରୀଙ୍କୁ ଭୋଜନ କାର୍ଯ୍ୟକ୍ରମରୁ ଦୁରେଇ ରଖାଯାଇଥିବା ଜଣାପଡ଼ିଛି। ଆଜି ସ୍ଥାନୀୟ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ସଫେଇ କର୍ମଚାରୀଙ୍କୁ ଅପେକ୍ଷା କରିବାକୁ କୁହାଯାଇଥିଲା। ଶେଷରେ ପୋଷାକ ବିତରଣ କରାଯାଇଥିଲା ଏବଂ ଅପରାହ୍ନ ୩ ଟା ପରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରୁ ସେମାନଙ୍କୁ ଘଉଡ଼ାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଫଳରେ ସଫେଇ କର୍ମଚାରୀ ମାନେ ଏନଏସି ଅଧ୍ୟକ୍ଷଙ୍କୁ ପ୍ରଶ୍ନ କରିବା ପରେ ଉତ୍ତର ମିଳିଥିଲା ଯେ ସେମାନଙ୍କ ପାଇଁ ବ୍ୟବସ୍ଥା ହୋଇନାହିଁ ପରେ ଦିଆଯିବ। ଏହା ଜାତିଆଣ ଆକ୍ଷେପ ଛୁଆଁ ହୋଇଯିବ ଭାବି ଉଦ୍ଦେଶ୍ୟ ମୂଳକ କରାଯାଇଥିବା ସଫେଇ କର୍ମଚାରୀ ଅନୁଭବ କରିଛନ୍ତି। ଏହାକୁ ସଫେଇ କର୍ମଚାରୀ ସଙ୍ଘ ତରଫରୁ ବିରୋଧ କରାଯାଇଛି ଏବଂ ସମସ୍ତ ପୋଷାକକୁ ଫେରାଇ ଦେଇ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ଏଭଳି ଘଟଣାକୁ ନେଇ ଆଗାମୀ ସମୟରେ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ ଅଧିକାରୀଙ୍କ ନଜରକୁ ଆଣିବା ସହିତ ନ୍ୟାୟିକ ତଦନ୍ତ ନ ହେଲେ କାର୍ଯ୍ୟାବନ୍ଦ ଆନ୍ଦୋଳନ ହେବ ବୋଲି ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ରାଜ୍ୟ ଆବାହକ ପ୍ରତାପ ପ୍ରଧାନ କହିଛନ୍ତି।

### ଗଞ୍ଜାମ ଏନଏସିରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ

# ଏକତାର ସହ ବିକାଶରେ ସାମିଲ ହେବାକୁ ଆହ୍ୱାନ

- ସାଂସଦ ବିଧାୟକ ନୁହେଁ ସେବକ ଭାବରେ ଲୋକଙ୍କ ପାଖରେ ରହିବାକୁ ଚାହେଁ
- ବିଧାୟକ ଉପାଧକ୍ଷଙ୍କ ଅନୁପସ୍ଥିତକୁ ନେଇ ଚର୍ଚ୍ଚା



**ଗଞ୍ଜାମ,୩୧।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଏନଏସି ଅଧକ୍ଷା ପ୍ରତିଭା ପାଢ଼ୀଙ୍କ ନେତୃତ୍ୱରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ ପାଣିଗ୍ରାହୀ, ସଂମ୍ମାନୀୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଓ ମୁଖ୍ୟ ବକ୍ତା ଭାବେ ଓଡିଶା ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗଦେଇ ସ୍ୱାୟତ୍ତ ଶାଶନର ମହତ୍ତ୍ୱ, ଏନଏସିର କାର୍ଯ୍ୟଦକ୍ଷତା ଓ ଅଞ୍ଚଳର ସାମଗ୍ରିକ ବିକାଶ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ।ପ୍ରଥମେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶ୍ରୀ ଅପର୍ଣ୍ଣା ଡାଙ୍ଗୁଆ ବାର୍ଷିକ ବିବରଣୀ ପ୍ରସ୍ତୁତ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ନିଷ୍ଠା ଓ ସଫଳତାର ସହ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିଥିବା କହିଥିଲେ। ସମାଜିକ ବିକାଶ, ଓ ପରିବେଶ ସୁରକ୍ଷା ସହିତ ବିଭିନ୍ନ କ୍ଷେତ୍ରରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏନଏସି ଅଧକ୍ଷା ପ୍ରତିଭା ପାଢ଼ୀ ନିଜର ବକ୍ତବ୍ୟ ରଖି ସମସ୍ତଙ୍କ ସହଯୋଗରେ ଗଞ୍ଜାମ ଏନଏସି ର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ଗତ ତିନି ବର୍ଷରେ ଇତିହାସର ରେକର୍ଡ ଛୁଇଁଥିବା କହିଥିଲେ।ଅଧକ୍ଷା ପାଢ଼ୀ ଗତ ୩ ବର୍ଷରେ ରାସ୍ତାଘାଟ, ପୋଖରୀ ପୁନରୁଦ୍ଧାର, ଆଲୋକୀକରଣ, ପାର୍କ, ଶ୍ମଶାନଘାଟ ଇତ୍ୟାଦି ଉନ୍ନୟନ କାମ ସଫଳତାର ସହ ସମ୍ପନ୍ନ ହୋଇଥିବାକୁ ସ୍ମରଣ କରାଇଥିଲେ।ଏହା ସହ ୬ କୋଟି ଟଙ୍କା ବ୍ୟୟରେ ଏନଏସିର ନିଜସ୍ୱ କାର୍ଯ୍ୟାଳୟ କୋଠା ଶୀଘ୍ର ଆରମ୍ଭ ହେବାକୁ ଥିବା ଖବର ମଧ୍ୟ ଘୋଷଣା କରିଥିଲେ।ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ନିଜ ଅଭିଭାଷଣରେ ଅଞ୍ଚଳବାସୀଙ୍କୁ ଏକତାର ସହିତ ବିକାଶରେ ସାମିଲ ହେବା ପାଇଁ ଆହ୍ୱାନ କରିଥିଲେ। ମଞ୍ଚ ଉପରୁ ଅଞ୍ଚଳରେ ହୋଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ, ଅଧକ୍ଷା, ଜନପ୍ରତିନିଧିଙ୍କୁ ପ୍ରସଂଶା କରିଥିଲେ। ୨୦୨୯ ସୁଦ୍ଧା ପ୍ରାଧନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ନେତୃତ୍ୱରେ ଗଞ୍ଜାମକୁ ସମୃଦ୍ଧ ଏନଏସି ରେ ପରିଣିତ କରିବାର ପ୍ରତିଜ୍ଞା କରିଥିଲେ। ସେହିପରି ୨୦୨୬ ବଜେଟରେ ଗଞ୍ଜାମ ସହର- ପୋଡ଼ପଦର ପୁରୁଣା ବ୍ରିଜର ନବୀକରଣ ପ୍ରସ୍ତାବ ରଖାଯିବାର ଆଶ୍ୱାସନ ଦେଇଥିଲେ। ଯାହା ସମଗ୍ର ଅଞ୍ଚଳର ଯାତାୟାତ ସୁବିଧାକୁ ସହଜ ଏବଂ ସୁରକ୍ଷିତ କରିପାରିବ।ସମ୍ମାନୀୟ ଅତିଥି କୃଷ୍ଣ ଚନ୍ଦ୍ର ନାୟକ ଗଞ୍ଜାମର ଭବିଷ୍ୟତ ପରିକଳ୍ପନା ବିଷୟରେ ଆଲୋଚନା କରି, "ବିଧାୟକ ନୁହେଁ, ସେବକ ଭାବରେ ଲୋକଙ୍କ ପାଖରେ ରହିବାକୁ ଚାହୁଁଛି, " ବୋଲି କହିଥିଲେ।ମୁଖ୍ୟ ବକ୍ତା ରାମଚନ୍ଦ୍ର ପଣ୍ଡା ସ୍ୱାୟତ୍ତ ଶାଶନ ଓ ଗଞ୍ଜାମ ଇତିହାସ ଓ ନାଗରିକ ସହାଭାଗୀତାର ମହତ୍ୱ ବିଷୟରେ ବିସ୍ତୃତ ଉଲକ୍ଷ୍ୟ କରିଥିଲେ।ସଭାର ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ, ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ, ସଫେଇ କର୍ମଚାରୀଙ୍କୁ ପୁରସ୍କାର ବଣ୍ଟନ, ବରିଷ୍ଠ ନାଗରିକ ଓ ସାମ୍ବାଦିକଙ୍କୁ ସମ୍ମାନ ସହିତ କାର୍ଯ୍ୟକ୍ରମର ସମାପନ ହୋଇଥିଲା। ପରିଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ କାଉଁସିଲର ଯୋଗ ଦେଇଥିବା ବେଳେ ଉପାଧ୍ୟକ୍ଷ ସୁରେନ୍ଦ୍ର ବାରିକିଙ୍କ ସହ ୧୧ ନଂ ୱାର୍ଡର କାଉଁସିଲର ପି ଚନ୍ଦ୍ରଶେଖର ରେଡ୍ଡିଙ୍କ ଅନୁପସ୍ଥିତି ଚର୍ଚ୍ଚାର ବିଷୟ ପାଲିଟିଛି।

### କାମ କରୁନାହିଁ କୋଟପା ଆଇନ୍

## ନିଷିଦ୍ଧାଞ୍ଚଳରେ ତମାଖୁ ବ୍ୟବସାୟ

- ଶିକାର ହେଉଛନ୍ତି ଅଳ୍ପ ବୟସ ଛାତ୍ର ଛାତ୍ରୀ ଓ ଯୁବ ପିଢ଼ି
- ଅସ୍ତରଙ୍ଗ ଅଞ୍ଚଳରେ ଖୁଲମ୍ ଖୁଲ୍ଲା ନକଲି ଗୁଟଖା ବିକ୍ରି
- ବଢ଼ୁଛି ଫୁସଫୁସ, ହୃଦଘାତ, କର୍କଟ ରୋଗ



**ଅସ୍ତରଙ୍ଗ,୩୧।୮ (ସଂଚାର ବ୍ୟୁରୋ):** ଶିକ୍ଷାନୁଷ୍ଠାନ ହେବ ଗୁଟଖା ମୁକ୍ତ।ବିଦ୍ୟାଳୟ ଠାରୁ ୧ ସହ ମିଟର ଦୂର ପର୍ଯ୍ୟନ୍ତ କରାଯାଇପାରିବ ନାହିଁ ତମାଖୁ ବିକ୍ରି।ଏଥି ଲାଗି ଦଶ ବର୍ଷ ହେଲା ଲାଗୁ ହୋଇଛି କୋଟପା ଆଇନି। ହେଲେ ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର ସମେତ ସରକାରୀ କାର୍ଯ୍ୟାଳୟ ନିକଟରେ ବ୍ୟବସାୟୀ ମାନେ ଖୁଲମଖୁଲା ଗୁଟଖା ବିକ୍ରି କରୁଛନ୍ତି। କୋଟପା ଆଇନି କାମ କରୁ ନଥିବା ବେଳେ ନିଷିଦ୍ଧାଞ୍ଚଳ କୁ ତମାଖୁ ମୁକ୍ତ କରିବା ଲାଗି ଯେତେ ସବୁ ପ୍ରୟାସ ଫସର ଫାଟୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ରେ ଥିବା ବିଦ୍ୟାଳୟ ନିକଟରେ ଛୋଟ ପାନ ଦୋକାନରେ ତମାଖୁ ବିକ୍ରି ହେଉଛି।ଗୁଟଖା କାରଣ ରୁ ଅନେକ ସ୍ଥାନରେ ଫୁସଫୁସ, ହୃଦଘାତ, ମୁଖି କର୍କଟ ଦେଖିବାକୁ ମିଳୁଛି।ଏହି କାରଣ ରୁ ଅକାଳ ରେ ଝରି ପଡୁଛୁ ମୂଲ୍ୟବାନ ଜୀବନ। ବିଶେଷ କରି ଯୁବପିଢ଼ି ଏହାର ଶିକାର ହେଉଥିବା ଦେଖିବାକୁ ମିଳୁଛି।ଏହାର କାରଣ କୋମଳମତି ବୟସରୁ ଗୁଟଖା ସେବନ ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି। ସ୍କୁଲ, କଲେଜ ନିକଟରେ ଅବାଧରେ ତମାଖୁ ବିକ୍ରି ହେଉଛି।ହାତ ପାଆନ୍ତାରେ ଗୁଟଖା ମିଳୁଥିବାରୁ ପିଲାମାନେ ଏହି ନିଶା କବଳରେ ପଡ଼ି ଯାଉଛନ୍ତି।ଥରେ ଅଭ୍ୟାସ ହୋଇଗଲେ ଛାଡିବା କଷ୍ଟକର ହୋଇପଡୁଛି।ରାଜ୍ୟରେ କୋଟପା, ଖାଦ୍ୟ ସୁରକ୍ଷା ଆଇନି ଲାଗୁ ହୋଇଥିଲେ ମଧ୍ୟ କୋହଳ କାର୍ଯ୍ୟାନୁଷ୍ଠାନ କାରଣରୁ ନିଷିଦ୍ଧାଞ୍ଚଳ ଗୁଟଖା ମୁକ୍ତ ହୋଇପାରୁନାହିଁ। ଅନ୍ୟ ପଟେ ଏହାର ସୁଯୋଗ ନେଇ ଅସ୍ତରଙ୍ଗ ବଜାର ହେଉ ଗ୍ରାମାଞ୍ଚଳ ରେ ହାଉଯାଉ ହେଉଛି ନକଲି ଗୁଟଖା। କମ୍ ଦାମ୍ ରେ ମିଳୁଥିବାରୁ ଏହାକୁ ତମାଖୁ ସେବନକାରୀ ବହୁଳ ମାତ୍ରାରେ ବ୍ୟବହାର କରୁଛନ୍ତି।ସଚେତନତା ଅଭାବ ରୁ ଏହା ସେମାନଙ୍କୁ ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ଆଡକୁ ଠେଲି ଦେଉଛି।ଏଭଳି ଅବାଧ ଗୁଟଖା ବିକ୍ରି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଦାବୀ କରିଛନ୍ତି।

## ଚୋରା ଗ୍ୟାସ ପାଇଁ କରୁଣ ପରିଣତି ଅଳ୍ପକେ ବଞ୍ଚିଗଲା ଜୀବନ!



**ପାରାଦୀପ, ୩୧।୮ (ସଂଚାର ବ୍ୟୁରୋ):** ବନ୍ଦର ନଗରୀ ପାରାଦୀପରେ ଛତୁ ଫୁଟିଲା ପରି ଚୋରା ଗ୍ୟାସ ଦୋକାନ।

ଆଜି ଏଭଳି ଏକ ଚୋରା ଗ୍ୟାସ ସିଲିଣ୍ଡର ଦୋକାନରେ ଗ୍ୟାସ ଟାଙ୍କି ଫାଟିବାରୁ ଦୋକାନୀ ମାଲିକ ଅଧା ପୋଡି ଯାଇଥିବା ଜଣାପଡ଼ିଛି। ଅଠରବାଙ୍କୀ ବଜାର ମଧ୍ୟରେ ଥିବା ମହାଦେବ ଗ୍ୟାସ ଦୋକାନରେ ଏଭଳି ଅଘଟଣ ଘଟି ପିଣ୍ଟୁ ମାଇକ୍ୟାପ ନାମକ ଯୁବକ ଗୁରୁତର ଭାବେ ପୋଡି ଯିବା ଓ ଡାକ୍ତରଖାନାରେ ଭର୍ତ୍ତି ହେବା ଜଣାପଡ଼ିଛି। ଏହି ଦୋକାନ ପଞ୍ଜୀକୃତ ହୋଇ ନଥିବା କୁହାଯାଉଥିବା ବେଳେ ଯୋଗାଣ ବିଭାଗ ପକ୍ଷରୁ ଅଦ୍ୟାବଧି କିଛିବି ତଦନ୍ତ ଆରମ୍ଭ ହୋଇନାହିଁ। ଅନେକ ସମୟରେ ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳରେ ଚୋରା ବ୍ୟବସାୟୀମାନେ ଗ୍ୟାସ ସିଲିଣ୍ଡର ଚୋରାରେ ଆଣି ଚଢ଼ା ମୂଲ୍ୟରେ ବିକ୍ରି କରୁଥିବା ବେଳେ କିଭଳି ପ୍ରଶାସନ ପକ୍ଷରୁ ତନଖି କରାଯାଉ ନାହିଁ ନା ଜାଣିଶୁଣି ଏମାନଙ୍କ ପ୍ରତି ଅଣଦେଖା କରାଯାଉଛି ତାହା ବୁଝା ପଡୁନାହିଁ।

## ଫାଟିଲା ଗ୍ୟାସ ଟାଙ୍କି, ପୋଡ଼ି ହୋଇ ମହିଳା ଗୁରୁତର



**ଛତ୍ରପୁର,୩୧।୮ (ସଂଚାର ବ୍ୟୁରୋ):** ରୋଷେଇ କରିବାକୁ ଯାଇଥିବା ବେଳେ ଫାଟିଲା ଗ୍ୟାସ ଟାଙ୍କି। ପୋଡ଼ି ହୋଇ ଜଣେ ମହିଳା ଗୁରୁତର। ଏଭଳି ଏକ ଦୁର୍ଘଟଣା ରବିବାର ଛତ୍ରପୁର ବ୍ଲକ ଅନ୍ତର୍ଗତ ହଂସପୁର ଗ୍ରାମରେ ଘଟିଛି । ଗୁରୁତର ମହିଳା ଜଣଙ୍କ ହେଲେ ହଂସପୁର ଗ୍ରାମର ଈଶ୍ୱର ନାହାକଙ୍କ ଝିଅ ଭାରତୀ ବିଶ୍ୱାଳ। ତାଙ୍କୁ ପ୍ରଥମେ ମ୍ୟୁନିସିପେଣ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଭାରତୀ ତାଙ୍କ ମା'ଙ୍କ ଦେହ ଖରାପ ଥିବାରୁ ବାପଘରକୁ ଆସିଥିଲେ। ସେଠାରେ ରୋଷେଇ ଘର ଗ୍ୟାସ ଲିକେଜ ଥିବାରୁ ଗ୍ୟାସ ଅନ୍ କରିବା ପରେ ହଠାତ ଟାଙ୍କିରେ ନିଆଁ ଲାଗିଯାଇ ହୁତୁ ହୁତୁ ଜଳି ବ୍ଲାଷ୍ଟ ହୋଇଥିଲା। ଏଥିରେ ସେ ଗୁରୁତର ହେବା ସହ ଘର ପୋଡି ନଷ୍ଟ ହୋଇଯାଇଛି । ଏନେଇ ସୂଚନା ପାଇ ଛତ୍ରପୁର ଦମକଳ ବାହିନୀର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ନେଇ ସୂଚନା ଦେଇଛନ୍ତି ପୋଟଲାମପୁର ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ। ଦୁର୍ଘଟଣାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ସହ ମହିଳାଙ୍କୁ ଉତ୍ତମ ଚିକିତ୍ସା କରିବା ନିମନ୍ତେ ସେ ଅନୁରୋଧ କରିଛନ୍ତି।

## ପାର୍କିଂ ଷ୍ଟାଣ୍ଡର ଦୁରାବସ୍ଥା, ଫସିଲା ବେଙ୍ଗଲ ବସ୍



**ନୀଳଗିରି,୩୧।୮ (ସଂଚାର ବ୍ୟୁରୋ):** ପ୍ରସିଦ୍ଧ ଶୈବ ପୀଠ ପଞ୍ଚଲିଙ୍ଗେଶ୍ୱର। ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ଭକ୍ତଙ୍କ ସୁଅ ଛୁଟିଥାଏ ଏହି ପୀଠକୁ। ରମଣୀୟ ପ୍ରାକୃତିକ ପରିବେଶରେ, ଚିରସ୍ରୋତା ଝରଣାରେ, ନୀର ଶଯ୍ୟାରେ ବିଜେ ମହାଦେବଙ୍କୁ ପୂଜାର୍ଚ୍ଚନା କରିବାକୁ ଭକ୍ତଙ୍କ ମନରେ ଭକ୍ତି ଭାବ ସଦା ଉଚ୍ଛଳ। ସେହିପରି ପଶ୍ଚିମ ବଙ୍ଗରୁ ଭକ୍ତଙ୍କର ଗହଳି ସବୁବେଳେ ଲାଗିଥାଏ। ସେମାନେ ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର, କୁଲଡିହା ବୁଲିବାକୁ ଆସିବାବେଳେ ପଞ୍ଚଲିଙ୍ଗେଶ୍ୱର ପୀଠକୁ ଆସିବାକୁ ଭୁଲନ୍ତି ନାହିଁ। ଏଠାରେ ଥିବା ପାନ୍ଥ ନିବାସରେ ବଙ୍ଗୀୟ ଭକ୍ତ ଓ ପର୍ଯ୍ୟଟକ ହିଁ ରହିଥାନ୍ତି। ମାତ୍ର ଏଭଳି ଏକ ପୀଠର ଉନ୍ନତୀକରଣ ପାଇଁ ସରକାର ଉଦାସୀନ ରହିବା ପରିତାପର ବିଷୟ। ବିଶେଷ ଭାବେ ପାର୍କିଂ ସ୍ଥଳର ଅବସ୍ଥା ଅତ୍ୟନ୍ତ ଖରାପ ଏବଂ ଉନ୍ନତୀକରଣ ପାଇଁ କର୍ତ୍ତୃପକ୍ଷ ସଂପୂର୍ଣ୍ଣ ଉଦାସୀନ। ଏଠାରେ ଥିବା ପାର୍କିଂ ଷ୍ଟାଣ୍ଡ ଅବସ୍ଥା ଏବେ ବେହାଲ୍ ହୋଇ ପଡ଼ିଛି। ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ବସ୍ ରହଣୀ ଉପଯୋଗୀ ହୋଇ ନ ଥିବା ବେଳେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପାର୍କିଂ ଷ୍ଟାଣ୍ଡଟି ମରାମତି ହୋଇ ନ ଥିବା ବେଳେ ରବିବାର ଦିନ ଏକ ବେଙ୍ଗଲ ବସ୍ ଉକ୍ତ ପାର୍କିଂ ରେ ଦବି ଯିବାରୁ ବସଟି ବାହାରି ପାରୁ ନଥିବା ବେଳେ ସବୁ ଫେବର୍ ଗୁଡ଼ିକ ଦବି ଯାଇଥିବାର ଦେଖିବାକୁ ମିଳିଛି। ଏଥିପାଇଁ ବହୁ ପର୍ଯ୍ୟଟକ ହିନସ୍ଥା ହୋଇଥିବାର ଦେଖିବାକୁ ମିଳିଛି। ଅକ୍ଟୋବର ୧୫ ପରେ ପରେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯିବ। ନଭେମ୍ବର ବେଳକୁ ପ୍ରବଳ ଭିଡ଼ ହେବ। ବିଶେଷ ଭାବେ ପଶ୍ଚିମବଙ୍ଗ ରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବ। ସେତେବେଳକୁ ଭକ୍ତ ପାର୍କିଂ ସ୍ଥଳ ନିର୍ମାଣ କରା ନ ଗଲେ ପର୍ଯ୍ୟଟକ ଦୁର୍ଦ୍ଦଶା ଭୋଗିବେ। ବାହାର ପର୍ଯ୍ୟଟକମାନେ କେବେ ପୀଠ ବିଷୟରେ ଭଲ ଧାରଣା ନେଇ ଯିବେ ନାହିଁ। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ପାର୍କିଂ ସ୍ଥଳର କାମ ହେବା ଆବଶ୍ୟକ, ନହେଲେ ପାର୍କିଂ ସ୍ଥଳ ଅତି ଖରାପ ଅବସ୍ଥାକୁ ଚାଲିଯିବ। ପାର୍କିଂ ସ୍ଥଳର ମରାମତି ଦିଗରେ ନିର୍ବାଚିତ ଜନ ପ୍ରତିନିଧି ଓ ସଚେତନ ନାଗରିକ ତତ୍ପର ହେବା ଆବଶ୍ୟକ।

## କର୍କଟ ପୀଡ଼ିତ ପରିବାରକୁ ସାହାଯ୍ୟର ହାତ ବଢ଼ାଇଲେ ସମାଜସେବୀ



**ବାଲିଅନ୍ତା,୩୧।୮ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ପୁରଣ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଶିଶିଲୋ ଭୋଇ ସାହିର ପ୍ରମୋଦ ଭୋଇ ଦୀର୍ଘ ଦିନ ହେବ କର୍କଟ ରୋଗରେ ପୀଡ଼ିତ ଶିଶିଲୋ ଭୋଇ ସାହିର ପ୍ରମୋଦ। ଘରର ଏକ ମାତ୍ର ରୋଜଗାରିଆ ଭେଣ୍ଡିଆ ପୁଅ।ତାଙ୍କର ପରିବାର କହିଲେ ଗର୍ଭବତୀ ସ୍ତ୍ରୀ ଏବଂ ତାଙ୍କର ଗୋଟେ ୩ ବର୍ଷର ପୁଅ ଆଉ ବୃଦ୍ଧା ମାଆ। ଭଗବାନ ଦାଉ ସାଜିଲା ପରି ଚାଳ ଘରଟି ଛପର ହୋଇ ପାରିନାହିଁ। ବର୍ଷାରେ ଘରର କାନ୍ଥ ସବୁ ଭାଙ୍ଗି ଯାଇଛି ପର ଘରେ ଆଶ୍ରୟ ନେଇଛନ୍ତି। ଅନ୍ତରଦୟ କାର୍ଡରେ ମାସକୁ ୩୫କିଲୋ ଚାଉଳ ଯାହା ମିଳୁଛି। କିନ୍ତୁ ସରକାରଙ୍କ ପକ୍ଷରୁ ଘରଟିଏ ବି ମିଳିଲା ନାହିଁ ସରକାରୀ ବାବୁମାନେ କହିଲେ ତମେ ଘର ପାଇବ ନାହିଁ। ଏପଟେ ପୁରା ପରିବାର ପର ଘରେ ଆଶ୍ରୟ ନେଇଛନ୍ତି। ପ୍ରମୋଦ ଭୋଇ ନିଜ ଜୀବନ ସହ ସଂଗ୍ରାମ କରୁଥିବା ବେଳେ ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଖବର ଜୟଦେବ ନ୍ୟୁଜ୍ ର ସମ୍ପାଦକ ତଥା ଜୟଦେବ ନ୍ୟୁଜ୍ ଆଣ୍ଡ ମିଡିଆ ଫାଉଣ୍ଡେସନର ଚେୟାର୍ ମ୍ୟାନ୍ ଗଗନ ଭୋଇଙ୍କ ସାହାଯ୍ୟରେ ନୂତନ ପ୍ରୟାସ ଫାଉଣ୍ଡେସନର ବ୍ରଜବନ୍ଧୁ ବଳଙ୍କ ସହଯୋଗରେ ଏକ ମାସର ରାସନ୍ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଭବିଷ୍ୟତରେ ମଧ୍ୟ ସେହି ପରିବାରର କିଛି ଅସୁବିଧା ହେଲେ ସେ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟ କ୍ରମରେ ନୂତନ ପ୍ରୟାସ ଫାଉଣ୍ଡେସନର ପ୍ରତିଷ୍ଠାତା ଗୌରୀ ସାମଲ, ସୁଲୋଚନା ବେହେରା, ଗୀତାଞ୍ଜଳି ଭୋଇ, ପିଣ୍ଟୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହିଞ୍ଜିଳିକାଟୁରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



**ହିଞ୍ଜିଳିକାଟୁ,୩୧।୮(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରପରିଷଦ କାର୍ଯ୍ୟାଳୟ ପରିସରରେ ଆଜି ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି।ଏହି ଉତ୍ସବରେ ପୌର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲାଇ ପତାକା ଉତ୍ତୋଳନ କରିଥିଲେ।ହିଞ୍ଜିଳିକାଟୁକୁ ଶାନ୍ତି ଓ ପ୍ରଗତିର ସହର ଭାବରେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ।ସ୍ୱାୟତ୍ତ ଶାସନ ଦିବସ ପୂର୍ବରୁ ଏକ ସପ୍ତାହ ବ୍ୟାପୀ ସୁରକ୍ଷିତ ସଫେଇ, ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକର ଓଡ଼ିଆ ସାଇନ ବୋର୍ଡ ସଚେତନତା, ସ୍ୱାସ୍ଥ୍ୟ କ୍ୟାମ୍ପ, ଯୋଗ ଶିବିର, ବ୍ୟାଡ଼ ମିଣ୍ଟନ ଓ ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ ମୁନିସିପାଲିଟି ହାତକୁ ନେଇଥିଲା।ସମୁଦାୟ ୨୬ଟି ପ୍ରକଳ୍ପ (ଅଙ୍ଗନବାଡି ୱାର୍ଡ ନମ୍ବର ୧୨, ୧୩), ହିଞ୍ଜିଳି କାଟୁ ମାର୍କେଟ କମ୍ପ୍ଲେକ୍ସ, ନବୀନ ଭବନ ଶୌଚାଳୟ ଗୃହ, ବଇଁଚବଣିଆ କଲ୍ୟାଣ ମଣ୍ଡପ ଓ ମୁନିସିପାଲିଟି ଅନ୍ତର୍ଗତ ନୂତନ କୋଠା ଆଦି ଉଦଘାଟନ ହୋଇଥିଲା।ଯେଉଁଥିରେ ଅଧ୍ୟକ୍ଷ, ପୌରାଧ୍ୟାକ୍ଷା, ସମସ୍ତ କାଉନସିଲର ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୂର୍ବରୁ ବୃନ୍ଦାବନ ସରକାରୀ ଉଚ୍ଚବିଦ୍ୟାଳୟରେ ମୁନିସିପାଲିଟି ତରଫରୁ ଆୟୋଜନ ହୋଇଥିବା ପ୍ରତିଯୋଗିତା ଗୁଡିକର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୌରପରିଷଦର କର୍ମଚାରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚତୁର୍ଥ ଶ୍ରେଣୀ ଛାତ୍ର ମୃତ୍ୟୁ ଘଟଣା

### ଦୋଷୀ ବିଦ୍ୟୁତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ?



**ବାଲିପାଟଣା,୩୧।୮(ସଂଚାର ବ୍ୟୁରୋ):** ବାଲିପାଟଣା ବିଦ୍ୟୁତ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳାରୁ ଗତ ଅଗଷ୍ଟ ୧୭ ତାରିଖରେ ଏକ ଚତୁର୍ଥ ଶ୍ରେଣୀ ନାବାଳକ ର ଜୀବନ ଯାଇଥିଲା। ଗ୍ରାମରେ ବିଦ୍ୟୁତ ଖୁଣ୍ଟରୁ ଛିଣ୍ଡି ଲାଗିରହିଥିବା ଷ୍ଟେ ତାର ସଂସ୍ପର୍ଶରେ ଆସି ଜଣେ ଛାତ୍ର ଚନ୍ଦନ କୁମାର ଭୋଇ (୧୨) ଙ୍କର ମୃତ୍ୟୁ ଘଟିଥିଲା।ବିଦ୍ୟୁତ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳାରୁ ପିଲାର ଜୀବନ ଯାଇଥିବା ଅଭିଯୋଗ ଆଣିବା ସହିତ ଉପଯୁକ୍ତ କ୍ଷତିପୂରଣ ଓ ଦୋଷୀ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ପ୍ରତିଶ୍ରୁତି ଦାବି କରି ଶବକୁ ଧରି ରାସ୍ତାରୋକ କରିଥିଲେ ସ୍ଥାନୀୟ, ଲୋକେ। ଏପରିକି ପ୍ରବଳ ବର୍ଷା ସତ୍ତ୍ୱେ ରାସ୍ତାରୋକ ଜାରି ରହିଥିଲା। ପୋଲିସ ପ୍ରଶାସନର ବୁଝାସୁଝା ପରେ ମଧ ନିଜ ଦାବିରେ ଅଟଳ ରହିଥିଲେ ଲୋକେ। ଶେଷରେ ବିଳମ୍ବିତ ରାତି ୧୨ଟାରେ ଆନ୍ଦୋଳନରେ ବସିଥିବା ଲୋକଙ୍କ ଜିଦ୍ ଆଗରେ ମୁଣ୍ଡ ନୁଆଁଇଥିଲା ବିଦ୍ୟୁତ ବିଭାଗର ବରିଷ୍ଠ ଅଧିକାରୀଙ୍କ ଅହଙ୍କାର। ଶେଷରେ ରାତି ୧୨ଟାରେ ଟାଟା କମ୍ପାନୀ ର ଜଣେ ବରିଷ୍ଠ ଅଧିକାରୀ ଆନ୍ଦୋଳନସ୍ଥଳରେ ପହଞ୍ଚି ଉପଯୁକ୍ତ କ୍ଷତିପୂରଣ ସହ ଦୋଷୀ କର୍ମଚାରୀଙ୍କ ବିରୋଧରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଥିଲେ ଲୋକେ। ଏହି ମଧରେ ଏହି ଅବହେଳା ଜନିତ ହୃଦୟ ବିଦାରକ ଘଟଣାକୁ ୨ ସପ୍ତାହ ପୁରିବାକୁ ବସିଲାଣି କିନ୍ତୁ ବଡ଼କଥା ହେଲା, ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତିରେ ଅଟକିଛି। ଏବେ ପ୍ରଶ୍ନ ଉଠୁଛି, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କାହିଁକି କୁଣ୍ଠାବୋଧ ବିଦ୍ୟୁତ ବିଭାଗ?




## ସଫଳତାରେ କୁରୁଳୁଛନ୍ତି ମହାଗୁରୁ



ବିଜେଡି ରାଜନୀତିରେ ନିଜର ଦୁଇ ବିଶ୍ୱସ୍ତ ଚେଲାଙ୍କୁ ଥଇଥାନ କରିପାରିଥିବାରୁ ଗୁରୁ ଜଣଙ୍କ ଏବେ ଖୁସିରେ କୁରୁଳିବାରେ ଲାଗିଛନ୍ତି। ଚେଲାମାନେ ବି ଖୁସିରେ ଗୁରୁ ଦକ୍ଷିଣା ଦେବାପାଇଁ ସଜବାଜ ହେଉଛନ୍ତି। ଏମିତି ଗୁରୁଙ୍କ ସଂକ୍ରାନ୍ତରେ ଦଳୀୟ କାର୍ଯ୍ୟାଳୟ ନିଟରେ ଚାଲିଥିବା ଆଲୋଚନା ଅନୁଯାୟୀ କିଛି ଦିନ ହେଲା ଦଳରେ ଛାତ୍ର ଓ ଯୁବ ମୁଖିଆ ନିଯୁକ୍ତି ନେଇ ବଳ କଷାକଷି ଚାଲିଥିଲା। ଦୁଇ ତିନି ଜଣ ଗୁରୁ ନିଜ ନିଜ ଚେଲାଙ୍କୁ ଏହି ଚଉକିରେ ବସାଇବାପାଇଁ ଲାଗି ପଡିଥିଲେ। ବିଭିନ୍ନ ଉପାୟରେ ନିବାସକୁ ପ୍ରଭାବିତ ପାଇଁ ଲାଗି ପଡିଥିଲେ। ବାୟୋଡାଟା ବି ପଠାଇଥିଲେ। ସବୁକିଛି ଉଲ୍ଲେଖ କରିଥିଲେ। ଗୁରୁମାନେ ବି ପରସ୍ପରକୁ ରାତି ଅନିଦ୍ରା ହୋଇ ଜଗିଥିଲେ। ଯେମିତି ହେଲେ ନିଜ ନିଜର ଚେଲାଙ୍କୁ କୁଳରେ ଲଗାଇବାକୁ ପଡିବ। ଚଉକି ପାଇବା ଆଶାରେ ଚେଲାମାନେ ବି ଗୁରୁବନ୍ଦନା ଚଳାଇଥିଲେ। ଗୁରୁଙ୍କୁ ଖୁସି କରିବାପାଇଁ ଲାଗି ପଡିଥିଲେ। ଶେଷରେ ଜଣେ ଗୁରୁ ଏଥିରେ ସଫଳ ହେଲେ। ଜଣେ ଗୁରୁଙ୍କର ଦୁଇ ବିଶ୍ୱସ୍ତ ଚେଲା ନିଯୁକ୍ତି ହୋଇଥିବାରୁ ତାଙ୍କୁ ଏବେ କିଛି କର୍ମୀ ମହାଗୁରୁ ଉପାଧି ଦେଇଛନ୍ତି। ପୂର୍ବରୁ ଗୁରୁଙ୍କର ଛାତ୍ର ଓ ଯୁବ ରାଜନୀତିରେ ଢେର ଅଭିଜ୍ଞତା ରହିଛି। ତେବେ ଚେଲାମାନେ ନିଜର ଅଭିଜ୍ଞତା ମାଧ୍ୟମରେ କିଭଳି ଗୁରୁ ଦକ୍ଷିଣା ଦେଉଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର ଥିବାବେଳେ ଅନ୍ୟ ଗୁରୁମାନେ ଏବେ ମେଳି ବାନ୍ଧିବା ମହାଗୁରୁଙ୍କ ପାଇଁ ଟିକେ ଅଡୁଆ ହୋଇଛି।

## ଭକ୍ତ ବିଗାଡ଼ିଦେଲେ ଖେଳ



ବିଜେଡିର ଗୋଟିଏ ଗୋଷ୍ଠି ଏବେ ଭକ୍ତ ଦାସଙ୍କ ଉପରେ ଖପ୍ପା। ଏହାର କାରଣ ହେଉଛି ଭକ୍ତ ସେମାନଙ୍କ ଖେଳ ବିଗାଡି ଦେଇଛନ୍ତି। ନବୀନ ଡାକ୍ତରଖାନାରେ ପଡିଲାବେଳେ ଏମାନେ ଗେମ୍ ଖେଳିଥିଲେ। ଲକ୍ଷ୍ୟଥିଲା ପାଣ୍ଡିଆନଙ୍କୁ ବଦନାମ। ସେହି ଅନୁଯାୟୀ ଯୋଜନା ହୋଇଥିଲା। କୁହାଗଲା ଭକ୍ତଙ୍କୁ ପାଣ୍ଡିଆନ ନବୀନଙ୍କ ପାଖକୁ ଛାଡିଲେନି। ରାଜା ସ୍ୱାଇଁଙ୍କୁ ଇଂରାଜୀରେ ନାଲିଆଖି ଦେଖାଇଲେ। ଖବରକୁ ବି ଯୋଜନାବଦ୍ଧ ଭାବେ ପ୍ରକାଶ କରାଗଲା। ସୋସିଆଲ ମିଡିଆରେ ଛାଇଗଲା ଖବର। ରାଜସ୍ୱାଇଁ କିଛି କହିବା ପୂର୍ବରୁ ଭକ୍ତ କିନ୍ତୁ ଗଣମାଧ୍ୟମରେ ଆସି ବିବୃତ୍ତି ଦେଇଥିଲେ। ସଫା ସଫା କହିଲେ, ମୋତେ ପାଣ୍ଡିଆନ ଅଟକାଇ ନାହାନ୍ତି। ନବୀନ ଆଇସିୟୁ ଥିବାରୁ ସେଠାକୁ ଯିବାକୁ ଡାକ୍ତର ମନାକଲେ। ତେଣୁ ମୁଁ ଫେରି ଆସିଲି। ଭକ୍ତଙ୍କ ଏହି କଥା ପଦକ ଗଣମାଧ୍ୟମରେ ବାଜିବା ପରେ ସବୁ ଖେଳ ବିଗିଡିଗଲା। ତେଣୁ ରାଜି ବି ଚୁପ୍। ତେଣୁ ପାଣ୍ଡିଆନଙ୍କୁ ବଦନାମ ପାଇଁ ଯେଉଁ ପ୍ଲଟ ତିଆରି ହୋଇଥିଲା ତାହା ଏପଟ ସେପଟ ହୋଇଗଲା। ଷଡଯନ୍ତ୍ରକାରୀଙ୍କ ମୁଖା ବି ଖୋଲିଲା। ହେଲେ ତାହା ବାହାରକୁ ଆସିଲା ନାହିଁ। ଷଡଯନ୍ତ୍ରକାରୀମାନେ ଭକ୍ତଙ୍କ ଉପରେ ରକ୍ତଚାଉଳ ଚୋବାଉଥିବାବେଳେ ଭକ୍ତ ପ୍ରତି କିନ୍ତୁ ସାଧାରଣରେ ଭକ୍ତିଭାବ ବଢିବାରେ ଲାଗିଛି। କମ୍‌ସେ କମ୍ ଡାକ୍ତରଖାନା ଓ ରୋଗୀଙ୍କୁ ନେଇ ଭକ୍ତ ରାଜନୀତି କରିନାହାନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

## ଚିହ୍ନିରଖ ଭ୍ରାତାଙ୍କ ବଦନ




ନିକଟରେ ରେଳସଦନରେ ରାଜ୍ୟ ସରକାରଙ୍କ ଗୋଟିଏ ବିଭାଗର କାର୍ଯ୍ୟକ୍ରମ ଥିଲା। ସେଠାରେ ଉପସ୍ଥିତ କିଛି ସାମ୍ବାଦିକଙ୍କ ଆଲୋଚନା କାନରେ ପଡିଲା। ଅବଶ୍ୟ ସେମାନଙ୍କ ଆଲୋଚନା ରେଳବାଇ ବିଭାଗ ପାଇଁ ହୋଇଥିବାରୁ ଆମେ ଟିକେ କାନଡେରି ଶୁଣିଲୁ। କିଛି ସାମ୍ବାଦିକ କହୁଥିଲେ ଏଇ ରେଳ ବିଭାଗର କିଛି ବାବୁ ଏବେ ନିଜେ ବୁଲିବାପାଇଁ ବିଶ୍ୱସ୍ତ ସାମ୍ବାଦିକ ତାଲିକା ତିଆରି କରିଛନ୍ତି। ଦେଶର ବିଭିନ୍ନ ସ୍ଥାନରେ ହେଉଥିବା କାର୍ଯ୍ୟକ୍ରମସ୍ଥଳୀକୁ ବୁଲାଇ ନେବାବେଳେ ଏହି ତାଲିକାକୁ ବଡ ବାବୁଙ୍କୁ ଧରାଇ ଦେଉଛନ୍ତି। ଫଳରେ ଯେଉଁମାନେ ନିୟମିତ ଖବର ପରିବେଷଣ କରୁଛନ୍ତି ସେମାନେ ଏହାର ବିନ୍ଦୁ ବିସର୍ଗ ଜାଣିପାରୁ ନାହାନ୍ତି। ସୂଚନା ମିଳିଲା ବେଳକୁ ରେଳବାବୁ ନିଜ ଅନୁଗତଙ୍କୁ ଧରି ବୁଲାବୁଲି କରି ଫେରିଆସୁଛନ୍ତି। ନିକଟରେ ଗୋଟିଏ ସୀମାନ୍ତ ରାଜ୍ୟର ରେଳ ବିକାଶ କାର୍ଯ୍ୟକ୍ରମ ଦେଖିବାପାଇଁ ସାମ୍ବାଦିକ ଟିମ୍ ଯାଇଥିଲେ। ଏମାନଙ୍କୁ କେଉଁ ଆଧାରରେ କିଏ ବାଛିଲା ତାହାକୁ ନେଇ ସରଗରମ ଆଲୋଚନା ଚାଲିଥିଲା। ଜଣେ ସାମ୍ବାଦିକ କହିଲେ ବୁଝିଲେ, ଖବର ବାହାରିବା ବେଳକୁ ପ୍ରଥମେ ସୋସିଆଲମିଡିଆ ଓ ଡିଜିଟାଲ ମିଡିଆକୁ ଖୋଜା ପଡୁଛି। ହେଲେ ବୁଲିଲା ବେଳକୁ ଅନ୍ୟମାନେ ଯାଉଛନ୍ତି। ଆଉ ଜଣେ କହୁଥିଲେ ଇଏ ସବୁ କୁଆଡେ ରେଳ ବିଭାଗର କିଛି ବାବୁଙ୍କ ନିଜ ବୁଲା ସହିତ ବିଜ୍ଞାପନ କାରସାଦିର ଫଳ। ଗୋଟିଏ ଗୁଳିରେ ଦୁଇଟି ଶିକାର କରୁଛନ୍ତି। ତେଣୁ ଏଭଳି କାର୍ଯ୍ୟ କରୁଥିବା ରେଳ ସମ୍ପର୍କ ବାବୁମାନଙ୍କୁ ବଦନ ଚିହ୍ନି ରଖିବାପାଇଁ ଜଣେ ସାମ୍ବାଦିକ ସିଧା ସିଧା ମତ ଦେଲେ। ଆଉ କିଛି ସାମ୍ବାଦିକ ଓଡିଶା କୋଟାରେ ରେଳ ମନ୍ତ୍ରୀ ହୋଇଥିବା ଅଶ୍ୱିନୀ ବାବୁଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଯୋଜନା ପ୍ରସ୍ତୁତ ନେଇ ଆଲୋଚନା ଆରମ୍ଭ କରିବାରୁ ଆମେ ସେ ସ୍ଥାନ ଛାଡି ଆସିବାକୁ ଉଚିତ୍ ମଣିଲୁ।

## ବିଜେଡିରେ ପୋଡ଼ା ଜଳା ମୁଖପାତ୍ର



ଶଙ୍ଖ ଭବନ ରାସ୍ତାରେ ଆସୁଥିବାବେଳେ ଜଣେ ଭକ୍ତ ବହୁଦିନ ପରେ ଦେଖା ହେଲେ। ଦଳ ଖବର ପଚାରିବାରୁ କହିଲେ ଏବେ ପୋଡା ଜଳା ଅବସ୍ଥା। ଭାବିଲି ଭକ୍ତ ଜଣଙ୍କ ଅକଳରେ ପଡିଛନ୍ତି। ତେଣୁ ବ୍ୟସ୍ତ ହୋଇ ପଚାରିଲି, କ'ଣ ହେଲାକି ? ତମେ ତ ସେଫ୍ ଜୋନ୍‌ରେ ଥିଲ। ତହୁଁ ଭକ୍ତ ଜଣଙ୍କ କହି ମୋ କଥା କହୁନି ମ, ଆମର ପୋଡା ଜଳା ମୁଖପାତ୍ରଙ୍କ କଥା କହୁଛି। ମୁଁ ଟିକେ ବୁଝି ନପାରିବାରୁ ଭକ୍ତ କହିଲେ, ଅଳ୍ପଦିନ ତଳେ ଦଳର ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ସେଠାରେ ଦଳକୁ ସୁରକ୍ଷା କରିବାକୁ ଯାଇ ଗଣମାଧ୍ୟମକୁ ସମ୍ବୋଧିକ କରୁଥିବା ମୁଖପାତ୍ର ଜଣଙ୍କ ଏଭଳି ପୋଡା ଜଳ କଥା କହିଲେ ଯେ ସେବେଠାରୁ ତାଙ୍କୁ କିଛି କର୍ମୀ ପୋଡା ଜଳା ମହାନ୍ତି ବୋଲି କହୁଛନ୍ତି। ବାସ୍ତବରେ ବାବୁ ସେମନ୍ତ ନୁହନ୍ତି। ଗଣମାଧ୍ୟମକୁ ସୁଚାରୁ ରୂପେ ସମ୍ବୋଧନ କରିବାରେ ତାଙ୍କ ଭଲ ଅଭିଜ୍ଞତା ରହିଛି। ହେଲେ ବାବୁ ସେଦିନ ଅତି ଉତ୍ସାହିତ ହୋଇ ଖାଲି ପୋଡା ଶବ୍ଦଟିକୁ ବାରମ୍ବାର କହିବାରେ ଲାଗିଲେ। ଯାହାଙ୍କ ଉଦ୍ଦେଶ୍ୟରେ ବାବୁ ଏକଥା କହିଲେ, ତାଙ୍କର ପୋଡା ହେଉ କି ନହେଉ, ଦଳର କିନ୍ତୁ ପୋଡା ହେଉଛି। କାରଣ ଦଳ ପତି କିମ୍ବା ଦଳର ଅନ୍ୟ କେହି ଏଭଳି ଶବ୍ଦ ସପକ୍ଷରେ ନୁହଁନ୍ତି। ଭକ୍ତଙ୍କୁ ଆମେ ପଚାରିଲୁ, ଏ ପୋଡା ଜଳା କେବେ ଉପଶମ ହେବ ? ଭକ୍ତ କହିଲେ, ତୁରନ୍ତ ମଲମ ଲଗାଯାଇଛି, ଅଳ୍ପ ଦିନ ଲାଗିବ। ଏକଥା ଶୁଣି ଆମେ ଏକା ନିଶ୍ୱାସରେ ସ୍ଥାନ ପରିତ୍ୟାଗ କଲୁ।

## ଫସର ଫାଟିଲା ଇଭି କିଣା



ରାଜ୍ୟ ସରକାରଙ୍କର ଗୋଟିଏ ବଡ ବିଭାଗର ଇଭିଯାନ କିଣା ଯୋଜନା ଫସର ଫାଟି ଯାଇଛି। ଗାଁ ଗହଳର ବିକାଶ କରୁଥିବା ଏହି ବିଭାଗଟି ଜିଲ୍ଲା ସ୍ତରକୁ ଚିଠି ଲେଖି ଇଭି କିଣିବାକୁ ନିର୍ଦ୍ଦେଶ ଦେଇଥିଲା। ଜିଲ୍ଲାରେ ଚିଠି ପହଞ୍ଚିବା ପରେ ବାବୁମାନେ ଖୁସିରେ କୁରୁଳିଥିଲେ। ରାଜ୍ୟ ସ୍ତରରେ ବିଭାଗର ବଡପଣ୍ଡା ଇଭି କିଣିବାକୁ ସଜବାଜ ହେଉଥିଲେ। ଏହି ଖବର ବିଜୁଳି ବେଗରେ ବ୍ୟାପିବାରୁ ଇଭି ଯାନ ବିକ୍ରି କରୁଥିବା କମ୍ପାନୀ ମଧ୍ୟରେ ଲାଗିଲା ପ୍ରତିଯୋଗିତା। ସମସ୍ତେ ଯାଇ ଉପର ମହଲରେ ଦେଖାକଲେ। କିଏ କେତେ ସୁବିଧା ଦେବ ସେଥିପାଇଁ ଅଫର ବର୍ଷା କଲେ। ଅଫର ଦେଖି ଅନେକଙ୍କ ପାଟିରୁ ଲାଳ ଗଡିଲା। ଅବସ୍ଥା ଏମିତି ହେଲା ଯେ କେଉଁ କମ୍ପାନୀର ଗାଡି କିଣିବେ ସ୍ଥିର କରି ପାରିଲେନି। ଶେଷରେ କଥାଟା ଶୀର୍ଷ ସ୍ତରରେ ପହଞ୍ଚିବା ପରେ ବଦନାମ ଭୟରେ ଗାଡି କିଣା ଯୋଜନାଟି ଅଧାବାଟରେ ଅଟକିଗଲା। ଜିଲ୍ଲାଠୁ ସଚିବାଳୟ ଯାଏ ଇଭି ଗାଡିରେ ବସି ବୁଲିବାକୁ ଯୋଜନା କରିଥିବା ବାବୁମାନେ ମନମରା ହୋଇ ରହିଗଲେ। ଯେଉଁ ହାତରେ ଇଭି କିଣିବାକୁ ଚିଠି ହୋଇଥିଲା ସେହି ହାତରେ ଇଭି ନକିଣିବାକୁ ବି ଚିଠି ହେଲା। ଖାଲି ଯାହା ସପ୍ତାହେ ଯାଏ ବାବୁମାନେ ଖୁସିହେବା ସାର ହେଲା। କଥାଟି ଏବେ ସଚିବାଳୟର ନାଲି କୋଠାରେ ଚର୍ଚ୍ଚାର ବିଷୟ ପାଲଟିଛି।

### 'ମନ୍ କି ବାତ୍'ରେ ଓଡ଼ିଆ ଝିଅ ରଶ୍ମିତାଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

# 'ମନ୍ କି ବାତ୍' କାର୍ଯ୍ୟକ୍ରମ ଅସରନ୍ତି ପ୍ରେରଣାର ଉତ୍ସ

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଚନ୍ଦ୍ରଶେଖରପୁର ଶିଶୁ ବିହାରରେ ସ୍ଥାନୀୟ ଲୋକଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ୧୨୫ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହି ଅଞ୍ଚଳରେ ଦୀର୍ଘ ଆଠ ବର୍ଷ ଧରି ରହିଥିଲେ। ସ୍ଥାନୀୟ ଲୋକ ଓ ପିଲାମାନେ ମୁଖ୍ୟମନ୍ତ୍ରୀଙ୍କୁ ଅତି ପାଖରୁ ପାଇ ଖୁବ୍ ଖୁସି ଓ ଉତ୍ସାହିତ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ସ୍ଥାନୀୟ ଲୋକଙ୍କ ସହିତ 'ମନ୍ କି ବାତ୍' ଶୁଣିବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ କୋଟି କୋଟି ଲୋକଙ୍କ ପାଇଁ ଅସରନ୍ତି ପ୍ରେରଣାର ଉତ୍ସ ହୋଇପାରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ମନ୍ କି ବାତ୍' ରେ ପ୍ରତ୍ୟେକ ଥର ପରି ସେ ବିଭିନ୍ନ କ୍ଷେତ୍ରର ସାଧାରଣ ଲୋକଙ୍କ ସଫଳତାକୁ ପ୍ରଶଂସା କରି ଲୋକଲୋଚନକୁ ଆଣିଥିଲେ। ଆଜି ପ୍ରଧାନମନ୍ତ୍ରୀ ଓଡିଆ ଝିଅ ରଶ୍ମିତା ସାହୁଙ୍କ ସହିତ କଥା ହୋଇ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ରଶ୍ମିତା ନିକଟରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ କାନୋଇଙ୍ଗ୍ (ଜଳକ୍ରୀଡା) ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦୁଇଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏସନର ସହଯୋଗରେ ଜଗତପୁରର ସାଇ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଓଡିଶାର କ୍ରୀଡା ପ୍ରତିଭାମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦିଆଯାଉଛି। ରଶ୍ମିତା ମଧ୍ୟ ଜଗତପୁରରେ କାନୋଇଙ୍ଗ୍ ପ୍ରଶିକ୍ଷଣ ପାଇଛନ୍ତି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ଦିନ ଧରି ଓଡିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏସନର ସଭାପତି ଥିଲେ। ବର୍ତ୍ତମାନ ସେ ଏହି ସଂସ୍ଥାର ଚିଫ୍ ପାଟ୍ରନ୍ ଅଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଲୋକଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ। ଦୁଇ ଜଣ ବରିଷ୍ଠ ନାଗରିକ ତଥା ସମାଜସେବୀ ରାଜେନ୍ଦ୍ର ବାରିକ ଓ ବି.ବି. ମିଶ୍ର ଏବଂ ଶିଶୁ ବିହାର ଯୋଗ କେନ୍ଦ୍ରର ପ୍ରମୁଖ ବିଶ୍ୱନାଥ ନାୟକ, ଭାରତୀ ପ୍ରଧାନ ଓ ଏଲ୍.ଡି ସାହୁ ସମ୍ବର୍ଦ୍ଧିତ ହୋଇଥିଲେ। ଏହା ସହିତ ମନ୍ଦିର କମିଟି, ମହିଳା ସଂଘ ଏବଂ ୱାର୍ଡ ନଂ-୬ର ଅନ୍ୟ ସମାଜସେବୀ ସଦସ୍ୟମାନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।





### ଆଉ ଏକ ଲଘୁଚାପ

## ୪ ଯାଏ ପ୍ରବଳ ବର୍ଷା



**ଭୁବନେଶ୍ୱର, ୩୧।୮ (ସଂଚାର ବ୍ୟୁରୋ) :** ଆସୁଛି ଆଉ ଏକ ଲଘୁଚାପ । ଆସନ୍ତା ୨ ତାରିଖରେ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା । ଏନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ପ୍ରଭାବରେ ଆସନ୍ତା କାଲିଠୁ ରାଜ୍ୟରେ ବଡ଼ ବର୍ଷା ଆକଳନ କରାଯାଇଛି। ଆଜି ପ୍ରବଳ ବର୍ଷା ପାଇଁ କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା ଏବଂ କୋରାପୁଟରେ ପ୍ରବଳ ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି । ବାକି ୨୪ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ସେହିପରି ଆସନ୍ତା କାଲି ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ କଳାହାଣ୍ଡି, କନ୍ଧମାଳ ଏବଂ କୋରାପୁଟକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ଗଜପତି, ବଲାଙ୍ଗିର ଏବଂ ନୂଆପଡ଼ାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସମୟରେ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ସେହିପରି ୨ ତାରିଖରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଲଘୁଚାପ ପ୍ରଭାବରେ ୨ରୁ ୪ ତାରିଖ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି । ଆସନ୍ତା ୫ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

### ଦିବ୍ୟାଙ୍ଗ ନାବାଳିକାକୁ ଅସଦାଚରଣ ମାମଲା

## ବିଏମ୍‌ସି ଡ୍ରାଇଭରକୁ ୫ ବର୍ଷ ଜେଲ

**ଭୁବନେଶ୍ୱର,୩୧।୮ (ସଂଚାର ବ୍ୟୁରୋ) :** ଦିବ୍ୟାଙ୍ଗ ନାବାଳିକାକୁ ଅସଦାଚରଣ ମାମଲାର ରାୟ ପ୍ରକାଶ । ବିଏମସିର ଜଣେ ପୂର୍ବତନ ଡ୍ରାଇଭରକୁ ୫ ବର୍ଷ କାରାଦଣ୍ଡ ଶୁଣାଇଲେ ଭୁବନେଶ୍ୱର ଆଡିସନାଲ ସେସନ୍ସ ଜଜ୍ ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ । ଏହି ମାମଲାରେ ବିଏମସିର ପୂର୍ବତନ ଡ୍ରାଇଭର ରାମଚନ୍ଦ୍ର ପଣ୍ଡାକୁ ଦୋଷୀ ସାବ୍ୟସ୍ତ କରିବା ସହ ୫ବର୍ଷ ଜେଲ ଏବଂ ୩ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଏନେଇ ସରକାରୀ ଆଇନଜୀବୀ ରାଜୀବ ସାମଲ ସୂଚନା ଦେଇଛନ୍ତି ।

ଆଇନଜୀବୀ ରାଜୀବ ସାମଲ କହିଛନ୍ତି," ଅଭିଯୁକ୍ତ ରାମଚନ୍ଦ୍ର ପଣ୍ଡା ଭୁବନେଶ୍ୱର ମ୍ୟୁନିସିପାଲିଟିରେ



ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ୨୦୧୭ ମସିହା ମାର୍ଚ୍ଚ ୧୭ ତାରିଖ ସନ୍ଧ୍ୟାରେ ଜଣେ ୭ ବର୍ଷୀୟା ନାବାଳିକା ନିଜ ମାଆଙ୍କ ସହ ଦିବ୍ୟାଙ୍ଗ ଭତ୍ତା ଫର୍ମ ସମ୍ବନ୍ଧରେ ବୁଝିବା ପାଇଁ ତାଙ୍କ ଘରକୁ ଯାଇଥିବା ବେଳେ ସେଠାରେ ନାବାଳିକା ଜଣଙ୍କ ଅସଦାଚରଣର ଶିକାର ହୋଇଥିଲେ। ଏନେଇ ପୀଡ଼ିତାଙ୍କ ମାଆ ମହିଳା ଥାନାରେ ଅଭିଯୋଗ କରିଥିଲେ। ସେହି ଘଟଣାରେ ଆବଶ୍ୟକୀୟ ତଥ୍ୟ ପ୍ରମାଣ ଓ ମେଡିକାଲ ରିପୋର୍ଟ ଆଧାରରେ ପୋକ୍ସୋ କୋର୍ଟର ବିଚାରପତି ସରୋଜ କୁମାର ସାହୁ ଏହି ରାୟ ଶୁଣାଇଛନ୍ତି ।" ଭୁବନେଶ୍ୱର ଆଡିସନାଲ ସେସନ୍ସ ଜଜ୍ ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ୍ ଘଟଣାର ସାକ୍ଷ୍ୟ ପ୍ରମାଣ ଆଧାରରେ ବିଚାର କରି ପୋକ୍ସୋ ଆଇନର ଧାରା ୧୦ ଅନୁଯାୟୀ ରାମଚନ୍ଦ୍ରକୁ ୫ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜରିମନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକା ୨ ମାସର କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ନାବାଳିକା ପୀଡ଼ିତାଙ୍କ ଶାରୀରିକ ଓ ମାନସିକ ଆଘାତକୁ ବିଚାର କରି କ୍ଷତିପୂରଣ ବାବଦକୁ ୪ ଲକ୍ଷ ଟଙ୍କା ଦେବାକୁ ଜିଲ୍ଲା ଆଇନଗତ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ।

## ମାଛମୁଣ୍ଡ ପାଇଁ ଗଡ଼ିଥିଲା ମୁଣ୍ଡ, ପଶ୍ଚିମବଙ୍ଗରୁ ଅଭିଯୁକ୍ତ ଗିରଫ

**ପୁରୁଷୋତ୍ତମପୁର,୩୧।୮ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲାର ପୁରୁଷୋତ୍ତମପୁର ଉପକଣ୍ଠ ପାଣ୍ଡିଆ ଛକ ନିକଟ ରୁଷିକୁଲ୍ୟା ନଦୀ ବ୍ରିଜ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ ଲୋକମାନ ସେଖ (୪୫)ଙ୍କ ହତ୍ୟା ମାମଲାରେ ପୁରୁଷୋତ୍ତମପୁର ପୋଲିସ ପଶ୍ଚିମବଙ୍ଗରୁ ଦୁଇ ଅଭିଯୁକ୍ତ ସୁନ୍ଦର ସେଖ (୨୮) ଓ କରିମ ସେଖ (୧୯)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ



କରିଛି। ଅଭିଯୁକ୍ତ ଦୁହେଁ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲା ସମସରଗଞ୍ଜ ଥାନା ଅନ୍ତର୍ଗତ ଘନଶ୍ୟାମପୁର ଗ୍ରାମର।

ପୋଲିସ ସୂଚନା ଅନୁଯାୟୀ, ଗତ ୨୪ ଅଗଷ୍ଟରେ ଖାଇବା ସମୟରେ ମାଛ ତରକାରୀ ନେଇ ବିବାଦ ହୋଇଥିଲା। ଲୋକମାନ ମାଛର ମୁଣ୍ଡ ଖାଇବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗୋଡ଼ାଇ ଟାଙ୍ଗିଆରେ ହାଣି ହତ୍ୟା କରି ମୃତଦେହକୁ ପାଣ୍ଡିଆ ଛକ ନିକଟ ଲଟାବୁଦାରେ ଫୋପାଡ଼ି ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ରହ୍ମପୁର ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲା।

## ମଦ ଭାଟି ଭାଙ୍ଗି ରନ୍ଧା ସାମଗ୍ରୀ ନଷ୍ଟ କଲେ ମହିଳା



**ଘଟଗାଁ,୩୧।୮ (ସଂଚାର ବ୍ୟୁରୋ) :** ଶହ ଶହ ମହିଳା ହାତରେ ଠେଙ୍ଗା ବାଡ଼ି ଧରି ପହଞ୍ଚି ଯାଇଥିଲେ ମଦ ଭାଟିରେ । କିଛି ମହିଳା ପିଲା ଛୁଆ ଧରି ପହଞ୍ଚିଥିଲେ। ଯାହା ବି ହେଉ ଏ ମଦଭାଟିକୁ ଭାଙ୍ଗିବୁ ନହେଲେ ଆମ ଘର ଉଜୁଡ଼ି ଯିବ । ହଁ ଆଜ୍ଞା ଏମିତି କିଛି ଭାବି ଭାବି ଗାଁର ଶହ ଶହ ମହିଳା ଏକଜୁଟ ହୋଇଥିଲେ। ଆଗେଇ ଆଗେଇ ଚାଲିଥିଲେ ମଦ ଭାଟି ଆଡ଼କୁ । ତାପରେ ଆରମ୍ଭ କରିଥିଲେ ମଦ ଭାଟି ଭାଙ୍ଗିବା। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ବାଉଁଶନଳିସ୍ଥିତ ସରକାରୀ ଦେଶୀ ମଦ ଭାଟିରେ ପଶି ବ୍ୟାପକ ଭଙ୍ଗାରୁଜା ସହ ପୋଡାଜଳା କରିଛନ୍ତି ସ୍ଥାନୀୟ ଅଞ୍ଚଳର ଶହ ଶହ ଆଦିବାସୀ ମହିଳା । ତେବେ ଏଠାରେ ଭାଟି ଥିବା ହେତୁ ସମସ୍ତଙ୍କ ପରିବାରରେ ଅଶାନ୍ତି ଲାଗି ରହୁଛି। ସ୍ୱାମୀମାନେ ମଦ ପିଇ ଘରେ ଝଗଡା କରୁଛନ୍ତି। କିଛି ଲୋକ ଦୁର୍ଘଟଣାଗ୍ରସ୍ତ ହୋଇ ବି ପ୍ରାଣ ହରାଉଛନ୍ତି। ଫଳରେ ଅନେକ ପରିବାର ଉଜୁଡିଯାଉଛି । ଏଥିସହ ବିନା ଗ୍ରାମସଭାରେ ଏହି ମଦ ଭାଟି ନିର୍ମାଣ ହୋଇଥିବା ଅଭିଯୋଗ କରିଛନ୍ତି ମହିଳମାନେ । ଏହି ସବୁ କାରଣ ଯୋଗୁ ବହୁ ବାର ଭାଟି ବନ୍ଦ ନେଇ ଦାବି ହୋଇଥିଲା । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ସ୍ଥାନୀୟ ହରିଡାଗୋଠର ମହିଳାମାନେ ହାତରେ ଠେଙ୍ଗା ବାଡ଼ି ଧରି ମଦ ଭାଟି ଭିତରେ ପଶିଥିଲେ । ପରେ ବ୍ୟାପକ ଭଙ୍ଗା ରୁଜା କରିବା ସହ ବହୁ ପରିମାଣର ମଦ, ମଦ ରନ୍ଧା ସାମଗ୍ରୀକୁ ନଷ୍ଟ କରି ଜଳାପୋଡା କରିଥିଲେ ମହିଳାମାନେ । ଘଟଣା ସ୍ଥଳରେ ହରିଚନ୍ଦନପୁର ପୋଲିସ ପହଁଚି ଉତ୍ୟକ୍ତ ମହିଳାଙ୍କୁ ବୁଝାସୁଝା କରିଥିଲେ ହେଁ ଉତ୍ୟକ୍ତ ମହିଳା ମାନିନଥିଲେ । ତେବେ ଘଟଣାକୁ ନେଇ ପୋଲିସ କି ମହିଳମାନଙ୍କର ପ୍ରତିକ୍ରିୟା ମିଳିପାରିନି ।

### ପୂଜାପାଠ ପରେ ବିକ୍ରି ହୋଇଥାନ୍ତା ବାଘଛାଲ

# ଏଏସ୍‌ଆଇଙ୍କ ସମେତ ୭ ଜଣଙ୍କୁ ଗିରଫ କଲା ବନବିଭାଗ

**ଭଞ୍ଜନଗର,୩୧।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କର୍ମଚାରୀ ରବିବାର ସକାଳେ ଏକ କଲରାପତରିଆ ବାଘଛାଲକୁ ଜବତ କରିଛନ୍ତି। ଏହି ମାମଲାରେ ଜଣେ ଅବସରପ୍ରାପ୍ତ ପୋଲିସ ଏଏସ୍‌ଆଇ, ଜଣେ ବାବାଜୀଙ୍କ ସମେତ ୭ ଜଣକୁ ଗିରଫ କରାଯାଇଛି। ଏହି ମାମଲାରେ ଜଡ଼ିତ ଆଉ ଜଣେ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବା ପାଇଁ ବିଭାଗୀୟ କର୍ମଚାରୀମାନେ ଚେଷ୍ଟା ଚଳାଇଛନ୍ତି। ଗିରଫ ୭ ଜଣ ହେଲେ ଗଜପତି ଜିଲା ରାମଗିରି ଥାନା ବେଡିଙ୍ଗି ଗ୍ରାମର ଅବସରପ୍ରାପ୍ତ ପୋଲିସ ଏଏସ୍‌ଆଇ କାଳୀଚରଣ ଜାନୀ, ରାମଗିରି ଥାନା ଆଡ଼ମଙ୍ଗି ଗ୍ରାମର ବିପିନ ଚରଣ ପ୍ରଧାନ, ବେଲଗୁଣ୍ଠା ଥାନା ଗୁଣ୍ଡୁରିବାଡ଼ିର ସୁରେନ୍ଦ୍ର ପ୍ରଧାନ ଓ ତାଙ୍କ ପୁଅ ଲକ୍ଷ୍ମଣ ପ୍ରଧାନ, ବେଲ ଗୁଣ୍ଠାଥାନା ପତ୍ତିଖାଡିର ସୁଶାନ୍ତ ଡାକୁଆ, ମୋହନା ଥାନା ଗୋଛାଗଡ଼ାର କ୍ଷେତ୍ରୀୟ ମଲ୍ଲିକ ଓ ପୁରଷତ୍ତମପୁର ଥାନା ସୋମା ଗ୍ରାମର ତ୍ରିନାଥ ବିଶ୍ୱାଳ । ଏଥିସହ ସେମାନଙ୍କ ଠାରୁ ଗୋଟିଏ କାତି, ଦୁଇଟି ଭୁଜାଲି, ୫ଟି ମୋବାଇଲ, ବାଘଛାଲ ପୂଜାରେ ବ୍ୟବହୃତ ଜିନିଷକୁ ଜବତ କରାଯାଇଥିବା ଜଣାପଡ଼ିଛି। ରବିବାର ସ୍ଥାନୀୟ ମୁଜାଗଡ଼ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ପ୍ରକାଶ କରିଛନ୍ତି।



ଘଟଣାରୁ ପ୍ରକାଶ ଯେ, ଗଜପତି ଜିଲାର ୩ ଜଣ ଏବଂ ପୁରୁଷୋତ୍ତମପୁରର ଜଣେ ମିଶି ଏକ ବାଘଛାଲ ଧରି ଭଞ୍ଜନଗର ଅଭିମୁଖେ ଆସି ଶନିବାର ବାବାଜୀ ସୁରେନ୍ଦ୍ର ପ୍ରଧାନଙ୍କୁ ଦେଇଥିଲେ। ଏହାପରେ ବାବାଜୀ ଅନ୍ୟମାନଙ୍କ ସହାୟତାରେ ତାହାକୁ ପୂଜାପାଠ ରାତିରେ କରିଥିଲେ। ବାଘ ଛାଲକୁ ପୂଜା ପାଠ କଲେ ଧନ ବଢ଼ିବ ବୋଲି ସେମାନଙ୍କ ବିଶ୍ୱାସ। ଏହାପରେ ତାକୁ ରବିବାର କେଉଁ ଆଡ଼େ ବିକ୍ରି କରିବା ଯୋଜନା ଥିଲା। ଏହା ପୂର୍ବରୁ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି କୌଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଯୋଜନା କରିଥିଲେ। ରାତିରେ ତୁରନ୍ତ ୫ ଟିମ୍ ଗଠନ ହୋଇଥିଲା। ଏହାପରେ କର୍ମଚାରୀମାନେ ବ୍ୟବସାୟୀ, ଚାଷୀ ବେଶରେ ଯାଇ ପ୍ରଥମେ ବାବାଜୀଙ୍କ ଘରେ ଆଜି ସକାଳ ୮ ଟାରେ ଚଢ଼ାଉ କରିଥିଲେ। ସେଠାରୁ ବାଘ ଛାଲ ମିଳିଥିଲା। ଏହାପରେ ସେଠାରୁ ୩ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ଠାରୁ ସୂଚନା ପାଇ ଭଞ୍ଜନଗର ରାଜ ପ୍ୟାଲେସରେ ଥିବା ଅନ୍ୟ ୪ ଜଣକୁ ଗିରଫ କରାଯାଇଥିଲା। ଏହି ମାମଲାରେ ଆଉ ଜଣେ ଖସି ପଳାଇଛନ୍ତି। ଜବତ ଛାଲଟି ୧୫ ଦିନ ତଳର। ଜବତ ଛାଲରେ ଗୁଳି ବାଜିଥିବା ଚିହ୍ନ ଅଛି। ତେଣୁ ବାଘକୁ କେଉଁଠି ଗୁଳି କରି ମାରିବା ପରେ ତାକୁ ବିକ୍ରି କରିବା ପାଇଁ ଯୋଜନା ଚାଲିଥିଲା। ଏହି ରାକେଟରେ ଆହୁରି ଅନେକ ଲୋକ ଜଡ଼ିତ ଥିବା ସମ୍ଭାବନା ରହିଛି। କେଉଁ ବନଖଣ୍ଡରେ ବାଘକୁ ଶିକାର କରାଯାଇଛି ତା'ର ପ୍ରମାଣ ମିଳିନାହିଁ। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରୁଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଆରବିଆଇ ଗଭର୍ଣ୍ଣର ବଡ଼ ଘୋଷଣା

# ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି ଭାରତ



ଇନ୍ଦୋର, ୩୧।୮: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ଶନିବାର ଦିନ କହିଛନ୍ତି ଯେ ଭାରତ ଶୀଘ୍ର ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାର ପଥରେ ଅଗ୍ରସର ହେଉଛି। ଏହି ଅଭିମତ ସେ ଇନ୍ଦୋରର ରଙ୍ଗୱାସା ଗାଁରେ ସରକାରୀ ବ୍ୟାଙ୍କମାନଙ୍କ ଦ୍ୱାରା ଆୟୋଜିତ ଏକ ଆର୍ଥିକ ସମାବେଶୀକରଣ ଅଭିଯାନ 'ସନ୍ତୃପ୍ତି ଶିବିର'ରେ ବ୍ୟକ୍ତ କରିଥିଲେ। ସେ ଏହି ଅଗ୍ରଗତିର ଶ୍ରେୟ ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନାକୁ ଦେଇଛନ୍ତି। ଯାହା ଗତ ୧୧ ବର୍ଷ ଧରି କେନ୍ଦ୍ର ସରକାର ଏବଂ ଆରବିଆଇ ସହଯୋଗରେ ବ୍ୟାଙ୍କମାନଙ୍କ ସହିତ କାର୍ଯ୍ୟ କରି ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ମଲହୋତ୍ରା କହିଛନ୍ତି ଯେ ଜନ ଧନ ଯୋଜନା ଅଧୀନରେ ୫୫ କୋଟିରୁ ଅଧିକ ବ୍ୟାଙ୍କ ଖାତା ଖୋଲାଯାଇଛି। ଯାହା ସମାଜର ସମସ୍ତ ବର୍ଗର ଲୋକଙ୍କୁ ଦେଶର ଅର୍ଥନୈତିକ ଅଗ୍ରଗତିରେ ଅଂଶଗ୍ରହଣ କରିବାକୁ ସକ୍ଷମ କରିଛି। ଏହି ଖାତାଗୁଡ଼ିକ ମାଧମରେ ସଞ୍ଚୟ, ପେନସନ, ବୀମା, ଋଣ ଏବଂ ଅନ୍ୟାନ୍ୟ ଆର୍ଥିକ ସେବା ପ୍ରଦାନ କରାଯାଉଛି। ସେ ଆହୁରି ମଧ ଖାତାଧାରୀମାନଙ୍କୁ ନିୟମିତ ଭାବେ ନୋ ୟୋର କଷ୍ଟମର (କେୱାଇସି) ବିବରଣୀ ଅପଡେଟ୍ କରିବାକୁ ଏବଂ ଡିଜିଟାଲ ଆର୍ଥିକ ସାକ୍ଷରତା ବୃଦ୍ଧି କରି ଠକେଇରୁ ନିଜକୁ ସୁରକ୍ଷା ଦେବାକୁ ପରାମର୍ଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ମଲହୋତ୍ରା ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅଂଶଗ୍ରହଣକୁ ପ୍ରଶଂସା କରିଛନ୍ତି। ଯେଉଁମାନେ ଆର୍ଥିକ ସମାବେଶୀକରଣ ଏବଂ ଦେଶର ବିକାଶରେ ମୁଖ୍ୟ ଭୂମିକା ନିର୍ବାହ କରୁଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ପ୍ରାୟ ସମସ୍ତ ଗାଁରେ ୫ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ବ୍ୟାଙ୍କ ଶାଖା କିମ୍ବା ବ୍ୟବସାୟ ସହଯୋଗୀଙ୍କ ମାଧ୍ୟମରେ ବ୍ୟାଙ୍କିଙ୍ଗ ସେବା ଉପଲବ୍ଧ ହେଉଛି। ଏହି ଅବସରରେ ମଲହୋତ୍ରା ଜୁଲାଇ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲୁଥିବା ଜାତୀୟ ଆର୍ଥିକ ସମାବେଶୀକରଣ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯାନରେ ନୂତନ ଜନ ଧନ ଖାତା ଖୋଲିବା, ସାମାଜିକ ସୁରକ୍ଷା ଯୋଜନାରେ ନାମ ଲେଖାଇବା ଏବଂ କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ଅନ୍ତର୍ଭୁକ୍ତ। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ର ଅଧକ୍ଷ ସି.ଏସ. ସେଟ୍ଟୀ ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଘୋଷଣା ଏକ ସମୟରେ ଆସିଛି ଯେତେବେଳେ ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଜୁନ ତ୍ରୈମାସିକରେ ଭାରତର ଜିଡିପି ୭.୮% ହାରରେ ବୃଦ୍ଧି ପାଇଛି, ଯାହା ଗତ ପାଞ୍ଚ ତ୍ରୈମାସିକରେ ସର୍ବାଧିକ। ତଥାପି, ଆମେରିକା ସଂଯୁକ୍ତ ରାଷ୍ଟ୍ର ଦ୍ୱାରା ଭାରତ ଉପରେ ନୂତନ ଭାବେ ଲାଗୁ କରାଯାଇଥିବା ଉଚ୍ଚ ଶୁଳ୍କ ଅର୍ଥନୀତି ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ମଲହୋତ୍ରା ଆଗକୁ ମଧ ଆର୍ଥିକ ସ୍ଥିରତା ଏବଂ ଅଗ୍ରଗତି ପାଇଁ ଆରବିଆଇର ପ୍ରତିବଦ୍ଧତା ଉପରେ ଜୋର ଦେଇଛନ୍ତି, ଯାହା ଭାରତକୁ ବିଶ୍ୱ ଅର୍ଥନୀତିରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିବାରେ ସହାୟକ ହେବ।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୪,୯୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୬,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୪,୯୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୬, ୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୪,୯୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୬ ହଜାର ୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୫,୧୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୬, ୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୪,୯୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୬ ହଜାର ୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୪,୯୫୦ ଓ ୯୬ ହଜାର ୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୧,୦୦୦ ଟଙ୍କା ହୋଇଛି।

# ଓସିପିଏଲ୍‌କୁ ଓପିଜିସିରେ ମିଶ୍ରଣ ଯୋଜନା

## ନୂତନ ନିଯୁକ୍ତି ଓ ବିକାଶ ରୋକ୍ ଆଶଙ୍କା

ଭୁବନେଶ୍ୱର, ୩୧।୮: ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍(ଓପିଜିସି) ବୋର୍ଡ ଓସିପିଏଲ୍ (ଓଡିଶା କୋଲ୍ ଏଣ୍ଡ ପାୱାର ଲିମିଟେଡ୍)କୁ ନିଜ ସହିତ ମିଶ୍ରଣ କରିବା ପ୍ରସ୍ତାବକୁ ଗ୍ରହଣ କରିଛି। ଓସିପିଏଲ୍‌ରେ ଓପିଜିସିର ୫୧% ଅଂଶଧନ ଥିବାବେଳେ ରାଜ୍ୟ ସରକାରଙ୍କ ୪୯% ଅଂଶଧନ ରହିଛି। ଫଳରେ ଓପିଜିସି ବୋର୍ଡ ନିଜର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅପେକ୍ଷା କରିଛି। ଏକାଧିକ ଖଣି ହାସଲ କରି ନିଜର କଳେବର ବୃଦ୍ଧି କରିବାକୁ ଅଣ୍ଟା ଭିଡ଼ିଥିବା ଓସିପିଏଲ୍‌କୁ ଓପିଜିସିରେ ମିଶ୍ରଣ ପ୍ରସ୍ତାବକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ଶକ୍ତି ଉତ୍ପାଦନ କରୁଥିବା ଓପିଜିସି ଓ କୋଇଲା ଉତ୍ପାଦନ କରୁଥିବା ଓସିପିଏଲ୍ ଏକତ୍ରୀକରଣ ଦ୍ୱାରା ନୂତନ ନିଯୁକ୍ତି ଓ ବ୍ୟବସାୟ ଗୁରୁତର ବାଧାପ୍ରାପ୍ତ ହେବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛି। ପ୍ରକାଶ ଥାଉକି ଓସିପିଏଲ୍‌କୁ ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ବ୍ୟବସାୟିକ କୋଇଲା ଖଣି ସୁନ୍ଦରଗଡ଼ର ଟାଙ୍ଗରଡ଼ିହି(ଉତ୍ତର) ମିଳିଛି। ଏହି କୋଇଲା ଖଣିର ଉତ୍ପାଦନ କ୍ଷମତା ବାର୍ଷିକ ୧୬ ନିୟୁତ ଟନ୍। ଓସିପିଏଲ୍ ଏହାର ମନୋହରପୁରର ୨ଟି କୋଇଲା ଖଣିରୁ ଗତ ୬ ବର୍ଷ ହେଲା କୋଇଲା ଉତ୍ପାଦନ କରି ଓପିଜିସିର ଆବଶ୍ୟକତା ପୂରଣ କରି ନିଜର ବ୍ୟବସାୟ ବୃଦ୍ଧି କରିଚାଲିଛି। ଓସିପିଏଲ୍ ବ୍ୟବସାୟିକ କୋଇଲା ଖଣି ପରିଚାଳନା କଲେ ରାଜ୍ୟର ଅର୍ଥନୈତିକ ପ୍ରଗତି ସହିତ ୫ହଜାର ନୂତନ ନିଯୁକ୍ତି ସୃଷ୍ଟି ହେବାର ଆକଳନ କରାଯାଇଛି। ୨୦୨୩-୨୪ରେ ଓସିପିଏଲ୍ ୧୨ ନିୟୁତ ଟନ କୋଇଲା ଉତ୍ପାଦନ କରିଥିବା ବେଳେ ଚଳିତ ବର୍ଷ ପାଇଁ ୧୬ ନିୟୁତ ଟନ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏପରିକି ଓସିପିଏଲ୍ ୪ବର୍ଷ ହେଲା ଖଣି ପରିଚାଳନାରେ ଉତ୍ତମ କାର୍ଯ୍ୟ ପାଇଁ ଜାତୀୟ ସ୍ତରରେ ୫ଷ୍ଟାର୍ ରେଟିଂ ପରସ୍କାର ପାଇଆସିଛି। ଏହି ପରିସ୍ଥିତିରେ ଓପିସିଏଲ୍‌ର ସ୍ୱତନ୍ତ୍ରତାକୁ ହ୍ରାସ କରି ଓପିଜିସିରେ ମିଶ୍ରଣ ଯୋଜନାକୁ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଓସିପିଏଲ୍-ଓପିଜିସି ମିଶ୍ରଣ ରାଜ୍ୟବାସୀଙ୍କ ପାଇଁ କ୍ଷତିକାରକ।

ସପକ୍ଷବାଦୀଙ୍କ ଯୁକ୍ତି ହେଲା ମିଶ୍ରଣ ଫଳରେ ଓପିଜିସିର ବିଦ୍ୟୁତ୍ ମୂଲ୍ୟ ହ୍ରାସ ଘଟିବ ଓ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ। ମାତ୍ର ୭ ମାସ ପରେ ଏପ୍ରିଲ ୨୦୨୬ରୁ କୋଇଲା ଉପରେ ଟନ୍ ପିଛା ୪୦୦ ଟଙ୍କା ଜିଏସ୍‌ଟି କ୍ଷତିପୂରଣ ସେସ୍ ବନ୍ଦ ହୋଇଯାଇପାରେ। ଏହା ପୂର୍ବରୁ ଜିଏସ୍‌ଟିରୁ ବର୍ତ୍ତିବା ପାଇଁ ତରବରିଆ ଭାବେ ଓପିଜିସିର ଏହି ଯୋଜନା ସେପରି କିଛି ଲାଭ ହେବନାହିଁ। ଏଥିସହିତ ଏନ୍‌ଟିପିସି ବୋର୍ଡ ଓସିପିଏଲ୍ ଭଳି ଏନ୍‌ଏମ୍‌ଏଲ୍ କମ୍ପାନି ଗଠନ କରି କୋଇଲା ଖଣି ବିଭାଗ ହସ୍ତାନ୍ତର ପ୍ରସ୍ତାବକୁ ମଞ୍ଜୁର କରିବା ସହିତ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ରାଜ୍ୟରେ ଓପିଜିସି ନିଜ ସହିତ ଓସିପିଏଲ୍‌କୁ ମିଶ୍ରଣ କରି ନୂତନ ନିଯୁକ୍ତି ଓ ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଯୋଜନାକୁ ସରକାର ରୋକିବାକୁ ଶ୍ରୀ ମହାପାତ୍ର ଦାବି କରିଛନ୍ତି।

# ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ-ୟୁପି ଏସ୍‌ଏଫ୍‌ଏସ୍‌ଏଲ୍ ଏମ୍‌ଓୟୁ

ଲକ୍ଷ୍ନୌ/ଭୁବନେଶ୍ୱର, ୩୧।୮ (ଇମିସ): ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ (ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ) ଓ ଉତ୍ତରପ୍ରଦେଶ ରାଜ୍ୟ ଫରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାର (ଏସ୍‌ଏଫ୍‌ଏସ୍‌ଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ଏମ୍‌ଓୟୁ ଦୁଇ ପ୍ରତିଷ୍ଠାନ ମଧ୍ୟରେ ଶିକ୍ଷା, ଗବେଷଣା ଓ ପ୍ରାୟୋଗିକ ସହଯୋଗକୁ ସୁଦୃଢ଼ କରିବ। ଦୁଇ ସଂସ୍ଥା ପକ୍ଷରୁ ପରୀକ୍ଷାଗାର ସୁବିଧା, ମାନବ ସମ୍ପଦ, ବୈଜ୍ଞାନିକ ଦକ୍ଷତା ଏବଂ ଶିକ୍ଷାଗତ କ୍ଷମତାର ସମ୍ମିଳିତ ବ୍ୟବହାର ହେବ। ଏମ୍‌ଓୟୁ ସ୍ୱାକ୍ଷର ସମାରୋହରେ ଉତ୍ତରପ୍ରଦେଶ ପୁଲିସ ମହାନିର୍ଦ୍ଦେଶକ ରାଜୀବ



କ୍ରିଷ୍ଣା, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଅଧକ୍ଷ ମୁକ୍ତିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ବୈଷୟିକ ସେବା) ନୀବନ ଅରୋରା ଏବଂ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର କୁଳପତି ଡ. ସୁପ୍ରିୟା ପଟ୍ଟନାୟକ ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ଲକ୍ଷ୍ନୌସ୍ଥିତ ଏସ୍‌ଏଫ୍‌ଏସ୍‌ଏଲ୍‌ର ଡ ସୁଧୀର କୁମାର ଏବଂ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ସଂପର୍କ ଏବଂ ସରକାରୀ ସହଭାଗିତା ବିଭାଗର ନିର୍ଦ୍ଦେଶକ ମୋନାଲିସା ଘୋଷ ଏବଂ ସ୍କୁଲ ଅଫ୍ ଫରେନସିକ୍ ସାଇନସେସ୍‌ର ଆସୋସିଏଟ୍ ଡିନ୍ ଡ ରୀନା ସି ଝାମତାନି ସଂଯୋଜନା କରିଥିଲେ। ଆମର ଦକ୍ଷତା ସମନ୍ୱିତ ଶିକ୍ଷା ବ୍ୟବସ୍ଥା ସହିତ ଏସ୍‌ଏଫ୍‌ଏସ୍‌ଏଲ୍‌ର ଦକ୍ଷତା ଆମର ଛାତ୍ର ଏବଂ ଗବେଷକମାନଙ୍କୁ ଫରେନସିକ୍ ସାଇନ୍ସ ଓ ଟେକ୍ନୋଲୋଜି କ୍ଷେତ୍ରରେ ଆଗକୁ ବଢ଼ିବା କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ଏହି ଅବସରରେ ବିଶ୍ୱବିଦ୍ୟାଳୟର ଅଧକ୍ଷ ପ୍ରଫେସର ମିଶ୍ର କହିଥିଲେ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଟ୍ରମ୍ପଙ୍କ ଟାରିଫ୍ ମଧ୍ୟରେ ୟୁକ୍ରେନର ସଙ୍କଟମୋଚକ ସାଜିଲା ଭାରତ



## ପାଲଟିଲା ସବୁଠୁ ବଡ଼ ଡିଜେଲ ଯୋଗାଣକାରୀ ଦେଶ

କିଭ୍, ୩୧।୮: ଭାରତ ଜୁଲାଇ ୨୦୨୫ରେ ୟୁକ୍ରେନ୍‌ର ସବୁଠୁ ବଡ଼ ଡିଜେଲ୍ ଯୋଗାଣକାରୀ ହୋଇଛି, ଯାହା ଦେଶର ମୋଟ ଡିଜେଲ୍ ଆମଦାନୀର ୧୫.୫ ପ୍ରତିଶତ ଭାଗ ପ୍ରଦାନ କରୁଛି। ଏହି ଉପଲବ୍ଧି ବିଶ୍ୱ ଶକ୍ତି ବ୍ୟାପାରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଦର୍ଶାଇ ଥାଏ, ବିଶେଷ ରୂପେ ସେହି ସମୟରେ ଯେବେ ଭାରତକୁ ରୁଷୀୟ ତୈଳ କ୍ରୟ ପାଇଁ ଆମେରିକାରୁ ୫୦ ପ୍ରତିଶତର ବଡ଼ ଟାରିଫର ସାମ୍ନା କରିବାକୁ ପଡୁଛି। ୟୁକ୍ରେନର ତୈଳ ବଜାର ବିଶ୍ଳେଷଣ ଫର୍ମ ନାଫ୍ଟୋରିନୋକ୍‌ର ସଦ୍ୟ ତଥ୍ୟ ଅନୁସାରେ , ଜୁଲାଇରେ ଭାରତରୁ ୟୁକ୍ରେନକୁ ପ୍ରତିଦିନ ହାରାହାରି ୨,୭୦୦ ଟନ୍ ଡିଜେଲ୍‌ର ସପ୍ଲାଇ କରାଯାଇଛି, ଯାହା ଚଳିତ ବର୍ଷ ଭାରତର ସବୁଠୁ ଅଧିକ ମାସିକ ରପ୍ତାନୀ ସଂଖ୍ୟା ମଧ୍ୟରୁ ଗୋଟିଏ। ଏହି ସଂଖ୍ୟା ଜୁଲାଇ ୨୦୨୪ର ତୁଳନାରେ ଖୁବ୍ ଅଧିକ, ଯେତେବେଳେ ଭାରତରୁ ୟୁକ୍ରେନ୍‌ର ଡିଜେଲ ଆମଦାନୀରେ ଭାଗ କେବଳ ୧.୯ ପ୍ରତିଶତ ଥିଲା। ଜାନୁଆରୀରୁ ଜୁଲାଇ ୨୦୨୫ ଯାଏ, ଭାରତର ୟୁକ୍ରେନର ଡିଜେଲ ସପ୍ଲାଇରେ ଭାଗ ୧୦.୨ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇଛି, ଯାହା ଗତ ବର୍ଷର ସମାନ ଅବଧିର ତୁଳନାରେ ପାଞ୍ଚ ଗୁଣା ଅଧିକ। ଭାରତୀୟ ଡିଜେଲ ମୁଖ୍ୟ ରୂପେ ରୋମାନିଆରୁ ଡେନ୍ୟୁବ୍ ନଦୀର ମାଧମରେ ଟ୍ୟାଙ୍କର ଗୁଡ଼ିକ ଦ୍ୱାରା ଓ ତୁର୍କୀର ମାରମାରା ଏରେଗ୍ଲିସି ବନ୍ଦରରେ ଓପେଟ ଟର୍ମିନାଲ ମାଧମରେ ୟୁକ୍ରେନରେ ପହଞ୍ଚୁଛି। ହେଲେ ଏହି ଚ୍ୟାନେଲ୍‌ରେ ଆଂଶିକ ପ୍ରତିବନ୍ଧକର ପ୍ରଭାବ ପଡୁଛି। ଏହା ସତ୍ତ୍ୱେ , ଭାରତ ଅନ୍ୟ ୟୁରୋପୀୟ ଯୋଗାଣକାରୀଙ୍କ ଭଳି ସ୍ଲୋଭାକିଆ (୧୫%) , ଗ୍ରୀସ୍ ( ୧୩.୫ %) , ଓ ତୁର୍କୀ (୧୨.୪%) ଓ ଲିଥୁଆନିଆ (୧୧.୪ %)କୁ ପଛରେ ପକାଇ ଜୁଲାଇରେ ଶୀର୍ଷ ସ୍ଥାନ ହାସଲ କରିଛି। ହେଲେ, ଭାରତର ରପ୍ତାନୀ ଭଲ୍ୟୁମ୍ ଏବେ ବି ଗ୍ରୀସ୍ ଓ ତୁର୍କୀ ଠାରୁ ପଛରେ , କିନ୍ତୁ ଆନୁପାତିକ ମାମଲାରେ ଭାରତ ସବୁ ପ୍ରତିଦ୍ୱନ୍ଦ୍ୱୀ ଗୁଡ଼ିକୁ ମାତ୍ ଦେଇଛି। ବିଶେଷଜ୍ଞଙ୍କ ଅନୁସାରେ , ଭାରତୀୟ ଡିଜେଲର ଏକ ଭାଗ ରୁଷୀୟ ଅଶୋଧିତ ତୈଳରୁ ପରିଷ୍କୃତ ହୋଇପାରେ, ହେଲେ ଏହାର ଅଫିସିଆଲି ସ୍ପଷ୍ଟ ହୋଇ ନାହିଁ। ଏହି ଘଟଣାକ୍ରମ ସେହି ସମୟରେ ହୋଇଛି , ଯେତେବେଳେ ଆମେରିକା ଭାରତର ରୁଷୀୟ ତୈଳ କ୍ରୟ କରିବାକୁ ନେଇ ୫୦ ପ୍ରତିଶତ ଟାରିଫ୍ ଲଗାଇଛି। ଆମେରିକାର ଦାବି ଯେ, ରୁଷୀୟ ତୈଳ କିଣି ଭାରତ ୟୁକ୍ରେନ ଯୁଦ୍ଧରେ ସାହାଯ୍ୟ କରୁଛି। କିନ୍ତୁ ସ୍ଥିତି ଏହା ଯେ, ନିଜେ ଭାରତ ଦ୍ୱାରା ସପ୍ଲାଇ ହେଉଥିବା ଡିଜେଲ୍ ୟୁକ୍ରେନର ଯୁଦ୍ଧକାଳୀନ ଅର୍ଥବ୍ୟବସ୍ଥାକୁ ସମର୍ଥନ ପ୍ରଦାନ କରୁଛି। ଜୁଲାଇରେ ୟୁକ୍ରେନର ଡିଜେଲ ଆମଦାନୀରେ ଅନ୍ୟ ଦେଶ ଗୁଡ଼ିକର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସ୍ଲୋଭାକିଆ ଗ୍ରୀସ୍ ଓ ତୁର୍କୀ ତୁଳନାରେ ଅଧିକ ମାତ୍ରାରେ ଡିଜେଲ୍‌ର ସପ୍ଲାଇ କରିଛି, ଯେବେ କି ପୋଲାଣ୍ଡ ଓ ଲିଥୁଆନିଆର ଓରଲେନ ଗ୍ରୁପ୍ ମିଶି ପାଖାପାଖି ୨୦ ପ୍ରତିଶତ ଆମଦାନୀରେ ସହଯୋଗ ଦେଇଛନ୍ତି। ଏହି ଉପଲବ୍ଧି ଭାରତର ଆର୍ଥିକ ଶକ୍ତି ବୃଦ୍ଧିକୁ ମଧ ଦର୍ଶାଉଛି। ନିକଟରେ ଅଫିସିଆଲି ସଂଖ୍ୟା ଅନୁସାରେ , ଭାରତର ଅର୍ଥବ୍ୟବସ୍ଥା ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ତ୍ରୟମାସିକ(ଅପ୍ରେଲ-ଜୁନ)ରେ ୭.୮ ପ୍ରତିଶତର ବୃଦ୍ଧି ରେକର୍ଡ କରିଛି, ଯାହା ଗତ ବର୍ଷର ସମାନ ତ୍ରୟମାସିକରେ ୬.୫ ପ୍ରତିଶତ ଥିଲା। କୃଷି କ୍ଷେତ୍ରରେ ୩.୭ ପ୍ରତିଶତର ବୃଦ୍ଧି ହୋଇଛି, ଯାହା ଗତ ବର୍ଷର ୧.୫ ପ୍ରତିଶତ ତୁଳନାରେ ଉଲ୍ଲେଖନୀୟ ସୁଧାର ହୋଇଛି।

# ଅନୁଗୋଳରେ ଖିମ୍‌ଜୀ ଜୁଏଲର୍ସର ନୂଆ ସୋରୁମ୍



ଅନୁଗୁଳ, ୩୧।୮: ଖିମ୍‌ଜୀ ଜୁଏଲର୍ସର ଅତ୍ୟାଧୁନିକ ସୋରୁମ୍ ଅନୁଗୁଳରେ ରବିବାର ଉଦ୍‌ଘାଟିତ ହେବ। ଓଡ଼ିଶାରେ ଏହା ଖିମ୍‌ଜୀର ୧୦ମ ସୋରୁମ୍। ଏଠାରେ ସୁନା, ହୀରା, ପ୍ଲାଟିନମ୍ ଏବଂ ରୁପା ଅଳଙ୍କାରର ବ୍ୟାପକ ସଂଗ୍ରହ ସହିତ ଫ୍ୟାସନ୍ ଜୁଏଲାରି ଏବଂ କର୍ପୋରେଟ୍ ଉପହାର ଉପଲବ୍ଧ ହେବ। ଉଦ୍‌ଘାଟନୀ ସମାରୋହରେ ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ, ନିର୍ଦ୍ଦେଶକ ସୁମିତ ଖିମଜୀ, ଖିମ୍‌ଜୀ ପରିବାରର ସଦସ୍ୟ ଏବଂ ଅନେକ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ରହିବେ।

- ଗ୍ରାହକଙ୍କ ଲାଗି ଉଦ୍‌ଘାଟନୀ ଅଫର୍ ବର୍ଷା
- ସୁନା ଅଳଙ୍କାର ଗଢ଼ା ମଜୁରିରେ ୫୦% ରିହାତି

ଆଧୁନିକ ଡିଜାଇନ୍ ଏବଂ ଭବ୍ୟ ପରିବେଶ ସହିତ ଏହି ସୋରୁମ୍ ଅଳଙ୍କାର କ୍ରୟ ଅନୁଭୂତି ପ୍ରଦାନ କରିବାକୁ ସୁନ୍ଦର ଭାବରେ ପରିକଳ୍ପିତ। ଗ୍ରାହକଙ୍କୁ ଖିମଜୀ ଜୁଏଲର୍ସର ଅନନ୍ୟ କାରିଗରୀକୁ ଅନୁସନ୍ଧାନ କରିବାର ସୁଯୋଗ ପ୍ରଦାନ କରିବ ଯାହା କାଳଜୟୀ ସୁନା ଏବଂ ହୀରା ଅଳଙ୍କାରରୁ ଆରମ୍ଭ କରି ସ୍ୱତନ୍ତ୍ର ପ୍ଲାଟିନମ୍, ରୁପା ଏବଂ ଫେସନ୍ ଜୁଏଲାରି ପର୍ଯ୍ୟନ୍ତ ବ୍ୟାପ୍ତ। ଏହି ଷ୍ଟୋର୍ କର୍ପୋରେଟ୍ ଉପହାର ସମାଧାନ ପ୍ରତି ବଢୁଥିବା ଚାହିଦାକୁ ମଧ ପୂରଣ କରିବ। ମିତେଶ ଖିମ୍‌ଜୀ କହିଛନ୍ତି ଯେ, 'ଅନୁଗୁଳ ବହୁଦିନ ଧରି ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପାୱାରହାଉସ୍ ହୋଇ ରହିଛି। ଖିମଜୀ ଜୁଏଲର୍ସରେ ଆମେ ବର୍ତ୍ତମାନ ସମୟକୁ ଅନୁଗୁଳର ପ୍ରଗତି ଯାତ୍ରାରେ ସାମିଲ ହେବାର ଉପଯୁକ୍ତ ସମୟ ଭାବେ ଦେଖୁଛୁ। ଏହି ସମ୍ପ୍ରସାରଣ ଉଭୟ ଅନୁଗୁଳର ଚମତ୍କାରିତା ଏବଂ ସାରା ଓଡ଼ିଶାରେ ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବା ପାଇଁ ଖିମଜୀର ପ୍ରତିବଦ୍ଧତା ଦିଗରେ ଏକ ପଦକ୍ଷେପ ବୋଲି ସେ କହିଛନ୍ତି। ନୂତନ ସୋ'ରୁମ୍‌ରେ ବିଶେଷ ଉଦ୍‌ଘାଟନୀ ଅଫର୍ ଘୋଷଣା କରାଯାଇଛି। ଏଥିରେ ଗ୍ରାହକମାନେ ସୁନା ଅଳଙ୍କାର ଗଢ଼ା ମଜୁରିରେ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି, ରୁପା ଓଜନ ବସ୍ତୁର ଗଢ଼ା ମଜୁରିରେ ୨୫% ରିହାତି, ରୁପା ଏବଂ ଫେସନ୍ ଜୁଏଲାରି ଏମ୍‌ଆରପିରେ ୧୫% ରିହାତି ଏବଂ କଳାକୃତିପରେ ୧୦%ରିହାତିପାଇବେ।

# ଚଢ଼ା ଶୁଳ୍କ ପ୍ରସଙ୍ଗରେ ଟ୍ରମ୍ପଙ୍କୁ ଅଦାଲତ ଝଟ୍‌କା

ୱାସିଂଟନ, ୩୧।୮: ଆମଦାନୀ ଉପରେ ଚଢ଼ା ଶୁଳ୍କ ଲଗାଇବାର ଅଧିକାର ରାଷ୍ଟ୍ରପତିଙ୍କର ନାହିଁ ବୋଲି ଆମେରିକାର ଏକ ଅଦାଲତ ଶୁକ୍ରବାର ରାୟ ଦେଇଛନ୍ତି। ଅଦାଲତ ତାଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାକୁ ଆସନ୍ତା ଅକ୍ଟୋବର ୧୪ ପର୍ଯ୍ୟନ୍ତ ବିଳମ୍ବ କରିଛନ୍ତି। ଏହି ସମୟ ମଧ୍ୟରେ ଟ୍ରମ୍ପ ପ୍ରଶାସନ ସୁପ୍ରିମକୋର୍ଟ ଯାଇପାରିବ। ୧୯୭୭ ମସିହାର ଆଇଇଇପିଏ ଆଇନ (ଇଣ୍ଟରନ୍ୟାସନାଲ ଇକୋନୋମିକ ପାୱାର୍ସ ଆକ୍ଟ)ରେ ଅଧିକାଂଶ ଶୁଳ୍କ ଲାଗୁ କରିବା ନେଇ ଯେଉଁ କ୍ଷମତା ରାଷ୍ଟ୍ରପତିଙ୍କୁ ଦିଆଯାଇଛି ଟ୍ରମ୍ପ ସେହି କ୍ଷମତା ପରିସର ବାହାରକୁ ଯାଇ କାର୍ଯ୍ୟ କରିଛନ୍ତି ବୋଲି ରାୟରେ କୁହାଯାଇଛି। ଏହି ରାୟକୁ ଟ୍ରମ୍ପ ସମାଲୋଚନା କରିଛନ୍ତି।



# ଜୁଲାଇରେ ଯୋଡ଼ି ହେଲେ ୬୬ ହଜାର ମୋବାଇଲ ଗ୍ରାହକ

ଭୁବନେଶ୍ୱର, ୩୧।୮: ଜୁଲାଇ ମାସରେ ଓଡ଼ିଶାରେ ୬୬,୦୯୨ ଜଣ ନୂଆ ମୋବାଇଲ ଗ୍ରାହକ ସୃଷ୍ଟି ହୋଇଛନ୍ତି। ଭାରତୀୟ ଦୂରସଂଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ସଦ୍ୟ ପ୍ରକାଶିତ ତଥ୍ୟ ବିଶ୍ଳେଷଣରୁ ରାଜ୍ୟରେ ବ୍ୟବସାୟ କରୁଥିବା ୪ ଟେଲିକମ୍ କମ୍ପାନିଙ୍କ ଗ୍ରାହକରେ ହୋଇଥିବା ହ୍ରାସବୃଦ୍ଧି ଚିତ୍ର ସାମ୍ନାକୁ ଆସିଛି। ଟ୍ରାଇ ରିପୋର୍ଟ ଅନୁଯାୟୀ, ରାଜ୍ୟରେ ଜୁନ ମାସରେ ମୋଟ ମୋବାଇଲ ଫୋନ୍ ଗ୍ରାହକଙ୍କ ସଂଖ୍ୟା ୩ କୋଟି ୫୩ ଲକ୍ଷ ୨୧ ହଜାର ୨୩୬ ରହିଥିଲା। ଜୁଲାଇରେ ଏହି ସଂଖ୍ୟା ୩ କୋଟି ୫୩ ଲକ୍ଷ ୮୭ ହଜାର ୩୨୮ରେ ପହଞ୍ଚିଛି। ରାଜ୍ୟରେ ମୋବାଇଲ ଫୋନ ସେବା ପ୍ରଦାନ କରୁଥିବା ୪ କମ୍ପାନିଙ୍କ ମଧ୍ୟରୁ ୨ଟି କମ୍ପାନି ନୂଆ ଗ୍ରାହକ ଯୋଡ଼ିଥିବାବେଳେ ଦୁଇଟି କମ୍ପାନି ଗ୍ରାହକ ହରାଇଛନ୍ତି। ସୂଚନା ଅନୁଯାୟୀ, ଜୁଲାଇରେ ଜିଓ ସର୍ବାଧିକ ୫୯,୩୬୯ ଜଣ ଗ୍ରାହକଙ୍କୁ ନିଜ ନେଟୱର୍କରେ ଯୋଡ଼ିଛି। ଏହା ଦ୍ୱାରା ରାଜ୍ୟରେ ଜିଓର ମୋଟ ଗ୍ରାହକ ସଂଖ୍ୟା ୧ କୋଟି ୬୪ ଲକ୍ଷ ୨୦ ହଜାର ୫୩୧ରେ ପହଞ୍ଚିଛି। ଭୋଡାଫୋନ ଆଇଡିଆ ୨୬,୩୬୭ ନୂଆ ଗ୍ରାହକ ସାମିଲ କରିବା ଦ୍ୱାରା ଏହାର ମୋଟ ଗ୍ରାହକଙ୍କ ସଂଖ୍ୟା ୧୪ ଲକ୍ଷ ୫୪ ହଜାର ୪୧୬ରେ ପହଞ୍ଚିଛି। ଅନ୍ୟପକ୍ଷରେ ଏୟାରଟେଲ୍‌ର ଗ୍ରାହକ ସଂଖ୍ୟା ଜୁଲାଇ ମାସରେ ୮,୯୯୯ ହ୍ରାସ ପାଇଛି। ଫଳରେ ଏହାର ଗ୍ରାହକ ସଂଖ୍ୟା ୧ କୋଟି ୧୯ ଲକ୍ଷ ୮୨ ହଜାର ୪୦୪କୁ ଖସିଆସିଛି। ସେହିଭଳି ବିଏସ୍‌ଏନ୍‌ଏଲ୍ ୧୦,୬୪୫ ଗ୍ରାହକ ହରାଇବା ଦ୍ୱାରା ଏହାର ମୋଟ ଗ୍ରାହକ ସଂଖ୍ୟା ୫୫ ଲକ୍ଷ ୨୯ ହଜାର ୯୭୭କୁ କମିଛି। ଏହାବ୍ୟତୀତ ରାଜ୍ୟରେ ଜୁଲାଇ ମାସରେ ଲ୍ୟାଣ୍ଡଲାଇନ ଉପଭୋକ୍ତାଙ୍କ ସଂଖ୍ୟା ୧୭,୩୦୯ ବୃଦ୍ଧି ପାଇ ୬ ଲକ୍ଷ ୬୭ ହଜାର ୯୮୮ରେ ପହଞ୍ଚିଛି।



# ମୋ ନୀରବତା

**ଡ.ଚନ୍ଦ୍ରକଳା ନାୟକ**

ମୋ ନୀରବତାର ଅନ୍ତରାଳେ
ଛନ୍ଦିହୁଏ ଏକାଗ୍ରତା
ନିଜକୁ ଖୁବ ଅସ୍ତବ୍ୟସ୍ତ କରେ
ଜୀବନଟାକୁ ଯେମିତି ଉଖାରି
ଆଣେ
ରକ୍ତ, ହାଡ ଓ ଅନ୍ତରର ମାଂସ ଗୁଡା
ଚିତ୍ର ଆଙ୍କି ଦିଅନ୍ତି ଉଦାସ ରଙ୍ଗରେ
ଶୂନ୍ୟତାର ରଙ୍ଗଗୁଡାକୁ ଗୋଟାଇ ଆଣି
ତନ ତନ କରି ପରଖିବା
ସେ ତ ମୋର ଏକ ପୁରୁଣା
ଅଭ୍ୟାସ
ଯାହା ମୋତେ ଶିହରିତ କରେ
ମୋ ରାଗ ଅନୁରାଗର ହିଲ୍ଲୋଳ
ବନରେ
ଭାବନାକୁ ଆହୁରି କସିଧରି
ତେଜଦୀପ୍ତ ଓ ପରିବ୍ୟାପ୍ତ ବି
କରେ ।
ମୋ ନୀରବତାର ସଞ୍ଚା
ସମୟ ଅସମୟରେ
ମୋତେ କୁଣ୍ଡାଇ ଧରେ
ମୋଠାରୁ ସେ ଦୂରରେ ଥିଲେ ବି
ମୋ ନୀରବ ଧ୍ୱନୀଟି
ଶରୀର ତନ୍ତ୍ରୀ ଗୁଡିକୁ ଯକ ଯକ
କରି ଜଳାଏ ।
ମାଟି ପାଣି ପବନ ଓ ପ୍ରକୃତିର
କୋଳେ
ନୀରବତାର ଧ୍ୱନୀ ଗୁଞ୍ଜରି ଗୁଞ୍ଜରି
ତେଲ କଡେଇରେ ଜାରି ହେବା
ବେଳେ
ମୋ ମନର କବି ପଣଟା
ଅବୋଲକରା ସାଜେ
ଇଛା ଥିଲେ ବି ନିକିଟି ଦେଖିବାକୁ,
ପାରେନା
ଖୋଜିବାକୁ ଅଭାବର ଶବ୍ଦ ଗୁଡାକୁ
ଆଲୋକ ନଥିବା ଅନ୍ଧକାରକୁ ।
ମୋ ବେଖିଆଲ ପଣର ଇଛାରେ
ଅବାସ୍ତବର ଦୋଛକିରେ
ଗୁମୁରି ଉଠେ, ଉଦ୍ଘାଟିତ ବି ହୁଏ
ପୁଣି ମୋ ନୀରବତା
ରଙ୍ଗ ତୁଳି ଧରେ
ସେ ବି ତ ବେଳେ ବେଳେ ଠିକ
କଥା କୁହେ
ଜହ୍ନ ରାତିର ବର୍ଷା ଭିଜା
ମୋ ପ୍ରେମିକ ପରି ।
ମୋ ଆତ୍ମୀୟ ଚେତନ ଶକ୍ତିରେ
ରଙ୍ଗ ଗୁଡାକୁ ସାଉଁଟିବାକୁ ହେବ
ମାଟି ସହ ଯୋଗସୂତ୍ର ରଖିବାକୁ
ଗୋଟେ ନିରୋଳା
ବର୍ଷା ଭିଜା ମୁହୂର୍ତ୍ତରେ ।
ମୋ ନୀରବତା, ମୋ ସତ୍ତା
ପୁଣି ମୋର ସେହି ପ୍ରେମିକ
ଏକଦମ ମୋର ଆତ୍ମିୟ ସ୍ୱଜନ
ଯାହାକୁ ମୁଁ ଚେତାଇ ଦେଇଛି
ମନର ବାସନାକୁ ଦୂରେଇ ଦେଇ
କୁଣ୍ଡାଇ ଧରିବାକୁ ହେବ
ପୁଣି ଖୋଜିବାକୁ ହେବ
ଅକ୍ଷର ଶବ୍ଦ ଓ ଅର୍ଥ ଭିତରେ
ନିର୍ଜନ ମନର ଅନ୍ତ ବେଦନାକୁ
ଆଉ ମୋ ନିରୀହ
ମନର ନୀରବତାକୁ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର**
**ମୋବାଇଲ୍: ୯୪୩୭୯୫୭୬୧୭**

**ପୁଷ୍ପଲତା ମିଶ୍ର**





# ଡାକ ବାଲା

କେବେ ବି ଭଲ ସମୟ ଆପେ ଆପେ ଆସି ନ ଥାଏ, ପ୍ରଥମେ ଖରାପ ସମୟ ସହ ଲଢ଼ିବାକୁ ପଡ଼ିଥାଏ।ଏହି ସମୟ ସବୁବେଳେ ରହି ନଥାଏ। ମନ ର ଉତ୍ତାଳ ତରଙ୍ଗ ଢେଉ ଖେଳୁଛି ଜୀବନ ର ସୁଖ ଦୁଃଖ ଅଭାବ ଅଭିଯୋଗ ର ସମ୍ମିସଣ ରେ....... ବାନାମ୍ବର ଜଣେ ଡାକବାଲା। ପରିବାର କହିଲେ ତିନୋଟି ଝିଅ ଓ ସ୍ତ୍ରୀ ଉର୍ମିଳା ଦେବୀ ପାଞ୍ଚ ପ୍ରାଣୀ କୁଟୁମ୍ବ କୁ ନେଇ ତାଙ୍କ ପରିବାର। ପୁଅଟିଏ ପାଇଁ ଉର୍ମିଳା ଦେବୀ ଓଷା ବାର ବ୍ରତ କରି ଚାଲିଛନ୍ତି। ବାନାମ୍ବର ପ୍ରତି ଦିନ ଠକ୍ ୯ ଟା ରେ ପୋଷ୍ଟ ଅଫିସରେ ପହଁଚି ଯାଆନ୍ତି। ଅଫିସରେ ଯାହା କାମ ଥାଏ ସାରି ଅଫିସରୁ ଡାକ ଚିଠି ନେଇ ଘର ଘର ବୁଲି ଠିକଣା ଦେଖି ଚିଠି, ଟେଲିଗ୍ରାମ ଦେଇ ଆସିଲା ବେଳକୁ ଦିନ ତିନି ଟା ଅଫିସ ର କାମ ସାରି ପାଞ୍ଚଟା ରେ ଘରକୁ ଫେରିବା ଏହା ଥିଲା ନିତି ଦିନିଆ କାମ। ଏତେ କାମ ଭିତରେ ସ୍ତ୍ରୀ ଉର୍ମିଳା ସହ ମନ୍ଦିର ଯିବା ଭୁଲି ନ ଥିଲେ ବାନାମ୍ବର। ସବୁଦିନ ଭଳି ସନ୍ଧ୍ୟା ରେ ମନ୍ଦିର ବାହାରିଲେ ସ୍ୱାମୀ ସ୍ତ୍ରୀ ଦୁଇଜଣ। ଉର୍ମିଳା ମନରେ ଦୁଃଖକୁ ପ୍ରଭୁ ଭୋଳା ନାଥ ଙ୍କୁ ଜଣାଏ ଗୋଟିଏ ପୁଅ ପାଇଁ। ଯେତେ ବୁଝାଇଲେ ସେ ବୁଝିବାକୁ ନାରାଜ ଯେତେ ଝିଅ ଥାଉ ପୁଅ ଟିଏ ହେଲେ ତ ଆମ ମୁହଁ ରେ ନିଆଁ ଦବ, କୁଳ ରକ୍ଷା ହେବ କିପରି .... .... ବାନାମ୍ବର କୁହେ ଆମ ଭାଗ୍ୟ ରେ ପୁଅ ନାହିଁ ଭଗବାନ ଯାହା ଦେଇଛନ୍ତି ସେଇଥିରେ ଖୁସି ରହ ଆଉ ଏଇ ତିନି ଝିଅ କୁ ପାଠ ପଢ଼ାଇ ମଣିଷ କଲେ ଟିକେ ଶାନ୍ତି ରେ ରହିବା।ଉର୍ମିଳା କହେ ଭଗବାନ ନିଶ୍ଚୟ ମୋ ଡାକ ଶୁଣିବେ ତେଣୁ ବାନାମ୍ବର ଉର୍ମିଳା ର କଥା କାଟି ନ ପାରି ତାଙ୍କ ସହିତ ମନ୍ଦିର ଯାଏ। ଦିନକର କଥା, ବାନାମ୍ବର ଡାକ ନେଇ ଗାଁ ଗାଁ ଯାଇ ଚିଠି ଦେଇ ଫେରିଲା ବାଟ ରେ ନିଛାଟିଆ ରାସ୍ତା ପଡେ, ସେଇ ବାଟ ଦେଇ ଆସୁ ଆସୁ ହଠାତ୍ କାନ କୁ କିଛି ଶବ୍ଦ ଶୁଣା ଗଲା ଟିକେ ସମୟ ସାଇକେଲ କୁ ରଖି ଚାରି ଆମକୁ ଅନେଇଲା, ଦେଖିଲା କିଆ ବୁଦା ମୂଳରୁ ଛୋଟ ଛୁଆ କାନ୍ଦିଲା ପରି ଶବ୍ଦ ଆସୁଛି। କଣ ବୋଲି ଆସ୍ତେ ଆସ୍ତେ ଯାଇ ଦେଖିଲା ସଦ୍ୟଜାତ ଛୋଟ ଛୁଆଟି କପଡା ଗୁଡା ହେଇ ପଡ଼ିଛି। କପଡା ଆଡେଇ ଦେଖିଲା ପୁଅ ଛୁଆ ଟି ଖୁସିରେ ଗଦ ଗଦ ହେଇଗଲା ଭଗବାନ ଉର୍ମିଳା ର ଡାକ ଶୁଣିଛନ୍ତି ଆଜି ତାକୁ ଗୋଟେ ପୁଅ ଦେଇଛନ୍ତି।କେତେ ନିଷ୍ଠୁର ଏ ଲୋକ କିଏ ଖୋଜିଲେ ପାଉନି ଏମିତି ଫୋପଡ଼ିଦେଇ ଯାଇଛନ୍ତି ତଥାପି ଅପେକ୍ଷା କଲା କାଳେ କିଏ ନେବ କାହାରିକୁ ନ ପାଇଲାରୁ ଛୁଆଟିକୁ ଧରି ସାଇକେଲ ଗଡେଇ ଗଡ଼େଇ ଧାଇଁଲା ଘରକୁ। ଘରର ଦୁଆର ମୁହଁରେ ପହଁଚି ଡାକ ଛାଡ଼ିଲା ଉର୍ମିଳା ଉର୍ମିଳା ଆସ ଦେଖିବ ତୁମ ଡାକ ଭଗବାନ ଶୁଣିଛନ୍ତି, ତୁମ କୋଳ କୁ ପୁଅଟିଏ ଦେଇଛନ୍ତି। ଘର ଭିତରେ ଥାଇ ଉର୍ମିଳା କହିଲା, ଭଗବାନ ମୋ ଡାକ ଶୁଣିଛନ୍ତି କଣ ତୁମେ କହୁଛ ? ହଁ ଉର୍ମିଳା ଆସ ପଦାକୁ ଆସ ଉର୍ମିଳା ପଦାକୁ ଆସି ଦେଖିଲା ତାଙ୍କ ହାତରେ ସଦ୍ୟଜାତ ପୁଅ ଛୁଆ ଟେ, କୋଉଠୁ ଆଣିଲ ଛୁଆ କୁ ସେ ସବୁ ପରେ ଶୁଣିବ ଆସ ନିଅ ତୁମ ପୁଅ କୁ କୋଳକୁ ନିଅ ଭଗବାନ ପରା ଦେଇଛନ୍ତି।ଉର୍ମିଳା ଖୁସି ରେ ପୁଅକୁ ଗାଧୋଇ ଦେଇ ନିଜ ଛୁଆ ପରି ପାଳିଲେ। ଭଗବାନ ଙ୍କୁ କୋଟି କୋଟି ଦଣ୍ଡବତ କରି ଉର୍ମିଳା କହିଲା ଭଗବାନ ଦେବା ଲୋକ ଯେଉଁ ଉପାୟରେ ହେଉ ମୋ କୋଳ ପୂରଣ କଲେ ଭଗବାନ। ପୁଅଟି ଚନ୍ଦ୍ରକଳା ପରି ବଢ଼ି ଚାଲୁଛି, ପାଠ ରେ ଯେମିତି ଶାଠରେ ସେମିତି ତୁଳସୀ ଦୁଇ ପତ୍ର ରୁ ବାସିଲା ପରି ସୁନ୍ଦର ତାର ବ୍ୟବହାର। ଚାକିରି ସମୟ ସରି ସରି ଆସୁଛି ବାନାମ୍ବର ବାବୁଙ୍କ ର ଏହା ଭିତରେ ତିନି ଝିଅ ଙ୍କ ବିବାହ ସରି ଯାଇଛି। ବାନାମ୍ବାର ତା ଅଫିସ ର ବଡ଼ ବାବୁଙ୍କୁ କହେ ସାର ମୋ ପୁଅ ଏବେ ମାଟ୍ରିକ ପରୀକ୍ଷା ଦବ ତାକୁ ମୁଁ ଅଧିକ ପାଠ ପଢେଇବି।ମୁଁ ସିନା ଡାକବାଲା କିନ୍ତୁ ମୋ ପୁଅ କୁ ଅଧିକ ପାଠ ପଢ଼େଇ ଆପଣଙ୍କ ପରି ଅଫିସର କରିବି। ଅଧିକ ଗେହ୍ଲା କରିଥାନ୍ତି ବାପା ମା ତାକୁ, ପାଠ ବି ଭଲ ପଢୁଥାଏ ରତିକାନ୍ତ। ମେଟ୍ରିକ୍ ପରୀକ୍ଷା ସେଣ୍ଟର୍ ପଡ଼ିଥାଏ ଦୁଇ ତିନି କିଲୋ ମିଟର ଦୂରରେ ଗୋଟିଏ ବିଦ୍ୟାଳୟରେ କାଳେ ପରୀକ୍ଷା ରେ ଅସୁବିଧା ହେବ ଅଫିସରୁ ଛୁଟି ନେଇ ପରୀକ୍ଷା କୁ ନେଇ ଯାଏ ବାନାମ୍ବର। କିଛି ଦିନ ପରେ ମ୍ୟାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ହେବା, ଖୁସିରେ ବାନାମ୍ବର ଅପେକ୍ଷା କରିଥାଏ ସେହି ଶୁଭ ଦିନକୁ.......। ପୁଅର ଭଲ ରେଜଲ୍ଟ ହୋଇଥିଲେ ତାକୁ ଏହି ଗାଁ କଲେଜ ରେ ନ ପଢେଇ କଟକ ରେ ପଢେଇବି ଯେତେ ଟଙ୍କା ଖର୍ଚ୍ଚ ହେଉ ପଛେ, ମୋ ଭଳି ଡାକବାଲା ନ କରି ତାକୁ ବଡ ଅଫିସର କରିବି। ପୋଷ୍ଟ ଅଫିସରୁ ଆସି ଦେଖିଲା ବାନାମ୍ବର, ଉର୍ମିଳା ଦେହ ଭୀଷଣ ଖରାପ ଜର ରେ ଥରୁଛି ପୁଅ ରତି ପାଖରେ ବସି ପାଣି ପଟି ପକାଉଛି। ପାଖ ମେଡିକାଲ ରୁ ଔଷଧ ଆଣି ଦେଲା ସେଥିରେ ଟିକେ ହେଲେବି ଭଲ ନ ହେବାରୁ ଉର୍ମିଳାକୁ ବଡ଼ ମେଡିକାଲ କୁ ନେଇଗଲା ବାନାମ୍ବର୍। ଏଣେ ପୁଅର ପରୀକ୍ଷାର ଫଳ କଣ କରିବ ବାନାମ୍ବର ତ୍ରୀଛକରେ ଠିଆ ହେଇ ଭାବୁଛି କରିବ କଣ ? ସ୍ତ୍ରୀ ଅସୁସ୍ଥ ଓ ପୁଅ ର ଭବିଷ୍ୟତ ଆଗ ଧର୍ମ ନା କର୍ମ !! ମେଡିକାଲରେ ସ୍ତ୍ରୀକୁ ଏକା ଛାଡ଼ି ପୁଅ ର ରେଜଲ୍ଟ ଦେଖି ପୁଅ କୁ ନେଇ ଆସିବ କଟକ। ପୁଅ ର ନାମ ଲେଖା ଓ ତା ମାଆ ର ଦେହ ଦେଖାଶୁଣା କରି ହବ। ଦେଖିଲା ପୁଅ ଓଡ଼ିଶା ଦଶ ଜଣ ରେ ପ୍ରଥମ ହେଇଛି ତାକୁ ସରକାର ଙ୍କ ତରଫରୁ ବୃତ୍ତି ମିଳିବ ' ଅରକ୍ଷିତ କୁ ଦଇବ ସାହା ' ପୁଅ କୁ ଆଣି କଟକ ଆସିଲା ବାନାମ୍ବର। ରେଭେନ୍ସା ରେ ନାମ ଲେଖାଇ ମେଡିକାଲ ଗଲା ବାନାମ୍ବର। ମେଡିକାଲ ଯାହା ଦେଖିଲା ଗୋଡ଼ ତଳୁ ମାଟି ଖସି ଗଲା। ଉର୍ମିଳା ଦେହ ବହୁତ ଖରାପ, ଡାକ୍ତର ମନା କରିଦେଲେଣି, ଆଉ ହେବ ନାହିଁ ତାଙ୍କୁ ଘରକୁ ନେଇଯାନ୍ତୁ। ବାନାମ୍ବର ବସି ପଡ଼ିଲା ଉର୍ମିଳା ଙ୍କ ପାଖରେ ଖନେଇ ଖନେଇ ହେଇ ଉର୍ମିଳା କହିଲା ମୋ ପୁଅକୁ ଡାକ। ପୁଅ ରତି କାନ୍ତ ମା ପାଖରେ ଯାଇ ବସିଲା କହିଲା ମା ତୁମର କିଛି ହବନି। ଉର୍ମିଳା କହିଲା ମୋ ପୁଅ କୁ ବଡ଼ ଅଫିସର କରିବ ତୁମ ଭଳି ଡାକବାଲା କରିବନି। ଏତିକି କହି ଆପେ ଆପେ ଆଖି ବୁଜି ଦେଲା ଉର୍ମିଳା ସବିଶେଷ ! ପାଞ୍ଚ ବରଷ ପରେ ଡାକବାଲା ବାନାମ୍ବର ଅପେକ୍ଷା କରିଛି ତା ପୁଅ ରତିକାନ୍ତ ଅଫିସର ହେଇ ଫେରୁଛି ତାଙ୍କ ଏରିଆ ପୋଷ୍ଟ ଅଫିସକୁ .......। ବାନାମ୍ବର ଡାକ ଘର ବାରଣ୍ଡାରେ ବସିଛି।

ପୁଅ ତ ଠିକ୍ ଦଶ ଟା ରେ ଅଫିସ ରେ ପହଁଚିବ। ଆଜି ଡାକ ନେଇ ଯିବ ନାହିଁ କାଳେ କେତେବେଳେ ଆସି ପଳେଇବ ସେ ଜାଣି ପାରିବନି। ଏହି ସମୟରେ ଗୋଟେ କାର ଆସି ଅଫିସ ଆଗରେ ଠିଆ ହେଲା ତା ଭିତରୁ କଳା ଚଷମା ପିନ୍ଧି ବଡ଼ ବାବୁ ଦୁଇ ତିନି ଜଣ ଓହ୍ଲାଇ ଅଫିସ ଭିତରକୁ ପଶି ଗଲେ। ସନ୍ଦେହ ରେ ପଡ଼ିଲା ଡାକବାଲା ବାନାମ୍ବର କାଳେ ସହରି ଢାଞ୍ଚାରେ ଭଳି ମୁଣ୍ଡିଆ ଡାକ- ବାଲା କୁ ଚିହ୍ନି ପାରିବନି ଏହା ଭାବି ଅନ୍ୟ ମନସ୍କ ଭାବେ ବସି ରହିଛି ବାନାମ୍ବର ! କିନ୍ତୁ ଜଣେ ଅଫିସର ଭିତରକୁ ନ ଯାଇ ଅଟକି ଗଲା ବୃଦ୍ଧ ବାନାମ୍ବର ପାଖରେ ପାଦ ତଳେ ପଡ଼ି ଯାଇ କହିଲା ବାପା ! ତୁମେ ଏଠି କଣ ? ତୁମେ ଅଫିସ ଭିତରେ ବସିବା କଥା।ମୁଁ ଯଦି ବଡ଼ ଅଫିସର ହେଇଛି ଏହା ତୁମରି ଦାନ, ଆସ ବାପା ଆସ ଅଫିସ ଭିତରକୁ ଆସ ନା ରେ ପୁଅ ତୁ ପୋଷ୍ଟ ଅଫିସର ମୁଁ ସାମାନ୍ୟ ଡାକ ବାଲା ! ଯେଉଁ ଡାକ ବାଲା ନିତି ଦିନ ଡାକ ବୋହି ବୋହି ସାଉଁଟି ଆଣିଥିବା ପୁଅ କୁ ସର୍ବୋଚ୍ଚ ସୀମା ପର୍ଯ୍ୟନ୍ତ ନେଇ ପରିଛ, ତୁମ ସ୍ଥାନ ଅଫିସ ବାହାରେ ନୁହଁ ଅଫିସ ଭିତରେ, ତୁମେ ମୋର ପୂଜ୍ୟ, ତୁମେ ମୋର ଗୁରୁ ତୁମ ଅବଦାନ ମୁଁ ଡାକ ବାଲା ର ପୁଅ !!

**ଭୁବନେଶ୍ୱର, ୯୩୩୮୨୯୪୬୫୭**



# ନୀରବି ପାରୁ ନଥିବା ସହର

**ଡଃ ଶୁଭେନ୍ଦୁ ମେହେର**

ପୃଥିବୀର
ବିସ୍ତିର୍ଣ୍ଣ ଛାତି ଉପରେ
ନୀରବି ପାରୁନଥିବା
ଅମୋଘ ତାତିରେ,
ମହଣ ମହଣ ମୌନତା ନେଇ
ପ୍ରତିଟି ମୁହୂର୍ତ୍ତ ମାନଙ୍କୁ
ସାମ୍ନା କରେ ।

ନିରୀହ ପ୍ରେମରେ
ସେ' ନୀରବତାର ସଂଗୀତ ଗାଏ,
ମହୁଆ ପାହାଡ଼ିର ସ୍ପର୍ଶରେ
ନିଇତି ମୋତେ ନିଦରୁ ଉଠାଏ।

ତା' ନୀରବତାର ଘଣ୍ଟି ବାଜିଲେ
ମୋ' ଗାଁ ମନ୍ଦିରରେ
ଅମୃତ ମଣୋହି ଲାଗେ,
ତା' ନୀରବ ନାଦର ଶୃଙ୍ଗାରକୁ
ମୁଁ କାଳେ ହରେଇ ଦେବି ଭାବି
ନୀରବି ଯାଉଥିବା ବେଳେ,
ସେ' ମୋତେ ନିର୍ଭର ପ୍ରତିଶ୍ରୁତି ମାଗେ ।

ସେ' ପାରା ଭଳି ଘୁମୁରିଲେ
ମୋତେ ଲାଗେ ଶବ୍ଦବ୍ରହ୍ମ,
କୁହୁକ ଭଳି ମହକ ବୁଣୁଥିବା
ହୃଦୟ ଭିତରେ
ମୁଠେଇ ଧରେ
ମୋ' ତମାମ ଜୀବନ ।

ତା' ବିଶାଳ ହୃଦୟରେ
ମୋ' ନୀରବ ଭାଷା ଅବୁଝା ରହେନା,
କଜ୍ୱଳ ଲଗା ଆଖିର ଇସାରାରେ
ସେ' ନିଥର କରେ, ନିଜର କରେ
ମୋ' ନିର୍ଜୀବ ଛାତି ଭିତରେ
ସଂଜୀବନୀ ଭରେ ।

ତା' ନୀରବ ଓଠରେ
ମୁଁ ଶୁଣିପାରେ ଗୀତଗୋବିନ୍ଦର ଛନ୍ଦ'
ତା' ଶୋରିଷ ଫୁଲିଆ ସହରରେ
ଦିବ୍ୟ ପ୍ରେମର ଗନ୍ଧ ।

ମୁଁ ଶୁଣିପାରେ ପ୍ରତି ମୁହୂର୍ତ୍ତରେ
ତା' ଗୋପନ ଇଚ୍ଛାର ନୀରବ ଆହ୍ୱାନ।
ମୁହୂର୍ତ୍ତ ମୁହୂର୍ତ୍ତ ପାଇଁ
ମୋ ଇଚ୍ଛା ମାନଙ୍କୁ ଧାର ନେଇ
ବନ୍ଦୀ କରେ ମୋ ସଞ୍ଚିତ ଯୌବନ।

ସିଏ ହିଁ ମୋ' ଶେଷ ଅଭିଳାଷ
ନୀରବତାର ଅମୋଘ ଅସ୍ତ୍ର,
ତପସ୍ୟାର ତପୋବନ
ଆୟୁଷ ଅଜସ୍ର ।

ଯାଲୋଏ, ସୁବର୍ଣ୍ଣପୁର



**ଡଃ ତାନଶ୍ରୀ ପାଣିଗ୍ରାହୀ**





# ରାମାୟଣ-ଏକ ମହନୀୟ ପ୍ରେରଣା

ମାନିଷାଦଃ ପ୍ରତିଷ୍ଠା ତ୍ୱମଗମ ଶାଶ୍ୱତୀ ସମା...
ଯତକ୍ରୌଞ୍ଚ ମିଥୁନାଦେକ ମବଧିକାମୋହିତମ।।

ଆଦିକବି ବାଲ୍ମୀକିଙ୍କ ରାମାୟଣ ରଚନାର ଏହା ଅୟମାରମ୍ଭ ଶ୍ଳୋକଟିଏ, କ୍ରୁର ବ୍ୟାଧ ପ୍ରତି... ଯାହା ଦୁଃଖ, କ୍ଷୋଭ ଓ କ୍ରୋଧ ଜର୍ଜରିତ ହୋଇ ତାଙ୍କ ମୁଖରୁ ଏହା ବାହାରିଥିଲା। ସନାତନ ଧର୍ମ ଅନ୍ତର୍ଗତ ସର୍ବ ପ୍ରାଚୀନ ଆର୍ଯ୍ୟସଂସ୍କୃତି, ସଭ୍ୟତା, ରୀତିନୀତି ଓ ଚଳଣି... ଜ୍ଞାନ ଆଧାରରେ ବିଶ୍ୱ ବକ୍ଷରେ ଚିର ସ୍ମରଣୀୟ ଏହି ରାମାୟଣ ଗ୍ରନ୍ଥ। ସର୍ବଜନବୋଧ ଲୋକାଭିମୁଖୀ ପୁରାଣ ଶାସ୍ତ୍ର ମଧ୍ୟରେ ରାମାୟଣ ସର୍ବପ୍ରାଚୀନ... ସେଥିପାଇଁ ତାହା ଆଦିକାବ୍ୟ ଓ ତାର ସଂକଳକ ମହର୍ଷି ବାଲ୍ମୀକି ଆଦିକବି ଭାବେ ସ୍ୱୀକୃତ। ରାମାୟଣରେ ତ୍ରେତୟା ଅବତାର ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜୀବନ ଗାଥା ସ୍ଥାନ ପାଇଛି। ସୂର୍ଯ୍ୟବଂଶର ମହାରାଜା ଦଶରଥ,ରାଣୀ କୌଶଲ୍ୟା, କୈକେୟୀ, ସୁମିତ୍ରା,ରାମଚନ୍ଦ୍ର, ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ, ସୀତା, ମାଣ୍ଡବୀ, ଉର୍ମିଳା, ଶ୍ରୁତକୀର୍ତ୍ତି, ଅଙ୍ଗଦ, ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ, ଇନ୍ଦ୍ରଜିତ, ସୂର୍ପଣଖା, ମନ୍ଦୋଦରୀ, ଜଟାୟୁ ଚରିତ୍ରଙ୍କୁ ନେଇ ରାମାୟଣ ରଚିତ। ପିତାଙ୍କ ସତ୍ୟରକ୍ଷା ପାଇଁ ହଠାତ ବନବାସକୁ ଉଦାର ଚିତ୍ତରେ ମାନି ନେଇ ଯେତେବେଳେ ମାଆଙ୍କ ଚରଣ ସ୍ପର୍ଶ କରି ଅନ୍ତିମ ବିଦାୟ ନେଉଥାନ୍ତି... ସେତେବେଳେ ତାଙ୍କ ମୁଖରେ ମହତ ତ୍ୟାଗର ଜ୍ୟୋତି ବିକଶିତ ହେଉଥିଲା। ସଉତୁଣୀ ମାତା କୈକେୟୀଙ୍କ ପାଇଁ ଏ ନିଷ୍ଠୁର ବନବାସ ସତ୍ୱେ ମଧ ତାଙ୍କ ପ୍ରତି ତିଳେ ମାତ୍ର ଘୃଣା ନ ଥିଲା। ଲକ୍ଷ୍ମଣ ବଡ଼ ଭାଇ ରାମଙ୍କ ପାଇଁ ରାଜସୁଖ ଓ ପତ୍ନୀପ୍ରେମକୁ ତୁଚ୍ଛ କରି ବନଗମନ କରିଛନ୍ତି। ସୀତା ରାଜ-ଐଶ୍ୱର୍ଯ୍ୟକୁ ପରିତ୍ୟାଗ କରି ପତିସେବା କରିବା ପାଇଁ ସ୍ୱାମୀଙ୍କ ସହଗାମିନୀ ହୋଇ ନିଜର ତ୍ୟାଗ, ତିତିକ୍ଷା, ସହିଷ୍ଣୁତା ଓ ସ୍ୱାଭିମାନ ଗୁଣ ପାଇଁ ଏକ ଆଦର୍ଶ ନାରୀର ପରିଚୟ ସୃଷ୍ଟି କରିଛନ୍ତି। ସତ୍ୟରକ୍ଷା, କର୍ତ୍ତବ୍ୟ ପାଳନ, ରାଜଧର୍ମ, ବଡ଼ଭାଇ ପ୍ରତି ସମ୍ମାନ ଜଣାଇବାକୁ ଯାଇ ଭରତ ରାମଙ୍କ ପାଦୁକା ନେଇ ରାଜ ସିଂହାସନରେ ବସାଇ ଚଉଦ ବର୍ଷ ରାଜ୍ୟ ଚଳାଇବା... ସମାଜ ପାଇଁ ଭାଇ ଭାଇ ଭିତରେ ସ୍ନେହ ଶ୍ରଦ୍ଧାର ପରିଚୟ ସୃଷ୍ଟି କରିଛି। ସଭିଙ୍କ ଦୃଷ୍ଟି ଆଡୁଆଳରେ ନିରବରେ ଦୀର୍ଘ ଚଉଦ ବର୍ଷ ସ୍ୱାମୀ ଲକ୍ଷ୍ମଣଙ୍କ ବିରହରେ ଉର୍ମିଳା ପ୍ରାଣର ଆବେଗ... ଏହା ମଧ ସହନଶୀଳତାର ଉଦାହରଣ। ସୀତାଙ୍କୁ ରାବଣ ଅପହୃତ କରି ମଧ ସେ ସଂଯମ ଓ ନୀତିବୋଧ ବ୍ୟକ୍ତିତ୍ୱ... ଯିଏ କି ସୀତାଙ୍କୁ ଦେବୀର ସମ୍ମାନ ଓ ଭକ୍ତି ଅର୍ପଣ କରିଆସିଛନ୍ତି। ସୀତା ଲଙ୍କାରୁ ଉଦ୍ଧାର ପରେ ଶ୍ରୀଲଙ୍କାର ମାୟାରେ ଶ୍ରୀରାମ ସେହିଠାରେ ରାଜା ହୋଇ ପାରିଥାନ୍ତେ -ମାତ୍ର ସେ ଲକ୍ଷ୍ମଣଙ୍କୁ କହିଥିଲେ -ଅପି ସ୍ୱର୍ଣ୍ଣମୟୀ ଲଙ୍କା ଲକ୍ଷ୍ମଣ ନମେ ରୋଚତେ... ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ... ଯାହା ବିଶ୍ୱ ସାହିତ୍ୟରେ ମାଆ ଓ ମାତୃଭୂମି ପ୍ରତି ମମତ୍ୱବୋଧର ଉଚ୍ଚାରଣ। ରାମାୟଣର କାହାଣୀ ଓ ଚରିତ୍ର ହଜାର ହଜାର ବର୍ଷ ପରେ ବିଶ୍ୱ ପାଇଁ ଏକ ମହନୀୟ ପ୍ରେରଣା ଓ ଆମ ପାଇଁ ଏକ ସଂସ୍କାର ଖଣି ହୋଇ ରହିଛି ଓ ଅନନ୍ତ କାଳ ପର୍ଯ୍ୟନ୍ତ ରହିଥିବ।

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**
**ବାଲିଆ ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**

# କଥା ତ ଏତିକି...

**ଜୀବନରେ ଆସୁଥିବା ଅସୁବିଧା ଓ ସମସ୍ୟାଗୁଡ଼ିକ ଉପରେ ବିଜୟ ଲାଭ ହିଁ ପ୍ରକୃତ ନାୟକର ପ୍ରାପ୍ତି। ଅସଫଳତାରୁ ସଫଳତାର ପ୍ରାପ୍ତି ହୁଏ। ମାତ୍ର ଏହାକୁ ବୁଝିବାର ପରିପକ୍ୱତା ଗୋଟିଏ ବୟସ ପରେ ହିଁ ଆସି ଥାଏ।**



ଗୋଟେ ସମୟ ଥିଲା, ଭାରତୀୟ ପରିବାରରେ ଅଧିକ ସନ୍ତାନ ଜନ୍ମ କରିବାକୁ କୁହା ଯାଉଥିଲା। ପିଲାମାନଙ୍କ ପାଇଁ ସମ୍ବଳ ଥାଉ କି ନଥାଉ ପିଲାମାନେ କିଛି ନା କିଛି କରି ପାରୁଥିଲେ। କଲେଜ ଶିକ୍ଷା ସରୁ ନ ସରୁଣୁ ଚାକିରି ଆସି ଯାଉଥିଲା। ମଣିଷର ଆବଶ୍ୟକତା କମ୍ ଥିଲା। ତେଣୁ ତାକୁ ଉର୍ଦ୍ଧ୍ୱ ଶ୍ୱାସ ଦୌଡ କରିବାକୁ ପଡୁ ନ ଥିଲା। ଈର୍ଷା, ଅସୂୟା ତେବେ ବି ଥିଲା, ମାତ୍ର ଏଥିପାଇଁ କେହି ବିଚଳିତ ହେଉ ନଥିଲେ। ଦୁଇ ଦଶନ୍ଧି ତଳେ ହତ୍ୟା ବା ଆତ୍ମହତ୍ୟା ଗୋଟେ ପଖ୍ଯା ବୋଲି ବିବେଚିତ ହେଉ ନ ଥିଲା।

ସମୟ ବଦଳିଛି। ବର୍ତ୍ତମାନ ସମାଜରେ ସମସ୍ତଙ୍କୁ ସଫଳତାର ନିଶା ଲାଗିଛି। ନାଁ, ଯଶ ଓ ଖ୍ୟାତି ଅର୍ଜନ ପାଇଁ ସମସ୍ତେ ପାଗଳ। ମାତ୍ର, ଏହି ପାଗଳାମି ପାଇଁ ମଣିଷ ନିଜ ମଣିଷପଣିଆକୁ ବି ହରାଇ ଦେଉଚି ବେଳେବେଳେ। ସେ ଭୁଲି ଯାଉଚି ଯେ ଦୁନିଆଁରେ ସବୁ କିଛି କ୍ଷଣସ୍ଥାୟୀ ଓ ଅଳିକ। ବିଫଳତା ମଧ। ସଫଳତା ପାଇବାକୁ ଆମେ ଯେପରି ବ୍ୟଗ୍ର ହୋଇ ଉଠୁ, ବିଫଳତାକୁ ସହ୍ୟ କରି ପାରୁ ନାହିଁ। ସେଥିପାଇଁ ଅସହିଷ୍ଣୁତା, ଅପରାଧ, ଆତ୍ମହତ୍ୟା ପ୍ରବଣତା ଦେଖା ଯାଏ। ଏହା ବିଶେଷ ଭାବେ ଯୁବ ପିଢ଼ିଙ୍କୁ ଅଧିକ ଆକ୍ରାନ୍ତ କରିବାର ଦେଖା ଯାଉଚି।

ଜୀବନରେ ଆସୁଥିବା ଅସୁବିଧା ଓ ସମସ୍ୟାଗୁଡ଼ିକ ଉପରେ ବିଜୟ ଲାଭ ହିଁ ପ୍ରକୃତ ନାୟକର ପ୍ରାପ୍ତି। ଅସଫଳତାରୁ ସଫଳତାର ପ୍ରାପ୍ତି ହୁଏ। ମାତ୍ର ଏହାକୁ ବୁଝିବାର ପରିପକ୍ୱତା ଗୋଟିଏ ବୟସ ପରେ ହିଁ ଆସି ଥାଏ। ବିଡ଼ମ୍ବନାର ବିଷୟ ଯେ ପିତାମାତା ମାନେ ନିଜ ଜୀବନର ଅସଫଳତାକୁ ନିଜ ପିଲାଙ୍କ ମାଧମରେ ହାସଲ କରିବାକୁ ଚାହୁଁ ଛନ୍ତି। ବିଦେଶରେ ପିଲାଟିଏ ବଡ଼ ହେଉ ହେଉ ତାକୁ ଆତ୍ମନିର୍ଭରଶୀଳ ହେବାକୁ ଶିଖା ଯାଏ। ତେର ଚଉଦ ବର୍ଷର ପିଲା ନିଜ ରୋଜଗାରରେ ନିଜ ପଢ଼ା ଖର୍ଚ୍ଚ ବହନ କରନ୍ତି। ମାତ୍ର, ଭାରତରେ ୨୫, ୨୬ ବର୍ଷର ପୁଅଝିଅମାନେ ପିତାମାତାଙ୍କ ଉପରେ ନିର୍ଭରଶୀଳ ଥାଆନ୍ତି। ଏହା ତାଙ୍କର ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶରେ ବାଧା ଆଣେ। ସେ ନିଜେ କିଏ ଏବଂ କଣ କରିବା ଉଚିତ୍ ଏହା ସେ ନିର୍ଣ୍ଣୟ ନେଇ ପାରେ ନାହିଁ। ପୂର୍ବ କାଳରେ ଏଥିପାଇଁ ଗୁରୁକୂଳ ଆଶ୍ରମର ବ୍ୟବସ୍ଥା ରହିଥିଲା। ଗୁରୁଙ୍କ ମାର୍ଗ ଦର୍ଶନରେ ପିଲାଟି ନିଜ ବ୍ୟକ୍ତିତ୍ୱର ବିକାଶ କରୁଥିଲା। ଶିକ୍ଷା କ୍ରମଶଃ ରୋଜଗାରର ମାଧ୍ୟମ ପାଲଟିଲା ପରେ ଗୁରୁ ଶିଷ୍ୟ ସଂପର୍କ ମଧ ଗୁରୁତ୍ୱ ହରାଇଛି। ଏବେ ତ ଡିଜିଟାଲ ଗୁରୁ ମୋବାଇଲ ମାଧମରେ ଶିକ୍ଷା ଦେଉ ଥିବା ବେଳେ ଶହ ଶହ ଦିଗ୍‌ଦର୍ଶକ ଜୀବନର ଦିଶା ନିର୍ଦ୍ଧାରଣ କରୁଛନ୍ତି। ସାମାଜିକ ଗଣମାଧମରେ ପ୍ରତି କୋଡ଼ିଏ ଜଣରେ ଜଣେ ମୋଟିଭେଟର ବାହାରିବେ। ସେମାନେ ତୁମକୁ କହିବେ କି ତୁମେ ଆଗକୁ କଣ କେମିତି କଲେ ପ୍ରସିଦ୍ଧ ଓ ସଫଳ ହେବ। ତାର ଅର୍ଥ, ତାଙ୍କ ଦୃଷ୍ଟିରେ ତୁମେ ଜଣେ ଅସଫଳ ବ୍ୟକ୍ତି। ଏଠାରେ ତୁମର ଆତ୍ମବିଶ୍ୱାସ ଅସହାୟ ହୋଇ ପଡ଼ିବା ସ୍ୱାଭାବିକ। ସମସ୍ତେ ଯିଏ ଯାହାର ସାମର୍ଥ୍ୟ ନେଇ ପୃଥିବୀକୁ ଆସିଥାନ୍ତି। ପରିବେଶ ଓ ପରିସ୍ଥିତି ବେଳେବେଳେ ଅନୁକୂଳ ନ ହେଲେ ସଫଳତା ମିଳେ ନାହିଁ। ତାକୁ ଧୈର୍ଯ୍ୟ ଓ ସାବାସି ଲୋଡ଼ା। ଯିଏ ଯାହା କରୁଛି ସେ ଯଦି ସେଥିରେ ସନ୍ତୁଷ୍ଟ, ଦ୍ୱିତୀୟ ଲୋକର ଏତେ ଉପଦେଶ ଦେବା କଣ ଦରକାର ? ଏହି ସମୟରେ ଭଗବଦ୍ ଗୀତା ହିଁ ଆମକୁ ଉଚିତ୍ ରାସ୍ତା ଦେଖାଏ। 'ମନ ତୋହର ନିଜ ଗୁରୁ' ବା ବିବେକ ହିଁ ଉଚିତ୍ ମାର୍ଗ ଦର୍ଶକ ବୋଲି ଗୀତାରେ ଲେଖା ଯାଇଚି। ଆମେ ଯଦି ଆମର ସାମାଜିକ ଓ ମାନସିକ ସ୍ଥିରତାକୁ ବିଚାରକୁ ନେବା, ତେବେ ଆମେ କେତେ ସଫଳ ତାହା ଜାଣି ପାରିବା। ଶାନ୍ତି ଓ ସହାବସ୍ଥାନ ବିନା ଅର୍ଥନୈତିକ ଅଭିବୃଦ୍ଧି ସଫଳତାର ମାପକାଠି ନୁହେଁ।

ସବୁଠାରୁ ହତାଶବୋଧ ବୋଧହୁଏ ପ୍ରେମରେ ଦେଖା ଦେଉଚି। ଯେଉଁଠି ପ୍ରେମ ଗୋଟିଏ ଶାନ୍ତି ଓ ଉତ୍ତରଣର ମାର୍ଗ ହେବା ଉଚିତ୍ ସେଠି ଅହଙ୍କାର, ଜିଦ୍ ଓ ପ୍ରତିଶୋଧର ପଥ ପାଲଟିଛି। ଦୁଃଖର କଥା, ଅଭିଭାବକ ମାନେ ଏ ନେଇ ପିଲାଙ୍କ ସହ ଆଲୋଚନା କରନ୍ତି ନାହିଁ। ଥରେ ଜଣେ ଅଭିଭାବକଙ୍କୁ ତାଙ୍କ ପିଲାର ମାନସିକ ସ୍ଥିତି ନେଇ କହିବାରୁ ସେ କହିଲେ ମୋ ପିଲା ସେମିତି ନୁହେଁ। ସେ ବହୁତ୍ ଭଲ ପିଲା। ମାନେ, ପ୍ରେମରେ ପଡ଼ିବା ଗୋଟେ ନିହାତି ଖରାପ କଥା। ଅଥଚ ନବେ ପ୍ରତିଶତ ପିଲାଙ୍କ ମନରେ କେହି ଜଣେ ଥାଏ। ସେହି ପ୍ରେମକୁ ଲୁଚାଇ ରଖି ଦିନେ ହୁଏତ ସେ ଭୁଲ୍ ବାଟରେ ଯାଏ। ପରିବାର ଓ ସମାଜର ଡର, ସମ୍ପର୍କକୁ ଗୋପନୀୟ ରଖିବାକୁ ଚେଷ୍ଟା କଲାବେଳେ ଭୁଲ୍ ଠିକ୍ ର ହିସାବ ରହେନି। ପାଦ ଖସି ଗଲା ବେଳେ କେହି ସାହାରା ଦେବାକୁ ଆସନ୍ତି ନାହିଁ। ଶେଷରେ ଆତ୍ମହତ୍ୟା କରିବାକୁ ବାଧ ହୁଏ ମଣିଷ। ଅଧିକାଂଶ ପିତା ମାତା ଭାବନ୍ତି ଆମେ ଏସବୁର ବିରୋଧ କରି ସମାଜର ଶୃଙ୍ଖଳା ରକ୍ଷା କରୁଚୁ। ସତରେ ଶୃଙ୍ଖଳରେ ଶୃଙ୍ଖଳା ଆସେ ନାହିଁ। ବିଶୃଙ୍ଖଳା ବଢେ। ନିଷିଦ୍ଧ ଫଳଟି ଲୁଚାଇ ଖାଇ ସାରିବା ପରେ ଅସହାୟ ହୁଏ ମଣିଷ। ୨୦୨୪ରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ରିପୋର୍ଟ୍ ଅନୁସାରେ ଭାରତରେ ୫୩% ବ୍ୟକ୍ତି ମାନସିକ ଚାପର ସମ୍ମୁଖିନ ହେଉଛନ୍ତି। ୨୫% ସହରାଞ୍ଚଳର ଲୋକ ନିରାଶ ବୋଧ ଦେଇ ଗତି କରୁଛନ୍ତି। ଦୁଃଖର କଥା ୧୮ରୁ ୨୪ ବର୍ଷ ବୟସର ଯୁବକ ଯୁବତୀମାନେ ଅଧିକ ମାନସିକ ଭାବେ ଦୁର୍ବଳ ଓ ଆତ୍ମହତ୍ୟା ପ୍ରବଣତା ମଧ ବଢ଼ି ଚାଲିଛି। ଏହା ଏକ ବିରାଟ ସମସ୍ୟା ହୋଇ ଥିଲେ ମଧ ଆମେ ଏହାକୁ ଧ୍ୟାନ ଦିଅନ୍ତି ନାହିଁ। ଜୀବନର ସରଳ, ସୁନ୍ଦର ଦିଗକୁ ଛାଡି ଆମେ ନିଜ ପାଇଁ ବାଛି ନିଅନ୍ତି ଜଟିଳତା। ବିଶ୍ୱାସ, ଭରସା ଓ ସହଯୋଗ ହିଁ ଏକ ସୁସ୍ଥ ମାନସିକତାର ପରିଚୟ, ଯାହା ବର୍ତ୍ତମାନ ସମୟର ବଡ଼ ଆହ୍ୱାନ।

ପ୍ରେମ କେବଳ ପ୍ରେମ ହୋଇ ରହିଲେ ମଙ୍ଗଳକର। ପ୍ରେମ ମୋହରେ ପରିଣତ ହେଲେ ଏହା କେବଳ ମୋହଗ୍ରସ୍ତ ମଣିଷକୁ ହିଁ କଷ୍ଟ ଦିଏ। ମୋହ କ୍ରମଶଃ ମାୟାରେ ରୂପାନ୍ତରିତ ହୁଏ ଏବଂ ବ୍ୟକ୍ତି ଧୀରେ ଧୀରେ ସତ୍ୟଠାରୁ ଦୂରେଇ ଯାଏ। ମାତ୍ର, ପରିବାର ଛୋଟ ହୋଇ ଚାଲିଥିବା ବେଳେ ପିତାମାତାଙ୍କ ସହ ପିଲାଙ୍କର ମଧ ଭାବନାତ୍ମକ ସଂପର୍କ କମି ଯାଉଛି। ସାଢ଼େ ତିନବର୍ଷରୁ ସ୍କୁଲ୍ ବ୍ୟାଗ୍ ଧରି ଘରଠାରୁ କ୍ରମଶଃ ଦୂରେଇ ଯାଉଥିବା ପିଲାଏ ନିଜକୁ ଏକୁଟିଆ ହିଁ ପାଆନ୍ତି। ସେହି ଏକେଲାପଣ ଗୋଟେ ଆବଶ୍ୟକତାକୁ ଜନ୍ମ ଦିଏ, ଯାହାକୁ ସେ ପ୍ରେମ ବୋଲି ଭାବିନିଏ। ତାହା ପ୍ରେମ କି ଆକର୍ଷଣ ବୁଝାଇବାକୁ କେହି ନଥାନ୍ତି। ଆଜିକାଲି କିଛି ଘରୋଇ ସ୍କୁଲ୍‌ରେ ପିଲାଙ୍କ ମାନସିକତାକୁ କାଉନସେଲିଂ କରା ଯାଉଚି। ମୁଁ ଭାବେ ପିତା ମାତାଙ୍କୁ କାଉନସେଲିଂ କରାଯାଉ ନାହିଁ କାହିଁକି ? ବଦଳୁଥିବା ସମୟ ସହ ଆମର ଇଛା, ଅଭିଳାଷ, ସ୍ୱପ୍ନକୁ ଯେପରି ଆମେ ପିଲାଙ୍କ ଉପରେ ଲଦି ଦେଉଛନ୍ତି ସେପରି ତାଙ୍କ ଭାବନାତ୍ମକ ଅସହାୟତାକୁ ନିଜର କରିବାକୁ ପଡ଼ିବ। ବାସ୍... କଥା ତ ଏତିକି!

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**



# କୋଲେଷ୍ଟର କମ୍ କରେ ନାସପାତି

**ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ। ଆସନ୍ତୁ ଜାଣିବା କ'ଣ ରହିଛି ନାସପାତିର ଫାଇଦା...**

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ। ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ। ନାସପାତିରେ ଥିବା ପୋକଟିନ ନାମକ ତତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁଞ୍ଚ ରାମବାଣ ହୋଇଥାଏ। ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ। ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରିଏଟନ୍ସ ରହିଥାଏ। ଯାହା ଶରୀରର ଇମ୍ୟୁନିଟ୍ ବଢ଼ାଇଥାଏ। ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ। ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ। ଯାହା ହିମୋ ଗ୍ଲୋବିନର ସ୍ତର ବଢ଼ାଇଥାଏ। ଏନିମିୟା ଗସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି। ନାସପାତିରେ ଆଟି ଅକ୍ସିଡାଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢ଼ିବା ପାଇଁ ଶକ୍ତି ଯୋଗାଇଥାଏ। ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ। ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ। ଏଥିରେ ଥିବା ଫାଇବର ଆପଣଙ୍କ ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ। ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ।

# କେଉଁମାନେ ପିଇବେ ପିଜୁଳି ପତ୍ର ଜୁସ୍



ପିଜୁଳି ଖାଇଲେ ସ୍ୱାସ୍ଥ୍ୟକୁ ମିଳୁଥିବା ଲାଭ ସମ୍ପର୍କରେ ଆପଣମାନେ ଜାଣିଥିବେ। ତେବେ ପିଜୁଳି ପତ୍ର ବି ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଥିରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ସେଥିପାଇଁ ଡାକ୍ତରମାନେ ପିଜୁଳି ପତ୍ର ଜୁସ୍ ପିଇବା ପାଇଁ ପରାମର୍ଶ ଦେଇଥା'ନ୍ତି। ପିଜୁଳି ପତ୍ର ରସ ପିଇଲେ ଶରୀରକୁ କେଉଁ ସବୁ ଲାଭ ମିଳିଥାଏ, ଆସନ୍ତୁ ସେ ବିଷୟରେ ଜାଣିନେବା।

❑ ପିଜୁଳି ପତ୍ର ରସ ପିଇଲେ ରକ୍ତରେ ପ୍ଲେଟ୍ଲେଟ୍ ସଂଖ୍ୟା ବିଥାଏ। ଏହି ପତ୍ରରେ ମେଗାକ୍ୟାରୋପିୟୋସିସ୍ ପରି ଔଷଧୀୟ ଗୁଣ ରହିଛି, ଯାହା ପ୍ଲେଟ୍ଲେଟ୍ ସଂଖ୍ୟାକୁ ଦ୍ରୁତ ଗତିରେ ବାଇଥାଏୟ ତେଣୁ ଏହା ଡେଙ୍ଗୁ ରୋଗୀଙ୍କ ପାଇଁ ବେଶ୍ ଭଲ।

❑ ପିଜୁଳି ପତ୍ରକୁ ଜୁସ୍ କରି ପିଇଲେ ମାଂସପେଶୀ ମଜବୁତ ହୋଇଥାଏ। ଯାହା ମାଂସପେଶୀକୁ ଆରାମ ମଧ୍ୟ ଦେଇଥାଏ।

ପିଜୁଳି ପତ୍ରରେ ଆଟି-ଡାଇବେଟିସ୍ ଗୁଣ ଭରି ରହିଛି। ତେଣୁ ଡାଇବେଟିସ୍ ରୋଗୀଙ୍କୁ ଏହାର ଜୁସ୍ ପିଇବାକୁ କୁହାଯାଏ। ଡାଇବେଟିସ୍ ଜନିତ ଅନେକ ବିପଦରୁ ଏହା ରକ୍ଷା କରିଥାଏ।

❑ ପେଟ ଠିକ୍ ଭାବରେ ସଫା ନହେଲେ ପାଟିରେ ଘା' ହେବା ପରି ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ। ଏପରି ଏପରି ସ୍ଥିତିରେ ଆପଣ ଦିନକୁ ଦୁଇଥର ପିଜୁଳି ପତ୍ର ଜୁସ୍ ପିଇପାରିବେ।

❑ ପିଜୁଳି ପତ୍ରରେ ପ୍ରଚୁର ମାତ୍ରାରେ ଫାଇବର୍ ଥିବାରୁ ପାଚନ କ୍ରିୟା ଠିକ୍ ରହିଥାଏ। ତେଣୁ ଏହାକୁ ପ୍ରତିଦିନ ପିଇଲେ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ।

❑ ପିଜୁଳି ପତ୍ରରେ କାର୍ଡିଓ ପ୍ରୋଟେକ୍ଟିଭ୍ ଗୁଣ ମଧ୍ୟ ରହିଛି। ତେଣୁ ଏହା ହାର୍ଟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ।

ପିଜୁଳି ପତ୍ରକୁ ଆଉ କେମିତି ବ୍ୟବହାର କରିପାରିବେ?

ଶରୀରର କୌଣସି ସ୍ଥାନରେ କ୍ଷତ ହେଲେ ବା ଖଣ୍ଡିଆ ଖାବରା ହେଲେ ଏହାକୁ ଠିକ୍ କରିବାରେ ପିଜୁଳି ପତ୍ର ସାହାଯ୍ୟ କରିଥାଏ। କାରଣ ଏଥିରେ ଆଟି-ସେପଟିକ୍ ଗୁଣ ରହିଛି। ଏଥିପାଇଁ ଆପଣଙ୍କୁ କ୍ଷତ ସ୍ଥାନରେ ପିଜୁଳି ପତ୍ର ରସ ଲଗାଇବାକୁ ହେବ।



# ଅରଖରେ ରହିଛି ଔଷଧୀୟ ଗୁଣ

ଆପଣଙ୍କ ଘରର ଆଖପାଖରେ ନିଶ୍ଚିତ ଭାବେ ଅରଖ ଗଛ ରହିଥିବ। ଏହି ଗଛ ବଢ଼ିବା ପାଇଁ କୌଣସି ଯତ୍ନ ନେବା ଆବଶ୍ୟକତା ନାହିଁ। ଏହି ଗଛର ଦୁଇ ପ୍ରକାର ଫୁଲ ଦେଖିବାକୁ ମିଳିଥାଏ। ଏହି ଗଛର ଧାର୍ମିକ ମହତ୍ତ୍ୱ ଥିବା ସହିତ ଭଗବାନ ଶିବଙ୍କ ଅତି ପ୍ରିୟ ହୋଇଥାଏ ଅରଖ ଫୁଲ। ଭଗବାନ ଶିବଙ୍କୁ ଏହାକୁ ଚଢାଇବା ଦ୍ୱାରା ସର୍ବଦା ତାଙ୍କ କୃପା ଲାଗିରହିଥିବା ସହିତ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଏହି ଗଛ ବିଷାକ୍ତ ହେବା ସତ୍ତ୍ୱେ ଶରୀର ପାଇଁ ବହୁତ ଫାଇଦାଯୁକ୍ତ ହୋଇଥାଏ। ଆସନ୍ତୁ ଜାଣିବା କ'ଣ ରହିଛି ଏହି ଗଛର ଫାଇଦା। ଯଦି ଆପଣଙ୍କର କୁଣ୍ଡିଆ ହୋଇଥାଏ, ତେବେ ଅରଖ ଗଛର ଚେରକୁ ନେଇ ନିଆଁରେ ପୋଡି ତା'ର ପାଉଁଶରେ ସୋରିଷ ମିଶାଇ ଶରୀରରେ ମାଲିସ କରନ୍ତୁ ଆରାମ ମଳିବ। ଶରୀରର କୌଣସି ଅଙ୍ଗରେ କାଚ କିମ୍ବା ଅଣ୍ଟା ପଶିଯାଏ, ତେବେ ଏହି ଗଛରୁ ବାହାରୁଥିବା କ୍ଷୀରରେ କାଚ କିମ୍ବା କଣ୍ଟା ପଶିଥିବା ଜାଗାରେ ପକାନ୍ତୁ। ଏହା ଆପେ ଆପେ ବାହାରିଯିବ। ଆପଣଙ୍କ କାଶ ଲାଭ ହେଉନାହିଁ, ତେବେ ଏହାର ଚେରକୁ ଶୁଖାଇ ଭଲଭାବେ ଗୁଣ୍ଡ କରିଦିଅନ୍ତୁ। ସେଥିରେ କିଛି ଗୋଲମରିଚ ଗୁଣ୍ଡ ମିଶାଇ ଛୋଟ ଛୋଟ ଗୋଲି କରି ସକାଳ ଏବଂ ସନ୍ଧ୍ୟାରେ ଖାଆନ୍ତୁ ମୁକ୍ତି ମିଳିବ।ଯଦି ଆପଣଙ୍କର ନଖ ସଂକ୍ରମିତ କୌଣସି ସମସ୍ୟା ରହିଛି, ତେବେ ଅରଖପତ୍ର ଚେରକୁ ଘୋରି ନଖରେ ଲଗାନ୍ତୁ। ସମସ୍ୟାରୁ ତ୍ରାହି ମିଳିବ।

# ତମ୍ବାପାତ୍ରରେ ପିଅନ୍ତୁ ପାଣି ମିଳିବ ଅନେକ ଉପକାର

ତମ୍ବାପାତ୍ରରେ ଏକ ପ୍ରକାର ମାଇକ୍ରୋନ୍ୟୁଟ୍ରିଏଂଟ ରାସାୟନିକ ଉପାଦାନ ରହିଛି, ଯାହାକି ଶରୀରରେ ମିନେରାଲ ଏବଂ ଜରୁରୀ ନ୍ୟୁଟ୍ରିଶନର ଅଭାବକୁ ପୂରଣ କରିଥାଏ। ତମ୍ବାପାତ୍ରରେ ପାଣି ପିଇବା ଦ୍ୱାରା ଇମ୍ୟୁନିଟି ପାୱାର ବଢ଼ିବା ସହ ହଜମ ଠିକ୍ ଭାବେ ହୋଇଥାଏ। ଏଥିସହ କ୍ୟାନ୍ସର ପରି ମାରାତ୍ମକ ରୋଗରୁ ମଧ୍ୟ ମୁକ୍ତି ମିଳିଥାଏ। ତମ୍ବାପାତ୍ରରେ ପାଣି ରଖିବା ଦ୍ୱାରା ଏଥିରେ ଥିବା ସମସ୍ତ ପ୍ରକାର ବ୍ୟାକ୍ଟେରିଆ ନଷ୍ଟ ହେବା ସହ ଏହି ପାଣି ପିଇଲେ ଶରୀର ଥଣ୍ଡା ରହେ।

## ତମ୍ବାପାତ୍ର ପାଣିର ଉପକାରିତା

**ହଜମକ୍ରିୟା ବୃଦ୍ଧି:** ତମ୍ବାପାତ୍ରରେ ପାଣି ପିଇବା ଦ୍ୱାରା ଉଦର ସମ୍ବନ୍ଧୀୟ ସମସ୍ତ ପ୍ରକାର ସମସ୍ୟା ଦୂର ହେବା ସାଙ୍ଗକୁ ହଜମ ଠିକ୍ ହୋଇଥାଏ। ଏଥିସହ ଲିଭର ଏବଂ କିଡ୍‌ନୀ ମଧ୍ୟ ଠିକ୍ ରହିଥାଏ।

**ଯୌବନ ଦୀର୍ଘସ୍ଥାୟୀ:** ମୁହଁରେ ଦେଖାଯାଉଥିବା ବୟସ୍କ ଛାପକୁ ନେଇ ଚିନ୍ତାରେ ଥିଲେ ତମ୍ବାପାତ୍ରରେ ପାଣି ପିଇବା ଆରମ୍ଭ କରିଦିଅନ୍ତୁ। କାରଣ ତମ୍ବାରେ ପ୍ରଚୁର ମାତ୍ରାରେ ଆଂଟିଅକ୍ସିଡାଣଂଟ ରହିଥାଏ। ଏହା ତ୍ୱଚାକୁ ଉଜ୍ଜ୍ୱଳ ରଖିବାରେ ସହାୟକ ହୋଇଥାଏ।

**ହୃଦ୍‌ରୋଗରୁ ରକ୍ଷା:** ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀକୁ ନେଇ ଅଧିକାଂଶ ଲୋକେ ହୃଦ୍‌ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେମାନଙ୍କ ପାଇଁ ତମ୍ବାପାତ୍ରରେ ପାଣି ପିଇବା ଭଲ। ବ୍ଲଡ୍‌ପ୍ରେସର ଠିକ୍ ରହିବା ସାଙ୍ଗକୁ ଖରାପ କୋଲେ୍‌ଷ୍ଟରଲକୁ କମ୍ କରିଥାଏ।

ଓଜନ ହ୍ରାସରେ ସହାୟକ: ତମ୍ବାପାତ୍ରରେ ପାଣି ପିଇ ପ୍ରାକୃତିକ ଉପାୟରେ ଓଜନ କମ୍ କରାଯାଇପାରିବ।

**କ୍ୟାନ୍‌ସରରୁ ମୁକ୍ତି:** ତମ୍ବାପାତ୍ରରେ ପାଣି ପିଇ କ୍ୟାନ୍‌ସର ପରି ରୋଗଠାରୁ ନିଜକୁ ଦୂରେଇ ରଖିପାରିବେ। ତମ୍ବାରେ ଥିବା ଆଂଟିଅକ୍ସିଡାଂଟ ଗୁଣ ଶରୀରରେ ଥିବା ଫ୍ରି ରେଡିକଲ୍ସର ପ୍ରଭାବକୁ ନ୍ୟୁଟ୍ରାଲାଇଟ୍ କରିଥାଏ, ଯାହାକି କ୍ୟାନ୍‌ସରର ଏକ ମୁଖ୍ୟ କାରଣ ବୋଲି କୁହାଯାଏ।



# ଖାଦ୍ୟରେ ସାମିଲ କରନ୍ତୁ ବିଟ୍



ଲାଲ ବିଟ୍ ସ୍ୱଦରେ ସମସ୍ତେ ପସନ୍ଦ କରନ୍ତି ନାହିଁ, କିନ୍ତୁ ବିଟ୍ ଖାଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ। ବିଟରେ ପୋଷକ ତତ୍ତ୍ୱ ଭରପୂର ଥାଏ। ଏଥିରେ ଥିବା ପୋଷକ ତତ୍ତ୍ୱ ଯୋଗୁଁ ଏହାକୁ ସୁପରଫୁଡ୍ ମଧ୍ୟ କୁହାଯାଏ। ତେଣୁ ଆସନ୍ତୁ ଜାଣିବା ବିଟ୍ ଆମ ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ। ବିଟ୍ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରତ୍ୟେକ କ୍ଷେତ୍ରରେ ଲାଭଦାୟକ ଅଟେ। ଉଚ୍ଚ ରକ୍ତଚାପରେ ବିଟ୍ ଲାଭଦାୟକ ଅଟେ। ଉଚ୍ଚ ରକ୍ତଚାପ ହ୍ରାସ କରିବାରେ ବିଟ୍ ରସ ମଧ୍ୟ ପ୍ରଭାବଶାଳୀ ବୋଲି ବିଶ୍ୱାସ କରାଯାଏ। ଅନୁସନ୍ଧାନ ଅନୁଯାୟୀ, ପ୍ରତିଦିନ ୨୫୦ ମିଲି ବିଟର ରସ ପିଇବା ଦ୍ୱାରା ଶରୀରର ଉଭୟ ସିଷ୍ଟୋଲିକ୍ ଏବଂ ଡାଇଷ୍ଟୋଲିକ୍ ରକ୍ତଚାପ କମିଯାଏ। ଯେଉଁମାନେ ସେମାନଙ୍କର ଓଜନକୁ ନିୟନ୍ତ୍ରଣ କରିବାକୁ ଚାହାଁନ୍ତି, ବିଟ୍ ରସ ସହିତ ସକାଳ ଆରମ୍ଭ କରିବା ଠିକ୍ ଯ ବିଟ୍ ରସରେ ବହୁତ କମ୍ କ୍ୟାଲୋରୀ ଥାଏ ଏବଂ ପୋଷକ ତତ୍ତ୍ୱ ମଧ୍ୟ ଭରପୂର ଅଟେ ଯ ଯେଉଁଥିପାଇଁ ଶରୀର ଆବଶ୍ୟକୀୟ ପୋଷକ ତତ୍ତ୍ୱ ପାଇଥାଏ ଏବଂ ଆପଣଙ୍କ ଓଜନ ମଧ୍ୟ ନିୟନ୍ତ୍ରିତ ହୋଇଥାଏ। ବିଟରେ ପ୍ରାକୃତିକ ଭାବରେ ମିଳୁଥିବା ନାଇଟ୍ରେଟ୍ ବୃଦ୍ଧଙ୍କ ମସ୍ତିଷ୍କରେ ରକ୍ତ ପ୍ରବାହ ବୃଦ୍ଧିରେ ସହାୟକ ହୋଇଥାଏ। ଯାହା ସେମାନଙ୍କର ସ୍ମୃତିକୁ ଠିକ୍ ରଖେ। ବିଟ ଦ୍ରବୀଭୂତ ଆଣ୍ଟିଅକ୍ସିଡାଣ୍ଟ। କେମୋ-ପ୍ରତିଷେଧକ ପ୍ରଭାବ ରହିଛି। ଯେଉଁ କାରଣରୁ ବିଟ୍ ବ୍ୟବହାର ଆପଣଙ୍କ ଶରୀରରେ କର୍କଟ ଭଳି ମାରାତ୍ମକ ରୋଗର କୋଷ ବିସ୍ତାରକୁ ରୋକିଥାଏ।

# ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ଗ୍ରୀନ ମଟର

ସାଧାରଣତଃ ଶୀତ ଦିନେ ଗ୍ରୀନ ମଟର ହୋଇଥାଏ। ଗ୍ରୀନ ମଟର ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରନ୍ତି। ଏହାକୁ ସବୁ ତରକାରୀରେ ବ୍ୟବହାର କରି ହୁଏ। ଅନେକ ଲୋକ ଏହାକୁ କଞ୍ଚା ଖାଇବାକୁ ମଧ୍ୟ ପସନ୍ଦ କରନ୍ତି। ତେବେ ଏହା କେବଳ ପାଟିକୁ ସୁଆଦିଆ ଲାଗେ ନାହିଁ, ଏଥିରେ ଅନେକ ଭିଟାମିନ ସହିତ ଔଷଧୀୟ ଗୁଣ ଭରି ରହିଥାଏ, ଯାହା ଶରୀର ପାଇଁ ବହୁତ ଭଲ। ତା'ହେଲେ ଆସନ୍ତୁ ଜାଣି ନେବା ଗ୍ରୀନ ମଟର ଖାଇଲେ କେଉଁ କେଉଁ ଲାଭ ମିଳେ।

❑ ଶୀତଦିନେ ଖାଦ୍ୟ ଠିକ ଭାବେ ହଜମ ହୁଏ ନାହିଁ। ଏହି ସମସ୍ୟାକୁ ଠିକ୍ କରିବାରେ ମଟର ସାହାଯ୍ୟ କରିଥାଏ। ଏଥିରେ ଥିବା ଫାଇବର ଡାଇଜେଷ୍ଟିଭ ସିଷ୍ଟମକୁ ଠିକ୍ ରଖିଥାଏ। ଫଳରେ କୋଷ୍ଠକାଠିନ୍ୟ ସମସ୍ୟା ହୋଇନଥାଏ।

❑ ମଟରରେ ଅଧିକ ପରିମାଣରେ ଫାଇବର ଓ ପ୍ରୋଟିନ ଥିବାରୁ ଏହା ପେଟରେ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ଫଳରେ ପେଟ ପୂରିଲା ଲାଗେ ଓ ଭୋକ କମ୍ ହୋଇଥାଏ। ଭୋକ କମ୍ ହେଲେ ଖାଇବା କମ୍ ହୁଏ ଓ ଏହାଦ୍ୱାରା ଓଜନ ହ୍ରାସ ପାଏ।

❑ ମଟରରେ ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଓ କ୍ୟାଲସିୟମ୍ ରହିଛି। ଏସବୁ ତତ୍ତ୍ୱ ହାଇ ବ୍ଲଡ ପ୍ରେସର ଓ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିଥାଏ। ଫଳରେ ହାର୍ଟ ଆଟାକର ଆଶଙ୍କା କମ୍ ହୋଇଥାଏ।

❑ ମଟର ଡାଇବେଟିସ ରୋଗୀଙ୍କ ପାଇଁ ମଧ୍ୟ ଭଲ। ମଟରରେ ପ୍ରଚୁର ମାତ୍ରାରେ ଆଇରନ ରହିଛି। ଏହି ଆଇରନ୍ ଶରୀରରେ ଆଲର୍ଜିକୁ କମ୍ କରିଥାଏ ଏବଂ ଏନିମିଆ ସମସ୍ୟାକୁ ଦୂର କରିଥାଏ। ମଟରରେର ଥିବା ଭିଟାମିନ ଓ ମିନେରାଲ୍ସ ରୋଗ ପ୍ରତିରୋଧ ଶକ୍ତିଙ୍କୁ ବଢ଼ାଇଥାଏ। ଫଳରେ ଶୀତଦିନେ ହେଉଥିବା ବିଭିନ୍ନ ରୋଗ ହେବାର ଆଶଙ୍କା କମ୍ ହୋଇଥାଏ।

❑ ମଟରରେ କାରୋଟେନୋଏଡ ପିଗମେଣ୍ଟ ଲୁଟିନ ନାମରେ ଏକ ତତ୍ତ୍ୱ ରହିଛି, ଯାହା ଆଖି ପାଇଁ ଭଲ। ଏହା ଦୃଷ୍ଟିଶକ୍ତିକୁ ଠିକ୍ ରଖେ।



# ସରକାର କା ମାଲ୍ ଦରିଆ ମେ ଡ଼ାଲ୍

## ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଗଢ଼ି ଉଠିଥିବା ସରକାରୀ କୋଠା ଅବ୍ୟବହୃତ

**ମ. ରାମପୁର ,୩୧।୮ (ସଂଚାର ବ୍ୟୁରୋ):** ସରକାରୀ ଅଧିକାରୀ ମାନଙ୍କ ବୈମାତୃକ ମନୋଭାବ ଅବା ରାଜ୍ୟ ସରକାର ଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ର ଅପାରଗତା ଫଳରେ ସରକାରୀ ସରକାରୀ ସଂପତ୍ତି ନଷ୍ଟ ହେବାରେ ଲାଗିଛି। ଏଭଳି କିଛି ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇ ଏବେ ନିଜର ଅସ୍ତିତ୍ୱ ହରେଇବା ଉପରେ!ଅଥଚ ବିଭାଗୀୟ ଅଧିକାରୀଙ୍କ ନିଘା ନାହିଁ। ପ୍ରକାଶ ଥାଉକି, କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ସହର ଶିଶୁ ମନ୍ଦିର ସମ୍ମୁଖ ଦେଇ ଯାଇଥିବା ରାସ୍ତା ଶେଷ ମୁଣ୍ଡରେ ଗ୍ରାମ୍ୟ ଉନ୍ନୟନ ବିଭାଗ



ପକ୍ଷରୁ କୋଟି ଟଙ୍କା ବ୍ୟୟରେ ୮ ଗୋଟି ସରକାରୀ କାର୍ଯ୍ୟାଳୟ ନିର୍ମିତ ହେବା ସହ ପାଚେରୀ, ବିଦ୍ୟୁତ୍, ପାନୀୟ ଜଳ, ଭଳି ଅନେକ ସୁବିଧା ଉପଲବ୍ଧ ହୋଇସାରିଛି। ଅଥଚ ଏଯାଏଁ ଏହା କାର୍ଯ୍ୟକ୍ଷମ ହୋଇପାରି ନାହିଁ ଓ କୌଣଷି ଅଧିକାରୀ କି ସୁରକ୍ଷାକର୍ମୀ ନାହାଁନ୍ତି ! ଯା ଫଳରେ ଉକ୍ତ ଗୃହ ଗୁଡ଼ିକର ବିଭିନ୍ନ ସରଞ୍ଜାମ, ଆସବାବ ପତ୍ର ଚୋରି ହେବା ସହ ଏହାର ପରିସର ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିବା ସଙ୍ଗେ ଅସାମାଜିକ ବ୍ୟକ୍ତିମାନଙ୍କ ଚରାଭୂଇଁ ସଦୃଶ ହୋଇ ଏହାର ଭିତର ପରିସର ସ୍ୱଚ୍ଛତା ଅଭାବରୁ ଏକ ପ୍ରକାର କୃତିମ ଜଙ୍ଗଲର ଭ୍ରମ ସୃଷ୍ଟି କରୁଥିବା ଦେଖା ଦେଇଛି।ତେବେ ଜଣେ ଗରିବ ଶ୍ରେଣୀର ଲୋକଟି ଘର ଖଣ୍ଡେ ପାଇଁ ବାର ଦୁଆର ଶୁଣ୍ଠି ପିଣ୍ଡା ହେଉଥିବା ବେଳେ ଅନ୍ୟପଟେ 'ସରକାର ଙ୍କ ମାଲ ଦରିଆ ମେ ଡ଼ାଲ୍' ଭଳି ଏଠି ଗଢ଼ି ଉଠିଥିବା ସରକାରୀ କାର୍ଯ୍ୟାଳୟ ଗୁଡିକ ଅବ୍ୟବହୃତ ହୋଇ ରହିଛି। ତେବେ ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଏ ଦିଗରେ ଯତ୍ନବାନ୍ ହେବା ସହ ଉକ୍ତ କାର୍ଯ୍ୟାଳୟ ଗୁଡ଼ିକ ସୁରକ୍ଷା ଓ ବ୍ୟବହାର ଉପଯୋଗୀ ନିମନ୍ତେ ପଦକ୍ଷେପ ନେବାକୁ ସର୍ବ ସାଧାରଣରେ ଦାବି ହୋଇଛି।

# ପାର୍କିଂ ଥିବା ଟ୍ରକକୁ ଧକ୍କା ଦେଲା କଣ୍ଟେନର

**ହିଞ୍ଜିଳିକାଟୁ,୩୧।୮ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଞ୍ଚବଣିଆ ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ସାମ୍ନା ରାସ୍ତା ପାର୍ଶ୍ୱ ଥିବା ଏକ ଟ୍ରକକୁ ଏକ କଣ୍ଟେନର (ଓଡି୦୭ଭି୯୧୭୭) ଧକ୍କା ଦେଇଛି ଓ ଉକ୍ତ ଦୁର୍ଘଟଣାରେ କାହାର କିଛି କ୍ଷତି ହୋଇନଥିବା ବେଳେ ଘଟଣାଟି ଶନିବାର ବିଳମ୍ବିତ ରାତିରେ ହୋଇଛି ଓ ଦୁର୍ଘଟଣା ସ୍ଥଳ ନିକଟରେ କିଛି ଚା ଦୋକାନ ରହିଥିବା ବେଳେ ସବୁ ଦିନ ଭଳି ଡ୍ରାଇଭର ମାନେ



ରାସ୍ତା ପାର୍ଶ୍ୱରେ ଗାଡ଼ି ପାର୍କିଂ କରି ଡ୍ରାଇଭର ମାନେ ଚା ପିଉଥିବା ବେଳେ ବ୍ରହ୍ମପୁର ପଟୁ ଆସୁଥିବା ଏକ କଣ୍ଟେନର ରାସ୍ତା ପାଶ୍ୱରେ ପାର୍କିଂ ଥିବା ଏକ ଟ୍ରକକୁ ଧକ୍କା ଦେଇଛି ନେଇ ସ୍ଥାନୀୟ ଲୋକେ କହିଛନ୍ତି ଓ ଯାହା ଫଳରେ କଣ୍ଟେନରର ଆଗ ଅଂଶ ପ୍ରାୟ ୭୦% ଭାଙ୍ଗିଯାଇଛି ଓ କଣ୍ଟେନର ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଉକ୍ତ ଦୁର୍ଘଟଣା ହୋଇଛି ନେଇ ଅନୁମାନ କରାଯାଉଛି ଓ ରାସ୍ତା ମଝିରେ ଉକ୍ତ ଅଘଟଣ ହୋଇଥିବା ବେଳେ କିଛି ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ କରାଯାଇ ବିପରୀତ ପଟେ ଗାଡ଼ି ମାନେ ଯିବା ଆସିବା କରୁଥିବା ବେଳେ ପୋଲିସ ପହଂଚି ତଦନ୍ତ କରୁଥିବା ଜଣାପଡ଼ିଛି ।

# ପୋଲ ତଳୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଫୁଲବାଣୀ,୩୧।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକର ରିତୁବଡି ନିକଟ ପୋଲ ତଳୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର।

ମୃତ ବ୍ୟକ୍ତି ଜଣକ ହେଲେ ସୁଗଡ଼ବାଡି ଗ୍ରାମ ଓଡିଆ ସାହିର କାଳିଆ ନାୟକ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ସେ ଗତ ୫ ଦିନ ତଳୁ ଘରୁ ବାହାରକୁ ଯିବା ପରେ ଆଉ ଫେରି ନଥିଲେ। ପୋଲ ନିକଟରେ ଏକ ମୃତଦେହ ପଡ଼ିଥିବା ନେଇ ପୁଲିସ ଖବର ପାଇଥିଲା। ଏନେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ କରିଥିବା ଜଣାପଡ଼ିଛି। ସହାୟତାରେ ମୃତଦେହ ଉଦ୍ଧାର କରିଥି ସେପଟେ ରାଇକିଆ ପୁଲି ପୁଲିସ ଘଟଣାର ତଦନ୍ତ ଆରମ୍ଭ



# କରାଟେ ସ୍କୁଲର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ସାଲେପୁର,୩୧।୮ (ସଂଚାରବ୍ୟୁରୋ):** ସ୍ଥାନୀୟ ସାଲେପୁର କରାଟେ ସ୍କୁଲ ପକ୍ଷରୁ ବାଲେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ସୋଟକାନ୍ କରାଟେ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଏଠାରେ ସମ୍ବର୍ଦ୍ଧନା



ପ୍ରଦାନ କରାଯାଇଛି। ସ୍ଥାନୀୟ ବ୍ଲକର ଚନ୍ଦ୍ରାଦେଇପୁର ପଞ୍ଚାୟତର ଡଃ ଭୀମରାଓ ଆମ୍ବେଦକରଙ୍କ ମିଟିଂ ହଲରେ ପ୍ରଶିକ୍ଷକ ବିଜୟ କୁମାର ବାରିକଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଟକ ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଶିଶିର କୁମାର ଦାଶ ଯୋଗଦେଇ କରାଟେ ଶିଖୁଥିବା ଛାତ୍ରଛାତ୍ରୀମାନଙ୍କୁ କରାଟେ ଦ୍ୱାରା ନିଜର ଆତ୍ମରକ୍ଷା କରିପାରିବେ ବୋଲି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବାଲିସାହି ସରପଞ୍ଚ ପବିତ୍ର କୁମାର ସାମଲ, ସମ୍ମାନିତ ଅତିଥି ରୂପେ ବିଦ୍ୟାଧର ଦାସ ମହାପାତ୍ର, ବରିଷ୍ଠ ପ୍ରଶିକ୍ଷକ ପ୍ରଭାକର ପ୍ରଧାନ, ମୀନକେତନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ସୁରଜ ସାମଲ, ଜଗଦୀଶ ମହାପାତ୍ର, କିୟା ଅଖତରୀ, ସାଦବ ଇର ପଠାନ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁଜାତା ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ପ୍ରଶିକ୍ଷକ ପ୍ରଫୁଲ୍ଲ ସାହୁ, ପୂର୍ଣ୍ଣିମା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ।

# କାନ ଫଟା ଡିଜେ ସାଉଣ୍ଡରେ ଅତିଷ୍ଟ ଗ୍ରାମାଞ୍ଚଳବାସୀ

**କାକଟପୁର /ଅସ୍ତରଙ୍ଗ,୩୧।୮(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଶୁକ୍ରବାର ଓ ରବିବାର ସନ୍ଧ୍ୟା ରେ ବିଭିନ୍ନ ଗାଁ ରେ ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ମେଢ଼ ବିସର୍ଜନ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କ୍ଲବ ପକ୍ଷରୁ ସନ୍ଧ୍ୟା ୭ଟାରୁ ଏମିତିକି ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଡିଜେ ସାଉଣ୍ଡ ବାଜୁଥିବା ବେଳେ ଗଣେଶ ମୂର୍ତ୍ତି କୁ ନିକଟସ୍ଥ ନଦୀରେ ବିସର୍ଜନ କରାଯାଇଛି।

ପୁଲିସ ଓ ପ୍ରଶାସନର ମାର୍ଗଦର୍ଶିକା ତଥା ସ୍ୱତନ୍ତ୍ର ବୈଠକ ନିଷ୍ପତିକୁ ସମ୍ପୂର୍ଣ୍ଣ ଫୁ କରିଦେଇଛନ୍ତି ବିଭିନ୍ନ ଗ୍ରାମରେ ଥିବା କିଛି ପୂଜା କମିଟି।କାଁ ଭାଁ କ୍ଲବ ପାରମ୍ପରିକ ବାଦ୍ୟ ବଜାଇ ଠାକୁରଙ୍କୁ ନେଉଥିବା ବେଳେ ଅଧିକାଂଶ କ୍ଲବ ଡିଜେ ସାଉଣ୍ଡରେ ଭସାଣି ଶୋଭାଯାତ୍ରା ଯାଉଥିବା ଦେଖାଯାଇଥିଲା। ରଙ୍ଗୀନ ଆଲୋକରେ ସୁସଜ୍ଜିତ ଗାଡ଼ିରେ ଠାକୁରଙ୍କୁ ବସାଇ ଡିଜେ ସାଉଣ୍ଡର ତାଳେ ତାଳେ ଯୁବକ ଙ୍କ ନୃତ୍ୟ ମଧ୍ୟରେ ଶୋଭାଯାତ୍ରା ଅସ୍ତରଙ୍ଗ, କାକଟପୁର ଓ ନୂଆଗଡ଼ ଥାନା ଅଞ୍ଚଳରେ ଥିବା ବିଭିନ୍ନ ଗାଁରେ ରାସ୍ତା ଅତିକ୍ରମ କରୁଥିଲା।

ଏହାକୁ ଦେଖିବାକୁ ଗାଁର ରାସ୍ତା ପାର୍ଶ୍ୱରେ ଲୋକଙ୍କ ଭିଡ଼ ପରିଲିକ୍ଷିତ ହୋଇଥିଲା। ଏହା ସହ ସେପ୍ଟେମ୍ବର ୧, ସେପ୍ଟେମ୍ବର ୩ତାରିଖି ବିଭିନ୍ନ ପର୍ଯ୍ୟାୟ ରେ ବାକି ଥିବା ବିଭିନ୍ନ କ୍ଲବର ମେଢ଼ ବିସର୍ଜନ କରାଯିବ ବୋଲି ଯାହା ସୂଚନା ମିଳିଛି। କିନ୍ତୁ ଗ୍ରାମାଞ୍ଚଳ କିଛି କ୍ଲବ ନିଜ ନାମ ଗୋପନ ରଖି କହିଛନ୍ତି ପୋଲିସ କର୍ମଚାରୀ ଙ୍କୁ ଭିତିରି ସମ୍ପର୍କ ରଖି ବୁଝାମଣା କରି ଡିଜେ ବାଜୁଛି ବୋଲି ମତ ଦେଇଛନ୍ତି। ତେବେ ଜିଲ୍ଲାପ୍ରଶାସନ ଓ ପୋଲିସ ପ୍ରଶାସନ ଗୋଟେ ପଟେ ନିୟମ କରୁଥିବା ବେଳେ କିନ୍ତୁ କିଛି ମୁନଫାଖୋର କର୍ମଚାରୀ ଙ୍କ ପାଇଁ ଜିଲ୍ଲା ପ୍ରଶାସନ କରିଥିବା ନିୟମ ଉଲଘଂନ ହେଉଛି। ଶବ୍ଦ ପ୍ରଦୂଷଣ ଗୁରୁତ୍ୱ ଦେଇ ୬୦ଡେସିବେଲ ନିମ୍ନରେ ଡିଜେ ବଜାଇ ଭସାଣି ଶୋଭାଯାତ୍ରା ନେବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ଆୟୋଜିତ ବୈଠକ ରେ ନିଷ୍ପତି ନିଆଯାଇଥିଲା।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ତୁରନ୍ତ ନୂତନ କୋଠା ନିର୍ମାଣ ନିମନ୍ତେ ବିଧାୟକଙ୍କୁ ଦାବିପତ୍ର



**କନ୍ଧମାଳ,୩୧।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସାରଙ୍ଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଦୁରବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟଙ୍କର ଅସନ୍ତୋଷ ଦେଖାଦେଇଛି । ୧୨ ଗୋଟି ପଞ୍ଚାୟତର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପରେ ନିର୍ଭର କରୁଥିବାବେଳେ, କୋଠାଗୁଡ଼ିକ ଭୁଷୁଡ଼ି ପଡ଼ିବା ସ୍ଥିତିରେ ରହିଛି। ବର୍ଷା ହେଲେ ରୋଗୀମାନଙ୍କ କକ୍ଷରେ ପାଣି ପଡୁଥିବା ସହିତ ଛାତ, ଝରକା ଓ କାନ୍ଥ ଫାଟି ଭୟଙ୍କର ସଙ୍କଟ ସୃଷ୍ଟି କରୁଛି। ଏଥିରେ ରୋଗୀଙ୍କ ଜୀବନକୁ ହାନି ହେବାର ଆଶଙ୍କା ରହିଛି। ଦିନକୁ ୨୦୦ରୁ ଅଧିକ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏଠାକୁ ଆସୁଥିବାବେଳେ, ଏକ ବର୍ଷ ପୂର୍ବରୁ ଆଣାଯାଇଥିବା ରଶ୍ମି ରଞ୍ଜନ (ଢ-ଜବଚ) ମେସିନ୍‌କୁ ଆଜି ପର୍ଯ୍ୟନ୍ତ ଚାଲୁ କରାଯାଇନାହିଁ। ଏହି ଗୁରୁତ୍ୱର ସମସ୍ୟାକୁ ନେଇ ସମାଧାନ କରିବା ନିମନ୍ତେ, ଯୁବ ସମାଜସେବୀ ଆମନ୍ ଚନ୍ଦ୍ର ନାୟକ, ସସ୍ମିତା ମଲିକ, ସାମ୍ବାଦିକ ସାମନ୍ତ ଶେଖର ନାୟକ, ବିଜୟ ଚନ୍ଦ୍ର ପ୍ରଧାନ, ଯୁବରାଜ ମଲିକ, ସନ୍ତୋଷ ପ୍ରଧାନ ଓ ବିବେକାନନ୍ଦ ପ୍ରଧାନ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ବିଷୟରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସରକାର ଙ୍କୁ ଅବଗତ କରାଇବା ସହିତ ଆଗାମୀ ବିଧାନସଭାରେ ମଧ୍ୟ ଏହା ପ୍ରସଙ୍ଗକୁ ନେଇ ଆଲୋଚନା କରିବେ ଓ ତୁରନ୍ତ ପଦକ୍ଷେପ ନେବେ ବୋଲି ବାଲିଗୁଡ଼ା ବିଧାୟକ ଶ୍ରୀ ଚକ୍ରମଣି କହଁର ପ୍ରତିଶ୍ରୁତି ଦେଇଛନ୍ତି।

# ନରୁଆ ଛକ ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ବୈଠକ

**ଜଗତସିଂହପୁର,୩୧।୮(ସଂଚାର ବ୍ୟୁରୋ):** ତିର୍ତ୍ତୋଲ ବ୍ଲକ ନରୁଆ ଛକ ଠାରେ ଚଳିତ ବର୍ଷ ଦୁର୍ଗା ପୂଜା ପାଇଁ ନରୁଆ ବଜାର କମିଟି ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ସାଗବାରିଆ, ନରୁଆ, ଖଡ଼ଗପୁର, ବଡ଼ିଲ, ଶ୍ରୀରାମପୁର ଇତ୍ୟାଦି ଗ୍ରାମର ଭାଇଚାରା କୁ ନେଇ ମୁରବି ଶ୍ରେଣୀର ଲୋକ ମାନେ ଅଂଶଗ୍ରହଣ କରିଥିଲେ। ଏହି ସଭାରେ ଦୁର୍ଗା ଦେବୀ ଙ୍କ ମୃମୟୀ ଓ ପୀଠ ଦେବୀ ପୂଜା ବାବଦରେ ଆଲୋଚନା ହୋଇଥିଲା। ପ୍ରତି ବର୍ଷ ଭଳି ଝଙ୍କଡ ବାସିନୀ 'ମା' ଶାରଳା ଙ୍କ ପୂଜା ନୀତି ଆଧାର ରେ ପୀଠଦେବୀ ପୂଜା ଓ ପ୍ରତ୍ୟେକ ବର୍ଷ ଭଳି ମୃମୟୀ ଦେବୀ ପୂଜା କରାଯିବ। ସେହିପରି ପ୍ରତି ବର୍ଷ ଭଳି ପାର୍ବଣ ପୀଠଦେବୀ କର୍ତ୍ତା ରୂପେ ନିତ୍ୟାନନ୍ଦ ବିଶ୍ୱାଳ ଙ୍କୁ କର୍ତ୍ତା ଭାବେ ଓ ମୃମୟୀ ପୂଜା ରେ ଅଶୋକ କୁମାର ଦାସ ଙ୍କୁ କର୍ତ୍ତା ଭାବେ ଯୋଗଦାନ କରିବେ ବୋଲି କମିଟି ପକ୍ଷରୁ ଦର୍ଶା ଯାଇଛି। ଚଳିତ ବର୍ଷ ଦୁର୍ଗା ପୂଜାରେ ବଜାର ରେ ଅତ୍ୟଧିକ ବିଡ଼କୁ ନଜର ରେ ରଖି ପୂଜା ୫ ଦିନ ଅସ୍ଥାୟୀ ସି.ସି.ଟି.ଭି କ୍ୟାମେରା ବ୍ୟବସ୍ଥା କରାଯିବା ସହ ବଜାରରେ ଜନଗହଳି ପୂର୍ଣ୍ଣ ଭିଡ କୁ ଆୟତ୍ତ କରିବା ଓ ଆଇନି ଶୃଙ୍ଖଳା କୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ପୋଲିସର ସହାୟତା ଲୋଡ଼ାଯିବ ବୋଲି କମିଟି ସୂତ୍ରରୁ ପ୍ରକାଶ।

# ବିଜୟ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ

**କନ୍ଧମାଳ,୩୧।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ଅନ୍ତର୍ଗତ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଗ୍ରାମର ବଜିୟ ଚନ୍ଦ୍ର ପ୍ରଧାନ ବୃଦ୍ଧ ବାପା ବୟସ ୬୦ ବର୍ଷ ହେବ ତାଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା। ଘରେ କୁଲି ମଜୁରୀ ଓ ବଢ଼େଇ କାମ କରି ବହୁ କଷ୍ଟରେ ଚଳପ୍ରଚଳ କରି ଆସୁଥିବା ଜଣାପଡ଼ିଛି। ଅନେକ ଦିନ ହେବ ନିଜେ କେମିତି ବଞ୍ଚିବେ ଓ ଭବିଷ୍ୟତ କଥା କୁ ଚିନ୍ତାକରି ଭାଙ୍ଗିପଡ଼ିଯାଇଥିବା ଜଣାପଡ଼ିଛି। ସରକାର ଯଦି ଉପଯୁକ୍ତ ସମୟରେ ତାଙ୍କୁ ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ କରି ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ



କରି ଦେଇ ପାରିଥାନ୍ତେ ତାହାଲେ ତାଙ୍କ ଜୀବନ ଯାପନରେ କିଛି ମାତ୍ରାରେ ସହାୟତା ମିଳିପାରିଥାନ୍ତା ବୋଲି ନିଜ ପରିବାର ପ୍ରକାଶ କରିଥିବା ଜଣାପଡ଼ିଛି। ଦେଶ ସ୍ୱାଧିନ ହେବାର ଅନେକ ବର୍ଷ ବିତିଯାଇଥିବା ସତ୍ତ୍ୱେ ଅଦ୍ୟାବଧି ଅନେକ ସ୍ଥାନରେ ଏହିଭଳି ଅନେକ ନିରୀହ ଜନତା ପ୍ରକୃତ ସ୍ୱାଧିନତା ରୁ ବଞ୍ଚିତ ରହିଥିବା ଅଦ୍ୟାବଧି ଦେଖିବାକୁ ମିଳୁଛି। ନିରୀହ ଜନତାଙ୍କୁ କେବଳ ନିର୍ବାଚନ ସମୟ ପାଖେଇ ଆସିବା ସମୟରେ ପ୍ରତ୍ୟେକ ରାଜନୈତିକ ଦଳ ତରଫରୁ ଅନେକ ବଡ଼ ବଡ଼ିଆ ମନତୃପ୍ତକର ପ୍ରତିଶ୍ରୁତି ର ଲମ୍ବା ଆନନ୍ଦମୟ ମାଳ ମିଳିଥାଏ ସତ, କିନ୍ତୁ ନିର୍ବାଚନ ସରିଲା ପରେ ନିରୀହ ଜନତାଙ୍କୁ କେବଳ ନିର୍ବାଚନର ସେହି ଆନନ୍ଦମୟ ମାଳକୁ ଭରସା କରି ଅବଶିଷ୍ଟ ଜୀବନଯାପନ ଅତିବାହିତ କରିବାକୁ ପଡୁଥିବା ସାଧାରଣରେ ଚର୍ଚ୍ଚା କରୁଥିବା ଶୁଣିବାକୁ ମିଳୁଛି। ଦେଶ ବିକଶିତ ମାର୍ଗରେ ଏତେ ଅଗ୍ରସର ହୋଇ ଚନ୍ଦ୍ର କୁ ମଧ୍ୟ ପହଞ୍ଚିବାରେ ସଫଳତା ପ୍ରାପ୍ତ କରିଥିବା ସତ୍ତ୍ୱେ ପ୍ରକୃତରେ ଅଦ୍ୟାବଧି ଦେଶର "ରାଜା" ଜନତା ଜନାର୍ଦ୍ଦନଙ୍କ କୁହାଯାଉଥିବା ନାଗରିକ ମାନଙ୍କ ଦୁଃଖ ଦୁର୍ଦ୍ଦଶା କିନ୍ତୁ କମିବାର ନାମ ନେଉ ନଥିବା ସାଧାରଣରେ ଆଲୋଚନା ଜୋର ଧରିଥିବା ଶୁଣିବାକୁ ମିଳୁଛି ।

# ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

**ନୀଳଗିରି,୩୧।୮(ସଂଚାର ବ୍ୟୁରୋ):** ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ନୀଳଗିରି ଏନ୍‌ଏସିପରିସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ରନାଥ ବେହେରାଙ୍କ ଦ୍ୱାରା ପୂର୍ବାହ୍ନରେ ଜାତୀୟ ପତାକା ଉତ୍ତୋଳନ



କରାଯାଇ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଏହି ଅବସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା ନିଜର ଅଭିଭାଷଣ ରଖିଥିଲେ। ଉପସ୍ଥିତ ସମସ୍ତ କାଉନସିଲର, ପରିଷଦ କର୍ମକର୍ତ୍ତା, ସଫେଇ କର୍ମଚାରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସ୍ଥାନୀୟ ହସ୍ପିଟାଲ ରେ ଫଳ ବଣ୍ଟନ କରାଯାଇଥିଲା। ପରେପରେ ନୀଳଗିରି ଏନ୍.ଏ.ସି ୧୧ ନଂ ୱାର୍ଡ଼ ଷ୍ଟେସନସାହି କଲ୍ୟାଣ ମଣ୍ଡପରେ ବୃକ୍ଷ ରୋପଣ ଓ ପରେ ମଣ୍ଡପ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଉଦଘାଟନ କରିବା ସହ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଜନମୁଖୀ କାର୍ଯ୍ୟକ୍ରକୁ ପ୍ରଶଂସା କରିବା ସହ ଆସନ୍ତୁ, ସମସ୍ତେ ମିଳିମିଶି ଆମ ସହରକୁ ସ୍ୱଚ୍ଛ, ସୁନ୍ଦର ଓ ବିକଶିତ କରି ଗଢି ତୋଳିବା ପାଇଁ ସଂକଳ୍ପ ନେବାର ମତ ରଖିଥିଲେ।

# ନର୍ଲା ନୂତନ ଏନ୍‌ଏସି ଘୋଷିତ

**ନର୍ଲା,୩୧।୧(ସଂଚାର ବ୍ୟୁରୋ):** ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୧୬ଟି ନୂଆ ଏନଏସି ଘୋଷଣା କରିଥିବାବେଳେ ୭ଟି ନୂଆ ମ୍ୟୁନିସପାଲିଟି ଗଠନ ପାଇଁ



ନିର୍ଦ୍ଦେଶ ଦେଇଛନ୍ତି। ୧୬ଟି ନୂଆ ଏନଏସି ତାଲିକାରେ କଳାହାଣ୍ଡି ଜିଲ୍ଲାର ନର୍ଲା ଓ ଜୟପାଟଣା ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ନର୍ଲା ବିଧାୟିକା ମନୋରମା ମହାନ୍ତି, ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ନର୍ଲା ନିର୍ବାଚନ ମଣ୍ଡଳୀ ସ୍ୱାଭିମାନ ବିକାଶ ମଞ୍ଚର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଏବଂ ନର୍ଲା ବିକାଶ ମଞ୍ଚର କର୍ମକର୍ତ୍ତା ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ, ପୂର୍ବ ସରକାର ନର୍ଲାକୁ ଏନଏସି ଘୋଷଣା କରିଥିଲେ। ହେଲେ ବର୍ତ୍ତମାନର ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ପ୍ରଥମ ପର୍ଯ୍ୟାୟ ଏନଏସି ତାଲିକାରୁ ନର୍ଲା ବାଦ ପଡ଼ିଥିଲା। ଏଥିପାଇଁ ନର୍ଲା ବିକାଶ ମଞ୍ଚ ରାଜ୍ୟ ସରକାରଙ୍କ ବିଭିନ୍ନ ନେତା ମନ୍ତ୍ରୀଙ୍କୁ ଭେଟି ଦାବୀପତ୍ର ଦେଇଥିଲା। ଏପଟେ ନର୍ଲା ନିର୍ବାଚନ ମଣ୍ଡଳୀ ସ୍ୱାଭିମାନ ବିକାଶ ମଞ୍ଚ ଗତ ଅଗଷ୍ଟ ୨୫ ରେ ନର୍ଲା ଓ ମ.ରାମପୁରକୁ ଏନଏସି ମାନ୍ୟତା ପ୍ରଦାନ ଦାବୀ ନେଇ ବିଶାଳ ଶୋଭାଯାତ୍ରା କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିଡିଓଙ୍କ ଜରିଆରେ ଦାବୀପତ୍ର ଦେଇଥିଲା।

# ବନ୍ୟା ପୀଡ଼ିତ ଲୋକଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ

**ଯାଜପୁର ରୋଡ଼, ୩୧।୧(ସଂଚାର ବ୍ୟୁରୋ):** ରୋଟାରୀ ଓ୍ ଇନର ହୁଇଲ କ୍ଲବର ମିଳିତ ସହଯୋଗରେ ଦଶରଥପୁର ବ୍ଲକର ମଲିକପୁର ପଞ୍ଚାୟତର ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ମୋଟ ଚାରିଶହ ପରିବାରଙ୍କୁ ଶୁଖିଲା ଖାଦ୍ୟ, ପାଣି ବୋତଲ, ମହମବତି ଓ ଦିଆସିଲ ଆଦି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ଜିଲ୍ଲା ସଂଯୋଯୋଗ ମନୋଜ କୁମାର ତ୍ରିପାଠୀ ଓ ଇନର ହୁଇଲ କ୍ଲବର ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ଓ ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ରିଲିଫ୍ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥି ସହିତ ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଯାଜପୁରର ସଭାପତି ପ୍ରଦୀପ କୁମାର କର'ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସମ୍ପାଦକ ସୁବାଷ ଚନ୍ଦ୍ର ମହାପାତ୍ର, ଡ଼ଃ ରାଜକିଶୋର ପଣ୍ଡା, ଡ଼ଃ ଭାଗିରଥି ପାଣି, ପ୍ରବୀର ରାୟ, ନିତ୍ୟାନନ୍ଦ ମିଶ୍ର, ଗିରିଶ ବିହାରୀ ମିଶ୍ର, କେଦାର ରାଉତ, ଡ଼ ସୁପ୍ରକାଶ



ଶତପଥି, ପ୍ରସନ୍ନ କୁମାର ବିଶ୍ୱାଳ, ସୁଶାନ୍ତ ପଣ୍ଡା, ଡ଼ଃ ଖିରୋଦ ମହାନ୍ତି, ବିଶ୍ୱଜିତ ନାୟକ, ଶିଶିର ମାନ୍ଧାତା ଙ୍କ ସମେତ ଇନର ହୁଇଲ କ୍ଲବର ସଭାପତି ଶ୍ରୀମତୀ ସତ୍ୟଭାମା ପତି, ସମ୍ପାଦକ ଶ୍ରୀମତୀ ଲିଲି ରାଣୀ କର, ବିବେକାନନ୍ଦ ବିଶ୍ୱାଳ, ପ୍ରବୋଧ କୁମାର ନାୟକ, ଡ଼ଃ ହରିଶ୍ ଚନ୍ଦ୍ର ପଣ୍ଡା, ଗୌରୀ ପ୍ରିୟା ଦେବି, ତୁଷାରକାନ୍ତି ନାୟକ, ସୁରୁଚି ପାଣି, ପ୍ରେମଲତା ପଣ୍ଡା, ଯାଜ୍ଞସେନି ମହାନ୍ତି, ପ୍ରତିମା ସାହୁ, ବିଜୟଲକ୍ଷ୍ମୀ ମହାନ୍ତି, ଚିକିମିକି ହିରା ସାହୁ, ବିଜୟ ଲକ୍ଷ୍ମୀ ସ୍ୱାଇଁ, ମାନସୀ ରାଣୀ ଓଝା, ପ୍ରିତିମୟି ନାୟକ ପ୍ରମୁଖ ଏହି ରିଲିଫ ପ୍ରଦାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ହାତୀଗାଁ ହାଟରେ ବଙ୍ଗାଳୀ ବେପାରୀଙ୍କୁ ମନା

## ୨୦୦୧ ଗଣ୍ଡଗୋଳର ହେବ ପୁନରାବୃତ୍ତି !

**ରାଇଘର, ୩୧।୧(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ହାତୀଗାଁ ପଞ୍ଚାୟତ ସଦରରେ ହେଉଥିବା ସାପ୍ତାହିକ ହାଟରେ ବଙ୍ଗାଳୀ ବେପାରୀଙ୍କୁ ମନା କରାଯାଇଛି। ଆଜି ହାତୀଗାଁ ସାପ୍ତାହିକ ହାଟରେ ବଙ୍ଗାଳୀ ବେପାରୀ ବସୁଥିବା



ଜାଗା ଖାଲି ପଡ଼ିଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ଆଜି ହାଟରେ ବଙ୍ଗାଳୀ ବ୍ୟବସାୟୀଙ୍କୁ ବାରଣ ହେବା ପରେ ଏକତ୍ରିତ ହୋଇ ପ୍ରତିବାଦ ପାଇଁ ଅଣ୍ଟା ଭିଡୁଥିବା ସୂଚନା ମିଳିଛି।

ଏହି ଘଟଣାକୁ ନେଇ ୨୦୦୧ ମସିହାରେ ହୋଇଥିବା ଆଦିବାସୀ ଓ ବଙ୍ଗାଳୀ ସାମ୍ପ୍ରଦାୟିକ ଗଣ୍ଡଗୋଳର ପୁନରାବୃତ୍ତି ହୋଇପାରେ ବୋଲି ଆଲୋଚନା ହେଉଛି। ମାଓ ପ୍ରବଣ ଅଞ୍ଚଳ ଭାବେ ପରିଚିତ ହାତୀଗାଁରେ ପ୍ରତି ଶନିବାର ଦିନ ସାପ୍ତାହିକ ହାଟ ବସୁଛି। ଏହି ହାଟ ଉପରେ ଆଖପାଖ ଅଞ୍ଚଳ ତଥା ସୀମାନ୍ତରେ ଥିବା ଛତିଶଗଡ଼ର ଲୋକେ ନିର୍ଭର କରିଥାନ୍ତି।

ଏପରିକି ବଙ୍ଗାଳୀ ଗ୍ରାମ ଭାବେ ପରିଚିତ କୁସୁମପୁର (ଡିଏନକେ), ସୋନେପୁର (ଡିଏନକେ) ଓ ନାକଟିସିମଡ଼ା (ଡିଏନକେ) ଗ୍ରାମର ଲୋକେ ମଧ୍ୟ ଏହି ହାଟ ଉପରେ ନିର୍ଭର କରିଥାନ୍ତି। କିନ୍ତୁ କିଛିଦିନ ପୂର୍ବେ ହାତୀଗାଁର ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କୁ କୁସୁମପୁର (ଡିଏନକେ) ଗ୍ରାମର କିଛି ଲୋକ ନିସ୍ତୁକ ମାଡ଼ ମାରିବା ଅଭିଯୋଗ ପରେ ହାତୀଗାଁ ଗ୍ରାମବାସୀ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ହାତୀଗାଁର ଟ୍ରାକ୍ଟର ଡ୍ରାଇଭର କିଛିଦିନ ପୂର୍ବେ କୁସୁମପୁର (ଡିଏନକେ) ଗ୍ରାମକୁ ବାଲି ଛାଡ଼ି ଫେରିବା ସମୟରେ ଏକ ଇଟା ଭାଟିରୁ ଇଟା ନେଇ ଆସୁଥିବା ବେଳେ ଉକ୍ତ ଗ୍ରାମର କିଛି ଲୋକ ତାଙ୍କୁ ଅଟକାଇ ମାରପିଟ୍ କରିଥିବା ହାତୀଗାଁ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହି ଘଟଣାକୁ ନେଇ ହାତୀଗାଁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ହାତୀଗାଁକୁ ବଙ୍ଗାଳୀ ଲୋକେ ଯିବାଆସିବା କରିପାରିବେ। କିନ୍ତୁ ସାପ୍ତାହିକ ହାଟରେ ଆଉ ବ୍ୟବସାୟ କରିପାରିବେ ନାହିଁ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି।

# ଜାତୀୟ କ୍ରୀଡ଼ା ଦିବସ ଉଦଯାପିତ

**ସୁବର୍ଣ୍ଣପୁର,୩୧।୮(ସଂଚାର ବ୍ୟୁରୋ):** ଜାତୀୟ କ୍ରୀଡ଼ା ଦିବସ ତଥା ପ୍ରଖ୍ୟାତ ହକି ଖେଳାଳି ମ୍ୟାଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ପାଳନର ଅନ୍ତିମ ଦିନରେ ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ୍ ସ୍ଥିତ ଇନ୍ ଡୋର ଷ୍ଟାଡିୟମ୍ ସମ୍ମୁଖରୁ ଏକ ସାଇକେଲ ରାଲି ଆରମ୍ଭ ହୋଇ ସୁରେଶ୍ୱରୀ ମନ୍ଦିର ଛକ ରାସ୍ତା ଦେଇ ସୁବର୍ଣ୍ଣମେରୁ ମନ୍ଦିର ରୁ ରାମେଶ୍ୱର ଷ୍ଟାଡିୟମ୍ ସ୍ଥିତ ଇନ୍ ଡୋର ଷ୍ଟାଡିୟମ୍ ସମ୍ମୁଖକୁ ଫେରିଥିଲା। ଏହି ସାଇକେଲ ରାଲି ଖେଲି ଇଣ୍ଡିଆ ର ଛାତ୍ର ଛାତ୍ରୀ, ସୋନପୁର ସ୍ୱଚ୍ଛ ଭାରତ ସଂଗଠନର ସ୍ୱେଚ୍ଛାସେବୀ ମାନେ, ବିଭିନ୍ନ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ସମେତ ବରିଷ୍ଠ ନାଗରିକ ଓ ଜନ ସାଧାରଣ ଅଂଶ ଗ୍ରହଣ କରିଥିଲେ। ଏହି ସାଇକେଲ ଶୋଭା ଯାତ୍ରାକୁ ଜିଲ୍ଲାପାଳ,ସୁବର୍ଣ୍ଣପୁର ଡ଼ ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର ନାରାୟଣ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଶରୀର ସୁସ୍ଥ ରଖିବା ପାଇଁ ନିୟମିତ ସାଇକେଲ ଚଳାଇବା ସହିତ ନିୟମିତ ଖେଳ ଓ ବ୍ୟାୟାମ କରିବା ଜରୁରୀ ବୋଲି ତାଙ୍କ ଅଭିଭାଷଣ ରେ କହି ଥିଲେ। ଏହି ସାଇକେଲ ଶୋଭା ଯାତ୍ରା ସମୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୁବର୍ଣ୍ଣପୁର ଅଞ୍ଜଳିନା ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ଚିତ୍ତରଞ୍ଜନ ମିଶ୍ର, ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅର୍ଜୁନ ମାଝୀଙ୍କ ସମେତ ଅନ୍ୟ ସରକାରୀ ଅଧିକାରୀ,କର୍ମଚାରୀ, ଖେଳାଳି ଓ ଜନ ସାଧାରଣ ଉପସ୍ଥିତ ଥିଲେ ।

# ବୋରିଗୁମ୍ମାକୁ ଏନ୍‌ଏସି ମାନ୍ୟତା; ଅଞ୍ଚଳରେ ଖୁସିର ମାହୋଲ

● ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କୁ କୃତଜ୍ଞତା

**ବୋରିଗୁମ୍ମା,୩୧।୮(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ରବିବାର ସ୍ୱାୟତ୍ତ ଶାସନ ଦିବସ ଅବସରରେ ୧୬ଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଗଠନ ପାଇଁ ଘୋଷଣା କରିଥିବାବେଳେ କୋରାପୁଟ ଜିଲ୍ଲାର ବୋରିଗୁମ୍ମାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଏନ୍‌ଏସି ଭାବେ ମାନ୍ୟତା ପ୍ରଦାନ ନେଇ ଘୋଷଣା କରିଛନ୍ତି। ବୋରିଗୁମ୍ମା ସହରକୁ ଏନ୍‌ଏସି ମାନ୍ୟତା ଦେବାକୁ ଦୀର୍ଘ ଦିନରୁ ରାଜନୈତିକସ୍ତରରେ ଓ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇ ଆସୁଥିଲା। ଅଚାନକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୋରିଗୁମାବାସୀଙ୍କୁ ରବିବାର ସ୍ୱାୟତ୍ତ ଶାସନ ଦିବସ ଅବସରରେ ଏକ ଉପହାର ସଦୃଶ୍ୟ ବୋରିଗୁମ୍ମାକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିଛନ୍ତି। ବୋରିଗୁମ୍ମାକୁ ଏନଏସି ମାନ୍ୟତା ପ୍ରଦାନ ନେଇ ଘୋଷଣା ହେବାର ଖବର ପ୍ରଚାର ହେବା ମାତ୍ରେ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯିବା ସହ ବୋରିଗୁମ୍ମାବାସୀ ବାଣ ଫୁଟାଇ ଓ ମିଠା ବାଣ୍ଟି ଖୁସି ମନାଇଛନ୍ତି। ସୂଚନା ଥାଉକି, ୩୨ଟି ଗ୍ରାମ ପଞ୍ଚାୟତକୁ ନେଇ ବୋରିଗୁମ୍ମା ବ୍ଲକ୍ ଗଠିତ ହୋଇଥିବାବେଳେ ଏହା ରାଜ୍ୟର ସର୍ବବୃହତ୍ ବ୍ଲକ ଭାବେ ପରିଚିତ। କେବଳ ବୋରିଗୁମ୍ମା ପଞ୍ଚାୟତର ଜନସଂଖ୍ୟା ୧୮ ହଜାରରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ଏନ୍‌ଏସି ମାନ୍ୟତା ପାଇଁ ଆବଶ୍ୟକ ସମସ୍ତ ଯୋଗ୍ୟତା ଥିବାରୁ ସ୍ଥାନୀୟ ଲୋକେ ଏନ୍‌ଏସି ପାଇଁ ଦାବି କରି ଆସୁଥିଲେ। ମୁଖ୍ୟମନ୍ତ୍ରୀ ବୋରିଗୁମ୍ମାକୁ ଏନ୍‌ଏସି ଘୋଷଣା କରିବା ପରେ ବୋରିଗୁମ୍ମା ନାଗରିକ ମଞ୍ଚ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ବିଧାୟକ ରୁପୁ ଭତ୍ରା ଏବଂ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରାଯାଇଛି।